

ସୈନିକଙ୍କ ବଳିଦାନ ଆମକୁ ସୁରକ୍ଷା ଦେଉଛି | ୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ଯକ୍ଷ୍ମା ନିୟନ୍ତ୍ରଣ ପାଇଁ ଉଦ୍ୟମ ନିମନ୍ତେ ଆହ୍ୱାନ | ୬

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୨୪୯ Vol. 21 No-249 8 DECEMBER 2024 SUNDAY BHUBANESWAR ରବିବାର, ୮ ଡିସେମ୍ବର ୨୦୨୪ ପୃଷ୍ଠା: ୮ ମୂଲ୍ୟ: ୭.୦୦





ଓଡ଼ିଶା ଭାସ୍କର
ODISHA BHASKAR

# ମହାନଗର





ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ୨୦୧୯ରେ ଅର୍ଥନୀତି ବିଜ୍ଞାନରେ ନୋବେଲ ପୁରସ୍କାରପ୍ରାପ୍ତ ଚିକାଗୋ ୟୁନିଭରସିଟି ପ୍ରଫେସର ଡ଼ ମାଇକେଲ କ୍ରେମର ଆଜି ଭୁବନେଶ୍ୱରସ୍ଥିତ କୃଷି ଭବନ ପରିଦର୍ଶନରେ ଆସି ଓଡ଼ିଶା କୃଷି କ୍ଷେତ୍ରର ଅଗ୍ରଗତି ବିଷୟରେ ଅବଗତ ହୋଇଥିଲେ । ଡ଼ କ୍ରେମର ବିଶ୍ୱରେ ଦାରିଦ୍ର୍ୟ ହ୍ରାସ ଦିଗରେ କାର୍ଯ୍ୟ କରିଆସୁଛନ୍ତି ଓ ଏଥିପାଇଁ ସେ ୨୦୧୯ ରେ ସମ୍ମାନଜନକ ନୋବେଲ ପୁରସ୍କାର ପ୍ରାପ୍ତ ହୋଇଛନ୍ତି । ବର୍ତ୍ତମାନ ସେ ଚିକାଗୋ ୟୁନିଭରସିଟିରେ ବରିଷ୍ଠ ପ୍ରଫେସର ଭାବେ କାର୍ଯ୍ୟରତ ଅଛନ୍ତି । ଓଡ଼ିଶାର କୃଷି କ୍ଷେତ୍ରରେ ଚଳିତ ବର୍ଷ ବାତ୍ୟା ଦାନା ଯୋଗୁଁ ଉତ୍ପାଦନ ପ୍ରଭାବିତ ହେବା ସତ୍ତ୍ୱେ ଫସଲ ଉତ୍ପାଦନ ବଢ଼ିଥିବା ଦେଖି ଡ଼ କ୍ରେମର ଖୁସିବ୍ୟକ୍ତ କରିଛନ୍ତି । ପରେ କୃଷି ସମୀକ୍ଷା କେନ୍ଦ୍ରର ପରିଦର୍ଶନ ସହ ଏହାର କାର୍ଯ୍ୟ ପ୍ରଣାଳୀ ବାବଦରେ ଅବଗତ ହୋଇଥିଲେ । ପୂର୍ବରୁ ମଧ୍ୟ ଡ଼ କ୍ରେମର ଏବଂ ତାଙ୍କ ଟିମ୍ ଓଡ଼ିଶା ସହ ସହଭାଗୀ ହୋଇ କାର୍ଯ୍ୟ କରିଛନ୍ତି । ଏହି ସହଭାଗିତା ଆଗକୁ ମଧ୍ୟ ଜାରି ରହିବ ବୋଲି ଡ଼ କ୍ରେମର ମତବ୍ୟକ୍ତ କରିଥିଲେ । ଡ଼ କ୍ରେମରଙ୍କ କୃଷି ଭବନ ପରିଦର୍ଶନବେଳେ ସାଙ୍ଗରେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀ, କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ, ଉଦ୍ୟାନ କୃଷି ନିର୍ଦ୍ଦେଶକ ନିଖିଳ ପଵ୍ନ କଲ୍ୟାଣଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ ।

### ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟର ଦ୍ୱାଦଶ ସମାବର୍ତ୍ତନ ଉତ୍ସବ

## ଏକବିଂଶ ଶତାବ୍ଦୀର ସମାଜ ଜ୍ଞାନ ଦ୍ୱାରା ପରିଚାଳିତ ହେବ ସମାଜ: ରାଜ୍ୟପାଳ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଏକବିଂଶ ଶତାବ୍ଦୀର ସମାଜ ଜ୍ଞାନ ଦ୍ୱାରା ପରିଚାଳିତ ଏକ ସମାଜ ହେବ। ଶନିବାର ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟର ଦ୍ୱାଦଶ ସମାବର୍ତ୍ତନ ଉତ୍ସବକୁ ଉଦ୍ଘାଟନ କରି ରାଜ୍ୟପାଳ ରଘୁବର ଦାସ ଏହା କହିଛନ୍ତି। ସମାରୋହରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ଯେଉଁ ରାଷ୍ଟ୍ରରେ ଜ୍ଞାନର ପୁଞ୍ଜି ଅଛି ସେହି ରାଷ୍ଟ୍ର ଅଗ୍ରଗତି କରିବାକୁ ସେତିକି ସମର୍ଥ। ଏଣୁ ଛାତ୍ରଛାତ୍ରୀମାନେ କଠିନ ଅଧ୍ୟବସାୟ କରି ଜ୍ଞାନର ପରିସର ବିସ୍ତାରିତ କରିବା ସହିତ ନିଜ ନିଜ କ୍ଷେତ୍ରରେ ଉତ୍କର୍ଷତା ହାସଲ କରିବାକୁ ଆହ୍ୱାନ ଜଣାଇଥିଲେ। ସମାବର୍ତ୍ତନ ଉତ୍ସବ ଛାତ୍ରଛତ୍ରୀମାନଙ୍କ ଜୀବନରେ ଏକ ନୂତନ ଅଧ୍ୟାୟ ଆରମ୍ଭର ଅବସର ଆଣେ। ସ୍ନାତକମାନେ ମନରେ ନିଜ ପାଇଁ ଏକ ଭବିଷ୍ୟତ ଆଙ୍କି ସାରିଥିବେ। ତେଣୁ ଆଜି କେବଳ ସଫଳତାର ଦିନ ନୁହେଁ ବରଂ ଆକାଂକ୍ଷାର ଦିନ ମଧ୍ୟ । ଏକ ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତର ଦିଗ ଯୁବ ଶକ୍ତିର ଆକାଂକ୍ଷା ଉପରେ ସ୍ଥିର ହେବାକୁ ଯାଉଛି ବୋଲି ରାଜ୍ୟପାଳ କହିଥିଲେ। ଏତଦ୍‌ବ୍ୟତୀତ ଯୁବ ସଶକ୍ତିକରଣ ପାଇଁ ବୈଷୟିକ ଶିକ୍ଷାର ବହୁଳ ପ୍ରୟୋଗ ସହିତ ଦକ୍ଷତା ବିକାଶ ଉପରେ ରାଜ୍ୟପାଳ ଶ୍ରୀ ଦାସ ଗୁରୁତ୍ୱ ଆରୋପ କରିଥିଲେ। ସୁପ୍ରିମକୋର୍ଟର ମାନ୍ୟବର ନ୍ୟାୟାଧୀଶ ଜଷ୍ଟିସ୍ ସନ୍ଦୀପ ମେହେଟ୍ଟା ଏହି ସମାରୋହରେ ଉଦ୍‌ବୋଧନ ଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଇଣ୍ଡିଆନ୍ ସ୍ପେସ୍ ରିସର୍ଚ୍ଚ ଅର୍ଗାନାଇଜେନର ଚେୟାରମ୍ୟାନ ଡ଼. ଶ୍ରୀଧର ପାନିକର ସୋମନାଥ ଅନ୍ୟତମ ଅତିଥିଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ବିଶ୍ୱବିଦ୍ୟାଳୟର ଭାଇସ୍-ଚ୍ୟାନସେଲର ଡ଼. ସୁପ୍ରିୟା ପଟ୍ଟନାୟକ ବିବରଣୀ ଉପସ୍ଥାପନ କରିଥିଲେ। ବିଶ୍ୱବିଦ୍ୟାଳୟର ସଭାପତି ପ୍ରଫେସର ଡ଼. ମୁକ୍ତିକାନ୍ତ ମିଶ୍ର, ଉପସଭାପତି ପ୍ରଫେସର ଡ଼.ଏନ୍ ରାଓ, ବିଶ୍ୱ ବିଦ୍ୟାଳୟର ରେଜିଷ୍ଟ୍ରାର ଡ଼. ଅନୀତା ପାତ୍ର ପ୍ରମୁଖ ମଂଚାସୀନ ହୋଇଥିଲେ। ଏହି ଅବସରରେ ବିଭିନ୍ନ ବିଷୟରେ ଉତ୍କର୍ଷତା ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ସମ୍ମାନରେ ସମ୍ମାନିତ କରଯାଇଥିଲା ।

## ପୁଣି ଶ୍ରୀଲିଙ୍ଗରାଜ ମନ୍ଦିରରେ ନୀତି ବିଭ୍ରାଟ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପୁଣି ଲିଙ୍ଗରାଜ ମନ୍ଦିରରେ ନୀତି ବିଭ୍ରାଟ। ଉପବାସରେ ରହିଛନ୍ତି ମହାପ୍ରଭୁ ଲିଙ୍ଗରାଜ। ପୂଜା ଚାଲିଛି କିନ୍ତୁ ନୀତି ବନ୍ଦ।ବଡୁ ସେବାୟତଙ୍କ ପାଇଁ ଏଭଳି ସ୍ଥିତି ଉପୁଜୁଥିବା କହିଛନ୍ତି ପୂଜା ପଣ୍ଡା । ଅଧିବାସ ପୂଜା ନୀତି ନ କରାଇ ଦେବା ଯୋଗୁଁ ଆଜି ଦିନକ ପାଇଁ ମନ୍ଦିରରେ ନୀତି ବନ୍ଦ ରହିଛି। ମନ୍ଦିର ନିର୍ମାଣ ହେବା ଠାରୁ ଅଧିବାସ ପୂଜା ଚାଲିଛି କିନ୍ତୁ ବଡୁ ସେବାୟତ କହୁଛନ୍ତି ଏ ବିଧି ନାହିଁ । ଏପରିକି ୨୦୧୦ ରୁ ଅଫିସିଆଲ୍ ସାଇଟରେ ମଧ୍ୟ ପୂଜାର ନୀତି ବାବଦରେ ଲେଖା ରହିଛି। କିନ୍ତୁ ବଡୁ ସେବାୟତ ଅଯଥା ଯୁକ୍ତି କରି ନୀତି ବନ୍ଦ କରିଥିବା ଅଭିଯୋଗ ଆଣିଛନ୍ତି ପୂଜା ପଣ୍ଡା। ପୂର୍ବରୁ ପଇତା ଲାଗି ନୀତିକୁ ଏବେବି ଥାନାରେ ମାମଲା ଚାଲିଥିବା ବେଳେ ପୁନର୍ବାର ଆଉ ଏକ ସମସ୍ୟା ଦେଖାଦେଇଛି । ତେବେ ଜଗନ୍ନାଥ ମନ୍ଦିର ପରି ଲିଙ୍ଗରାଜ ମନ୍ଦିରର ଏକ ସ୍ୱତନ୍ତ୍ର ଆକ୍ଟ ହେବା ଦରକାର। ନିତି କାନ୍ତିର ସମ୍ପୁର୍ଣ୍ଣ ଲେଖା ରହିବା ଦରକାର ବୋଲି କହିଛନ୍ତି ପୂଜାପଣ୍ଡା ।

## କଟକ ରେଳ ଷ୍ଟେସନର୍ ପ୍ରବେଶ ଦ୍ୱାର ଉଦ୍‌ଘାଟନ କଲେ ରେଳମନ୍ତ୍ରୀ



କଟକ(ଭାସ୍କର ନ୍ୟୁଜ୍): କଟକ ରେଳ ଷ୍ଟେସନର ଦ୍ୱିତୀୟ ପ୍ରବେଶ ଦ୍ୱାର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। କେନ୍ଦ୍ର ରେଳବାଇ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଶନିବାର ସଂଧ୍ୟାରେ କଟକ ରେଳ ଷ୍ଟେସନର ଦ୍ୱିତୀୟ ପ୍ରବେଶ ଦ୍ୱାରକୁ ଉଦ୍‌ଘାଟନ କରି କରି କହିଲେ ଯେ ଅମୃତ ଷ୍ଟେସନ ଯୋଜନା ଅନ୍ତର୍ଗତ ଷ୍ଟେସନର ପୁନର୍ବିକାଶରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ । ପୂର୍ବପାର୍ଶ୍ୱ ଷ୍ଟେସନ ଭବନ ସହିତ ଏହି ନୂତନ ପ୍ରବେଶ, ଯାତ୍ରୀ ମାନଙ୍କ ଯାତାୟାତରେ ଉନ୍ନତ କରିବାକୁ, ଆଧୁନିକ ସୁବିଧା, ନିରାପତା ପ୍ରଦାନ କରିବାକୁ ସ୍ଥିର ହୋଇଛି । ଦ୍ୱିତୀୟ ପ୍ରବେଶ ଦ୍ୱାର ଜାତୀୟ ରାଜପଥ ପାର୍ଶ୍ୱରୁ ଆସୁଥିବା ଯାତ୍ରୀମାନଙ୍କ ପାଇଁ ନିରନ୍ତର ଗତି ଯୋଗାଇବା ପାଇଁ ଡିଜାଇନ କରାଯାଇଛି, ଯାହା ଷ୍ଟେସନକୁ ଯାତାୟାତ ପାଇଁ ଅଧିକ ସୁଗମ କରିଥାଏ ଏବଂ ସହଜ ପ୍ରବେଶ ସୁନିଶ୍ଚିତ କରିଥାଏ । କଟକ ଷ୍ଟେସନର ଦିତୀୟ ପ୍ରବେଶ ଦ୍ୱାର ୧୪.୬୩ କୋଟି ମୂଲ୍ୟରେ ନିର୍ମାଣ କରାଯାଇଅଛି ଯାହାକି ଅମୃତ ଷ୍ଟେସନ ଯୋଜନା ଅନ୍ତର୍ଗତ ଷ୍ଟେସନ ପୁନର୍ବିକାଶ ଯୋଜନାର ଏକ ଅଂଶ ଅଟେ । ଏହି ବିକାଶ ଏକ ଉଚ୍ଚକୋଟୀର ପ୍ରକଳ୍ପର ଏକ ଅଂଶ ଯାହାକି କଟକ ରେଳ ଷ୍ଟେସନକୁ ବିଶ୍ୱ ସ୍ତରୀୟ ସୁବିଧା ସହିତ ଏକ ଆଧୁନିକ ପରିବହନ ହବ୍‌ରେ ପରିଣତ କରିବାକୁ ଲକ୍ଷ୍ୟ ରଖିଛି । ଯାତ୍ରୀମାନଙ୍କ ଅଭିବୃଦ୍ଧିକୁ ସୁଦୃଢ଼ କରିବା ଏବଂ ଏହି ଅଞ୍ଚଳର ସଂଯୋଗକୁ ବଢ଼ିବାରେ ଏହି ବିକାଶର ମହତ୍ୱ ଉପରେ ଶ୍ରୀ ବୈଷ୍ଣବ ଉଦ୍‌ବୋଧନ ଦେଇଥିଲେ । ସୁଗମ୍ୟ ଚଳପ୍ରଚଳ ଅନୁକୂଳ ଏସ୍କାଲେଟର ଏବଂ ଲିଫ୍ଟ ସହିତ ସଜ୍ଜିତ, ଦିବ୍ୟାଙ୍ଗଜନଙ୍କ ସମେତ ସମସ୍ତ ଯାତ୍ରୀଙ୍କୁ ଖାଦ୍ୟ ଯୋଗାଇବ । ଷ୍ଟେସନକୁ ସହଜ ପ୍ରବେଶ ପାଇଁ ବିସ୍ତୃତ ସର୍କୁଲାର କ୍ଷେତ୍ର, ପାର୍କିଂ ଏବଂ ପିକଅପ୍ / ଡ୍ରପ ଅଫ ସୁବିଧା ମଧ୍ୟ ରହିଛି । ଅତିରିକ୍ତ ସେବା ହିସାବରେ ମହିଳା ସଂଘ ସହାୟକ ଗୋଷ୍ଠୀ ଦ୍ୱାରା ନିର୍ମିତ ସ୍ଥାନୀୟ ହସ୍ତଶିଳ୍ପକୁ ପ୍ରୋତ୍ସାହନ ଦେଇ ପ୍ରଧାନମନ୍ତ୍ରୀ ଭାରତ ଜନ ଔଷଧି କେନ୍ଦ୍ର, ଏଟିଏମ କିଓସ୍କ, ଅଟୋମେଟିକ ଟିକେଟ ଭେଣ୍ଡିଂ ମେସିନ (ଏଟିଭିଏମ) ଏବଂ ୱାନ ଷ୍ଟେସନ ୱାନ ପ୍ରଡକ୍ଟ ଟ୍ରଲି ଭଳି ବ୍ୟବସ୍ଥା କରାଯାଇଛି । ଏହି ଷ୍ଟେସନ କେବଳ କଟକରୁ ନୁହେଁ ବରଂ ପାରାଦୀପ, ଜଗତସିଂହପୁର, କେନ୍ଦ୍ରାପଡା, ଯାଜପୁର, ବଡମ୍ବା, ନରସିଂହପୁର ଏବଂ ନିଆଳି ପରି ଆଖପାଖ ଜିଲ୍ଲାର ଯାତ୍ରୀଙ୍କୁ ମଧ୍ୟ ସେବା ପ୍ରଦାନ କରାଇବ ଯାତ୍ରୀଙ୍କ ଆରାମ ଏବଂ ନିରାପତା ଉପରେ ଧ୍ୟାନ ଦେଇ ଏହି ବିକାଶ ସମଗ୍ର ଦେଶରେ ରେଳ ଷ୍ଟେସନର ପୁନର୍ବିକାଶ ପାଇଁ ଏକ ମଡେଲ ହେବାକୁ ପ୍ରସ୍ତୁତ ହୋଇଛି । ଶ୍ରୀ ବୈଷ୍ଣବଙ୍କ ଏହି ଗସ୍ତ ଭାରତର ପୂର୍ବ ଅଞ୍ଚଳରେ ରେଳ ଭିତିଭୂମିରେ ଉନ୍ନତି ଆଣିବା ଏବଂ ନାଗରିକଙ୍କ ପାଇଁ ସାମଗ୍ରିକ ଯାତ୍ରା ଅଭିଜ୍ଞତା ବୃଦ୍ଧି ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ସୂଚିତ କରିଛି । ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କଟକର ସାଂସଦ (ଲୋକସଭା) ଭର୍ତ୍ତୃହରି ମହତାବଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି, ଜନ ପ୍ରତିନିଧି ଯୋଗ ଦେଇଥିଲେ ।

### ରାଜଧାନୀରେ ସିବିଆଇ ରେଡ୍

## କୋଟିଏରୁ ଅଧିକ ଟଙ୍କା ଜବତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଶନିବାର ରାତି ପ୍ରାୟ ୯ଟା ବେଳେ ନୟାପଲ୍ଲୀରେ ଏକ ହୋଟେଲ ସମ୍ମୁଖରେ ଓଡ଼ି-୦୫-୯୯୯୯ ନମ୍ବର ବିଶିଷ୍ଟ ଗୋଟିଏ ନାଲି ରଙ୍ଗର ମର୍ସିଡ୍‌ଜ କାର୍ ଛିଡ଼ା ହୋଇଥିଲା। ଅଚାନକ ସିବିଆଇ ଏହି କାର୍‌କୁ ରେଡ୍ କରିଥିଲା । ହୋଟେଲ୍ ଆଗରେ ଛିଡ଼ା ହୋଇଥିବା ନାଲି ରଙ୍ଗର କାର୍‌ରେ ଚଢ଼ଉ କରି ସିବିଆଇ ଟିମ୍ କୋଟିଏରୁ ଅଧିକ ଟଙ୍କା ଓ ସୁନା ଜବତ କରିଥିବା ଜଣାପଡ଼ିଛି। ତେବେ ଏତେ ପରିପରିମାଣର ଟଙ୍କା କେଉଁ ଉଦ୍ଦେଶ୍ୟରେ ଆସିଥିଲା, ତାହା ଜଣାପଡ଼ି ନାହିଁ। ଏହି ଗାଡ଼ିଟି ଗୋଟିଏ ବିଲ୍‌ଡର ସଂସ୍ଥା ନାଁରେ ରହିଥିବା ଜଣାପଡ଼ିଛି। ଚର୍ଚ୍ଚା ହେଉଛି ଗାଡ଼ିରେ ଡିଲ୍ ହେଉଥିଲା। ଏ ସମ୍ପର୍କରେ ସିବିଆଇ ଟିମ୍ ଜାଣିପାରି ଅଚାନକ ଚଢ଼ଉ କରିଥିଲା। ଗାଡ଼ି ଭିତରୁ କୋଟିଏରୁ ଅଧିକ ଟଙ୍କା ଓ ସୁନା ଜବତ ହୋଇଛି। ୪ ଜଣଙ୍କୁ ସିବିଆଇ ଟିମ୍ ହେପାଜତକୁ ନେଇ ପଚରା ଉଚରା ଜାରି ରଖିଛି ।

## ଏମ୍‌ସ ଭୁବନେଶ୍ୱରରେ ପରୀକ୍ଷା ହୋଇଥିବା ୮୫୧୮ ମଧ୍ୟରୁ ୩୧ ଏଚ୍‌ଆଇଭି ପଜିଟିଭ୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଗତ ତିନିମାସ ମଧ୍ୟରେ ଏମ୍‌ସ ଭୁବନେଶ୍ୱରର ଇଂଟିଗ୍ରେଟେଡ୍ କାଉନସେଲିଂ ଆଣ୍ଡ ଟେଷ୍ଟିଂ ସେଣ୍ଟର (ଆଇସିଟିସି) ୮୫୧୮ ଜଣ ବ୍ୟକ୍ତିଙ୍କର ଏଚ୍‌ଆଇଭି ପରୀକ୍ଷା କରାଯାଇଛି। ସେମାନଙ୍କ ମଧ୍ୟରୁ ୩୧ ଜଣ ଏଚ୍‌ଆଇଭି ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୨୭ ଜଣଙ୍କୁ ଆଂଟି-ରେଟ୍ରୋଭାଇରାଲ୍ ଥେରାପି (ଏଆଁଟି) କେନ୍ଦ୍ରକୁ ପଠାଯାଇଛି। ଏହି ସମୟ ଅବଧି ମଧ୍ୟରେ ୮୫୩୮ ଜଣଙ୍କୁ ମୁକ୍ତ ପରାମର୍ଶ ସେବା ପ୍ରଦାନ କରାଯାଇଛି। ଉପରୋକ୍ତ ପ୍ରକ୍ରିୟା ଏଚ୍‌ଆଇଭି ଦ୍ୱାରା ପ୍ରଭାବିତ ବ୍ୟକ୍ତିବିଶେଷଙ୍କ ପ୍ରତିରୋଧ, ନିରାକରଣ ଏବଂ ଯତ୍ନ ପାଇଁ ଏମ୍‌ସ ଭୁବନେଶ୍ୱରର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥାଏ ବୋଲି ଏହି ଜାତୀୟ ପ୍ରତିଷ୍ଠାନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ପ୍ରକାଶ କରିଛନ୍ତି। ବିଶ୍ୱ ଏଡସ୍ ଦିବସ ପାଳନ ଅବସରରେ, ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ସଚେନତନା ସୃଷ୍ଟି ଉଦ୍ଦେଶ୍ୟରେ ଏମ୍‌ସ ଭୁବନେଶ୍ୱର ପକ୍ଷରୁ ଏକାଧିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କମ୍ୟୁନିଟି ମେଡିସିନ୍ ଏବଂ ଫ୍ୟାମିଲି ମେଡିସିନ୍ ଏବଂ ଟ୍ରାନ୍ସଫ୍ୟୁଜନ୍ ଏବଂ ବ୍ଲଡ ବ୍ୟାଙ୍କ ବିଭାଗ ଦ୍ୱାରା, ଓଡ଼ିଶା ରାଜ୍ୟ ଏଡସ୍ ସୋସାଇଟି ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ବିଶେଷଜ୍ଞ ଏଡ୍‌ସକୁ ନେଇ ଉପାଦେୟ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ମାଗଣା ଏଚ୍‌ଆଇଭି ପରୀକ୍ଷା ଶିବିର ଏବଂ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ମଧ୍ୟ ଅୟୋଜିତ ହୋଇଥିଲା। ଏହି ଶିବିରରେ ୪୫ ଜଣ ବ୍ୟକ୍ତି ଏଚ୍‌ଆଇଭି ପରୀକ୍ଷା କରାଇଥିଲେ। ଭାରତରେ ଏଚ୍‌ଆଇଭି ସର୍ଭିଲାନ୍ସ ପାଇଁ ଆଠଟି ଆଞ୍ଚଳିକ ପ୍ରତିଷ୍ଠାନ ମଧ୍ୟରୁ ଏମ୍‌ସ ଭୁବନେଶ୍ୱର ଅନ୍ୟତମ। ଏହି ଜାତୀୟ ଅନୁଷ୍ଠାନର ଓଡ଼ିଶା ସମେତ ଆନ୍ଧ୍ରପ୍ରଦେଶ ଏବଂ ଛତିଶଗଡ଼ ରାଜ୍ୟରେ ଏଡ୍‌ସ ସଂକ୍ରାନ୍ତୀୟ କାର୍ଯ୍ୟକ୍ରମର ନେତୃତ୍ୱ ନେଉଛି। ଆସନ୍ତା ବର୍ଷ ଜାନୁୟାରୀରେ ୧୯ତମ ରାଉଣ୍ଡ ଏଚ୍‌ଆଇଭି ସେଣ୍ଟିନେଲ ସର୍ଭିଲାନ୍ସ ଆୟୋଜନ ହେବ। ଏହି କାର୍ଯ୍ୟକ୍ରମରେ ମେଡିକାଲ୍ ଅଧୀକ୍ଷକ ଡ. ଦିଲ୍ଲୀପ କୁମାର ପରିଡ଼ା, ଡ. ବିନୋଦ କୁମାର ପାତ୍ରୋ, ଡ. ଅନୁପମ ଦେ, ଡ. ବିଜୟିନୀ ବେହେରା, ଡ. ବିନୋଦ କୁମାର ବେହେରା, ଡ. ଅରବିନ୍ଦ କୁମାର ସିଂ, ଡ. ଅଂଶୁମାନ ସାହୁ, ଡ. ଧ୍ରିତିମାନ ଏବଂ କେଏନପି ପ୍ଲସ୍‌ର ପ୍ରଭାସିନୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ସଶସ୍ତ୍ର ସେନା ପତାକା ଦିବସର ଶୁଭେଚ୍ଛା ଜଣାଇଲେ ରାଜ୍ୟପାଳ ଓ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସଶସ୍ତ୍ର ସେନା ପତାକା ଦିବସର ଶୁଭେଚ୍ଛା ଜଣାଇଛନ୍ତି ରାଜ୍ୟପାଳ ରଘୁବର ଦାସ । ଏକ୍ସ ହ୍ୟାଣ୍ଡେଲରେ ରାଜ୍ୟପାଳ କହିଛନ୍ତି ଯେ, ମାତୃଭୂମିର ସୁରକ୍ଷାରେ ସର୍ବଦା ସମର୍ପିତ ରହିଥିବା ବୀର ସୈନିକଙ୍କ ବୀରତା, ଶୌର୍ଯ୍ୟ ଓ ସାହସକୁ ପ୍ରଣାମ । ଦେଶର ସେବାରେ ତତ୍ପର ସମସ୍ତ ବୀର ସୈନିକ ଓ ତାଙ୍କ ପରିଜନଙ୍କୁ ସଶସ୍ତ୍ର ସେନା ପତାକା ଦିବସର ହାର୍ଦ୍ଦିକ ଶୁଭକାମନା । ସେହିପରି ସଶସ୍ତ୍ର ସେନା ପତାକା ଦିବସର ଶୁଭେଚ୍ଛା ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସୋସିଆଲ ମିଡିଆ ଏକ୍ସରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ସଶସ୍ତ୍ର ସେନା ପତାକା ଦିବସରେ ଆମ ଦେଶର ବୀର ପ୍ରହରୀ ଓ ତାଙ୍କ ପରିବାରକୁ ହାର୍ଦ୍ଦିକ ଶୁଭକାମନା । ଏହି ଦିବସ ଆମକୁ ସେହି ମହାନ ଯୋଦ୍ଧାଙ୍କ ପରାକ୍ରମ ଓ ବଳିଦାନକୁ ମନେ ପକାଇବାର ଅବସର ଦେଇଥାଏ, ଯେଉଁମାନେ ଦେଶର ରକ୍ଷା ପାଇଁ ନିଜର ସର୍ବସ୍ୱ ସମର୍ପିତ କରିଦେଇଛନ୍ତି ।

## ମୁଖ୍ୟମନ୍ତ୍ରୀଙ୍କ ଚାକିରୀ ବିକ୍ରି ମନ୍ତବ୍ୟ ସଂପୂର୍ଣ୍ଣ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ: ବିଜେଡି



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଗତ ସରକାରଙ୍କ ଅମଳରେ ଚାକିରୀ ବିକ୍ରି ହେଉଥିଲା ବୋଲି ରାଜ୍ୟର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତ କାଲି ଦେଇଥିବା ମନ୍ତବ୍ୟ ସଂପୂର୍ଣ୍ଣ ନିରାଧାର ଓ ରାଜନୈତିକ ଅଭିଶନ୍ଧି ପ୍ରଣୋଦିତ ହୋଇଥିବା ସହିତ ମୁଖ୍ୟମନ୍ତ୍ରୀ ହତାଶ ଭାବକୁ ପଦାରେ ପକାଉଛି ବୋଲି ବିଜେଡ଼ି ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ଼ଃ ଲେନିନ ମହାନ୍ତି କହିଛନ୍ତି। ମୁଖ୍ୟମନ୍ତ୍ରୀ ଭାବରେ ରାଜ୍ୟ ଶାସନ ଭାରର ମୁଖ୍ୟ ଭାବେ ତାଙ୍କର କ୍ଷମତା ରହିଛି ଯଦି ଏପରି କିଛି ଅନିୟମିତତା ହୋଇଥିବା ତାଙ୍କ ପାଖରେ ସୂଚନା ଅଛି, ତାହେଲେ ସେ ତାର ସତ୍ୟାସତ୍ୟ ତଦନ୍ତ ମାଧ୍ୟମରେ ପଦାକୁ ଆଣିବା ସହିତ ଦୋଷୀକୁ ଉପଯୁକ୍ତ ଦଣ୍ଡ ଦେବାପାଇଁ ବ୍ୟବସ୍ଥା କରିବା ତାଙ୍କର କର୍ତ୍ତବ୍ୟ। କିନ୍ତୁ, ତା ନକରି, କେବଳ ଏକ ଉଦ୍ଭଟ ଅଭିଯୋଗ ଆଣି ହଟଚମଟ ସୃଷ୍ଟି କରିବା, କେବଳ ତାଙ୍କର ହତାଶ ଭାବକୁ ଦର୍ଶାଉଛି। ଏଥିରୁ, ସ୍ପଷ୍ଟ ହେଉଛି ଯେ, ମୁଖ୍ୟମନ୍ତ୍ରୀ ମୋହନ ମାଝିଙ୍କର ରାଜ୍ୟର ଶାସନ ଭାର ଉପରେ ନିୟନ୍ତ୍ରଣ ନାହିଁ। ଡ଼ଃ ମହାନ୍ତି କହିଛନ୍ତି, ମୁଖ୍ୟମନ୍ତ୍ରୀ ଆଣିଥିବା ଅଭିଯୋଗର ଯଦି ପ୍ରମାଣ ଅଛି, ତାହେଲେ ତୁରନ୍ତ ସେ ଦୋଷୀକୁ ଦଣ୍ଡ ଦେବା ପାଇଁ ବ୍ୟବସ୍ଥା କରନ୍ତୁ। ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଠାରୁ ଏଭଳି ମନ୍ତବ୍ୟ ଗ୍ରହଣୀୟ ନୁହେଁ, ତେଣୁ ସେ ଆଣିଥିବା ଅଭିଯୋଗର ପ୍ରମାଣ ଦିଅନ୍ତୁ ନଚେତ ତାଙ୍କ ମନ୍ତବ୍ୟ ପ୍ରତ୍ୟାହାର କରନ୍ତୁ ବୋଲି ଡ଼ଃ ମହାନ୍ତି କହିଛନ୍ତି।

## ବିଜୁ ଶ୍ରମିକ ସାମୁଖ୍ୟର ବୈଠକ ଅନୁଷ୍ଠିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଜୁ ଶ୍ରମିକ ସାମୁଖ୍ୟର ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଯୋଗ ଦେଇ ବିଜେଡି ମୁଖ୍ୟ ନବୀନ ପଟ୍ଟନାୟକ କହିଛନ୍ତି ଯେ, ଶ୍ରମିକମାନେ ହେଉଛନ୍ତି ଗୋଟିଏ ରାଷ୍ଟ୍ରର ସବୁଠାରୁ ବଡ଼ ଶକ୍ତି। ସେମାନଙ୍କର ତ୍ୟାଗ ଓ ପରିଶ୍ରମ ଦେଶକୁ ସମୃଦ୍ଧ କରିଛି। ବିଜୁ ଜନତା ଦଳ ଶ୍ରମିକ ସାମୁଖ୍ୟ ସଭାରେ ଯୋଗ ଦେବା ଏକ ଖୁସିର ଅବସର। ବିକାଶ ଓ ସମୃଦ୍ଧିର ପ୍ରତି କ୍ଷେତ୍ରରେ ଶ୍ରମିକ ଭାଇଭଉଣୀମାନଙ୍କର ଅବଦାନକୁ ମୁଁ ସମ୍ମାନ ଜଣାଉଛି। ନିର୍ମାଣ ଶ୍ରମିକଙ୍କଠାରୁ ଆରମ୍ଭ କରି କେନ୍ଦୁପତ୍ର ତୋଳାଳୀ ଓ କର୍ମଚାରୀଙ୍କ କଲ୍ୟାଣ କ୍ଷେତ୍ରରେ ଆମ ସରକାର ନୂଆ ଯୁଗ ଆରମ୍ଭ କରିଥିଲା। ଶ୍ରମିକମାନେ ଖୁସିରେ ରହିଲେ, ଭଲରେ ରହିଲେ ହିଁ ମୋର ସବୁଠାରୁ ବଡ଼ ଖୁସି। ବିଜୁ ଜନତା ଦଳ ସବୁବେଳେ ଆପଣମାନଙ୍କ ହକ୍ ପାଇଁ ଲଢ଼େଇ କରି ଆସିଛି ଓ କରି ଚାଲିବ।

## ୩ କୁଖ୍ୟାତ ମୋବାଇଲ୍ ଲୁଟେରା ଗିରଫ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଲିଙ୍ଗରାଜ ଥାନା ପୋଲିସ ହାତରେ ୩ କୁଖ୍ୟାତ ମୋବାଇଲ ଲୁଟେରା । ସେମାନଙ୍କ ଠାରୁ ୧୭ଟି ମୋବାଇଲ ଜବତ ହୋଇଛି । ଆଖିପିଛୁଳାକେ ଲୋକଙ୍କ ଠାରୁ ଝାମ୍ପି ନେଉଥିଲେ ମୋବାଇଲ । ୩ଜଣଙ୍କୁ ଗିରଫ ପରେ ସେମାନଙ୍କୁ ପଚରାଉଚରା କରୁଛି ପୋଲିସ । ଏମାନଙ୍କ ଗ୍ୟାଙ୍ଗରେ ଆଉ କେଉଁ ମାନେ ଅଛନ୍ତି କି ନାହିଁ ଖୋଳତାଡ କରୁଛି ଲିଙ୍ଗରାଜ ଥାନା ପୋଲିସ ।

## ୨୦୨୩-୨୪ରେ ବିକ୍ରି ହୋଇଛି ୬କୋଟି ଲିଟର ବିଦେଶୀ ମଦ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜ୍ୟରେ ବଢୁଛି ମଦ ବ୍ରିକି । ଆଇନ ମନ୍ତ୍ରୀ ଗୃହରେ କହିଛନ୍ତି, ୨୦୨୨-୨୩ ମସିହାରେ ୫ କୋଟି ୮୩ ଲକ୍ଷ ୪୪ ହଜାର ଲିଟର ବିଦେଶୀ ମଦ ବିକ୍ରି ହୋଇଥିବା ବେଳେ ୨୦୨୩-୨୪ରେ ୫ କୋଟି ୮୮ ଲକ୍ଷ ୮୫ ହଜାର ଲିଟର ବିଦେଶୀ ମଦ ବିକ୍ରି ହୋଇଛି । ୨୦୨୨-୨୩ରେ ୮୪ ଲକ୍ଷ ୩୭ ହଜାର ଲିଟର ଦେଶୀ ମଦ ବିକ୍ରି ହୋଇଥିବା ବେଳେ ୨୦୨୩-୨୪ରେ ୯୮ ଲକ୍ଷ ୪୩ ହଜାର ଲି ଦେଶୀ ମଦ ବିକ୍ରି ହୋଇଛି । ୨୦୨୩-୨୪ ଆର୍ଥିକ ବର୍ଷରେ ଏହା ୭ ଲକ୍ଷ ୨୧ ହଜାର ୬୯୯ କୋଟିରେ ପହଞ୍ଚିଛି । ୨୦୨୨-୨୩ରେ ୧୨ କୋଟି ୯ ଲକ୍ଷ ୬୭ ହଜାର ବକ୍ସ ଲି ବିକ୍ରି ହୋଇଥିବା ବେଳେ ୨୦୨୩-୨୪ ରେ ଏହା ବଢି ୧୫ କୋଟି ୩୫ ଲକ୍ଷ ୭୨ ହଜାର ବକ୍ସ ଲିଟରରେ ବିକ୍ରିହୋଇଛି। ମଦ ରାଜସ୍ୱ ବରଗଡ ଜିଲ୍ଲାରୁ ସର୍ବାଧିକ ଆସୁଛି । ବରଗଡରୁ ସର୍ବାଧିକ ୧୨୪କୋଟି ୯୯ ଲକ୍ଷର ଅବକାରୀ ରାଜସ୍ୱ ଆସୁଛି । ବରଗଡ ପଛକୁ ରହିଛି ଗଞ୍ଜାମ ।

## ଅଚ୍ୟୁତ ସାମନ୍ତଙ୍କୁ ୬୨ତମ ସମ୍ମାନସୂଚକ ଡକ୍ଟରେଟ୍




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଶିକ୍ଷାବିତ୍, ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ରାଜସ୍ଥାନର ପୂର୍ଣ୍ଣିମା ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ କରାଯାଇଛି । ଶନିବାର ରାଜସ୍ଥାନସ୍ଥିତ ପୂର୍ଣ୍ଣିମା ବିଶ୍ୱବିଦ୍ୟାଳୟର ୧୧ତମ ସମାବର୍ତ୍ତନ ସମାରୋହ ଅବସରରେ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ଏହା ହେଉଛି ଅଚ୍ୟୁତ ସାମନ୍ତଙ୍କ ୬୨ତମ ସମ୍ମାନସୂଚକ ଡକ୍ଟରେଟ୍ । ଶିକ୍ଷା ଜରିଆରେ ସମାଜର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସକାଶେ ଶ୍ରୀ ସାମନ୍ତଙ୍କୁ ସମ୍ମାନ ପ୍ରଦାନ କରାଯାଇଥିବା ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଛି । ଏହି ସମ୍ମାନ ଗ୍ରହଣ କରି ଶ୍ରୀ ସାମନ୍ତ କହିଛନ୍ତି, ବିଗତ ୩୩ବର୍ଷ ଧରି ମୁଁ ନିରନ୍ତର ସମାଜସେବା କରିଆସୁଛି । ୬୨ତମ ସମ୍ମାନସୂଚକ ଡକ୍ଟରେଟ୍ ନିଶ୍ଚିତ ଭାବେ ସବୁଦିନ ପାଇଁ ସ୍ମୃତି ହୋଇ ରହିବ । ଏହା ପୂର୍ବରୁ ସମାଜସେବା ଓ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ବିଶ୍ୱର ବିଭିନ୍ନ ଦେଶର ବହୁ ସମ୍ମାନଜନକ ବିଶ୍ୱବିଦ୍ୟାଳୟ ଓ ପ୍ରତିଷ୍ଠିତ ଅନୁଷ୍ଠାନ ପକ୍ଷରୁ ଶ୍ରୀ ସାମନ୍ତଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଡ଼ିଗ୍ରୀ ପ୍ରଦାନ କରାଯାଇଛି । କାର୍ଯ୍ୟକ୍ରମରେ ଭାଇସ୍ ଚିଫ୍ ଅଫ୍ ଆର୍ମି ଷ୍ଟାଫ୍ ଲ୍ୟୁଟ୍‌ନାଣ୍ଟ ଜେନେରାଲ୍ ଏନ୍‌ଏସ୍ ରାଜା ସୁବ୍ରମଣି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବିଶ୍ୱବିଦ୍ୟାଳୟର କୁଳପତି ଡ. ସୁରେଶ ଚନ୍ଦ୍ର ପାଢ଼ିଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

## ଏଏସ୍‌ଓ ଚାକିରି ବିକ୍ରି ହୋଇଥିବା ସମ୍ପର୍କିତ ବିବୃତ୍ତିକୁ ନେଇ ବିଧାନସଭାରେ ହଟ୍ଟଗୋଳ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଶୁକ୍ରବାର ଦିନ ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଦ୍ୱାରା ପୂର୍ବବର୍ତ୍ତୀ ସରକାରରେ ଏଏସଓ ଚାକିରୀ ବିକ୍ରୀ ହୋଇଥିବା ସମ୍ପର୍କିତ ବକ୍ତବ୍ୟ ପ୍ରତିବାଦରେ ଆଜି ବିଜୁ ଜନତା ଦଳର ବିଧାୟକ ମାନେ ପ୍ରବଳ ବିରୋଧ କରିଛନ୍ତି । ଏହି କାରଣରୁ ଆଜି ବିଧାନସଭାରେ ପ୍ରଥମାର୍ଧରେ ଗୃହ କାର୍ଯ୍ୟ ସ୍ୱାଭବିକ ହୋଇ ପାରି ନାହିଁ । ଏହି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କ ବକ୍ତବ୍ୟକୁ ବିରୋଧ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ବିବୃତି ଦାବି କରି ବିଜେଡି ବିଧାୟକ ମାନେ ହଟ୍ଟଗୋଳ କରିଥିଲେ । ଏହି କାରଣରୁ ଗୃହ ବାରମ୍ବାର ସ୍ଥଗିତ ହୋଇଥିଲା । ଆଜି ନିର୍ଧାରିତ କାର୍ଯ୍ୟ ସୂଚୀ ଅନୁସାରେ ସକାଳ ୧୦.୩୦ ମିନିଟରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ବାଚସ୍ପତି ଶ୍ରୀମତୀ ସୁରମା ପାଢୀ ପ୍ରଶ୍ନକାଳ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ସେ ବାଲେଶ୍ୱର ବିଧାୟକ ମାନସ ଦତ୍ତଙ୍କ ପ୍ରଶ୍ନର ଉତ୍ତର ଦେବାକୁ ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଡାକିଥିଲେ । ତଦନୁଯାୟୀ ଶ୍ରୀ ହରିଚନ୍ଦନ ପ୍ରଶ୍ନର ଉତ୍ତର ଦେବା ଆରମ୍ଭ କରିଥିଲେ । ତେବେ ଆରମ୍ଭରୁ ହିଁ ବିଜେଡି ବିଧାୟକ ମାନେ ଗତ କାଲି ମୁଖ୍ୟମନ୍ତ୍ରୀ ଦେଇଥିବା ବକ୍ତବ୍ୟକୁ ବିରୋଧ କରି ନାରାବାଜୀ କରିଥିଲେ । ବିଜେଡି ବିଧାୟକ ମାନେ ଏହି ପ୍ରସଙ୍ଗରେ ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିବା ଆରମ୍ଭ କରି ଦେଇଥିଲେ । ବାଚସ୍ପତି ଶ୍ରୀମତୀ ପାଢୀ ବିଜେଡି ବିଧାୟକଙ୍କୁ ନିଜ ନିଜ ଆସନକୁ ଯାଇ ଗୃହ କାର୍ଯ୍ୟରେ ସହଯୋଗ ପ୍ରଦାନ କରିବାକୁ ବାରମ୍ବାର ନିବେଦନ କରିଥିବା ଦେଖିବାକୁ ମିଳିଥିଲା । ହେଲେ ହଟ୍ଟଗୋଳ କରୁଥିବା ବିଜେଡି ବିଧାୟକ ମାନଙ୍କ ଉପରେ ଏହାର କୌଣସି ପ୍ରଭାବ ଦେଖିବାକୁ ମିଳି ନ ଥିଲା ଓ ସେମାନେ ହଟ୍ଟଗୋଳ ଜାରୀ ରଖିଥିଲେ । ବିଜେଡି ମୁଖ୍ୟ ସଚେତକ ପ୍ରମିଳା ମଲିକ କହିଥିଲେ ଯେ ଏଏସଓ ଚାକିରୀ କିଏ ଓ କେଉଁଠି ବିକ୍ରୀ କରିଥିଲେ ସେ ସମ୍ପର୍କରେ ବିବୃତି ଦିଅନ୍ତୁ । ହଟ୍ଟଗୋଳ ନ କମିବାରୁ ବାଚସ୍ପତି ଗୃହକୁ ୧୧.୩୦ ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ ।

## ଜିଲ୍ଲାସ୍ତରୀୟ ୧୦୦ ଦିନ ବ୍ୟାପୀ ଯକ୍ଷ୍ମା ନିରାକରଣ ଅଭିଯାନର ଶୁଭାରମ୍ଭ



କଟକ(ଭାସ୍କର ନ୍ୟୁଜ): କଟକ ଜିଲ୍ଲାକୁ ଯକ୍ଷ୍ମାମୁକ୍ତ କରିବା ନିମନ୍ତେ ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଠାରେ ଜିଲ୍ଲାସ୍ତରୀୟ ଶହେ ଦିନିଆ ସଘନ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି । କଟକ ସାଂସଦ ଭର୍ତ୍ତୃହରି ମହତାବ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କଟକ ଜିଲ୍ଲାକୁ ଯକ୍ଷ୍ମାମୁକ୍ତ କରିବା ନିମନ୍ତେ ଆହ୍ୱାନ ଦେବା ସହ ଦୀର୍ଘ ଦିନ ଧରି କାଶ କିମ୍ବା ଛାତିରେ ଯନ୍ତ୍ରଣା ଅନୁଭବ କଲେ ତୁରନ୍ତ ଡାକ୍ତରୀ ପରୀକ୍ଷା କରାଇ ନେଇ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ସେବନ କରିବାକୁ ଆହ୍ୱାନ ଦେଇଥିଲେ । ଏହି ଅଭିଯାନ ମାଧ୍ୟମରେ ଯକ୍ଷ୍ମା ହେବାର ଆଶଙ୍କା ଥିବା ରୋଗୀମାନଙ୍କର ଚିହ୍ନଟ ଓ ସେମାନଙ୍କର ଚିକିତ୍ସା ଉପରେ ସବିଶେଷ ଧ୍ୟାନ ଦିଆଯିବ । ବିଶେଷକରି ୫ ବର୍ଷ ମଧ୍ୟରେ ଯକ୍ଷ୍ମା ଦ୍ୱାରା ସଂକ୍ରମିତ ବ୍ୟକ୍ତି, ଯକ୍ଷ୍ମା ଆକ୍ରାନ୍ତ ରୋଗୀଙ୍କ ନିକଟ ସମ୍ପର୍କୀୟ, ଧୂମପାନ ଓ ମଦ୍ୟପାନ କରୁଥିବା ବ୍ୟକ୍ତି, ମଧୁମେହରେ ପିଡୀତ ବ୍ୟକ୍ତି, ୬୦ ବର୍ଷ କିମ୍ବା ତା'ଠାରୁ ଅଧିକ ବୟସର ବ୍ୟକ୍ତି ଏବଂ ଅପପୁଷ୍ଟିର ଶିକାର କିମ୍ବା ଏଚଆଇଭିରେ ଆକ୍ରାନ୍ତ ବ୍ୟକ୍ତିଙ୍କୁ ଯକ୍ଷ୍ମା ହେବାର ଅଧିକ ଆଶଙ୍କା ରହିଛି । କାର୍ଯ୍ୟକ୍ରମ ଅବସରରେ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରସନ୍ନ କୁମାର ହୋତା ଉପସ୍ଥିତ ରହି ଯକ୍ଷ୍ମା ରୋଗରୁ ବିଜୟ ଲାଭ କରିଥିବା ଯକ୍ଷ୍ମା ବିଜେତାମାନଙ୍କୁ ସମ୍ମାନିତ କରିଥିଲେ । ଏହି ଅବସରରେ ଜିଲ୍ଲାରେ ଯକ୍ଷ୍ମା ନିରାକରଣ ସମ୍ବନ୍ଧିତ ସଚେତନତା ରଥର ଶୁଭାରମ୍ଭ କରାଯାଇଥିଲା ।

## ପ୍ରବାସୀ ଭାରତୀୟ ଦିବସକୁ ନେଇ ପୋଲିସ ମହାନିର୍ଦ୍ଦେଶକଙ୍କ ସମୀକ୍ଷା



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆଗାମୀ ଜାନୁଆରୀ ୮ ରୁ ୧୦ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଭୁବନେଶ୍ୱର ଜନତା ମଇଦାନରେ ଅନୁଷ୍ଠିତ ହେବାକୁ ଯାଉଛି ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସ। ଏହି ଦିବସକୁ ଶୃଙ୍ଖଳିତ ତଥା ସୁଚାରୁରୂପେ ଆୟୋଜନ ପ୍ରସ୍ତୁତି ସଂପର୍କରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଡିଜିପି କ୍ୟାମ୍ପ କାର୍ଯ୍ୟାଳୟଠାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ତ୍ରିଦିବସୀୟ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ପୋଲିସ ବିଭାଗର ପ୍ରସ୍ତୁତି ସଂପର୍କରେ ବିଶଦ ଭାବେ ଆଲୋଚନା କରାଯାଇଥିଲା । କେନ୍ଦ୍ର ସରକାରଙ୍କ ବରିଷ୍ଠ ମନ୍ତ୍ରୀ, ଅତିଥି, ପ୍ରବାସୀ ଭାରତୀୟ ଏବଂ ବୈଦେଶିକ ବ୍ୟାପାର ବିଭାଗ ଅଧିକାରୀମାନଙ୍କ ବହୁ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିବିଶେଷ ଯୋଗ ଦେବେ। ଏହାକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ଆୟୋଜନ କରିବାକୁ ଡିଜିପି ଶ୍ରୀ ଖୁରାନିଆ ନିର୍ଦ୍ଦେଶ ଦେଇଛନ୍ତି। ଭିଭିଆଇପିଙ୍କ ନିମନ୍ତେ ସୁରକ୍ଷା ବ୍ୟବସ୍ଥା, ଜନତା ମଇଦାନରେ କାର୍ଯ୍ୟକ୍ରମ ସ୍ଥଳରେ ଭି.ଭି.ଆଇ.ପି, ଅତିଥି, ପ୍ରବାସୀ ଭାରତୀୟ, ସ୍ଥାନୀୟ ଦର୍ଶକମାନଙ୍କ ବସିବା ବ୍ୟବସ୍ଥା, ଯାନବାହାନ ପାର୍କିଂ ସ୍ଥଳ, ଉତ୍ସବ ସ୍ଥଳରେ ସୁରକ୍ଷା ବ୍ୟବସ୍ଥା ସହ ଆନୁଷଙ୍ଗିକ ପ୍ରସ୍ତୁତି ସଂପର୍କରେ ବିସ୍ତୃତ ଭାବେ ସମୀକ୍ଷା କରିଥିଲେ । ଏହା ସହ ରାଜଧାନୀ ଭୁବନେଶ୍ୱର ସମେତ କଟକ, ପୁରୀ, କେନ୍ଦ୍ରାପଡ଼ା ଆଦି ଜିଲ୍ଲାରେ ଥିବା ହୋଟେଲ ଗୁଡିକର କଡାକଡ଼ି ଯାଞ୍ଚ କରିବାକୁ ମଧ୍ୟ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ (ଗୁଇନ୍ଦା) ନିର୍ଦ୍ଦେଶକ, ଆର. ପି. କୋଚେ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନୀକିକରଣ), ଏସ. କେ. ପ୍ରିୟଦର୍ଶୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ(ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ପୋଲିସ କମିଶନର (କଟକ-ଭୁବନେଶ୍ୱର), ଏସ. ଦେବଦତ୍ତ ସିଂ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ଦୟାଳ ଗଙ୍ଗୱାର, ଅତିରିକ୍ତ ପୋଲିସ କମିଶନର (କଟକ-ଭୁବନେଶ୍ୱର), ଡ଼. ଉମାଶଙ୍କର ଦାଶ, ଡି. ଆଇ. ଜି (କେନ୍ଦ୍ରାଞ୍ଚଳ) ଚରଣ ସିଂ ମିନା, ଡିସିପି (ଭୁବନେଶ୍ୱର), ପିନାକ ମିଶ୍ର, ଏସ.ପି, (ରାଜ୍ୟ ମୁଖ୍ୟାଳୟ), ବାତୁଳା ଗଙ୍ଗାଧର, ଡିସିପି (କଟକ), ଜଗମୋହନ ମିନା ପ୍ରମୁଖ ଉପସ୍ଥିତ ଥିଲେ ।

## ରାଜ୍ୟପାଳଙ୍କୁ ସାକ୍ଷତ କଲେ ରାଜ୍ୟ ସୈନିକ ବୋର୍ଡର ସଚିବ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟପାଳଙ୍କୁ ସାକ୍ଷତ କଲେ ରାଜ୍ୟ ସୈନିକ ବୋର୍ଡର ସଚିବ । ଏନେଇ ରାଜ୍ୟପାଳ ଏକ୍ସ ହ୍ୟାଣ୍ଡେଲରେ ଫଟୋ ସେୟାର କରି କହିଛନ୍ତି ଯେ, ସଶସ୍ତ୍ର ସେନା ତାକା ଦିବସ ଉପଲକ୍ଷେ ଆଜି ରାଜ୍ୟ ସୈନିକ ବୋର୍ଡର ସଚିବ କାମଣ୍ଡାଂଟ ଘନଶ୍ୟାମ ଓଝାଙ୍କ ନେତୃତ୍ୱରେ ୭ ସଦସ୍ୟ ବିଶିଷ୍ଟ ପ୍ରତିନିଧିମଣ୍ଡଳ ରାଜଭବନରେ ଭେଟି ବ୍ୟାଚ ଲଗାଇଛନ୍ତି । ଦେଶ ପ୍ରଥବ ଭାଗ ସହିତ କର୍ତ୍ତବ୍ୟ-ଥରେ ଅବିରତ ଗତିଶୀଳ ଭାରତୀୟ ସଶସ୍ତ୍ର ବଳ ଅସାଧାରଣ ସାହସ, ଶୌର୍ଯ୍ୟ ଓ ପରାକ୍ରମର ସ୍ୱର୍ଣ୍ଣିମ ଇତିହାସ ରଚିଛି । ମୁଁ କଲ୍ୟାଣ କୋଷରୁ ନିଜ ତରଫରୁ ସହଯୋଗ ରାଶି ପ୍ରଦାନ କରିଛି ।

## ୧୦୦ ଦିନିଆ ଯକ୍ଷ୍ମା ଦୂରୀକରଣ ଅଭିଯାନର ଶୁଭାରମ୍ଭ କଲେ ସ୍ୱାସ୍ଥ୍ୟମନ୍ତ୍ରୀ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ୨୦୨୫ ସୁଦ୍ଧା ଦେଶ ତଥା ରାଜ୍ୟରେ ଯକ୍ଷ୍ମା ନିରାକରଣ ପାଇଁ କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କ ମିଳିତ ଆନୁକୂଲ୍ୟରେ ଆଜି ସ୍ଥାନୀୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ପରିସରରୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ '୧୦୦ ଦିନିଆ ଯକ୍ଷ୍ମା ଦୂରୀକରଣ ଅଭିଯାନ'ର ଶୁଭାରମ୍ଭ କରିଛନ୍ତି । ରାଜ୍ୟର ୧୯ଟି ଯକ୍ଷ୍ମାପ୍ରବଣ ଜିଲ୍ଲାରେ ଯକ୍ଷ୍ମା ରୋଗକୁ ମୂଳପୋଛ କରିବା ଲକ୍ଷ୍ୟ ନେଇ ଏହି ଅଭିଯାନ ଆରମ୍ଭ ହୋଇଛି । ଯକ୍ଷ୍ମା ଭଳି ମାରାତ୍ମକ ରୋଗର ନିରାକରଣ କରି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବ୍ୟାପକ ଅଗ୍ରଗତି ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରତିବଦ୍ଧ । ୨୦୨୫ ଶେଷ ସୁଦ୍ଧା ଦେଶରୁ ଯକ୍ଷ୍ମା ନିରାକରଣ ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି । ସେହି ଧାର୍ଯ୍ୟ ଲକ୍ଷ୍ୟଗୁଡ଼ିକ ହେଲା ୨୦୧୫ ବେସ୍‌ଲାଇନ୍ ତୁଳନାରେ ଯକ୍ଷ୍ମା ରୋଗକୁ ୮୦ ପ୍ରତିଶତ ହ୍ରାସ କରିବା ଏବଂ ଯକ୍ଷ୍ମା ମୃତ୍ୟୁହାରକୁ ୯୦ ପ୍ରତିଶତ ହ୍ରାସ କରିବା ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି । ଯକ୍ଷ୍ମା ନିରାକରଣରେ ଉଲ୍ଲେଖନୀୟ ଅବଦାନ ପାଇଁ ଟିବି ଚମ୍ପିଆନ୍ ଅର୍ଜୁନ ଚରଣ ନାଥ ଏବଂ ସସ୍ମିତା ପାତ୍ରଙ୍କୁ ଏହି କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଥିଲା । ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡ. ବିଜୟ କୁମାର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ଜାତୀୟ ସ୍ୱାସ୍ଥ୍ୟ ମିଶନର ମିଶନ ନିର୍ଦ୍ଦେଶିକା ଡ. ବୃନ୍ଦା ଡି. ରାଜ୍ୟର ଯକ୍ଷ୍ମାରୋଗର ସାଂପ୍ରତିକ ସ୍ଥିତି, ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ଏବଂ ଯକ୍ଷ୍ମା ରୋଗୀଙ୍କ ପାଇଁ ପୁଷ୍ଟିକର ଖାଦ୍ୟର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ । ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡ. ନୀଳକଣ୍ଠ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ବିଭାଗୀୟ ବରିଷ୍ଠ ଅଧିକାରୀ, ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ଅଭିଯାନର ସହଯୋଗୀ ସଂସ୍ଥା, ଟିବି ଚମ୍ପିଅନ୍ ଓ ଅନ୍ୟମାନେ ଯୋଗଦେଇଥିଲେ ।



ଯକ୍ଷ୍ମା ନିରାକରଣ ପାଇଁ ୧୦୦ଦିନିଆ ଅଭିଯାନ | ୬

ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar



ପରାଜୟ ଏଡାଇବାକୁ ସଂଘର୍ଷ ଜାରି | ୭

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୨୪୯ Vol. 21 No-249 8 DECEMBER 2024 SUNDAY BHUBANESWAR ରବିବାର, ୮ ଡିସେମ୍ବର ୨୦୨୪ ପୃଷ୍ଠା-୮ ମୂଲ୍ୟ: ୭.୦୦


## ୩ଟି ରେଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କଲେ ରାଷ୍ଟ୍ରପତି

# ଅର୍ଥନୈତିକ ବିକାଶରେ ହେବ ସହାୟକ

### ୫୯ଟି ଷ୍ଟେସନର ହେଉଛି ନବୀକରଣ

### ଚଳାଚଳ କରୁଛି ୬ଟି ବନ୍ଦେ ଭାରତ ଏକ୍ସପ୍ରେସ

### ସମୃଦ୍ଧ ହେବ ଶିଳ୍ପକ୍ଷେତ୍ର, ସୃଷ୍ଟିହେବ ନିଯୁକ୍ତି ସୁଯୋଗ

### ଆଦିବାସୀ ଅନୁସନ୍ଧାନ, ବିକାଶ କେନ୍ଦ୍ର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ: ମୁଖ୍ୟମନ୍ତ୍ରୀ



ବାରିପଦା/ବାଙ୍ଗିରିପୋଷି, ୭।୧୨(ଭାସ୍କର ନ୍ୟୁଜ): କେନ୍ଦ୍ର ସରକାରଙ୍କ ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବିକଶିତ ଓଡ଼ିଶା, ବିକଶିତ ଭାରତ। ଓଡ଼ିଶାକୁ ବିକାଶର ଶୀର୍ଷରେ ପହଞ୍ଚାଇବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରୟାସ ଆରମ୍ଭ କରିଛନ୍ତି। ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ଓଡ଼ିଶାର ୫୦ରୁ ଅଧିକ ରେଳ ଷ୍ଟେସନକୁ ନବୀକରଣ କରାଯାଉଛି। ଓଡ଼ିଶାରେ ରେଳ ଯାତ୍ରାକୁ ସୁଦୃଢ଼ କରିବା ପାଇଁ ୬ଟି ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନ୍ ଚଳାଚଳ କରୁଛି। ଓଡ଼ିଶାରେ ଅଧିକ ରେଳ ଲାଇନ ନିର୍ମାଣ ହେଲେ ମାଲ ପରିବହନର ପରିସର ସୃଷ୍ଟି ହେବ ତଥା ଏହା ନିକଟସ୍ଥ ଶିଳ୍ପକ୍ଷେତ୍ରକୁ ସମୃଦ୍ଧ କରିବ। ଏଥିସହ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଶନିବାର ମୟୂରଭଞ୍ଜର ବାଙ୍ଗିରିପୋଷିରେ ୩ଟି ରେଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବା ଅବସରରେ କହିଛନ୍ତି ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଶନିବାର ଶ୍ରୀମତୀ ମୁର୍ମୁ ବାଙ୍ଗିରପୋଷିଠାରେ ଏହି ୩ଟି ରେଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ, ଦାଣ୍ଡବୋଷ ହେଲିପ୍ୟାଡ୍‌ର ଶିଳାନ୍ୟାସ ସହ ଭିଡିଓ କନଫରେନ୍ସିଂ ମାଧ୍ୟମରେ ରାଇରଙ୍ଗପୁରରେ ଆଦିବାସୀ ଅନୁସନ୍ଧାନ ଓ ବିକାଶ କେନ୍ଦ୍ର ଏବଂ ସବ୍‌ଡିଭିଜନ ହସ୍ପିଟାଲର ମଧ୍ୟ ଶିଳାନ୍ୟାସ କରିଥିଲେ। ବାଙ୍ଗିରିପୋଷି-ଗୋରୁମହିଷାଣି, ବୁଡାମରା-ଚାକୁଳିଆ ଏବଂ ବାଦାମପାହାଡ଼-କେନ୍ଦୁଝରଗଡ଼ ରେଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଅବସରରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଥିଲେ ଯେ ମୁଁ ଏହି ମାଟିର ଝିଅ ହୋଇଥିବାରୁ ନିଜକୁ ଗର୍ବ ଅନୁଭବ କରୁଛି। ଦାୟିତ୍ୱ ଏବଂ ବ୍ୟସ୍ତତା ନିଜ ଜନ୍ମମାଟି ଓ ନିଜର ଲୋକମାନଙ୍କଠାରୁ କେବେ ବି ମୋତେ ଦୂରେଇ ରଖିପାରି ନାହିଁ। ବରଂ ଲୋକଙ୍କ ପ୍ରେମ ମୋତେ ସର୍ବଦା ନିଜ ଆଡକୁ ଆକର୍ଷିତ କରିଛି। ମାତୃଭୂମି ମୋ ପାଇଁ ପବିତ୍ର। ଏହି ରେଳ ପ୍ରକଳ୍ପ ଏବଂ ବିମାନବନ୍ଦର ଏହି ଅଞ୍ଚଳର ପରିବହନ, ବାଣିଜ୍ୟକୁ • ପୃଷ୍ଠା ୫ ଦେଖନ୍ତୁ

### ଚାଷୀଙ୍କ ପାଇଁ ଖୁସି ଖବର

## ଆଜି ୮୦୦ଟଙ୍କାର ଇନ୍‌ପୁଟ୍ ସବ୍‌ସିଡି ଦେବେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୭।୧୨(ଭାସ୍କର ନ୍ୟୁଜ): ରାଜ୍ୟର ଚାଷୀମାନଙ୍କ ପାଇଁ ଖୁସି ଖବର। ଅନ୍ତଃ ଘଟିବାକୁ ଯାଉଛି ଦୀର୍ଘ ପ୍ରତୀକ୍ଷାର। ଚାଷୀମାନେ ପାଇବେ ୮୦୦ ଟଙ୍କାର ଇନପୁଟ୍ ସବସିଡି। ରବିବାର ଚାଷୀଙ୍କୁ ଧାନର ଇନପୁଟ୍ ସହାୟତା ରାଶି ବଣ୍ଟନ କରିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ବରଗଡ଼ର ସୋହେଲାସ୍ଥିତ ଇଛାପାଲି ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ଏହି ଇନପୁଟ୍ ସବ୍‌ସିଡି ବଣ୍ଟନ କରାଯିବ। ଧାନ କିଣାଯିବାର ୪୮ ଘଣ୍ଟା ମଧ୍ୟରେ ଚାଷୀଙ୍କ ଆକାଉଣ୍ଟକୁ ସିଧାସଳଖ ଏହି ଟଙ୍କା ଯିବ। ରବିବାର ପୁରୀ, ସମ୍ବଲପୁର, ଖୋର୍ଦ୍ଧା, ଗଞ୍ଜାମ, କଳାହାଣ୍ଡି, କୋରାପୁଟ, ବାଲେଶ୍ୱର, ମୟୂରଭଞ୍ଜ, କନ୍ଧମାଳ, ଜଗତସିଂହପୁର ଓ ଭଦ୍ରକ ଜିଲ୍ଲାର ଚାଷୀଙ୍କ ପାଇଁ ସମାବେଶ କରାଯାଇ ଏହି ଅର୍ଥ ପ୍ରଦାନ କରାଯିବ। ୨୦୨୪ ସାଧାରଣ ନିର୍ବାଚନରେ ଧାନର ଏମଏସ୍‌ପି ୩୧୦୦ ଟଙ୍କା ଘୋଷଣା କରିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। କ୍ଷମତାକୁ ଆସିବା ପରେ ରାଜ୍ୟର ବିଜେପି ସରକାର ଏମ୍ଏସ୍‌ପି ୨୩୦୦ ଟଙ୍କା ସହ ୮୦୦ଟଙ୍କା ଇନପୁଟ୍ ସବ୍‌ସିଡି ଘୋଷଣା କରିଥିଲେ। ଏବେ ଧାନ ବିକ୍ରି ପରେ ୨୩୦୦ଟଙ୍କା ଚାଷୀ ପାଉଥିବାବେଳେ ରବିବାରଠାରୁ ଇନପୁଟ୍ ସବ୍‌ସିଡି ବାବଦରେ ୮୦୦ଟଙ୍କା ଲେଖାଏଁ ପାଇବେ। ଏଥିନେଇ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି।

### ବିଧାନସଭାରେ ସିଏଜି ରିପୋର୍ଟ ଉପସ୍ଥାପିତ

# ସ୍ୱେରେଜ ପରିଚାଳନାରେ ତ୍ରୁଟି



ଭୁବନେଶ୍ୱର,୭।୧୨(ଭାସ୍କର ନ୍ୟୁଜ): ବିଧାନସଭାର ଶୀତକାଳୀନ ଅଧିବେଶନରେ ଶନିବାର ସିଏଜି ରିପୋର୍ଟ ଉପସ୍ଥାପିତ ହୋଇଛି। ମହାନଗର ସ୍ୱେରେଜ ପରିଚାଳନାରେ ତ୍ରୁଟି ଧରିଛନ୍ତି ସିଏଜି। ମହାନଗର ନିଗମ ସ୍ୱେରେଜ ପରିଚାଳନାରେ ବ୍ୟାପକ ଅନିୟମିତତା ହୋଇଛି। ୩୦୪୫ କୋଟିର ଅର୍ଥ ଅପଚୟ ହୋଇଛି। ଡିପିଆର ପ୍ରସ୍ତୁତିରେ ତ୍ରୁଟି ପାଇଁ ଏହି ଅପଚୟ ହୋଇଥିବା ସିଏଜି ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି। ବର୍ଷାଜଳ, ସ୍ୱେରେଜ ପରିଚାଳନା ବାବଦକୁ କମ୍ ଖର୍ଚ୍ଚ ହୋଇଛି। କନସଲଟାନ୍ସି ସେବାପାଇଁ ଜିଏସ୍‌ଟି ଛାଡ଼ଯୋଗୁ ବ୍ୟାପକ କ୍ଷତି ଘଟିଛି। ପ୍ରାୟ ୩୦ କୋଟି ଟଙ୍କାର କ୍ଷତି ହୋଇଥିବା ସିଏଜି ଦର୍ଶାଇଥିବାବେଳେ ୩୩୩ କୋଟି ଟଙ୍କାର କେନ୍ଦ୍ରୀୟ ସହାୟତା ହରାଇଛନ୍ତି ସରକାର। ସେହିପରି କଟକ ଡ୍ରେନେଜ କାମ ବିଳମ୍ବ ପାଇଁ ୨୪୯ କୋଟି ଅଧିକ ବ୍ୟୟ ହୋଇଛି। ସ୍ୱେରେଜ ବର୍ଜ୍ୟବସ୍ତୁ ପରିଚାଳନାରେ ମହାନଗର ନିଗମ ଫେଲ୍ ମାରିଛି। ୫ ମହାନଗର ନିଗମରେ ଉତ୍ପନ୍ନ ହେଉଛି ୫୫୮ ଏମଏଲଡି ବର୍ଜ୍ୟବସ୍ତୁ। ଏଥିରୁ ସ୍ୱେରେଜ ପ୍ରଣାଳୀରେ ସଂଗ୍ରହ ମାତ୍ର ୫୨ ଏମଏଲଡି। ଅବଶିଷ୍ଟ ୫୦୫ ଏମଏଲଡି ଜଳାଶୟକୁ ଛଡ଼ାଯାଉଛି। ଭୁବନେଶ୍ୱର ସ୍ୱେରେଜ କାମରେ ଅଧିକ ଖର୍ଚ୍ଚ ହୋଇଛି। କାମ ବିଳମ୍ବ ପାଇଁ ଅଧିକ ୫୫୦ କୋଟି ବ୍ୟୟ ହୋଇଛି। ୧୨୩୯ କୋଟିର ପରିବେଶ କ୍ଷତିପୂରଣ ଆଦାୟ ହୋଇନଥିବା ରିପୋର୍ଟରେ ଦର୍ଶାଯାଇଛି। ସେହିପରି ଭୁବନେଶ୍ୱର ସହରକୁ ଜଳ ଯୋଗାଣ ପାଇଁ କୁଆଖାଇ ନଦୀର କୂଅରେ ଥିବା ପାଣି ଅତ୍ୟନ୍ତ ଦୂଷିତ ଥିଲା ବୋଲି ରିପୋର୍ଟରେ କୁହାଯାଇଛି।

### ସୋମବାର ପର୍ଯ୍ୟନ୍ତ ଗୃହ ମୁଲତବୀ

ତେବେ ସିଏଜି ରିପୋର୍ଟ ଉପସ୍ଥାପନ ବେଳେ କଂଗ୍ରେସ ବିଧାୟକମାନେ ପ୍ରବଳ ହଟ୍ଟଗୋଳ କରିଥିଲେ। ଫଳରେ ବାଚସ୍ପତି ସୁରମା ପାଢ଼ୀ ସୋମବାର ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖିଛନ୍ତି।

### ବିଧାନସଭାରେ ଆଇନମନ୍ତ୍ରୀଙ୍କ ସୂଚନା

## ୩ ବର୍ଷରେ ଶ୍ରୀଜଗନ୍ନାଥଙ୍କୁ ମିଳିଛି ୧୧୩ କୋଟି

ଭୁବନେଶ୍ୱର/ପୁରୀ,୭।୧୨(ଭାସ୍କର ନ୍ୟୁଜ): ଦାନ ସୂତ୍ରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ୩ ବର୍ଷରେ ମିଳିଛି ୧୧୩ କୋଟି ଟଙ୍କା। ଏ ନେଇ ଶନିବାର ବିଧାନସଭାରେ ସୂଚନା ଦେଇଛନ୍ତି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ବିଧାୟକ ସନାତନ ମହାକୁଡ଼ଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଥିଲେ ଯେ ମହାପ୍ରଭୁଙ୍କ ହୁଣ୍ଡି, ବ୍ୟାଙ୍କ ଆକାଉଣ୍ଟ ଏବଂ ଅନ୍ୟାନ୍ୟ ସୂତ୍ରରୁ ଦାନ ଆକାରରେ ଏହି ଅର୍ଥ ମିଳିଛି। ୨୦୨୧ରୁ ୨୦୨୪ ମଧ୍ୟରେ ମହାପ୍ରଭୁଙ୍କୁ ମିଳିଛି ୧୧୩ କୋଟି ୨ ଲକ୍ଷ ୫୫ ହଜାର ୮୮୯ ଟଙ୍କା। ୨୦୨୧-୨୨ରେ ହୁଣ୍ଡିରୁ ୮ କୋଟି ୨୩ ଲକ୍ଷ ୧୩ହଜାର ୧୨୭ଟଙ୍କା ମିଳିଥିବାବେଳେ ୨୦୨୨-୨୩ରେ ୧୫ କୋଟି ୪୬ଲକ୍ଷ ୧୭ହଜାର ୧୫୨ ଟଙ୍କା ଓ ୨୦୨୩-୨୪ରେ ୧୬କୋଟି ୯୨ଲକ୍ଷ ୩୬ହଜାର ୯୭୪ ଟଙ୍କା ମିଳିଛି। ସେହିପରି ବ୍ୟାଙ୍କ ଆକାଉଣ୍ଟ ଜରିଆରେ ମହାପ୍ରଭୁଙ୍କୁ ୨୦୨୧-୨୨ରେ ୬କୋଟି ୮୩ଲକ୍ଷ ୩୧ହଜାର ୯୬୧ ଟଙ୍କା ମିଳିଥିବାବେଳେ ୨୦୨୨-୨୩ରେ ୩୦ କୋଟି ୭୨ଲକ୍ଷ ୨୭ହଜାର ୨୧୬ଟଙ୍କା ଏବଂ ୨୦୨୩-୨୪ରେ ୨୨ କୋଟି ୨୪ଲକ୍ଷ ୩୯ହଜାର ୯୧୮ଟଙ୍କା ମିଳିଛି। ସେହିପରି ଅନ୍ୟାନ୍ୟ ସୂତ୍ରରୁ ମନ୍ଦିରକୁ ୨୦୨୧-୨୨ରେ ୨ କୋଟି ୨୫ଲକ୍ଷ ୩୧ହଜାର ୪୯୭ ଟଙ୍କା ମିଳିଥିବାବେଳେ ୨୦୨୨-୨୩ରେ ୪ କୋଟି ୬୨ଲକ୍ଷ ୩୪୩ଟଙ୍କା ଓ ୨୦୨୩-୨୪ରେ ୫ କୋଟି ୭୩ଲକ୍ଷ ୫୭ହଜାର ୭୦୧ଟଙ୍କା ମିଳିଛି।

## ପ୍ରଧାନମନ୍ତ୍ରୀଙ୍କୁ ପୁଣି ହତ୍ୟା ଧମକ

ମୁମ୍ବାଇ,୭।୧୨: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପୁଣିଥରେ ହତ୍ୟା ଧମକ ଦିଆଯାଇଛି। ଏ ନେଇ ମୁମ୍ବାଇ ପୋଲିସ ନିକଟକୁ ହ୍ୱାଟ୍ସଅପ୍‌ରେ ଶନିବାର ଏକ ବାର୍ତ୍ତା ଆସିଛି। ଏହି ଧମକ ସୂଚନା ମିଳିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଏହି ହ୍ୱାଟ୍ସଅପ୍ ବାର୍ତ୍ତାଟି ରାଜସ୍ଥାନର ଆଜମେରରୁ ଆସିଥିବା ଜଣାପଡ଼ିବା ପରେ ପୋଲିସର ଏକ ଟିମ୍ ଆଜମେରକୁ ଯାଇଛନ୍ତି। ମୁମ୍ବାଇ ପୋଲିସ ପକ୍ଷରୁ କୁହାଯାଇଛି ଯେ ଟ୍ରାଫିକ ପୋଲିସର ହେଲ୍ପଲାଇନ ହ୍ୱାଟ୍ସଅପ୍ ନମ୍ବରରେ ଏହି ମେସେଜ ଆସିଛି। ବାର୍ତ୍ତାରେ କୁହାଯାଇଛି ଯେ ୨ଜଣ ଆଇଏସ୍ଆଇ ଏଜେଣ୍ଟ ମୋଦୀଙ୍କୁ ଟାର୍ଗେଟ କରିବା ସହ ବୋମା ବିସ୍ଫୋରଣ ପାଇଁ ଷଡ଼ଯନ୍ତ୍ର ରଚିଛନ୍ତି। ତେବେ ମୁମ୍ବାଇ ପୋଲିସ ପକ୍ଷରୁ କୁହାଯାଇଛି ଯେ ବାର୍ତ୍ତା ପଠାଇଥିବା ବ୍ୟକ୍ତି ମାନସିକ ସ୍ତରରେ ବିକୃତ କିମ୍ବା ମଦ୍ୟପାନ କରି ଏହା ପଠାଇଛନ୍ତି। ପୋଲିସ ଏ ନେଇ ଏକ ଏତଲା ଦରଜ କରିଛି। ସୂଚନାଯୋଗ୍ୟ ଯେ ଗତ ନଭେମ୍ବର ୨୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ହତ୍ୟା କରିବା ପାଇଁ ମୁମ୍ବାଇ ପୋଲିସ କଣ୍ଟ୍ରୋଲ ରୁମ୍‌କୁ ଏକ କଲ୍ ମଧ୍ୟ ଆସିଥିଲା। ପରେ କଲ୍ କରିଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଥିଲା ଓ ଏ ନେଇ ଏକ ମାମଲା ମଧ୍ୟ ରୁଜୁ ହୋଇଥିଲା। ମୁମ୍ବାଇ ପୋଲିସର ଏକ ଟିମ୍ ସଂପୃକ୍ତ ମହିଳାଙ୍କୁ ଗିରଫ କରିଥିଲା। ମହିଳା ଜଣକ ମାନସିକ ସ୍ତରରେ ଅସ୍ଥିର ଥିବା ଏବଂ ଏହି କଲ୍ ପଠାଇବା ତାଙ୍କର ଏକ ପ୍ରବୃତ୍ତି ବୋଲି ମଧ୍ୟ କହିଥିଲା। ତେବେ ମହିଳାଙ୍କର କୌଣସି ପୂର୍ବ ଅପରାଧିକ ରେକର୍ଡ ଥିବା ଜଣାପଡ଼ିନଥିଲା।


ସୁଯୋଗ ହରାନ୍ତୁ ନାହିଁ
ଆପଣଙ୍କ ଅଗ୍ରୀମ କର ପ୍ରଦାନ କରନ୍ତୁ
ଏବଂ
ଭାରତକୁ ବିକଶିତ କରିବା ପାଇଁ ଆପଣଙ୍କ ଯୋଗଦାନ ଦିଅନ୍ତୁ




କେଉଁମାନେ ଅଗ୍ରୀମ କର ପ୍ରଦାନ କରିବେ

ପ୍ରତ୍ୟେକ ବ୍ୟକ୍ତି ଯାହାର ଆର୍ଥିକବର୍ଷ ୨୦୨୪-୨୫ରେ ଯେଉଁ ଉତ୍ସରେ ସଂଗୃହୀତ ଟିକସ ଦ୍ୱାରା ହ୍ରାସ ହୋଇଛି ୧୦,୦୦୦ କିମ୍ବା ତା'ଠାରୁ ଅଧିକ କର ପ୍ରଦାନ କରିବାକୁ ପଡ଼ିବ।

ପ୍ରଦାନର ତରିକା

- କରଦାତା ଅନଲାଇନ ଏବଂ ଅଫ୍‌ଲାଇନ୍ ଦୁଇ ପ୍ରକାର ତରିକାରେ ଅଗ୍ରୀମ କରି ଦାଖଲ କରିପାରିବେ। ସମସ୍ତ କମ୍ପାନୀ ଏବଂ ଏହାର ନିର୍ଦ୍ଧାରିତ ଯାହାର ଖାତାରେ ଆୟକର ଅଧିନିୟମ ୧୯୬୧ର ଧାରା ୪୪ ଏବି ଅଧୀନରେ ଲେଖା-ପରୀକ୍ଷା ଉପେକ୍ଷିତ, ସେହିମାନଙ୍କ ପାଇଁ ଇ-ପେମେଣ୍ଟ ଅନିର୍ବାର୍ଯ୍ୟ।
- ଇ-ପେମେଣ୍ଟ ଅନ୍ୟ କରଦାତାଙ୍କ ପାଇଁ ବି ସୁବିଧାଜନକ, ଯାହା ସଠିକ କ୍ରେଡିଟକୁ ସୁନିଶ୍ଚିତ କରେ।

ଅଗ୍ରାମୀ କର ଦାଖଲର ସମୟ ସୀମା

| ପ୍ରଦାନ ତାରିଖ | ପରିମାଣ |
|---|---|
| ୧. ୧୫ ଜୁନ୍, ୨୦୨୪ ପୂର୍ବରୁ ବା ପରେ | ଅଗ୍ରୀମ କରର ୧୫% |
| ୨. ୧୫ ସେପ୍ଟେମ୍ବର ୨୦୨୪ ପୂର୍ବରୁ ବା ପରେ | ଅଗ୍ରୀମ କରର ୪୫% |
| ୩. ୧୫ ଡିସେମ୍ବର ୨୦୨୪ ପୂର୍ବରୁ ବା ପରେ | ଅଗ୍ରୀମ କରର ୭୫% |
| ୪. ୧୫ ମାର୍ଚ୍ଚ ୨୦୨୫ ପୂର୍ବରୁ ବା ପରେ | ଅଗ୍ରୀମ କରର ୧୦୦% |

ଅଗ୍ରୀମ କରର କମ୍ ପ୍ରଦାନ କରିବା/ ପ୍ରଦାନ କରିବାରେ ବିଳମ୍ବ କରିବା ପାଇଁ ଲେଭି ଦେବାକୁ ପଡ଼ିବ।
ଯେଉଁ ବ୍ୟକ୍ତିମାନେ ଆର୍ଥିକବର୍ଷ ୨୦୨୪-୨୫ ପାଇଁ ପ୍ରକଳ୍ପିତ କରଧନ ଯୋଜନାର ବିକଳ୍ପ ବାଛିବାକୁ ପଡ଼ିବ, ସେମାନେ ୧୫ ମାର୍ଚ୍ଚ ୨୦୨୫ ପର୍ଯ୍ୟନ୍ତ ଏକକାଳୀନ ଅଗ୍ରୀମ କର ପ୍ରଦାନ କରିବାକୁ ପଡ଼ିବ। ସେମାନେ ଅତିରିକ୍ତ, ବରିଷ୍ଠ ନାଗରିକ (୬୦ବର୍ଷରୁ ଅଧିକ ବ୍ୟକ୍ତି) ଅଗ୍ରୀମ କର ପ୍ରଦାନର ଆବଶ୍ୟକତା ନାହିଁ, ଯଦି ସେମାନଙ୍କର ବ୍ୟବସାୟ କିମ୍ବା ଅନ୍ୟ କୌଣସି ବୃତ୍ତିରୁ ଆୟ ନଥିବ।

CBC15401/13/0009/2425

ଅଗ୍ରୀମ କର ବ୍ରୋଚର ନିମନ୍ତେ କ୍ୟୁଆର କୋଡ୍ ସ୍କାନ କରନ୍ତୁ

ଆୟକର ବିଭାଗ
କେନ୍ଦ୍ରୀୟ ପ୍ରତ୍ୟକ୍ଷ କରବୋର୍ଡ
ଅଧିକ ଜାଣିବା ପାଇଁ ଦୟାକରି www.incometax.gov.in କୁ ଯାଆନ୍ତୁ

ଅଧିକ ଜାଣିବା ନିମନ୍ତେ କ୍ୟୁଆର କୋଡ୍ ସ୍କାନ କରନ୍ତୁ

@IncomeTaxIndia @incometaxindia.Official @IncomeTaxIndiaOfficial @incometaxindiaofficial Income Tax India Official



" ପୁସ୍ତକ ହିଁ ସତ୍ ଚରିତ୍ର ଗଠନର ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। "

-ସ୍ୱାମୀ ବିବେକାନନ୍ଦ



" ଅସାଧୁ ହୁଅଇ ସାଧୁ ସାଧୁର ସଙ୍ଗରେ ନିର୍ମଳ ପଙ୍କିଳ ଜଳ ନିର୍ମଳ ଯୋଗରେ। "

-ମଧୁସୂଦନ ରାଓ



# ଚିତ୍ତୋର, ଧାଈ ପନ୍ନା ଏବଂ ସିଟି ପ୍ୟାଲେସ୍



ସୁଜାତା ପ୍ରହରାଜ
ଭୁବନେଶ୍ୱର
ମୋ : ୮୨୪୯୭୦୫୪୨୧

ମେୱାଡର ରାଜା ମହାରାଣା ପ୍ରତାପ - ଯାହାଙ୍କର ସୌର୍ଯ୍ୟର ଗୌରବମୟ ଗାଥା ଭାରତୀୟ ଇତିହାସର ପୃଷ୍ଠା ମଣ୍ଡନ କରେ; ଯାହାଙ୍କର ବୀରତ୍ୱ ଓ ଦେଶଭକ୍ତି ଆଗରେ ପ୍ରତି ଭାରତୀୟମଥା ଅବନମିତ; ଯାହାଙ୍କର ପିତା ମହାରାଣା ଉଦୟ ସିଂହଙ୍କ ଦ୍ୱାରା ସ୍ଥାପିତ ସହର ଉଦୟପୁର ନିଜର ଐଶ୍ୱର୍ଯ୍ୟ ଓ ସୌନ୍ଦର୍ଯ୍ୟ ପାଇଁ ବିଶ୍ୱପ୍ରସିଦ୍ଧ, ସେହି ମହାରାଜାଙ୍କର ବଂଶଧରଙ୍କ ବିବାଦ ଆଜି ହିଂସାତ୍ମକ ରୂପ ନେଇଛି। କେବଳ ଜଣେ ବଂଶଜଙ୍କ ଅଧିକାରରେ ଥିବା ସମ୍ପତ୍ତିର ମୂଲ୍ୟ ଷାଠିଏହଜାର କୋଟି ଟଙ୍କାରୁ ଅଧିକ ହେବ ବୋଲି ଆକଳନ କରାଯାଇଛି। ସମ୍ପତ୍ତି ପାଇଁ ପାରିବାରିକ ବିବାଦର ସଦ୍ୟତମ ଜ୍ୱଳନ୍ତ ଉଦାହରଣ ଉଦୟପୁର ରାଜବଂଶ। ଚାରିଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ନ୍ୟାୟାଳୟରେ ମକଦ୍ଦମା ଚାଲିଥିବା ବେଳେ ରାଜବଂଶର ଦୁଇ ଦାୟାଦଙ୍କ ଭିତରର କଳି ଦେଶର ମୁଖ୍ୟସମ୍ବାଦ ହୋଇଛି।

ଭାରତର ପଶ୍ଚିମଭାଗରେ ଅବସ୍ଥିତ ସ୍ୱର୍ଣ୍ଣଭୂମି ବୀରଭୂମି ଆଜିର ସବୁଠାରୁ ବଡ଼ରାଜ୍ୟ ରାଜସ୍ଥାନରେ ରାଜୁତି କରୁଥିଲେ ବିଭିନ୍ନ ସ୍ୱାଧୀନ ରାଜପୁତ ରାଜା। ଦେଶର ସବୁଠାରୁ ଶକ୍ତିଶାଳୀ, ଲଢୁଆ, ବିତ୍ତଶାଳୀ ଏବଂ ଦେଶଭକ୍ତ ଭାବରେ ବିଖ୍ୟାତ ରାଜପୁତ ଭାରତକୁ ଶକ୍ତିଶାଳୀ ବାହ୍ୟଶତ୍ରୁ ବିଶେଷ କରି ମୋଗଲଙ୍କୁ ପ୍ରତିରୋଧ କରିବାରେ ମୁଖ୍ୟଭୂମିକା ଗ୍ରହଣ କରିଥିଲେ। ସମସ୍ତ ରାଜାମହାରାଜାଙ୍କ ଭିତରେ ଶେଷ ପର୍ଯ୍ୟନ୍ତ ଦେଶ ପାଇଁ ଲଢ଼ିବା ରାଜାଙ୍କ ଭିତରେ ଥିଲେ ପୃଥ୍ୱୀରାଜ ଚୌହାନ ଏବଂ ମେୱାରର ସୀସୋଦୀୟ ବଂଶର ମହାରାଣା ପ୍ରତାପ। ମେୱାରର ଶାସକମାନେ ଖାଲି ଶାସନ ବା ବୀରତ୍ୱ ପାଇଁ ପ୍ରସିଦ୍ଧ ନ ଥିଲେ। ସେମାନେ କଳା, ସ୍ଥାପତ୍ୟ, ନୃତ୍ୟସଙ୍ଗୀତ ଇତ୍ୟାଦିର ପୃଷ୍ଠପୋଷକ ଥିଲେ।

ବପ୍ପା ରାୱଲଙ୍କ ଦ୍ୱାରା ପ୍ରତିଷ୍ଠିତ ମେୱାଡ ରାଜବଂଶ ଆଜି ମଧ୍ୟ ମେୱାଡର ରାଜା। ରାଣା ସଂଗ୍ରାମ ସିଂହ (ରାଣା ସାଙ୍ଗା)ଙ୍କ ଭାଇଙ୍କର ଅବୈଧ ସନ୍ତାନ ବନବୀର ସିଂହଙ୍କର ରାଜ୍ୟ ଉପରେ ଲୋଲୁପଦୃଷ୍ଟି ପଡ଼ିଥିଲା। ରାଣା ସାଙ୍ଗାଙ୍କର ଜ୍ୟେଷ୍ଠପୁତ୍ର ବିକ୍ରମାଦିତ୍ୟଙ୍କୁ ମାରିବା ପରେ କନିଷ୍ଠପୁତ୍ର ଶିଶୁ ଉଦୟ ସିଂହଙ୍କୁ ମାରିବାକୁ ସେ ଅନେକ ଥର ଚେଷ୍ଟା କଲେ। ଏକଥା ଶିଶୁ ଉଦୟଙ୍କର ଧାଈ ମା' ପନ୍ନା ଜାଣିପାରିଥିଲେ। ଦିନେ ବନବୀରଙ୍କୁ ଖଡ୍ଗହସ୍ତ ଆସିବାର ଦେଖି ପନ୍ନା ନିଜ ପୁଅ ଚନ୍ଦନକୁ ଶିଶୁ ଉଦୟ ସିଂହଙ୍କ ଜାଗାରେ ଶୁଆଇ ଦେଇ ବୋଝରେ ଉଦୟଙ୍କୁ ଲୁଚାଇ କୁମ୍ଭଲଗଡ଼ ପଠାଇ ଦେଲେ। ଆଖିଆଗରେ ନିଜ ପୁଅକୁ ଖଣ୍ଡବିଖଣ୍ଡିତ ହେବାର ଦେଖିଥିଲେ ପନ୍ନା। ନିଜର ପ୍ରଭୁଭକ୍ତି ଏବଂ ବଳିଦାନ ପାଇଁ ସେ ଚିରବନ୍ଦିତା।

କୁମ୍ଭଲଗଡ଼ରେ ବାଳକ ଉଦୟ ସିଂହଙ୍କର ରାଜ୍ୟାଭିଷେକ ହେଲା। ସାମନ୍ତଙ୍କ ସାହାଯ୍ୟରେ ସେ ଚିତ୍ତୋରଗଡ଼ରେ ବନବୀରଙ୍କୁ ହତ୍ୟା କରି ଶାସନ ଆରମ୍ଭ କଲେ। କିଛିବର୍ଷ ଶାସନ କରିବା ପରେ ଉଦୟ ସିଂହ ଅନୁଭବ କରିଥିଲେ ଯେ ଚିତ୍ତୋରଗଡ଼ ସବୁଠାରୁ ଅସୁରକ୍ଷିତ ସ୍ଥାନ। ଦିଲ୍ଲୀ ଓ ଗୁଜରାଟ ରାସ୍ତାରେ ପ୍ରାଚୁର୍ଯ୍ୟପୂର୍ଣ୍ଣ ଚିତ୍ତୋରଗଡ଼ ପଡୁଥିବାରୁ ମୋଗଲ ଏହାକୁ ଜିତି ଅଧିକାର କରିବାକୁ ଚାହୁଁଥିଲେ। ସବୁବେଳେ ଯୁଦ୍ଧ ଲାଗୁଥିଲା। ଆଲ୍ଲା ଉଦ୍ଦିନ ଖିଲଜୀ ଓ ସୁଲତାନ ବାହାଦୁର ଶାହ ଏହା ଉପରେ ଆକ୍ରମଣ କରିଥିଲେ। ଏହାଛଡା ଏହା ଏକ ପଥୁରିଆ ଅଞ୍ଚଳ ଥିବାରୁ ଖାଦ୍ୟର ଅଭାବ ମଧ୍ୟ ଦେଖା ଦେଉଥିଲା। ଯୁଦ୍ଧ ସମୟରେ ହଠାତ କେହି ସାହାଯ୍ୟ କରିବାକୁ ଆସିପାରୁ ନଥିଲେ। ତେଣୁ ସେ ରାଜଧାନୀ ପରିବର୍ତ୍ତନ କରିବାକୁ ଚାହୁଁଥିଲେ।

ପିଛୋଲା ହ୍ରଦ ନିକଟରେ ସେ ନୂଆ ନଗର ବସାଇବା ପାଇଁ ସ୍ଥିର କଲେ। ଦୁଇଶହ ବର୍ଷ ଧରି ମେୱାଡର ରାଜଧାନୀ ଥିବା ଆହର ସହରର ପାଖରେ ଏହା ଥିଲା ଏବଂ ରାଜ୍ୟର ସବୁ ମୁଖ୍ୟରାସ୍ତା ଏଠାରେ ମିଶୁଥିଲେ। ଏହି ଭୂଖଣ୍ଡ ଆରାବଳୀ ପର୍ବତଶ୍ରେଣୀର

## ମୁଦ୍ରା କାହାଣୀ

ଘନଜଙ୍ଗଲ ଦ୍ୱାରା ଘେରେଇ ହୋଇ ରହିଥିବାରୁ ବାହ୍ୟ ଆକ୍ରମଣ ସହଜ ନ ଥିଲା। ତେଣୁ ପିଛୋଲା ହ୍ରଦକୁ ବଡ଼ କରି ସେ ସେଠାରେ ମହଲ ନିର୍ମାଣ ଆରମ୍ଭ କଲେ। ଆଜି ତାହା ଭବ୍ୟ ସୁନ୍ଦର ସିଟି ପ୍ୟାଲେସ୍। ସମୟ ଅତିକ୍ରାନ୍ତ ସହିତ ରାଜାମାନେ ପାଞ୍ଚଟି ବଡ଼ ହ୍ରଦ ସୃଷ୍ଟି କଲେ ଯାହା ପାଇଁ ଉଦୟପୁର 'ହ୍ରଦ ନଗରୀ' ଭାବରେ ପ୍ରସିଦ୍ଧି ଅର୍ଜନ କରିଛି। ଆରାବଳୀ ପର୍ବତ ଖଣିଜସମ୍ପଦରେ ପୂର୍ଣ୍ଣ। ତମ୍ବା, ରୂପା, ସୀସା, ଜିଙ୍କ୍ ଏବଂ ଲୁହା ପରି ଧାତୁ ଉତ୍ତୋଳନ ଯୋଗୁ ରାଜ୍ୟର ସମୃଦ୍ଧି ଘଟିଲା। ସେଥିପାଇଁ କେବଳ ବିରାଟ କାରୁକାର୍ଯ୍ୟମୟ ସୁନ୍ଦର ରାଜମହଲ ନୁହେଁ, ସାଧାରଣ ଲୋକଙ୍କ ଘର ମଧ୍ୟ ଛୋଟଛୋଟ ମହଲ ଥିଲା। ମହାରାଜା ଉଦୟ ସିଂହଙ୍କ ନାମ ଅନୁସାରେ ନୂଆନଗରର ଉଦୟପୁର ମେୱାଡର ରାଜଧାନୀ ହେଲା।

ସମସ୍ତ ରାଜପୁତ ମହଲ ପରି ଉଦୟପୁର ରାଜମହଲ କଳା ଓ ଭାସ୍କର୍ଯ୍ୟର ଜୀବନ୍ତ ପରିପ୍ରକାଶ। ନିଜର ଆରାଧ୍ୟ ଦେବତାଙ୍କର ଭବ୍ୟ ମନ୍ଦିର ପ୍ରତିଷ୍ଠା କରି ସେମାନେ ଦେବତାଙ୍କର ପ୍ରତିନିଧି 'ଦିୱାନ' ଭାବରେ ରାଜ୍ୟଶାସନ କରୁଥିଲେ। ରାଣା ପ୍ରତାପ ଧୂଣୀମାତାଙ୍କୁ ନିଜର କୂଳଦେବୀ ରୂପେ ପ୍ରତିଷ୍ଠା କରିଥିଲେ। ପ୍ରତିଦିନ ମାତାଙ୍କର ଦର୍ଶନ ପରେ ସେ ନିଜର କାର୍ଯ୍ୟ ଆରମ୍ଭ କରୁଥିଲେ। ଧୂଣୀମାତା ସବୁ ବିପଦରୁ ରାଜ୍ୟକୁ ସୁରକ୍ଷା ପ୍ରଦାନ କରନ୍ତି ବୋଲି ରାଜାମାନଙ୍କର ବିଶ୍ୱାସ। ଏହା ଧୀରେଧୀରେ ପରମ୍ପରାରେ ପରିଣତ ହୋଇଥିଲା। ରାଜପରିବାରର ଇଷ୍ଟଦେବ ଏକଲିଙ୍ଗେଶ୍ୱର ଯାହାଙ୍କର ଆଶୀର୍ବାଦ ଯୋଗୁ ଉଦୟପୁର ଆଜି ପର୍ଯ୍ୟନ୍ତ ସୁରକ୍ଷିତ ରହିପାରିଛି ବୋଲି ଲୋକଙ୍କର ବିଶ୍ୱାସ।

ବର୍ତ୍ତମାନ ରାଜବଂଶର ୭୬ତମ ପୀଢ଼ିର ଦାୟାଦଙ୍କ ଭିତରର କଳି ହିଂସାର ରୂପ ନେଇଛି। ରାତିଅଧରେ ପଥରମାଡ଼ରେ ତିନିଜଣଙ୍କର ମୃତ୍ୟୁ ଘଟିଛି। ନିକଟରେ ରାଜା ମହେନ୍ଦ୍ର ସିଂହଙ୍କ ମୃତ୍ୟୁ ପରେ ତାଙ୍କ ପୁତ୍ର ବିଶ୍ୱରାଜ ସିଂହଙ୍କର ଚିତ୍ତୋରରେ ରାଜ୍ୟାଭିଷେକ ହୋଇଛି। ବିଶ୍ୱରାଜ ସିଂହ ଭାରତୀୟ ଜନତା ପାର୍ଟିର ବିଧାନସଭାର ସଦସ୍ୟ ହୋଇଥିବା ବେଳେ ତାଙ୍କ ପତ୍ନୀ ମହିମା କୁମାରୀ ରାଜସମନ୍ଦର ଲୋକସଭା ନିର୍ବାଚନ ମଣ୍ଡଳୀର ଭାରତୀୟ ଜନତା ପାର୍ଟି ସାଂସଦ। ଯଦିଓ ବିବାଦ କୂଳଦେବୀଙ୍କୁ ଦେଖିବାକୁ ସୁଯୋଗ ନ ଦେବାକୁ ନେଇ ସୃଷ୍ଟି ହୋଇଛି ବୋଲି କୁହାଯାଉଛି ଅସଲ ବିବାଦ ପଛରେ ଅଛି ରାଜମହଲର ତିନି ମୁଖ୍ୟସମ୍ପତ୍ତି - ଶମ୍ଭୁ ନିବାସ, ବଡ଼ୀ ପାଲ୍ ଏବଂ ଘାସଘର।

ଆଜି ଦାଦା-ପୁତୁରା ବା ଦୁଇ ଭାଇ ଯେଉଁ ବିବାଦରେ ଲିପ୍ତ ତାହା ପ୍ରକୃତରେ ଚାଳିଶବର୍ଷର ପିତା-ପୁତ୍ର ଭିତରର ବିବାଦ। ଶେଷ ମହାରାଣା ଭଗବତ ସିଂହ ନିଜ ସମୟରେ ରାଜସମ୍ପତ୍ତିର କିଛି ଅଂଶ ଦାନ କରିଦେଲେ ଏବଂ ବୃହଦଂଶ ବିକ୍ରି କରି ଦେଇଥିଲେ। ଲେକ୍ ପାଲେସ୍, ଜଗ୍ ମନ୍ଦିର, ଶିବ ନିବାସ, ଜଗ ନିବାସ, ଫତେହ ପ୍ରକାଶ, ସଂଗ୍ରହାଳୟ ଆଦି ଅନେକ ସମ୍ପତ୍ତି ବିକ୍ରି କରିଦେଲେ। ସମ୍ପତ୍ତି ରାଜବଂଶ ଦ୍ୱାରା ପରିଚାଳିତ ମହାରାଣା ମେୱାଡ ଚାରିଟେବଲ୍ ଫାଉଣ୍ଡେସନ୍ ଟ୍ରଷ୍ଟ୍‌କୁ ହସ୍ତାନ୍ତରିତ ହୋଇଗଲା। ସେହିଠାରୁ ବିବାଦ ଆରମ୍ଭ ହେଲା। ଭଗବତ ସିଂହଙ୍କର ଦୁଇ ପୁତ୍ର ଥିଲେ। ମହେନ୍ଦ୍ର ସିଂହ ମେୱାଡ ଏବଂ ଅରବିନ୍ଦ ସିଂହ ମେୱାଡ। ରାଜବଂଶର ପରମ୍ପରା ଅନୁସାରେ ଜ୍ୟେଷ୍ଠ ପୁତ୍ର ସିଂହାସନ ଓ ସମ୍ପତ୍ତିର ଉତ୍ତରାଧିକାରୀ। କିନ୍ତୁ ପିତା ସମ୍ପତ୍ତି ତାଙ୍କ ପାଇଁ ନ ରଖି ଟ୍ରଷ୍ଟକୁ ଦେଇଦେବାରୁ ମହେନ୍ଦ୍ର ସିଂହ ତାଙ୍କ ବିରୁଦ୍ଧରେ ୧୯୮୩ ମସିହାରେ ମାମଲା ରୁଜୁ କଲେ। ଏଥିରେ କ୍ରୋଧିତ ହୋଇ ପିତା ୧୯୮୪ ମସିହାରେ ନିଜର ଇଚ୍ଛାପତ୍ରରେ ବଡ଼ପୁଅକୁ କେବଳ ରାଜମହଲରୁ ନୁହେଁ, ନିଜର ସମସ୍ତ ସମ୍ପତ୍ତି ଓ ଟ୍ରଷ୍ଟରୁ ବେଦଖଲ କରି ସାନପୁଅ ଅରବିନ୍ଦ ସିଂହ ମେୱାଡଙ୍କୁ ମହଲ ସହିତ ସବୁ ସମ୍ପତ୍ତିର 'ଏକ୍‌ଜିକ୍ୟୁଟର' ଭାବରେ ନିଯୁକ୍ତ କରିଦେଲେ। ମହାରାଣା ମେୱାଡ ଚାରିଟେବଲ ଫାଉଣ୍ଡେସନ୍ ଟ୍ରଷ୍ଟ ଅରବିନ୍ଦ ସିଂହ ମେୱାଡଙ୍କ ଅଧୀନରେ। ବୟସାଧିକ୍ୟ ଯୋଗୁ ପିତା ସମ୍ପତ୍ତିର ପ୍ରତ୍ୟକ୍ଷ ଦେଖରେଖ କରିପାରୁ ନଥିବାରୁ ପୁତ୍ର ଲକ୍ଷରାଜ ସିଂହ ସମସ୍ତ ସମ୍ପତ୍ତିର ଦାୟିତ୍ୱ ନେଇଛନ୍ତି।

ଗଣ୍ଡଗୋଳ ସୃଷ୍ଟି ହୋଇଥିଲା ଯେତେବେଳେ ନୂତନ ରାଜା ଭାବେ ଅଭିଷିକ୍ତ ବିଶ୍ୱରାଜ ସିଂହ ଆରାଧ୍ୟାଦେବୀ ଧୂଣୀମାତାଙ୍କୁ ଦର୍ଶନ କରିବାକୁ ବାହାରିଲେ। ଧୂଣୀମାତା ମନ୍ଦିର ରାଜମହଲ ସିଟି ପ୍ୟାଲେସ୍‌ରେ ଅବସ୍ଥିତ। ବଂଶ ପରମ୍ପରା ହୋଇଥିବାରୁ ରାଜା ସେଠିକି ଯିବେ ବୋଲି ଲକ୍ଷରାଜ ସିଂହ ଜାଣିଥିଲେ। ତାଙ୍କୁ ନ ଛାଡ଼ିବା ପାଇଁ ବାହାରର କୌଣସି ଲୋକଙ୍କୁ ପ୍ରବେଶ କରାଇ ଦିଆଯିବ ନାହିଁ ବୋଲି ଆଗରୁ ଘୋଷଣା କରିବା ସହିତ ସହରରେ ବଡ଼ବଡ଼ ବିଜ୍ଞାପନ ମେଡ଼ ଲଗେଇଦେଲେ। ବିଶ୍ୱରାଜ ସିଂହ ଦୀର୍ଘବର୍ଷ ଧରି ସିଟି ପ୍ୟାଲେସ୍ ଯାଉ ନ ଥିଲେ, ଏବେ ନିଜର ସମର୍ଥକଙ୍କ ସହିତ ମନ୍ଦଉଦ୍ଦେଶ୍ୟ ରଖି ମହଲରେ ପଶିବାକୁ ଚାହୁଁଥିଲେ ବୋଲି ଲକ୍ଷରାଜ ସିଂହଙ୍କର ଅଭିଯୋଗ।

ବିପକ୍ଷଦଳର କହିବା କଥା ହେଲା ଲକ୍ଷରାଜ ସିଂହ ମହଲରେ ନିଜର ସେନାବାହିନୀ ରଖିଛନ୍ତି। ନଅର ଭିତରୁ ପ୍ରଥମେ ପଥରମାଡ଼ ହୋଇଥିଲା। ବଂଶ ପରମ୍ପରାକୁ ସମ୍ମାନ ଜଣାଇ ଲକ୍ଷରାଜ ସିଂହ ନୂଆ ରାଜାଙ୍କୁ ଇଷ୍ଟଦେବୀଙ୍କୁ ପୂଜା କରିବାର ସୁଯୋଗ ନଦେବା ନିଶ୍ଚିତ ଭାବରେ ନିନ୍ଦନୀୟ। ଅପରପଟୁ ଆକ୍ରମଣ ନହେବା ପୂର୍ବରୁ ଆକ୍ରମଣ ଆରମ୍ଭ କରି ଦୀର୍ଘକାଳର ସୁପ୍ତବିବାଦକୁ ସେ ଜାଗ୍ରତ କରିଛନ୍ତି। ଏଥିରେ କ୍ଷତି ହୋଇଛି ସାଧାରଣ ଲୋକଙ୍କର। ଲୋକଙ୍କର କହିବା କଥା ହେଉଛି ରାଜପରିବାରରେ ଯେତେ ବିବାଦ ଥାଉ, ପରମ୍ପରା ଓ ନିୟମ ଅନୁସାରେ ଯିଏ ରାଜା ହେବା କଥା ସେ ହୋଇଛନ୍ତି। ମେୱାଡର ସମୃଦ୍ଧ ଇତିହାସ, ପରମ୍ପରା ଓ ଗରିମା ପାଇଁ ରାଜାଙ୍କୁ ତାଙ୍କ ଆରାଧ୍ୟ ଦେବଦେବୀଙ୍କୁ ପୂଜିବାକୁ ନଦେଇ ଗଣ୍ଡଗୋଳ ସୃଷ୍ଟି କରିବା ଠିକ୍ ହୋଇନି ବୋଲି ଲୋକଙ୍କର ମତ। ଶେଷରେ ପ୍ରଶାସନର ହସ୍ତକ୍ଷେପ ଏବଂ ସାଧାରଣ ଲୋକଙ୍କ ଜନମତ ଆଗରେ ମୁଣ୍ଡ ନୁଆଁଇ ଲକ୍ଷରାଜ ସିଂହ ବିଶ୍ୱରାଜ ସିଂହଙ୍କୁ ଦର୍ଶନ ଓ ପୂଜା ପାଇଁ ବାଟ ଛାଡ଼ିଲେ। ପନ୍ନା ଧାଈଙ୍କ ବଳିଦାନ ଠାରୁ ରାଜବଂଶର ଷାଠିଏହଜାର କୋଟି ଟଙ୍କାର ସମ୍ପତ୍ତି ବିବାଦ - ଏହା ଭିତରେ ପାଞ୍ଚଶହ ବର୍ଷରୁ ଊର୍ଦ୍ଧ୍ୱ ସମୟ ଅତିବାହିତ ହେଇସାରିଛି।

## ନୀତିବାଣୀ



**କର୍ମେନ୍ଦ୍ରିୟାଣି ସଂଯମ୍ୟ ଯ ଆସ୍ତେ ମନସା ସ୍ମରନ୍ ।**
**ଇନ୍ଦ୍ରିୟାର୍ଥାନ୍ ବିମୂଢ଼ାତ୍ମା ମିଥ୍ୟାଚାରଃ ସ ଉଚ୍ୟତେ ॥**

**ଭାବାର୍ଥ :** ଯେଉଁ ମୂଢ଼ବୁଦ୍ଧି ମନୁଷ୍ୟ ସମସ୍ତ ଇନ୍ଦ୍ରିୟଙ୍କୁ ବଳପୂର୍ବକ ଉପରୁ ରୁଦ୍ଧ କରିଦେଇ ସେହି ଇନ୍ଦ୍ରିୟମାନଙ୍କର ଭୋଗକୁ ମନ ଦ୍ୱାରା ଚିନ୍ତନ କରୁଥାଏ, ତାହାକୁ ମିଥ୍ୟାଚାରୀ ଅର୍ଥାତ୍ ଦମ୍ଭୀ ବୋଲି କୁହାଯାଏ ।

# ଏକରୁ ସମସ୍ତ ପ୍ରାପ୍ତି



ଉତ୍କଳାନନ୍ଦ ଅଜୟ କୁମାର ବେହେରା
ଅରୁଣୋଦୟ ମାର୍କେଟ, କଟକ
ମୋ: ୯୪୩୭୦୩୧୨୫୩

ଅନେକ ଆବଶ୍ୟକ ନୁହେଁ ଏକରୁ ସବୁ ହାସଲ ଚିନ୍ତାରେ ପୁରୁଷ ପାଇଁ ଏକ ପତ୍ନୀ ବ୍ରତ ନାରୀ ପାଇଁ ଏକ ସ୍ୱାମୀ ବ୍ରତ। ଏକକ ସ୍ୱାମୀ ବା ସ୍ତ୍ରୀ ସୃଷ୍ଟିରେ ଅନେକ ବ୍ୟକ୍ତି ଯହିଁ ଥାଇ ଅବଶ୍ୟ ଉପୁଜଇ କଳି। ଦ୍ୱିମତ ଦୁଇଜଣ ମଧ୍ୟରେ ସୀମିତ ରହିଲେ ବାଧ୍ୟ ହୋଇ ବ୍ୟକ୍ତି ସାବଧାନ କରିବାକୁ ପୁଣି ମନକୁ ମନ ଚେଷ୍ଟା କରନ୍ତି। ସତ୍ୟବାନ ଏକ ଶବ୍ଦ ଏହା ବ୍ୟକ୍ତିଟିଏ ହୋଇବି ପାରେ ମାତ୍ର ପ୍ରକୃତରେ ଏକ ଲୋକ ବ୍ୟବହୃତ ପଦବୀ ବା ସଂଜ୍ଞା। ଯେଉଁ ବ୍ୟକ୍ତି ଏକ ପତ୍ନୀ ହାସଲ ବେଳେ ପୁରୋହିତଙ୍କର ମନ୍ତ୍ର ଉଚ୍ଚାରଣ ଭିତରେ ଅଗ୍ନୀଙ୍କୁ ସାତଥର ପରିକ୍ରମା ସ୍ୱ ସହିତ ନବପରିଣତା ପତ୍ନୀଙ୍କୁ ସାଥିରେ ନେଇ କରିଥାନ୍ତି। ସର୍ବ ସମକ୍ଷରେ ଏତଦ ସତ୍ୟମ ସମ୍ବୋଧନ ପତ୍ନୀ ରୂପେ ସ୍ୱୀକାର କରିବାରେ ସ୍ୱ ପିତାମାତା ବନ୍ଧୁଙ୍କ ମଧ୍ୟରୁ କେହି ପ୍ରତିନିଧି ହୋଇ ନିର୍ବନ୍ଧ ଥାଲିରେ ମହାପ୍ରସାଦ ପୁଟୁଳି ରଖି ଉଚ୍ଚାରଣ ତିନିଥର କରିଥାନ୍ତି। ଏସବୁ ସତ୍ୟ ରକ୍ଷା ଅଗ୍ନୀ ସାକ୍ଷୀ ବିପ୍ର ସାକ୍ଷୀ ପ୍ରୀତିବନ୍ଧବ ମଧ୍ୟରେ ନିଜର କୁଟୁମ୍ବଜନ ସାକ୍ଷୀ ସୂର୍ଯ୍ୟ ଚନ୍ଦ୍ର ସାକ୍ଷୀ ରହିଥାନ୍ତି ଏହି ସତ୍ୟକୁ ସେହି ପାଣିଗ୍ରହଣ କରାଯିବା କନ୍ୟାକୁ ଜୀବନ ସାରା କେବେ କରଛଡ଼ା ନଦେବା ତାଙ୍କ ବ୍ୟତିରେକେ ଅନ୍ୟପ୍ରତି ଆକୃଷ୍ଟ ନହେବା ହିଁ ସତ୍ୟବାନ ଶବ୍ଦର ସାର୍ଥକକାରୀ। ସବୁ ଯୁବକ ବିବାହିତ ଦିନରୁ ସତ୍ୟବାନ ହେବାପାଇଁ ଏକ ସଂକଳ୍ପ ବ୍ରତ।

ଦୁର୍ଗୁଣ ଦୁର୍ଯ୍ୟୋଗ ଦୁର୍ବାକ୍ୟ ଏମିତି ନାରୀ କେତେ ଦୁଃ ଲାଗି ପ୍ରୟୋଗ କରାଯାଇପାରେ। ଏହା ଏକ ନାରୀ ପ୍ରତି ପ୍ରୟୋଗ କରାଯାଉଛି। ନାରୀ ଅର୍ଥ ଯାହାର ଅରି ନାହାଁନ୍ତି ଅର୍ଥାତ ଶତ୍ରୁ ନାହାଁନ୍ତି। ପ୍ରକୃତରେ ସମସ୍ତ ଦେହରେ ମନରେ ସର୍ବଦା ଶତ୍ରୁ ଅଛନ୍ତି, ଛପି ରହିଛନ୍ତି। ଟିକେ ସ୍ୱାର୍ଥରେ ବାଧା ଆସିଲେ ଏମାନେ ଜାଗରୁକ ହୋଇ ପଡ଼ନ୍ତି। ରକ୍ତ ମାଂସର ଦେହ ପାଖରେ ଅସହ୍ୟ ସ୍ଥିତି ଆସିଗଲେ ବିଦ୍ରୋହ ଉଚ୍ଚସ୍ୱର, କର୍କଟ ସ୍ୱର ପାଟିରୁ ବାହାରେ। ଏସବୁ ଉପସର୍ଗ ପ୍ରକୃତରେ ମୂଳ ଭାବ ହିଁ ଅସହ୍ୟ। ଅସହ୍ୟ ଭାବ ନ ଆସିବା ପାଇଁ ସଂକଳ୍ପର ମଞ୍ଜି ବୁଣାଯିବା ଅଗ୍ନୀ ସମ୍ମୁଖରେ କରାଯାଇଥାଏ। ଆକର୍ଷଣ ବିକର୍ଷଣ ଏକ ମୁଦ୍ରାରେ ଦୁଇ ପଟ ପରି ରହିଛି। ମୁଦ୍ରା ନହେଲେ ଦ୍ରବ୍ୟ କ୍ରୟାଦି ହୋଇ ବି ହୋଇନପାରେ ଅତଏବ ପ୍ରତ୍ୟେକ ମୁଦ୍ରାକୁ ପେଟରା ବାକସ ମୁଣି ମନିବେଗରେ ପୁରାଇ ରଖିବା ପରି ଦୁଇକୁ ରଖିବାକୁ ପଡ଼େ। ମୁଦ୍ରା ବିନିମୟରେ ନାନାଦି ଦ୍ରବ୍ୟ ଆହରଣ ପରି ମୁଦ୍ରା ତାହା ବି କରେ। ବିକର୍ଷଣ ଶତ୍ରୁ ପାଇଁ ଆକର୍ଷଣ ନିଜର ପ୍ରିୟଜନ ପାଇଁ ଉଦ୍ଦିଷ୍ଟ। ଏ ମୁଦ୍ରାକୁ ସେପରି ରଖିବା ବ୍ୟକ୍ତି ଜଣେ ଭଲ ସଞ୍ଚୟକାରୀ ମୁଦ୍ରା ମହଜୁଦକାରୀ ହୋଇପାରେ। ଆଜି ବର୍ତ୍ତମାନ ଏହି ମୁହୂର୍ତ୍ତ ଆକର୍ଷଣ କ୍ରିୟ ପ୍ରୟୋଗ ଦୁନିଆଁରେ ପ୍ରେମରେ ରାଜକରେ। ମାତ୍ର ବିକର୍ଷଣ କ୍ରିୟାରେ ଯାଉଥିବା ଲୋକ ଅନ୍ଧପରି ସମୟ କାଟିବାକୁ ବାଧ୍ୟ ହୁଏ। ଅନ୍ୟକୁ କଷ୍ଟ ଦେବ କ'ଣ ନିଜେ କଷ୍ଟ ଜାଲରେ ଛନ୍ଦି ହୁଏ। ନାରୀଟିଏ ରାଣୀରୁ ଦାସୀ ସ୍ତରକୁ ପରେ ଆସିପାରେ। ପ୍ରେମ ନିବିଡ଼ ପାଇଁ ବିବାହ ସଂସାର ବନ୍ଧା, ପ୍ରେମ ଫାଶରୁ ମୁକୁଳିଗଲେ ଗଲା ସୁଖଗଲା, ସଂସାର ଗଲା। କଳି କଳହର ସୂଚନା ଜନ୍ମ ବେଳା ସହିତ ଜଡ଼ିତ ଥାଏ। ଏ ମଧ୍ୟରେ ଅଛି ବିଷକନ୍ୟା ଯୋଗ ଉଆଁସୀ ବୋଷ ୨୭ ଯୋଗରୁ ବିଷ୍କମ୍ଭ ଗଣ୍ଡ ଅତ୍ୟଣ୍ଡ ବଜ୍ର ପରି ଅନେକ ପ୍ରକାଇ ଯୋଗରୁ ତା'ର ବିଷ ବେଳାରେ ଜନ୍ମ ଗଣ୍ଡ କ୍ଷେତ୍ର ଗଣ୍ଡତିଥି ଗଣ୍ଡଲଗ୍ନରେ ଜନ୍ମକୁ ଅନେକ ସାଂଘାତିକ ଗ୍ରହ ଯୋଗର ଜନ୍ମ ଜାତକ। ଅମାବାସ୍ୟା ଚତୁର୍ଦ୍ଦଶୀ କୃଷ୍ଣପକ୍ଷରେ ଓ ଆଗକୁ ଶୁକ୍ଳ ପ୍ରତିପଦ ତିଥି ୨କରଣ ସଂଶ୍ଳିଷ୍ଟ। ଏଇ ଅମାବାସ୍ୟା ଦିନୁ ୨କରଣ ଓ ପୂର୍ବର ୧ କରଣ ଶୁକ୍ଳ ପ୍ରତିପଦର ୧ମ କରଣ ମୋଟ ୪କରଣ ସ୍ଥିର କରଣ। ମାସରେ ଥରେ ଆସନ୍ତି ଏଇ ୪ ସ୍ଥିରକରଣ ଅନ୍ୟ ୭ କରଣ ଚରକରଣ ମାସରେ ଅନେକ ଥର ଆବୃତ୍ତି ହୁଅନ୍ତି। ସ୍ଥିରକରଣ ଦୁଃଖଦାୟୀ ଫଳ ଜନ୍ମିତ ବ୍ୟକ୍ତିଙ୍କୁ ଦିଅନ୍ତି।

ସୌର ବୃଷ ମାସ ହେଉଛି ଚନ୍ଦ୍ରମାନ ଜ୍ୟେଷ୍ଠ ମାସ ଏଥିରେ ଚନ୍ଦ୍ରଙ୍କ ଉଚ୍ଚସ୍ଥାନ ରହିଲେ ବି ଏଇ ଅମାବାସ୍ୟା ହିଁ ଏକ ଆତଙ୍କିତ ଅମାବାସ୍ୟା ଜନ୍ମିତ କନ୍ୟା ପାଇଁ ଭବିଷ୍ୟତ ଜୀବନ ପାଇଁ ଏକ ଉଦ୍‌ବେଗ ସୃଷ୍ଟିକାରୀ ଏପରି ଯୋଗ ଦାତା କନ୍ୟାମାନଙ୍କର ପିତାମାତା ଏହାଙ୍କ ପାଇଁ ଚିନ୍ତାରେ ରହନ୍ତି। ଅମାବାସ୍ୟାରେ ଚନ୍ଦ୍ର ଆକାଶରେ ବିଲୋପ। ଚନ୍ଦ୍ର ଅସ୍ତଗତ କାଳରେ ଜନ୍ମ ଜାତକ ବା ଜାତିକା ମାନସିକ ବିକ୍ଷୁବ୍ଧତା ବିଭିନ୍ନ ପ୍ରକାରରେ ଭୋଗି ପାରନ୍ତି। ଏ ପାଇଁ ଏହି ଅମାବାସ୍ୟା ଗୁଡ଼ିକୁ ପୂର୍ଣ୍ଣତିଥିରେ ଗଣାଗଲେ ବି ଅନେକ କାର୍ଯ୍ୟରେ ରିକ୍ତା ପରି ବାଦ ଦିଆଯାଇ କୌଣସି କାର୍ଯ୍ୟାରମ୍ଭ କରାଯାଏ ନାହିଁ। ବାର ମାସ ପାଇଁ ବାର ଅମାବାସ୍ୟା ଅଛି। ଜଟିଳ ଅମାବାସ୍ୟା ଜ୍ୟେଷ୍ଠ ଅମାବାସ୍ୟା ଓ କାର୍ତ୍ତିକ ଅମାବାସ୍ୟା ଯାହା ଶୁକ୍ରଙ୍କ ରାଶି ବୃଷ ଓ ତୁଳାରେ ଆସେ। ଏସବୁ ପ୍ରକାର କ୍ଷତିକର ସମୟର ପ୍ରଭାବକୁ ସାଧନା ଦ୍ୱାରା ବ୍ରତରେ ଓଷାରେ ଗୁରୁବାକ୍ୟରେ ଶାସ୍ତ୍ର ନିୟମରେ ଚାଲିଲେ ଟାଳ ନହୋଇପାରେ। ଏସବୁ କଠୋର ତପଃ ସାଧିକା ସାବିତ୍ରୀ (ବ୍ରହ୍ମାଙ୍କ ଜ୍ୟେଷ୍ଠା ପତ୍ନୀ)ଙ୍କ ବ୍ରତରେ ଖଣ୍ଡନ ହୋଇପାରେ। ସାବିତ୍ର ତାଙ୍କ ସ୍ୱାମୀ ବ୍ରହ୍ମଦେବଙ୍କର ୨ୟ ପତ୍ନୀ ଗ୍ରହଣ ପ୍ରକ୍ରିୟାରେ ଅସନ୍ତୋଷ କରି ଏପରି ବ୍ରତ କରିଥିଲେ। କେହି ପୁଷ୍କର କ୍ଷେତ୍ର ଗଲେ ଏହା ଜାଣିପାରିବେ ନାରୀର ଧନ ହେଉଛନ୍ତି ତାଙ୍କର ସ୍ୱାମୀ ସୁନାଚାନ୍ଦି କୋଠାବାଡ଼ି ବ୍ୟାଙ୍କ ବାଲାନ୍ସ ନୁହଁ। ସ୍ୱାମୀ ନଥିଲେ ଏସବୁ ଅସାର। ସାବିତ୍ରୀ ତପସ୍ୱିନୀ ହୋଇ ନାରୀ ମାନଙ୍କୁ ପ୍ରଭାବିତ କରିଛନ୍ତି। ବିବାହିତ ପୁରୁଷମାନେ ନାରୀର ତପସ୍ୟାର ଫଳ ପାଇବା ପାଇଁ ଶୁଦ୍ଧ ରୁହନ୍ତୁ। ଏଇଟା ପ୍ରକୃତରେ ଦେବୀ ମାଆ ସାବିତ୍ରୀଙ୍କ ଇଙ୍ଗିତ। ବ୍ରହ୍ମକର୍ମ ହୋଇ ଚାଲିବ ସୁରୁଖୁରୁରେ ନହେଲେ ସଂସାର ନଷ୍ଟଭ୍ରଷ୍ଟ ହୋଇଯିବ। ରୋଜଗାର ଉପାର୍ଜନ ପର ଖାଇବେ। ଦୁଶ୍ଚିନ୍ତାରେ ସମୟ କଟିବ।

# 'ଦିଲ୍ଲୀ ଚଲୋ' ନା 'ଦିଲ୍ଲୀ ସେ ଚଲୋ'



ଡ. ସୀତାକାନ୍ତ ତ୍ରିପାଠୀ
ଭଦ୍ରକ, ମୋ: ୯୭୭୮୭୬୪୩୯୪

ଦ୍ୱିତୀୟ ବିଶ୍ୱଯୁଦ୍ଧ ପ୍ରଭାବରେ ସମଗ୍ର ବିଶ୍ୱରେ ହିଂସା, ଭୟ, ଅସନ୍ତୋଷ ତଥା ଅବିଶ୍ୱାସର ମେଘାଚ୍ଛନ୍ନ ପରିସ୍ଥିତି ଓ ପରିବେଶ। ଏହି ସମୟର ସଦୁପଯୋଗ କରି ନେତାଜୀ ସୁବାସ ଚନ୍ଦ୍ର ବୋଷ ସ୍ୱାଧୀନତାର ସୂର୍ଯ୍ୟୋଦୟ କରିବାର ସୁନେଲୀ ସ୍ୱପ୍ନ ଦେଖିଥିଲେ। ଇଂରେଜମାନଙ୍କ ହାତରୁ ଶାସନ ଡୋରି ଛଡ଼ାଇ ଆଣି ଭାରତକୁ ଏକ ସ୍ୱାଧୀନ ରାଷ୍ଟ୍ର ଭାବେ ଘୋଷଣା କରିବାର ଉଚ୍ଚାକାଂକ୍ଷାକୁ ପାଥେୟ କରି ନେତାଜୀ ୧୯୪୩ ମସିହାରେ ସୁଦୂର ସିଙ୍ଗାପୁରରୁ 'ଦିଲ୍ଲୀଚଲୋ' ଡ଼ାକରା ଦେଇଥିଲେ। ଏହି ଡ଼ାକରାକୁ ସଫଳ କରିବା ପାଇଁ ସିଏ "ମୋତେ ରକ୍ତ ଦିଅ, ମୁଁ ତୁମକୁ ସ୍ୱାଧୀନତା ଦେବି" ଭଳି କ୍ରାନ୍ତିକାରୀ ଆହ୍ୱାନ ଦେଇଥିଲେ। ଅର୍ଥାତ୍ ତରବାରୀର ଉତ୍ତର କେବଳ ଅହିଂସା ହୋଇ ନପାରେ ବରଂ ଦେହରେ ଫୋଡ଼ି ହୋଇଥିବା କଣ୍ଟାକୁ କାଢ଼ିବା ପାଇଁ ଯେମିତି କଣ୍ଟାର ଆବଶ୍ୟକତା ହୋଇଥାଏ ସେହି ନ୍ୟାୟରେ ଅସ୍ତ୍ରଶସ୍ତ୍ର ତଥା ହିଂସାର ଉତ୍ତର କେବଳ ଅସ୍ତ୍ରଶସ୍ତ୍ର ଏବଂ ପ୍ରତିହିଂସା ହୋଇପାରେ ବୋଲି ତାଙ୍କର ବିଶ୍ୱାସ ଥିଲା। ଯାହାର ଅନେକ ପୂର୍ବରୁ ଜାତୀୟ କବି ବାଞ୍ଛାନିଧି ମହାନ୍ତି ଲେଖିଥିଲେ "କହ କେଉଁ ଜାତି ପାଇଛି ମୁକତି କରି ହାରି ହୁରି ଗୁହାରୀ"। ନିଜର ଆକର୍ଷଣୀୟ ସ୍ୱାଧିନଚେତା ବ୍ୟକ୍ତିତ୍ୱ, ତେଜସ୍ୱିନୀ ଭାଷଣ ଏବଂ ଦୃଢ଼ ମନୋବଳକୁ ପାଥେୟ କରି ନେତାଜୀ 'ଆଜାଦ୍‌ହିନ୍ଦ୍ ଫୌଜ' ଗଠନ କରିଥିଲେ। ଯାହାର ମୂଳ ଲକ୍ଷ୍ୟ ଥିଲା ରାଜଧାନୀ ଦିଲ୍ଲୀକୁ କଳେବଳେ କୌଶଳେ ଅଧିକାର କରି ଇଂରେଜମାନଙ୍କୁ ଗାଦିଚ୍ୟୁତ କରିବା। ଏଥିରେ ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ବୋଲଗଡ଼ ବ୍ଲକ୍‌ର ଚମ୍ପାଇଲୋ ଗାଁରୁ କୋଡ଼ିଏ ଜଣରୁ ଊର୍ଦ୍ଧ୍ୱ ସୈନିକ ଯୋଗଦାନ କରି ସମଗ୍ର ଭାରତବର୍ଷରେ ସ୍ୱାଧୀନତା ସଂଗ୍ରାମର ନିଜର ଅଲିଭା ଅବଦାନ ଓ ବଳୀଦାନକୁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରି ଯାଇଛନ୍ତି। ନିଜ ପେଟପାଟଣାର ଦାଉ ସହି ନପାରି ସୁଦୂର ୟାଙ୍ଗୁନ୍ (ତତ୍କାଳୀନ ବ୍ରହ୍ମଦେଶର ରାଜଧାନୀ ରେଙ୍ଗୁନ୍)କୁ ଦାଦନ ଖଟିବାକୁ ଯାଇଥିବା ଏହି ପ୍ରବାସୀ ଶ୍ରମିକମାନେ ସ୍ୱାଧୀନତାର ମହାସଂଗ୍ରାମରେ ଯୋଗଦାନ କରି ପ୍ରଥମେ ନିଜ ଜୀବିକା ଓ ପରେ ପରେ ଜୀବନ ହରାଇବା ତୃଣମୂଳ ସ୍ତରରେ ଗୋରା ଶାସନ ବିରୋଧରେ ପୁଞ୍ଜିଭୂତ ଅସନ୍ତୋଷର ବହ୍ନି ତଥା ସଂଗ୍ରାମୀମାନଙ୍କ ସାଲିସ୍ ବିହୀନ ସଂଗ୍ରାମ, ଅନମନୀୟ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ତଥା ପ୍ରେରଣାର ସ୍ମୃତିର ପ୍ରଦୀପକୁ ଚିରକାଳ ଜାଜୁଲ୍ୟମାନ କରି ରଖିଥିବ। ଏହା କେବଳ ଗୋଟିଏ ଗାଁର କାହାଣୀ ମଧ୍ୟରେ ସିମୀତ ନଥିଲା ବରଂ ସାରା ଭାରତର କୋଣ ଅନୁକୋଣରୁ ଆସିଥିବା ଅନେକ ଜଣା ଏବଂ ଅଜଣା ସଂଗ୍ରାମୀମାନଙ୍କର ଦିଲ୍ଲୀକୁ ଅକ୍ତିଆର କରି ସ୍ୱାଧୀନ ଭାରତ ପ୍ରତିଷ୍ଠା କରିବାର ନିରବଚ୍ଛିନ୍ନ ସମ୍ମିଳିତ ପ୍ରଚେଷ୍ଟା ଥିଲା।

ବାଣିଜ୍ୟିକ କାରବାରକୁ କେନ୍ଦ୍ରକରି କଲିକତାରୁ ଆରମ୍ଭ ହୋଇଥିବା ଇଂରେଜ ଶାସନ ୧୯୧୧ ମସିହାରେ ଦିଲ୍ଲୀକୁ ଭାରତର ରାଜଧାନୀ ଭାବେ ଘୋଷଣା କରି ସେଠାରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ସ୍ଥାପନ କରିଥିଲେ। ବମ୍ବେ, ମାଡ୍ରାସ ଓ କଲିକତା ବନ୍ଦରଭିତ୍ତିକ ସହର ତଥା ବ୍ୟବସାୟିକ ପେଣ୍ଠସ୍ଥଳ ଭାବେ ପରିଗଣିତ ହେଉଥିଲେ ମଧ୍ୟ ସେଗୁଡ଼ିକର ନିୟନ୍ତ୍ରଣ ତଥା ସମଗ୍ର ଦେଶର ପ୍ରଶାସନିକ ଭାର ଦିଲ୍ଲୀ ଦରବାର ଉପରେ ନ୍ୟସ୍ତ ଥିଲା।

୧୯୪୫ ମସିହାରେ ନେତାଜୀଙ୍କର ରହସ୍ୟମୟ ଅନ୍ତର୍ଦ୍ଧାନ ଆଜାଦ୍‌ହିନ୍ଦ୍ ଫୌଜର ମନୋବଳ ଭାଙ୍ଗି ଦେଇଥିଲେ ମଧ୍ୟ ଆମେ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ସ୍ୱାଧୀନତା ଲାଭକଲୁ ଏବଂ ରାଜଧାନୀ ଦିଲ୍ଲୀ ସମସ୍ତଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଗଲା। କିଏ ରାଜନୀତି କରିବା ପାଇଁ ଦିଲ୍ଲୀରେ ଡ଼େରା ପକାଇଲା ତ ଆଉ କିଏ ନିଜ ଅର୍ଥନୀତିକୁ ସଜାଡିବା ପାଇଁ ଦିଲ୍ଲୀ ଧାଇଁଲା। ଶିକ୍ଷା, ସ୍ୱାସ୍ଥ୍ୟ, କଳା, ସଂସ୍କୃତି ଆଦି ପ୍ରତିଟି କ୍ଷେତ୍ରରେ ଉତ୍କର୍ଷତା ପ୍ରତିପାଦନ କରିବା ତଥା ପୃଷ୍ଠପୋଷକତା ହାସଲ କରିବାର ଆଶା ଓ ଆକାଂକ୍ଷାକୁ ପାଥେୟ କରି ଲୋକେ ଦିଲ୍ଲୀରେ ରହିବା ପାଇଁ ମନ ବଳାଇଲେ। ଏହାକୁ କେନ୍ଦ୍ରକରି ଆଖପାଖ ଅଞ୍ଚଳର ବିଭିନ୍ନ କଳକାରଖାନା, ଜାତୀୟ ଓ ଆନ୍ତର୍ଜାତୀୟ ସରକାରୀ ଓ ବେସରକାରୀ ଅଫିସ୍‌ମାନ ସ୍ଥାପିତ ହେଲା। ଫଳରେ ଧୀରେଧୀରେ ଦିଲ୍ଲୀ ଏକ ଜନବହୁଳ, ବ୍ୟସ୍ତବହୁଳ ଏବଂ ବ୍ୟୟବହୁଳ ନଗରୀ ଭାବେ ପରିଚିତ ହେଲା।

ଦୁଃଖର ବିଷୟ, ବର୍ତ୍ତମାନ ପରିପ୍ରେକ୍ଷୀରେ ଦିଲ୍ଲୀ ସମଗ୍ର ପୃଥିବୀରେ ଥିବା ପ୍ରଦୂଷିତ ସହରମାନଙ୍କ ମଧ୍ୟରୁ ଅନ୍ୟତମ। ବାୟୁର ଗୁଣବତ୍ତା ସୂଚକାଙ୍କ ଦିନକୁ ଦିନ ବିଗିଡ଼ିବାର ଲାଗିଲାଣି ଯାହାଫଳରେ ବର୍ତ୍ତମାନ ଏହା ପୃଥିବୀର ଦ୍ୱିତୀୟ ପ୍ରଦୂଷିତ ସହର ଭାବେ ଗଣନା କରାଯାଉଛି। ଏଥିପାଇଁ ଦରକାର ନ ପଡ଼ିଲେ ଘରୁ ବାହାରକୁ ନବାହାରିବା ପାଇଁ ପରାମର୍ଶ ଦିଆଯିବା ସହିତ ବିଦ୍ୟାଳୟ ମାନଙ୍କୁ ବନ୍ଦ କରାଯାଇଥିଲା। ଅନ୍‌ଲାଇନ୍ ଶିକ୍ଷାଦାନର ବ୍ୟବସ୍ଥା କରାଯାଇଥିଲା। ବିଭିନ୍ନ ପେଟ୍ରୋଲ ଓ ଡିଜେଲ ଗାଡ଼ି ଉପରେ କଟକଣା ଜାରି କରିବା ତଥା ୱାର୍କ ଫ୍ରମ୍ ହୋମ୍ (ଘରେ ବସି ଅଫିସ୍ କାମ କରିବା) ପାଇଁ ପ୍ରୟାସ ଚାଲିଛି ଯାହା ଗୃହବନ୍ଦୀ ଭଳି ପରିସ୍ଥିତିର ନମୂନା ମାତ୍ର କହିଲେ ଅତ୍ୟୁକ୍ତି ହେବନାହିଁ। ପ୍ରଦୂଷିତ ବାୟୁମଣ୍ଡଳ ଜୀବନହାନୀକାର ହୋଇଥିବାରୁ ଜରୁରୀ କାମ ନପଡ଼ିଲେ ବାହାର ଲୋକ ଦିଲ୍ଲୀ ନଆସିବାକୁ ସାଧାରଣରେ ଆଳାପ ଆଲୋଚନା ହେଲାଣି। ଯେଉଁ ଦିଲ୍ଲୀ ଦିନେ ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲା ତାହା ବର୍ତ୍ତମାନ ଚମକ ହରାଇବା ଭଳି ମନେ ହେଉଛି। ନିକଟ ଅତୀତରେ ଜାପାନର ରାଜଧାନୀ ଟୋକିଓରେ ଅହେତୁକ ଜନସଂଖ୍ୟା ବୃଦ୍ଧିକୁ ଲକ୍ଷ୍ୟକରି ସେଠାକାର ସରକାର ଲୋକମାନଙ୍କୁ ଟୋକିଓ ଛାଡ଼ି ଗାଁକୁ ଚାଲିଯିବା ପାଇଁ ପ୍ରୋତ୍ସାହନ ରାଶି ଘୋଷଣା କରିଛନ୍ତି ଯାହାଫଳରେ ରାଜଧାନୀକୁ ଅଯଥା ଜନବହୁଳତା ତଥା ପ୍ରଦୂଷଣ ଜନିତ ସମସ୍ୟାରୁ ରକ୍ଷା କରାଯାଇ ପାରିବ ବୋଲି ଆଶା କରାଯାଉଛି। ସେହି ନ୍ୟାୟରେ ସ୍ୱଇଚ୍ଛାରେ ଯେଉଁମାନେ ଚାହିଁବେ ସେମାନେ ଦିଲ୍ଲୀ ଛାଡ଼ି ଚାଲିଯିବା ଉଚିତ୍ ଏବଂ ଏଥିପାଇଁ ସେମାନଙ୍କୁ ମଧ୍ୟ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବାର ଆବଶ୍ୟକତା ରହିଛି। ତା'ଛଡା ବିଭିନ୍ନ ସରକାରୀ ଏବଂ ବେସରକାରୀ ସଂସ୍ଥାମାନଙ୍କର ମୁଖ୍ୟ କାର୍ଯ୍ୟାଳୟ ଗୁଡ଼ିକୁ କେବଳ ରାଜଧାନୀ ଦିଲ୍ଲୀ ମଧ୍ୟରେ ସୀମିତ ନରଖି ବିଭିନ୍ନ ସ୍ଥାନକୁ ସ୍ଥାନାନ୍ତରଣ କରାଯିବାର ସମୟ ଉପଗତ। ଏହାକୁ ଲକ୍ଷ୍ୟକରି ବୁଦ୍ଧିଜୀବୀମାନେ ଡାକରା ଦେଉଛନ୍ତି 'ଦିଲ୍ଲୀ ସେ ଚଲୋ'। ଅର୍ଥାତ୍ ଯଦି ବିକଳ୍ପ ବ୍ୟବସ୍ଥା, କର୍ମସଂସ୍ଥାନ ଏବଂ ବାସସ୍ଥାନ ରହିଛି ତେବେ ଦିଲ୍ଲୀ ଛାଡ଼ି ଅନ୍ୟସ୍ଥାନରେ ବାସ କରିବା ସମୀଚୀନ। ସତରେ ପୂର୍ବର 'ଦିଲ୍ଲୀ ଚଲୋ' ଏବଂ ବର୍ତ୍ତମାନର 'ଦିଲ୍ଲୀ ସେ ଚଲୋ' ନାରା ମଧ୍ୟରେ କେତେ ଫରକ ସେକଥା ଜଣେ ଅନୁଭବୀ, ଜାତୀୟବାଦୀ ଓ ଦରଦୀ ଲୋକ ହିଁ କହିପାରିବ।

# ମନର ପରିଭାଷା



ଅନୀତା ପଟ୍ଟନାୟକ
ଅବସରପ୍ରାପ୍ତ ପ୍ରଧାପିକା
ସିଡିଏ, ସେକ୍ଟର-୧୦, କଟକ
ମୋ: ୯୬୯୨୯୮୦୦୨୬

ଗୋଟିଏ ସ୍ଥାନରେ ଭଜନ ଚାଲିଥାଏ। ଦିବ୍ୟାତ୍ମା ନାମକ ପିଲାଟିଏ ଭଜନରେ ନ ବସି ଗୋଟିଏ ମୋବାଇଲ ଫୋନ ଧରି ଏ ଘରରୁ ସେ ଘରକୁ ଦୌଡ଼ୁଥାଏ। ମଝିରେ ମଝିରେ ଯେଉଁମାନେ ଭଜନ ଗାଉଥାନ୍ତି ସେମାନଙ୍କ ମୁହଁକୁ ଯାଇ ଦେଖୁଥାଏ। କହିବାକୁ ଗଲେ ସେ ଅସ୍ଥିର। ଭଜନ ସରିଯିବା ପରେ ଧ୍ୟାନ କରିବା ପାଇଁ ଲାଇଟ ଲିଭାଇ ଦେବାରୁ କହି ଉଠିଲା, 'ଲାଇନ ଚାଲିଗଲା' ଓ ମୋବାଇଲ ଫୋନ୍‌ରେ ଟର୍ଚ୍ଚଟିକୁ ଜଳାଇ ସମସ୍ତଙ୍କ ମୁହଁ ଆଡ଼କୁ ପକାଇଲା କେତେକ ବିରକ୍ତ ହେଲେ ଓ କେତେକ ତା'ର ପିଲାଳିଆମି ଦେଖି ଖୁସି ହେଲେ।

ଭାଗ୍ୟଲକ୍ଷ୍ମୀ ବୋଲି ଜଣେ ଭଦ୍ର ମହିଳାଙ୍କୁ କେମିତି କେମିତି ଲାଗିଲା। ସେ ମତେ ପଚାରିଲେ, ଏସବୁ ଘଟଣା ଭଜନରେ ଆମକୁ କ'ଣ ସୂଚନା ଦେଉଛି। ମୁଁ କହିଲି 'ମନକୁ ନିୟନ୍ତ୍ରଣ କରିହେବ କି ? ମନକୁ ଜବରଦସ୍ତି ନିୟନ୍ତ୍ରଣ କଲେ ପିଲାଟିଏ ଅଧିକ ଦୁଷ୍ଟ ହୋଇପାରେ। ପିଲାଙ୍କୁ ମାଡ଼ ଦେଲେ, ଗାଳିଦେଲେ ସେମାନେ ଅଧିକ ସଇତାନ ହୋଇଯାଆନ୍ତି। ଆମର ମନ ଶିଶୁ ଦିବ୍ୟାତ୍ମାର ମନ ପରି। ଏହାକୁ ନିୟନ୍ତ୍ରଣ କରିବାର ଏକମାତ୍ର ଉପାୟ ହେଉଛି ମନକୁ ଅନ୍ୟ ଦିଗରେ ପରିଚାଳିତ କରିବା। ସେ ଭଜନରେ ପାଟିତୁଣ୍ଡ ଓ ଗୋଳମାଳ କରୁଥିବାରୁ ମା'ତାକୁ ଶାନ୍ତ କରିବା ପାଇଁ ମୋବାଇଲଟି ଦେଇଥିଲେ। ମୋବାଇଲକୁ ଧରି କିଛି ସମୟ ଶାନ୍ତ ରହିବା ପରେ ତା'ର ମନ ପୁଣି ଅସ୍ଥିର ହେଲା ଓ ଏଣେତେଣେ ବୁଲିଲା। ଲାଇଟ ବନ୍ଦ କରିଦେବାରୁ ତା'ର ମନ ପୁଣି ବିଚଳିତ ହେଲା ଓ ସେ ମୋବାଇଲର ଲାଇଟ ଜଳାଇ ସମସ୍ତଙ୍କୁ ଆଲୋକ ପ୍ରଦାନ କରିପାରିବ ବୋଲି ଭାବି ସମସ୍ତଙ୍କୁ ଲାଇଟ ଦେଖାଇଲା। ମୁଁ ଦିବ୍ୟାତ୍ମା ଠାରୁ ଏତିକି ଶିଖିଲି, ମଣିଷର ମନକୁ ନିୟନ୍ତ୍ରିତ କରିବାର ଏକମାତ୍ର ଉପାୟ ହେଉଛି ମନକୁ ଅନ୍ୟ ଏକ ଦିଗରେ ପରିଚାଳିତ କରିବା। ତୁମେ ମନକୁ ଯେତେ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିବ ସେ ସେତେ ଶକ୍ତିଶାଳୀ ହେବ। ଯେତେ ତା' ସହିତ ଯୁଦ୍ଧ କରିବ ସେ ଓଲଟି ପଡ଼ି ତୁମକୁ ଆକ୍ରମଣ କରିବ। ତେଣୁ ମନ ସହିତ ଶତ୍ରୁତା କରିବା ଅପେକ୍ଷା ତାକୁ ଉଚିତ ରାସ୍ତାରେ ପରିଚାଳିତ କରିବା ଉଚିତ। ମନକୁ ପ୍ରଚୁର କାମରେ ନିୟୋଜିତ କରିବା ଉଚିତ। ତାକୁ ଠିକ ରାସ୍ତା ଠିକ ଦିଗ ଓ ଶିକ୍ଷା ଦେବା ଉଚିତ।

ଦିନେ ରାସ୍ତାରେ ଯାଉଥିବା ସମୟରେ ଦେଖିଲି ଜଣେ ବ୍ୟକ୍ତି ସାଇକେଲ ଚଲାଉଛନ୍ତି। ସାଇକେଲର ହ୍ୟାଣ୍ଡେଲ ଉପରେ ଗୋଟିଏ ମାଙ୍କଡ଼ ବସିଥାଏ ଓ ତା'ର ମାଲିକ ଆରାମରେ ସାଇକେଲ ଚଲାଉଥାଏ। ମୋ ପୁଅ ଶୁଭଙ୍କର ଏହା ଦେଖି ଖୁସି ହେଲା। ମତେ କହିଲା, 'ମା ଆମେ ଗତକାଲି ସର୍କସ ଦେଖିବାକୁ ଯାଇଥିଲେ। ଗୋଟିଏ ହାତୀ ତିନି ଗୋଡ଼ିଆ ଟେବୁଲ ଉପରେ ଠିଆ ହେଲା। କାହାଳୀ ବଜାଇବାରୁ ସାପଟିଏ ନାଚିଲା। ସିଂହ ବାଘକୁ ତା'ର ପ୍ରଶିକ୍ଷକ ଯାହା କରିବାକୁ କହିଥାନ୍ତି ତାହା ସେମାନେ ସୁଚାରୁରୂପେ ପାଳନ କଲେ। ଏ ସବୁ କ'ଣ ? ବାପା ଏ ସବୁ ମତେ କାହିଁକି ଦେଖାଇଲେ। ମୁଁ ତାକୁ କହିଲି ତୋର ମନ ବିଷାକ୍ତ ସାପଠାରୁ ଆହୁରି ବିଷାକ୍ତ। ମନକୁ ଶିକ୍ଷା ନଦେଲେ ଅଶିକ୍ଷିତ ପଶୁପରି ମନଟି ବ୍ୟବହାର କରିବ। ମନ ଆମର ଖୁବ କୋମଳ, ସ୍ପର୍ଶକାତର ଓ ସବୁ ଜିନିଷକୁ ଗ୍ରହଣ କରିନିଏ ଏହା ଭଗବାନଙ୍କର ଏକ ବରଦାନ। ଏହା କାରଖାନାର କୌଣସି ବସ୍ତୁ ନୁହେଁ, ମନକୁ ମାରି ଦେବା ଉଚିତ୍ ନୁହେଁ, ବରଂ ତାକୁ ଉଚିତ୍ ମାର୍ଗରେ ପରିଚାଳିତ କରାଇ ଶିକ୍ଷା ଦେବା ଉଚିତ୍। ତୋର ମନ ଉଚିତ ଶିକ୍ଷା ପାଇଗଲେ ତୋର ବନ୍ଧୁ ହୋଇଯିବ। ତେଣୁ ମନକୁ ବନ୍ଧୁତାର ସହ ବ୍ୟବହାର କରିବା ଉଚିତ ଓ କୌଣସି କଥାରେ ହତୋତ୍ସାହ କିମ୍ବା ବିଷାଦଗ୍ରସ୍ତ ହେବା ଉଚିତ ନୁହେଁ। ଏହା ମନର ପାଗଳାମୀର ଫଳ। ସ୍କୁଲ ପରିଚାଳନା, ବେପାର ପରିଚାଳନା, ସ୍ୱାସ୍ଥ୍ୟ ପରିଚାଳନା ଉପରେ ଶିକ୍ଷା ଦିଆଯାଉଛି। କିନ୍ତୁ ମନର ନିୟନ୍ତ୍ରଣ ଶିକ୍ଷା ଖସଡ଼ା ତିଆରି ହୋଇ ପାରିନାହିଁ।



ଗୋଟିଏ ଶାଢ଼ୀ କେତୋଟି ସୂତାର ସମଷ୍ଟି। ସୂତା ଗୋଟି ଗୋଟି କରି କାଢ଼ି ଦେଲେ ଶାଢ଼ୀ ରୁହେ ନାହିଁ। ସେହିପରି ମନରୁ ସାଂସାରିକ, କାମନା, ବାସନା କାଢ଼ି ଦେଲେ ମନ ତା'ର ଅସ୍ତିତ୍ୱ ହରାଏ। ମନ କେତେକ ଚିନ୍ତାର ସମଷ୍ଟି ଓ ଚିନ୍ତା ଇନ୍ଦ୍ରିୟମାନଙ୍କ ଦ୍ୱାରା ଉଦ୍ରେକ ହୁଏ। ଶୁଭଙ୍କର କହିଲା ଆମ ସାର ତାଙ୍କ ଘରେ ଥିବା ଏକ ପୁରୁଣା ତାଲାକୁ ଚାବିରେ ଖୋଲିପାରୁ ନଥିଲେ। ମୁଁ ଚାବିଟିକୁ ଡାହାଣ ପଟକୁ ବୁଲାଇ ଖୋଲି ଦେଲି। କହିଲି ସାର୍ ବାମ ପଟକୁ ବୁଲାଗଲେ ତାଲା ବନ୍ଦ ହୋଇଯାଉଛି। ମୁଁ କହିଲି ହଁରେ ପୁଅ ଆମ ଶରୀର ଏକ ତାଲା ପରି, ମନ ହେଉଛି ତା'ର ଚାବି। ମନକୁ ସଂସାରର (ବାମ) ଆଡ଼କୁ ମୋଡ଼ିଲେ ଶରୀର ବନ୍ଧନଯୁକ୍ତ ହୁଏ ଓ ସାଂସାରିକ କାମନା ବାସନା ଶୂନ୍ୟ ହୋଇ ଚାବିଟିକୁ ଡାହାଣ ପଟକୁ ମୋଡ଼ିଲେ ମୁକ୍ତିର ପଥ ସୁଗମ ହୁଏ।



ଆସିକା(ଭାସ୍କର ନ୍ୟୁଜ): ରାଜ୍ୟ ସରକାରଙ୍କ ପକ୍ଷରୁ ଚଳିତ ମାସ ୨୫ ତାରିଖରେ ସୁଭଦ୍ରା ଟଙ୍କା ଆସିବାର ଘୋଷଣା ହୋଇଛି। ସୁଭଦ୍ରା ଯୋଜନାରୁ ବାଦ ପଡ଼ିଥିବା ମହିଳାମାନେ ନିଜର ଆଧାର କାର୍ଡ଼ ସଜାଡ଼ିବାକୁ ବିଭିନ୍ନ ପୋଷ୍ଟ ଅଫିସ ଓ ଜନସେବା କେନ୍ଦ୍ରରେ ଭୋର ଭୋରରୁ ଆସି ଦୀର୍ଘ ଘଣ୍ଟା ଲମ୍ବା ଲାଇନ ଲଗାଇ ଛିଡା ହେଉଛନ୍ତି। ଯେଉଁ ହିତାଧିକାରୀ ମାନଙ୍କ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ଟଙ୍କା ମିଳିନି ସେମାନଙ୍କ ଆୟପ୍ରମାଣପତ୍ର ଦେବାକୁ ହେବ ବୋଲି ସରକାରୀ କର୍ମଚାରୀ କହିବା ଫଳରେ ମହିଳାମାନେ ଜନସେବା କେନ୍ଦ୍ରରେ ଆବେଦନ କରୁଛନ୍ତି। ପୁଣି ଆୟପ୍ରମାଣ ପତ୍ର ଆବେଦନ ବେଳେ ପୁଣି ମାତ୍ରାଧିକ ଟଙ୍କା ଦାବୀ କରାଯାଉଛି। ଆଡ଼ିସା ପଡିସା ମହିଳାଙ୍କ ଟଙ୍କା ମିଳିବା ପରେ ନିଜର ନାମ ବାଦ ପଡିଯିବା ଆଶାରେ ମହିଳାମାନେ ପୋଷ୍ଟ ଅଫିସ ଓ ଜନସେବା କେନ୍ଦ୍ର ମୁହାଁ ହୋଇଥିବା ଲକ୍ଷ୍ୟ କରାଯାଇଛି। ସୁଭଦ୍ରା ଯୋଜନା ପାଇନଥିବା ମହିଳା ଧାରକରଜ କରି ଦୂରଦୂରାନ୍ତରୁ ଆସି ଟଙ୍କା ପାଇବା ଆଶାରେ ବାରଦୁଆର ଶୁଖିପିଶ୍ଚା ହୋଇ ବୁଲୁଛନ୍ତି। ସରକାର ଯେଉଁ ନୀତିନିୟମ କରି ଫର୍ମ ପୂରଣ କାରବାକୁ ନିର୍ଦ୍ଦେଶ ଦେଇଥିଲେ ହିତାଧିକାରୀ ସେ ଭଳି ଫର୍ମ ପୂରଣ କରିଦେଇଥିଲେ ବି କେତେବେଳେ ଆଧାର ନାଁ ଭୁଲ ତ କେତେବେଳେ ବ୍ୟାଙ୍କ ଖାତାରେ ନାମ ଭୁଲ ର ଆଳ ଦେଖାଇବା ଏକ ପ୍ରହସନ ଚାଲିଥିବା ନେଇ ଚର୍ଚ୍ଚା ହେଲାଣି। ସରକାର ଅତି ତରବରିଆ ଭାବେ ସୁଭଦ୍ରା ଯୋଜନା ଦେବାକୁ ବାଃ ବାଃ ନେବା ଯୋଗୁଁ ସୁଭଦ୍ରା ଯୋଜନାରୁ ବଞ୍ଚିତ ହୋଇଥିବା ମହିଳା ମାନେ ମତ ପ୍ରକାଶ କରିଛନ୍ତି। ସରକାର ଓ ପ୍ରଶାସନର ତ୍ରୁଟି ଯୋଗୁଁ ଶହ ଶହ ପ୍ରକୃତ ହିତାଧିକାରୀ ସୁଭଦ୍ରା ଯୋଜନାରୁ ବଞ୍ଚିତ ହୋଇଥିବା ଚର୍ଚ୍ଚା ହେଉଛି।



# ବାଲେଶ୍ୱର ରେଳଷ୍ଟେସନର ନୂତନ ଫୁଟ୍ ଓଭରବ୍ରିଜ୍ ଉଦ୍‌ଘାଟିତ



ବାଲେଶ୍ୱର(ଭାସ୍କର ନ୍ୟୁଜ): ବାଲେଶ୍ୱର ରେଳଷ୍ଟେସନର ନବନିର୍ମିତ ଫୁଟ ଓଭର ବ୍ରିଜ୍ ଶନିବାର ଅପରାହ୍ଣରେ ଉଦ୍‌ଘାଟିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିବା ସହିତ ଅମୃତ ଭାରତ ଯୋଜନାରେ ୨୦୦ କୋଟିରୁ ଅଧିକ ଟଙ୍କାର ବ୍ୟୟରେ ପରିବର୍ତ୍ତନ ହେବାକୁ ଯାଉଥିବା ବାଲେଶ୍ୱର ରେଳ ଷ୍ଟେସନର କାୟାକଳ୍ପ ସମ୍ପର୍କରେ ଆଲୋକପାତ କରିଥିଲେ। ତେବେ ବାଲେଶ୍ୱର ମାଟିର ଆକର୍ଷଣ ତାଙ୍କ ପାଇଁ ସବୁବେଳେ ନିଆରା ରହି ଆସିଛି। କେବଳ ଏହି ଫୁଟ୍ ଓଭରବ୍ରିଜ୍ କିମ୍ବା ଷ୍ଟେସନ ନବୀକରଣ ନୁହେଁ, ବରଂ ଡବଲ ଇଂଜିନ ସରକାର ଲୋକଙ୍କ ଦାବିକୁ ଅଗ୍ରାଧିକାର ଦେଇ ବହୁ ପ୍ରକଳ୍ପ ମଞ୍ଜୁର ସହ ଅନୁଦାନ ବର୍ଷା କରିଚାଲିଛନ୍ତି। ୯୪୦ କୋଟି ଟଙ୍କା ବ୍ୟୟରେ ଜଳେଶ୍ୱରରୁ ଚନ୍ଦନେଶ୍ୱରକୁ ରେଳ ସଂଯୋଗ ପାଇଁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ନିଧିପଣ୍ଡା ପୋଲ ଓ ଅଣ୍ଡର ପାସ୍ କାର୍ଯ୍ୟ ଏବେ ତ୍ୱରାନ୍ୱିତ ହୋଇଛି ବୋଲି ସେ କହିଥିଲେ। ଏହି କାର୍ଯ୍ୟ ସ୍ଥଳ ପରିଦର୍ଶନ ସହ ତଦରାଖ ପାଇଁ ମନ୍ତ୍ରୀ ଶ୍ରୀ ବୈଷ୍ଣବ, ଜିଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ ଓ ଏସପି ରାଜ ପ୍ରସାଦଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗତ ନିର୍ବାଚନ ପ୍ରଚାର ବେଳେ ପ୍ରଧାନମନ୍ତ୍ରୀ ଦେଇଥିବା ପ୍ରତିଶ୍ରୁତି ଏବେ ପୂରଣ ହେବାକୁ ଯାଉଛି। ନିର୍ବାଚନକୁ ୬ ମାସ ନପୂରୁଣୁ ରେଳ କ୍ଷେତ୍ରରେ ବିକାଶ ପାଇଁ ଓଡ଼ିଶାକୁ ୨୦ ହଜାର କୋଟି ଟଙ୍କାର ଅନୁଦାନ ମଞ୍ଜୁର ହୋଇସାରିଛି ବୋଲି ସେ କହିଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀ ବାଜେପେୟୀଜୀଙ୍କ ସ୍ୱର୍ଣ୍ଣ ଚତୁର୍ଭୁଜ ଜାତୀୟ ରାଜପଥ ଭଳି ରେଳ କ୍ଷେତ୍ରରେ ୪ଟିକିଆ ରେଳଲାଇନ ପକାଇବାକୁ ନିଷ୍ପତ୍ତି ନିଆଯାଇଛି। କଲିକାତାରୁ ଚେନାଇ, କଲିକତାରୁ ଦିଲ୍ଲୀ, ଦିଲ୍ଲୀରୁ ମୁମ୍ବାଇ ଓ ମୁମ୍ବାଇରୁ ଚେନାଇ ପର୍ଯ୍ୟନ୍ତ ଚତୁର୍ଭୁଜ ୪ ଟିକିଆ ରେଳଲାଇନ ବିଛାଯିବ। ସମ୍ମାନିତ ଅତିଥି ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ରାଜ୍ୟ ଶାସକ ଦଳ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଓ ସଦର ବିଧାୟକ ମାନସ କୁମାର ଦତ୍ତ ଯୋଗଦେଇ ଜିଲାବାସୀଙ୍କ ପ୍ରତିଟି ଦାବି ଓ ପ୍ରସ୍ତାବକୁ ମଞ୍ଜୁରି ଦେଇ ଚାଲିଥିବା ରେଳମନ୍ତ୍ରୀ ଶ୍ରୀ ବୈଷ୍ଣବଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ। ଦକ୍ଷିଣ-ପୂର୍ବ ରେଳ ବିଭାଗର ମହାପ୍ରବନ୍ଧକ ଅନୀଲ କୁମାର ମିଶ୍ର ଏହି ସଭାରେ ବିବରଣୀ ଉପସ୍ଥାପନ ସହ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ନିମାପଡ଼ାରେ ଅମାନିଆ ବସ୍ କର୍ମଚାରୀଙ୍କ ପାଇଁ ଟ୍ରାଫିକ୍ ବ୍ୟବସ୍ଥା ବିପର୍ଯ୍ୟୟ




ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ାରେ ଟ୍ରାଫିକ ସମସ୍ୟା ସୃଷ୍ଟି କରୁଛି ଯାତ୍ରୀବାହୀ ବସ୍। ଯାତ୍ରୀବାହୀ ବସ୍ ରାସ୍ତାରେ ଅଟକି ରହିବା ଦ୍ୱାରା ରାସ୍ତା ସଂକୁଚିତ ହୋଇ ଦୁର୍ଘଟଣା ବୃଦ୍ଧି ପାଉଛି। ଦୀର୍ଘଦିନ ହେବ ଏହାର ପ୍ରତିକାର ପାଇଁ ଦାବି ହେଉଥିଲେ ମଧ ପ୍ରଶାସନ ଏ ଦିଗରେ ଦୃଷ୍ଟି ନ ଦେବା ଏକ ପରିତାପର ବିଷୟ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ନୂତନ ବସଷ୍ଟାଣ୍ଡରେ ବସ୍ ନରହି ପୁରୁଣା ବସଷ୍ଟାଣ୍ଡ ନିକଟ ଚାରି ଟିକିଆ ରାସ୍ତା ଉପରେ ବସ୍ ରହଣି ଜନସାଧାରଣଙ୍କ ପାଇଁ ବିପଦ ଡ଼ାକି ଆଣୁଛି। ଅନେକ ସମୟରେ ରାସ୍ତା ସଂକୁଚିତ ହୋଇ ଘଣ୍ଟା ଘଣ୍ଟା ଧରି ଟ୍ରାଫିକ୍ ସମସ୍ୟା ଦେଖା ଦେଉଛି। ମାତ୍ର ଏଥିପ୍ରତି ଗାଡ଼ି ଚଳାଉଥିବା ବ୍ୟକ୍ତିମାନେ ବେପିକର ଭାବେ ରାସ୍ତାରେ ଗାଡ଼ି ଥୋଇ ମଉଜ ମଜଲିସ୍ କରୁଛନ୍ତି। ଅନେକ ସମୟରେ ଦୁର୍ଘଟଣା ଘଟି ଜୀବନହାନୀ ଘଟୁଛି। କ'ଣ ପାଇଁ ରାସ୍ତା ଉପରେ ଯାତ୍ରୀବାହୀ ବସ୍ ଘଣ୍ଟାଣ୍ଟା ଧରି ଅଟକୁଛି ଏ ସଂପର୍କରେ ପ୍ରଶାସନ ଦୃଷ୍ଟି ନ ଦେବାରୁ ସାଧାରଣରେ ଅସନ୍ତୋଷ ବଢ଼ି ଚାଲିଛି। ଏହି ଘଟଣା ପ୍ରତି ଦୃଷ୍ଟି ଦିଆ ନଗଲେ ଆଗାମୀ ଦିନରେ ଦୁର୍ଘଟଣା ଘଟି ଜୀବନହାନୀ ଘଟିବାର ଆଶଙ୍କା ରହିଛି। ଆହୁରି ଅନେକ ଅମାନିଆ ରାସ୍ତା ଉପରେ ବାଇକ୍ ଠାରୁ ଆରମ୍ଭ କରି କାର୍ ଅଟୋ ପର୍ଯ୍ୟନ୍ତ ରଖିବା ଦ୍ୱାରା ରାସ୍ତା ଜାମ୍ ହେଉଛି। କୌଣସି ବ୍ୟକ୍ତି ଏ ସଂପର୍କରେ ପ୍ରତିବାଦ କଲେ ବସ୍ କର୍ମଚାରୀଙ୍କ ଠାରୁ ଆରମ୍ଭ କରି କାର, ବାଇକ ଚାଳକ ବିଭିନ୍ନ ଧମକ ଦେଉଛନ୍ତି। ଅନେକ ସମୟରେ ନିମାପଡ଼ା-ପିପିଲି ମୁଖ୍ୟ ରାସ୍ତାରେ ଡ଼ିଜେ ଲାଇଟ୍ ସାଙ୍ଗକୁ ବିକଟାଳ ଶବ୍ଦ ରାସ୍ତା ଜାମ୍ କରୁଛି। ଡ଼ିଜେ ଲାଇଟ୍‌ରେ ଜନସାଧାରଣ ଯାତାୟାତ କରିବା ପାଇଁ ଦୁର୍ଘଟଣାର ଶୀକାର ହେଉଛନ୍ତି। ଗତ ଶୁକ୍ରବାର ତଳଅଣ୍ଡିଆ ପଟକୁ ଏକ ବିବାହ ରୋଷଣୀ ଯାଉଥିବା ବେଳେ ଡ଼ିଜେ ବିକଟାଳ ଶବ୍ଦ କରି ବାଜୁଥିଲା। ଡ଼ିଜେ ଲାଇଟ୍ ଏପରି ଥିଲା ଯେ, ରାସ୍ତାରେ ବାଇକ୍ ଚାଳକଙ୍କ ଆଖି ଝଲସେଇ ଦେଲା। ଯାହାଦ୍ୱାରା ଏକାଧିକ ବାଇକ୍ ଚାଳକ ଦୁର୍ଘଟଣାର ଶୀକାର ହେଉଛନ୍ତି। ଏହି ଘଟଣା ପ୍ରତି ସରକାର କେବେ କଟକଣା ଲଗାଇବେ ତାହାକୁ ନେଇ ବିଭିନ୍ନ ଗଳିକନ୍ଦିରେ ଚର୍ଚ୍ଚାର ଖୋରାକ୍ ଯୋଗାଇଛି।

# ବସ୍-ମୋଟରସାଇକେଲ ମୁହାଁମୁହିଁ: ୩ ମୃତ

ମାଲକାନଗିରି(ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲାରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ୩ ଜଣ ମୋଟର ସାଇକେଲ ଆରୋହିଙ୍କ ମୃତ୍ୟୁ ଘଟିଛି। ମୃତକମାନେ ମାଲକାନଗିରି ଥାନା ଅନ୍ତର୍ଗତ ଏମଭି ୮୬ ଗ୍ରାମର ଗୁଡୁ ବିଶ୍ୱାସ, ପ୍ରତାପ ବିଶ୍ୱାସ, କରନ ସେନ ବୋଲି ଜଣାପଡିଛି। ସୂଚନା ଅନୁଯାୟୀ ଏକ ଓଏସଆରଟିସି ବସ ମାଲକାନଗିରିରୁ ପଡିଆ ଅଭିମୁଖେ ଯାତ୍ରା କରୁଥିବା ବେଳେ ଏମଭି ୭ ଗ୍ରାମ ନିକଟରେ ଥିବା ବୁଲାଣିରେ ସାମ୍ନା ପଟୁ ତିନି ଯୁବକ ଏକ ମୋଟର ସାଇକେଲରେ ଦ୍ରୁତଗତିରେ ଆସି ବସ ସହ ମୁହାଁମୁହିଁ ହୋଇଥିଲେ। ମୋଟର ସାଇକେଲ ଚାଳକ ଖୁବ ଜୋରରେ ବ୍ରେକ୍ ଦେଇଥିବା ବେଳେ ମୋଟର ସାଇକେଲରେ ବସିଥିବା ସମସ୍ତ ୩ଜଣ ଛିଟିକି ଯାଇ ବସ ତଳେ ପଡିଯାଇଥିଲେ। ଯାହା ଫଳରେ ବସଟି ଉକ୍ତ ୩ ଜଣଙ୍କ ଉପରେ ଚଢ଼ି ଯାଇଥିଲା ଏବଂ ଘଟଣା ସ୍ଥଳରେ ସେମାନଙ୍କ ମୃତ୍ୟୁ ହୋଇଥିଲା ବୋଲି ପ୍ରତ୍ୟକ୍ଷଦର୍ଶୀ ପ୍ରକାଶ କରିଛନ୍ତି। ବସର ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା ବେଳେ ମାଲକାନଗିରି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ଏହି ବୁଲାଣି ନିକଟରେ ଅନେକ ସାମୀରେ ଏହିପରି ଦୁର୍ଘଟଣା ଘଟୁଥିବା ବେଳେ ସ୍ଥାନୀୟ ଲୋକେ ଗାଡିର ଗତି କମାଇବା ପାଇଁ ବେରିକେଟ ଦାବି କରିଛନ୍ତି।

# ସରପଞ୍ଚଙ୍କୁ ଗିରଫ ଦାବିରେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ କଲମଛାଡ଼ ଆନ୍ଦୋଳନ



ବୋଲଗଡ(ଭାସ୍କର ନ୍ୟୁଜ): ବୋଲଗଡ଼ ବ୍ଲକ ଅନ୍ତର୍ଗତ ସମସ୍ତ ୧୯ଗୋଟି ପଞ୍ଚାୟତର ନିର୍ବାହୀ ଅଧିକାରୀ ମାନେ କଲମ ଛାଡ଼ ଆନ୍ଦୋଳନ କରି ବ୍ଲକ ପରିସର ସମ୍ମୁଖରେ ବସିରହିଛନ୍ତି। ଘଟଣାକ୍ରମେ ସୂଚନା ମିଳିଛି କି ଗତ ୨୮/୧୧/୨୦୨୪ରେ ଖୋର୍ଦ୍ଧା ଜିଲ୍ଲା ସୋରଣ ଗ୍ରାମ ପଞ୍ଚାୟତ ସରପଞ୍ଚ ଶେଷଦେବ ବେହେରା ଓ ସହଯୋଗୀ ସଙ୍ଘବଦ୍ଧ ଭାବେ ଅମାନୁଷିକ କାର୍ଯ୍ୟରତ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ମରଣାତ୍ମକ ଆକ୍ରମଣ କରିଥିଲେ। ତେବେ ଦୋଷୀଙ୍କ ବିରୁଦ୍ଧରେ କୌଣସି ଦୃଷ୍ଟାନ୍ତ ମୂଳକ ଦୃଢ଼ ପଦକ୍ଷେପ ନିଆଯାଇ ନଥିବାରୁ ନିଖିଳ ଉତ୍କଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଙ୍ଘ, ଓଡିଶା ଭୁବନେଶ୍ୱର ପକ୍ଷରୁ ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଚିଲିକା ସଂଘର ସମସ୍ତ ନିର୍ବାହୀ ଅଧିକାରୀମାନେ କଲମ ଛାଡ଼ ଆନ୍ଦୋଳନ ଜାରି ରଖିଛନ୍ତି। ପରନ୍ତୁ ଜିଲ୍ଲା ସଙ୍ଘ ଏସମ୍ପର୍କରେ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ ଅଦ୍ୟାବଧି ଦୋଷୀଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ପରେ ଏସମ୍ପର୍କରେ ଖୋର୍ଦ୍ଧା ଜିଲ୍ଲା ସଂଘର ଏକ ସ୍ୱତନ୍ତ୍ର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇ ୩ଦିନ ବିତିଯାଇ ଥିଲେ ହେଁ ଅଦ୍ୟାବଧି ପ୍ରଶାସନ ଦୋଷୀଙ୍କୁ ଗିରଫ କରିବାରେ ବିଫଳ ହୋଇଥିବାରୁ ସର୍ବସମ୍ମତି ନିଷ୍ପତିକ୍ରମେ ଜିଲ୍ଲାର ନିର୍ବାହୀ ଅଧିକାରୀ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ କଲମ ଛାଡ଼ ଆନ୍ଦୋଳନ ଜାରି ରଖିଛନ୍ତି। ଏହି ପରିପ୍ରେକ୍ଷୀରେ ବୋଲଗଡ଼ ବ୍ଲକ ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ ଏ ସମ୍ପର୍କିତ ଏକ ଦାବୀପତ୍ର ଜିଲ୍ଲାପାଳଙ୍କ ଉଦେଶ୍ୟରେ ସ୍ଥାନୀୟ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ପ୍ରଦାନ କରି ବ୍ଲକ ପରିଷର ସମ୍ମୁଖରେ କଲମ ଛାଡ଼ ଆନ୍ଦୋଳନରେ ବସି ରହିଛନ୍ତି। ତେବେ ଏହି କଲମ ଛାଡ଼ ଆନ୍ଦୋଳନ କାର୍ଯ୍ୟାନୁଷ୍ଠାନ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ସଂଘର ସଭାପତି ପବିତ୍ର କୁମାର ସ୍ୱାଇଁ ଓ ସମ୍ପାଦକ ରବୀନ୍ଦ୍ର ନାଥ ପରିଡା ଏକ ମିଳିତ ବିବୃତିରେ କହିଛନ୍ତି।

# ଛିଣ୍ଡିଲା ରେଳ ଫାଟକ, ଫସିଲେ ଯାତ୍ରୀ



ବାରଙ୍ଗ(ଭାସ୍କର ନ୍ୟୁଜ): ରେଳବାଇ ଫାଟକ ଖୋଲିବା ବେଳେ କୌଣସି କାରଣରୁ ଫାଟକର କେବୁଲ ଛିଡ଼ି ଯିବା ଯୋଗୁଁ ହଠାତ୍ ଗେଟଟଟି ଖସି ପଡ଼ିଲା। ଫଳରେ ରେଳ ଫାଟକ ମଝିରେ ଏକାଧିକ ଲୋକ ଫସି ରହିଲେ। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ବାରଙ୍ଗ ବ୍ଲକ ନରାଜ-ମାର୍ଥାପୁର ରେଳ ଫାଟକ ନିକଟରେ। ହେଲେ ସୌଭାଗ୍ୟ କ୍ରମେ ବର୍ତ୍ତିଗଲେ ରେଳ ଧାରଣା ମଝିରେ ଫସି ଯାଇଥିବା ଲୋକେ। ରେଳ ଫାଟକର ଜଗୁଆଳି ଗେଟ୍ ଟେକି ଧରିବା ପରେ ବହୁ କଷ୍ଟରେ ଫାଟକ ପାରି ହୋଇଥିଲେ ଲୋକେ। ଗେଟ୍‌ର ମରାମତି ଦାୟିତ୍ୱରେ ଥିବା ରେଳ କର୍ମଚାରୀଙ୍କ ବେପରୁଆ କାର୍ଯ୍ୟ ପାଇଁ ଏପରି ଘଟଣା ଘଟିଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଆଗାମୀ ଦିନରେ ଏଭଳି ଘଟଣା କିପରି ନ ଘଟିବ ସେ ନେଇ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ପଦ୍ମଶ୍ରୀ ଡ଼ଃ ରାଧାନାଥଙ୍କ ଜୟନ୍ତୀ ପାଳିତ



ଭୁବନ(ଭାସ୍କର ନ୍ୟୁଜ): ଭୁବନ ଆଞ୍ଚଳିକ ସାହିତ୍ୟ, କଳା, ସେବା ପରିଷଦ ଆନୁକୁଲ୍ୟରେ ସ୍ଥାନୀୟ ତୁଳସୀ ଭବନଠାରେ ପଦ୍ମଶ୍ରୀ ଡ଼ଃ ରାଧାନାଥ ରଥଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ପଣ୍ଡିତ ପ୍ରମୋଦ କୁମାର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାଣୀଶ୍ରୀ ରବୀନ୍ଦ୍ର କୁମାର ହୋତା, ଚିତ୍ରଶିଳ୍ପୀ ନାରାୟଣ ସାହୁ, ଭଗବାନ ଗୁରୁ, ଇଂ ଇଶ୍ୱର ଚନ୍ଦ୍ର ବେହେରା, ଶ୍ରୀଧର ବେହେରା, କବୟିତ୍ରୀ ତୁଳସୀ ରାଣୀ ବେହେରା, ବିଳାସିନୀ ପୁଷ୍ଟି ପ୍ରମୁଖ ଯୋଗଦେଇ ଡ଼ଃ ରାଧାନାଥ ରଥ ସମ୍ବାଦ, ସାହିତ୍ୟ କ୍ଷେତ୍ରରେ ଏକ ସ୍ମରଣୀୟ ଉଚ୍ଚାରଣ। ଡ଼ଃ ରଥଙ୍କ ସଂପାଦକୀୟ ଝିଟିପିଟି କହେ ଓଡ଼ିଶାର ଜନଜୀବନର ନିଛକ ପ୍ରତିଛବି ତଥା ଦୁଃଖର କାହାଣୀ ବର୍ଣ୍ଣନା କରି ଲୋକସେବକ ମଣ୍ଡଳ ସଭାପତି ସହ ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ବାର୍ତ୍ତାବହ ସାଜିଥିଲେ। ପ୍ରଚଣ୍ଡ ଧିଶକ୍ତି ତଥା ନିର୍ଭୀକ ସାମ୍ବାଦିକତା ଯୋଗୁ ତାଙ୍କୁ ପଦ୍ମଶ୍ରୀ ଉପାଧି ପ୍ରଦାନ କରାଯାଇଥିଲା। କର୍ମଯୋଗୀ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଲିଖିତ କାବ୍ୟାବଳୀକୁ ଡ଼ଃ ରଥ ଉତ୍କଳ ସମ୍ମିଳନୀକୁ ପ୍ରଦାନ କରିଥିଲେ ବୋଲି ବକ୍ତାମାନେ ମତବ୍ୟକ୍ତ କରି ସ୍ତୁତିଚାରଣ କରିଥିଲେ। ଏହି ଅବସରରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। କବି, ଲେଖକମାନେ ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ଅନୁଷ୍ଠାନର ସମ୍ପାଦକ ସୁରେନ୍ଦ୍ର କୁମାର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

# କରଞ୍ଜିଆ ବନଖଣ୍ଡରେ ଥମୁନି ୪୫ ଟିକିଆ ହାତୀପଲଙ୍କ ଉପଦ୍ରବ



କରଞ୍ଜିଆ(ଭାସ୍କର ନ୍ୟୁଜ): ମୟୁରଭଞ୍ଜ ଜିଲ୍ଲାର କରଞ୍ଜିଆ ବନଖଣ୍ଡରେ ଥମୁନି ହାତୀ ଆତଙ୍କ। ହାତିପଲ ପାଇଁ ୧୦୦ ରୁ ଉର୍ଦ୍ଧ୍ୱ ଗାଁରେ ଲାଗି ରହିଛି ହାତୀ ଆତଙ୍କ। ଆଜି କରଞ୍ଜିଆ ବନଖଣ୍ଡରେ ପୃଥକ ପୃଥକ ସ୍ଥାନରେ ଅଛନ୍ତି ୪୫ଟି ହାତୀ। କିନ୍ତୁ ବନ ବିଭାଗ ଏବଂ ସ୍ଥାନୀୟ ଜନସାଧାରଣଙ୍କ ଚିନ୍ତା ବଢ଼ାଇଛନ୍ତି ଡୁମୁରିଆ ଗାଁ ନିକଟରେ ଥିବା ୨୬ ଟିକିଆ ହାତୀପଲ। ଦିନବେଳେ ଜଙ୍ଗଲ ରହୁଥିବା ବେଳେ ସନ୍ଧ୍ୟା ହେଲେ ଗାଁ ଅଭିମୁଖେ ଆସିବା ସହିତ ଧାନ ବିଲରେ ବ୍ୟାପକ ଫସଲ ନଷ୍ଟ କରୁଛନ୍ତି। ହାତୀ ଏବଂ ମନୁଷ୍ୟଙ୍କୁ ସୁରକ୍ଷା ଦେବା ବନ ବିଭାଗ ପାଇଁ ବଡ଼ ଚାଲେଞ୍ଜ ପାଲଟିଛି। ହାତୀ ଏବଂ ମନୁଷ୍ୟ ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ୨୪ ଘଣ୍ଟିଆ ପାଟ୍ରୋଲିଂ ବ୍ୟବସ୍ଥା କରିଛି। ହାତୀ ଥିବା ଜଙ୍ଗଲ ନିକଟକୁ ନଯିବାକୁ ବାରଣ କରିଛି ବନ ବିଭାଗ।

# ନିମାପଡ଼ାରେ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା ଓ ମାନପତ୍ର ପ୍ରଦାନ



ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡାରେ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିବା ବେଳେ ବରିଷ୍ଠ ନାଗରିକ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ବରିଷ୍ଠ ନାଗରିକମାନେ କିପରି ତୁରନ୍ତ ନ୍ୟାୟ ପାଇବେ ସେ ସଂପର୍କରେ ଥାନାଧିକାରୀ କହିଥିଲେ। ମାତ୍ର ବରିଷ୍ଠ ନାଗରିକଙ୍କୁ ନ୍ୟାୟ ମିଳିବା ବିଳମ୍ବ ଘଟୁଥିବା ବେଳେ ତୁରନ୍ତ ପ୍ରଦାନ କରାଯିବ ବୋଲି କୁହାଯାଇଛି। ସୂଚନା ଅନୁଯାୟୀ, ମହାବୀର ବରିଷ୍ଠ ନାଗରିକ ମଞ୍ଚର ହରିଶପୁର ମହାବୀର ମନ୍ଦିର ପ୍ରାଙ୍ଗଣରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ୫୪ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା କରାଯିବା ସହ ପ୍ରମାଣପତ୍ର ବଣ୍ଟନ କରାଯାଇଛି। ଖେଲାର ସରସ୍ୱତୀ ଶିଶୁମନ୍ଦିର ଦ୍ୱାରା ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ନିମାପଡ଼ା ଥାନାଧିକାରୀ ବାମଦେବ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନୀୟ ଅତିଥି ଗନ୍ଧର୍ବ ବେହେରା ଯୋଗ ଦେଇଥିଲେ। ଅତିଥିଙ୍କ ମଧରେ ସୁରେନ୍ଦ୍ର ପରିଡ଼ା, ରବି ନାରାୟଣ ଷଡ଼ଙ୍ଗୀ, ରବିନ୍ଦ୍ର ନାଥ ସ୍ୱାଇଁ, ପିପିଲି ଶିକ୍ଷା ବିକାଶ ପ୍ରମୁଖ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା ଯୋଗ ଦେଇଥିଲେ। ବରିଷ୍ଠ ନାଗରିକ କିପରି ସ୍ୱାସ୍ଥ୍ୟବୀମା ପାଇପାରିବେ ଓ ଆଇନର ସହାୟତା ପାଇବେ ସେ ନେଇ ଆଲୋଚନା କରାଯାଇଥିଲା। ଖେଲାର ଶିଶୁ ମନ୍ଦିରର ଆଚାର୍ଯ୍ୟ ପୁଷ୍ପକାନ୍ତ ପଣ୍ଡା ମଞ୍ଚ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ବନ୍ଧୁକ ତିଆରି ଯନ୍ତ୍ରାଂଶ ସହ ମାଓସମଗ୍ରୀ ଜବତ

ମାଲକାନଗିରି(ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡରେ ମାଓ ବିରୋଧୀ ଅପରେସନ୍ ସମୟରେ ବିପୁଳ ମାଓ ସାମଗ୍ରୀ ସହ ବନ୍ଧୁକ ତିଆରି ଯନ୍ତ୍ରପାତି ଠାବ ହୋଇଛି। ସୂଚନା ଅନୁଯାୟୀ ଛତିଶଗଡର ନାରାୟଣପୁରରେ ଡିଆରଜି ଏବଂ ବିଏସଏଫ ଯବାନ ମାନେ ମିଳିତ ରୂପେ ମାଓ ଦମନ ଲାଗି ତଲାସି ଅଭିଯାନ କରୁଥିଲେ। ଜିଲ୍ଲାର ଓ୍ୱାଲା ଓ ପାଙ୍ଗୁରର ଜଙ୍ଗଲରେ ତଲାସି ବେଳେ ସୁରକ୍ଷା ବାହିନୀ ମାଓବାଦୀ ଲୁଚାଇ ରଖିଥିବା ବିପୁଳ ପରିମାଣର ମାଓ ସାମଗ୍ରୀ ଓ ଅସ୍ତ୍ର ଶସ୍ତ୍ର ସହ ବନ୍ଧୁକ ତିଆରି ପାଇଁ ବ୍ୟବହୃତ ହେଉଥିବା ଯନ୍ତ୍ରାଂଶ ଜବତ କରିଥିଲେ ଯବାନ ମାନେ। ଉଦ୍ଧାର ହୋଇଥିବା ସାମଗ୍ରୀ ମଧ୍ୟରେ ଏଲପିଜି ସିଲିଣ୍ଡର, ୱେଲ୍ଡିଂ ଗ୍ୟାସ ସିଲିଣ୍ଡର, ଫୋଲଡେବଲ୍ ଚେୟାର, ଡିଟୋନେଟର, ବିସ୍ଫୋରକ, ମାଓ ପୋଷାକ, ଅସ୍ତ୍ର ତିଆରି ମେସିନ୍, ତେଲ ଟିଣ, ସାବୁନ୍ ଏବଂ ବହୁ ପରିମାଣର ମାଓ ସାହିତ୍ୟ ସହିତ ଅନ୍ୟାନ୍ୟ ଦୈନନ୍ଦିନ ଉପଯୋଗୀ ସାମଗ୍ରୀ ଜବତ ହୋଇଛି। ତେବେ ବିପୁଆଲ ପରିମାଣର ମାଓ ସମଗ୍ରୀ ଜବତ ନାରାୟଣପୁର ପୋଲିସ ପାଇଁ ଏକ ବଡ ସଫଳତା ହୋଇଥିବା ବେଳେ ଅଞ୍ଚଳରେ ମାଓ ଦମନ ଲାଗି ଯବାନଙ୍କ ଦ୍ୱାରା ତଲାସି ଅଭିଯାନକୁ ଆହୁରି ବଢାଇ ଦିଆଯାଇଛି।

# ଦେବ ଇଣ୍ଟର ନ୍ୟାସନାଲ ସ୍କୁଲରେ ବାର୍ଷିକ ଖାଦ୍ୟ ମେଳା



ବ୍ୟାସନଗର(ଭାସ୍କର ନ୍ୟୁଜ): ଯାଜପୁର ଜିଲ୍ଲା କଳିଙ୍ଗନଗର ଅଞ୍ଚଳ କୁସୁନପୁରସ୍ଥିତ ଦେବ ଇଣ୍ଟର ନ୍ୟାସନାଲ ସ୍କୁଲରେ ବାର୍ଷିକ ଖାଦ୍ୟ ମେଳା ଶନିବାର ବହୁ ଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ପ୍ରଶାସନିକ ଅଧିକାରୀ ନିର୍ମଳ କୁମାର ରଣାଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କରି ବ୍ଲକ୍ ଶିକ୍ଷା ଅଧିକାରୀ ସୁଦର୍ଶନ ମଲ୍ଲିକ ଓ ସମ୍ମାନୀତ ଅତିଥି ଭାବେ ପଞ୍ଜାବ ଏଣ୍ଡ ସିନ୍ଧ ବ୍ୟାଙ୍କ୍ ଯାଜପୁର ରୋଡ ଶାଖା ମ୍ୟାନେଜର ସୁଶ୍ରୀ ସ୍ୱାଗତିକା ସାମନ୍ତରାୟ ଯୋଗ ଦେଇଥିଲେ। ଏହି ପ୍ରଦର୍ଶନୀରେ ୮୦ରୁ ଉର୍ଦ୍ଧ୍ୱ ଷ୍ଟଲରେ ୧୫୦ରୁ ଅଧିକ ପ୍ରକାରର ଖାଦ୍ୟପେୟ ତଥା ବିଭିନ୍ନ ଖେଳ ଉପଲବ୍ଧ ରହିଥିଲା। ପିଲା ଓ ଅଭିଭାବକ ମିଶି ୪ ହଜାରରୁ ଉର୍ଦ୍ଧ୍ୱ ଜନସମାଗମ ହୋଇଥିଲା। ଏହି ମେଳାରେ ମୁଖ୍ୟ ଆକର୍ଷଣ ବ୍ୟଞ୍ଜନ ଥିଲା ବିରୀୟାନି, ଦହିବରା, କଟଲେଟ, ଚପ, ଚାଟ, ଖିରି, ଫ୍ରୁଟ ଚାଟ, ନିମ୍ବୁ ପାଣି ଆଦି। ବିଭିନ୍ନ ଖେଳର ବି ମଜା ନେଇଥିଲେ କୁନି କୁନି ପିଲା। ସାଂପ୍ରତିକ ସମାଜରେ ଖାଦ୍ୟର ଉପଯୋଗିତା ସମ୍ପର୍କରେ ନିଜର ମତ ରଖିଥିଲେ ମୁଖ୍ୟ ଅତିଥି। ଛାତ୍ରଛାତ୍ରୀଙ୍କ ସହ ଅଭିଭାବକନ ବିଭିନ୍ନ ସ୍ୱାଦିଷ୍ଟ ବ୍ୟଞ୍ଜନ ଖାଇ ଖୁସିବ୍ୟକ୍ତ କରିଥିଲେ। ଏକାଡେମୀକ ମୁଖ୍ୟ ସୋନିଆ ବେଦୀ ଓ ବଲବୀର ସିଂ ସମସ୍ତ ଦାୟିତ୍ୱ ନିଭାଇଥିଲେ। ଏଥିସହ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ମେଡାଲ ସହ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମର ସଫଳ ରୂପାୟନରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପୂର୍ଣ୍ଣ ସହଯୋଗ କରିଥିଲେ। ବିଦ୍ୟାଳୟର ଅଧକ୍ଷ ବୁଦ୍ଧଦେବ ରାଉତ ଛାତ୍ରଛାତ୍ରୀଙ୍କର ଏଭଳି ଆୟୋଜନକୁ ପ୍ରସଂଶା କରିବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ନମ୍ବର ବିହୀନ ପୁରୁଣା ଟ୍ରାକ୍ଟରରେ ବିପଦସଙ୍କୁଳ କାଠବୁହା



ନିଆଳି(ଭାସ୍କର ନ୍ୟୁଜ): କଣ୍ଟାପଡା ବ୍ଲକ୍ ଓଲଟପୁର ଥାନା ଅଧିନସ୍ଥ ଫୁଲନଖରା ନିଆଳି ରାଜ୍ୟ ରାଜପଥରେ ଅଡଶପୁର ଜନଗହଳିପୂର୍ଣ୍ଣ କଲେଜ ଛକରେ ନମ୍ବର ବିହୀନ ପୁରୁଣା ଟ୍ରାକ୍ଟରରେ ମୋଟା ମୋଟା କାଠଗୁଡିକ ମାତ୍ର ଗୋଟିଏ ରଶିରେ ବନ୍ଧା ହୋଇ ଯାଉଥିବା ଦେଖିବାକୁ ମିଳିଛି। କାଠ ଗାଡି ଯେଉଁ ଅବସ୍ଥାରେ ଯାଉଥିଲା କଲେଜ ଛୁଆ ଓ ସେଠାରେ ଥିବା ଲୋକଙ୍କ ମନରେ ଭୟ ସୃଷ୍ଟି ହୋଇଥିଲା। କାଠମାଫିଆ ପ୍ରତ୍ୟେକ ଦିନ ବଡ ବଡ ବୃକ୍ଷ କାଟି ନେଉଥିଲେ ମଧ ଜଙ୍ଗଲ ବିଭାଗ ଚୁପ୍। ନଂ ବିହୀନ ପୁରୁଣା ଟ୍ରାକ୍ଟର ବ୍ୟବହାର କରାଯାଉଥିଲେ ବି ପରିବହନ ବିଭାଗ କାର୍ଯ୍ୟାନୁଷ୍ଠାନ ନେଉନି। ସ୍ଥାନୀୟ ପୋଲିସ୍ ମାସିକିଆ ବେପାରୀଙ୍କଠାରୁ ଚାନ୍ଦା ନେଉଥିବାରୁ ସେମାନେ ମଧ କାଠଗାଡି ଉପରେ ଆଖି ପକାଉନାହାନ୍ତି। ଯାହା ଫଳରେ ପଥଚାରୀଙ୍କ ଉପରେ ବିପଦ ସୃଷ୍ଟି ହେଉଛି। ଏଥିପ୍ରତି ଜଙ୍ଗଲ ଓ ପରିବହନ ବିଭାଗ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି।

# ଧାନକଟା ଆରମ୍ଭରୁ ଗାଁରେ ବୁଲିଲେଣି ବେପାରି: ଯୋଗାଣ ବିଭାଗ ଚୁପ୍

ନିଆଳି(ଭାସ୍କର ନ୍ୟୁଜ): ନିଆଳି ବ୍ଲକ୍ ୨୩ ଗୋଟି ଗ୍ରାମ ପଞ୍ଚାୟତରେ ଶତାଧିକ ଗ୍ରାମରେ ଏବେ ନାମକୁ ମାତ୍ର ଧାନକଟା ଆରମ୍ଭ ହୋଇଛି। ଧାନ କଟା ଆରମ୍ଭ ହୋଇଥିଲେ ମଧ ଏ ପର୍ଯ୍ୟନ୍ତ କଟକ ଜିଲ୍ଲାରେ କୌଣସି ଧାନ ମଣ୍ଡି ଖୋଲା ହୋଇ ନାହିଁ। ଚାଷୀ ମାନଙ୍କୁ ଶୋଷଣ କରିବା ନିମନ୍ତେ ବେପାରିମାନେ ଗାଁ ଦାଣ୍ଡରେ ବୁଲୁଛନ୍ତି। ଅଳ୍ପ ପଇସାରେ ଧାନ ନେଇ ଓ ମାପରେ ଠକେଇ କରୁଥିବା ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ କୃଷ୍ଣପ୍ରସାଦ ପଞ୍ଚାୟତରେ ବହୁ ବେପାରୀ ଟାଟା ଏସି ଗାଡ଼ି ଧରି କ୍ୱିଣ୍ଟାଲ କ୍ୱିଣ୍ଟାଲ ଧାନ ପଡୋଶୀ ଜିଲ୍ଲା ପୁରୀ ଜିଲ୍ଲାକୁ ନେଉଥିବା ଦେଖିବାକୁ ମିଳିଛି। ଏ ଦିଗରେ ନିଆଳି ବ୍ଲକ୍ ଯୋଗାଣ ଅଧିକାରୀ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି।

# ବେଳାଭୂମିରେ ମୃତ ଅଲିଭ୍ ରିଡ୍‌ଲେ

କୋଣାର୍କ(ଭାସ୍କର ନ୍ୟୁଜ): ଶନିବାର ଅପରାହ୍ନରେ ଚନ୍ଦ୍ରଭାଗା ବେଳାଭୂମି ଇକୋ ରିଟ୍ରିଟ ନିକଟରେ ମୃତ ଅଲିଭରିଡ଼ଲେ ଭାସୁଥିବା ଦେଖିବାକୁ ମିଳିଛି। ବେଳାଭୂମି ବୁଲିବାକୁ ଆସିଥିବା ପର୍ଯ୍ୟଟକମାନେ ମୃତ ଅଲିଭ୍ ରିଡ଼ଲେର ଫଟୋ ଉଠାଉଥିଲେ। ବର୍ତ୍ତମାନ ଅଲିଭ୍ ରିଡ଼ଲଙ୍କ ଅଣ୍ଡା ଦେବା ସମୟ। ଏହି ସମୟରେ ମାଳ ମାଳ ଅଲିଭ୍ ରିଡ଼ଲେ କୂଳକୁ ଆସି ସୁରକ୍ଷିତ ଭାବେ ଅଣ୍ଡା ଦେଇଥାନ୍ତି। ନଭେମ୍ବର ୧ରୁ ମେ ୩୧ ପର୍ଯ୍ୟନ୍ତ କଟକଣା ଜାରି ହୋଇଥିବା ବେଳେ ପ୍ରଶାସନର ଖାମଖିଆଲ ନୀତିଯୋଗୁଁ ଚନ୍ଦ୍ରଭାଗା ଉପକୂଳ ନିଷିଦ୍ଧାଞ୍ଚଳରେ ବେଆଇନ ଟ୍ରଲର ଚଳାଚଳ ଅଲିଭ୍ ରିଡଲେଙ୍କ ମୃତ୍ୟୁର କାରଣ ସାଜିଛି।

# ବେଆଇନ ପାର୍କିଂ ପାଇଁ ଅସମ୍ଭାଳ ଭିଡ଼ରେ ଫସିରହିଲା ଆମ୍ବୁଲାନ୍ସ

ବାରଙ୍ଗ(ଭାସ୍କର ନ୍ୟୁଜ): ବାରଙ୍ଗରେ ହୋଇଗଲାଣି ଛତୁ ଫୁଟିଲା ଭଳି ଏକାଧିକ ବିବାହ ମଣ୍ଡପ। ହେଲେ ଅନେକ ମଣ୍ଡପର ପାର୍କିଂ ସୁବିଧା ନାହିଁ। ଫଳରେ ବିବାହ ସମୟରେ ଉକ୍ତ ମଣ୍ଡପକୁ ଆସୁଥିବା ଗେଷ୍ଟମାନେ ନିଜର କାର ଓ ବାଇକ ରାସ୍ତା କଡରେ ଥୋଇ ଦେଇ ମଣ୍ଡପ ମଧକୁ ପ୍ରବେଶ କରୁଛନ୍ତି। ଫଳରେ ବାରଙ୍ଗ-ନନ୍ଦନକାନନ ମୁଖ୍ୟ ରାସ୍ତା ଜାମ ହୋଇ ହୋଇ ରହୁଛି। ଫଳରେ ଅନେକ ସମୟରେ ନାହିଁନଥିବା ଭିଡ଼ ପରିଲକ୍ଷିତ ହୋଇଛି। ଏପରି ଭାବେ ଶନିବାର ରାତି ୯ଟାରୁ ଦୁଇ ଘଣ୍ଟାରୁ ଅଧିକ ସମୟ ଧରି ଏଭଳି ଅବସ୍ଥା ରହିଥିଲେ ମଧ ସମ୍ଭାଳିବା ପାଇଁ କୌଣସି ପୋଲିସ ବା ଟ୍ରାଫିକ୍ କର୍ମଚାରୀଙ୍କୁ ଦେଖିବାକୁ ମିଳି ଥିଲା। ଏଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସହ ମଣ୍ଡପ ଆଗରେ ହେଉଥିବା ବେଆଇନ ପାର୍କିଂ ପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ପୁରୀରେ ଜାତୀୟ ମାନବାଧିକାର ସମ୍ମିଳନୀ




ପୁରୀ(ଭାସ୍କର ନ୍ୟୁଜ): ପୁରୀସ୍ଥିତ ଯୁଥ ହଷ୍ଟେଲ ସମ୍ମିଳନୀ କକ୍ଷରେ ୩ ଦିବସୀୟ ଜାତୀୟ ମାନବଧିକାର ସମ୍ମିଳନୀର ପ୍ରାରମ୍ଭ ହୋଇଛି। ମାନବଧିକାର ସଂଗଠନ ଅଧକ୍ଷ ମୋନଜ ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଦିବସୀୟ ଜାତୀୟ ମାବଧିକାର ସମ୍ମିଳନୀର ପ୍ରଥମ ଦିବସର ସାଧାରଣ ସଭାରେ ବିଭିନ୍ନ ରାଜ୍ୟରୁ ଶତାଧିକ ମାନବଧିକାର ରକ୍ଷକ କର୍ମୀମାନେ ଯୋଗ ଦେଇଥିବା ବେଳେ ଅତିଥି ଭାବେ ମାନବଧିକାର ସଂଗଠନର ଆଇନଜୀବି ଡ. ମନୀଷା ଦାଶ, ବାଲୁ ଆକ୍ସିସା (ଆନ୍ଧ୍ରପ୍ରଦେଶ), କଲିକତା ଉଚ୍ଚନ୍ୟାୟାଳୟ ଆଇନ୍ଜୀବି ଅଭିଜୀତ ଚାଟାର୍ଜି (ପଶ୍ଚିମ ବଙ୍ଗ), ରାଇମନୀ ମୁଣ୍ଡା (ରାଞ୍ଚୀ), ପଶ୍ଚିମବଙ୍ଗରୁ ରାଜୀବ ସିଟ୍, ସତଲପ ଭଟ୍ଟାଚାର୍ଯ୍ୟ ଏବଂ ପ୍ରଦୀପ ମଣ୍ଡଳ ପ୍ରମୁଖ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମରେ ଡ. ରାଜୀବ କୁମାର ପଟ୍ଟନାୟକ ସଭାପତିତ୍ୱ କରିବା ସହିତ ମଞ୍ଚ ପରିଚାଳନା କରିଥିଲେ। ସମ୍ମିଳନୀରେ ବର୍ତ୍ତମାନ ସମାଜରେ ବଢୁଥିବା ନିର୍ଯାତନା ଓ ମାବଧିକାର ଉଲ୍ଲଂଘନକୁ ମାନବଧିକାର କର୍ମୀମାନେ କିପରି ବିଭିନ୍ନ ମାନବଧିକାର ଆୟୋଗକୁ ନେଇ ପିଡିତଙ୍କୁ ନ୍ୟାୟ ଦେବାରେ ସକ୍ଷମ ହୋଇପାରିବେ ସେଥିନେଇ ତାଲିମ ପ୍ରଦାନ କରାଯିବାର ଲକ୍ଷ୍ୟ ରଖାଯାଇଛି। ଏହା ସହିତ ମାବଧିକାର ସମ୍ପର୍କିତ ଆଇନ୍ କାନୁନ ଓ ନୀୟମାବଳୀ ଜାଣି ସମାଜରେ ଘଟୁଥିବା ବିଭିନ୍ନ ମାବଧିକାର ଉଲ୍ଲଂଘନକୁ ଯେପରି ହ୍ରାସ କରାଯାଇ ପାରିବ ସେଥିନେଇ ମାନବାଧିକାର ରକ୍ଷକ କର୍ମୀଙ୍କୁ ପ୍ରଶିକ୍ଷଣ ଦେବାର କାର୍ଯ୍ୟକ୍ରମ ରହିଛି। ପୁରୀ ଜିଲ୍ଲା ମାବଧିକାର ସଂଯୋଜିକା ପ୍ରାନ୍ତସିନୀ ଜେନା, ଶ୍ରୀଜଗନ୍ନାଥ ବିଦ୍ୟାଳୟ ଓ ପ୍ରଉନ୍ନ ସିଣ୍ଡିକେଟ୍ ସଦସ୍ୟ ଡ.ବଳରାମ ଦାଶ, ଆଇନ୍‌ଜୀବୀ ଶ୍ରୀକାନ୍ତ ପରିଜା ଏବଂ ପେଟ୍ରିକ ଉଚ୍ଚବିଦ୍ୟାଳୟର ଡ. ଶଶିକାନ୍ତ ରଥ ପ୍ରମୁଖଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଛି।

# ପାହାଡ଼ରୁ ପଥର ସଂଗ୍ରହ କରି ଟ୍ରାକ୍ଟରରେ ଲୋଡ୍ କରୁଛନ୍ତି ଶିଶୁ ଶ୍ରମିକ



ବାଲିମେଳା(ଭାସ୍କର ନ୍ୟୁଜ): ପେଟର ଭୋକକୁ ମେଣ୍ଟାଇବାକୁ ଯାଇ ଭୁଲିଯାଇଛି ନିଜର ଶୈଶବ ମୁହଁରେ ଅଛିତ ଜାତନାର ମିଛ ହସଟିଏ। ଆଉ ଶୁଖିଲା ପେଟରେ ମୁଠାଏ ଦାନା ଦେବାର ପ୍ରୟାସ। ସହର ହେଉ କିମ୍ବା ଗ୍ରାମାଞ୍ଚଳ ସବୁଠି ଏବେ ଶିଶୁ ଶ୍ରମିକଙ୍କ ସଂଖ୍ୟା ବଢ଼ିବଢ଼ି ଚାଲିଛି। ସେମାନଙ୍କୁ ଶିକ୍ଷାଦାନ ସହ ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ସରକାରଙ୍କ ପକ୍ଷରୁ ଚାଲିଛି ଯୋଜନା ପରେ ଯୋଜନା। ଏଥିପାଇଁ ଖର୍ଚ୍ଚ ହେଉଛି କୋଟି କୋଟି ଟଙ୍କା। କେତେକ ଲୋକ ଶିଶୁଙ୍କୁ ଏବେବି କର୍ମକ୍ଷେତ୍ରରେ ନିୟୋଜିତ କରି ଖୋଲାଖୋଲି ଆଇନକୁ ଉଲଂଘନ କରୁଛନ୍ତି। ମାଲକାନଗିରି ଜିଲ୍ଲା ଭଳି ଆଦିବାସୀ ଅଧୁଷିତ ଅଞ୍ଚଳରେ ଶିଶୁ ଶ୍ରମିକ ଉଚ୍ଛେଦ କରିବାକୁ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ହେଲେ ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ହୋଇପାରୁନାହିଁ। ଏବେ ବି ବିଭିନ୍ନ ହୋଟେଲ, ଗ୍ୟାରେଜ, ଗାଡ଼ିରେ ଦୋକାନ ଏବଂ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନରେ ଛୋଟ କୋମଳମତି ପିଲାଙ୍କୁ ବିଭିନ୍ନ କାମରେ ଲଗାଯାଉଛି। ଏହାର ସୁଯୋଗରେ ଶିଶୁ ସୁରକ୍ଷା ଆଇନ ଆଖିରେ ଧୂଳି ଦେଇ କେତେକ ମୁଷ୍ଟିମେୟ ଲୋକ କୋମଳମତି ଶିଶୁଙ୍କୁ କର୍ମ କ୍ଷେତ୍ରରେ ବ୍ୟବହାର କରୁଛନ୍ତି। କେତେକ କ୍ଷେତ୍ରରେ ଏଭଳି ବେଆଇନ କାର୍ଯ୍ୟ ବିଭାଗୀୟ ଅଧିକାରୀଙ୍କ ଜାଣତରେ ହେଉଥିବା ନେଇ ଅଭିଯୋଗ ହେଉଛି। ଶିଶୁମାନଙ୍କୁ ବେଆଇନ ଭାବେ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରୁଥିବା ମାଲିକଙ୍କ ବିରୁଦ୍ଧରେ କି ପ୍ରକାର ଆଇନ ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ତାହା ଆଦୌ ଜଣା ପଡୁନାହିଁ। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅଧିନସ୍ତ ଅଞ୍ଚଳ ତେନ୍ତୁଳିଗୁଡା ଗ୍ରାମଠାରୁ କିଛି ଦୂର ତଥା ବାଲିମେଳା-ମାଲକାନଗିରି ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ଏକ ପାହାଡ଼ରୁ ଶନିବାର ସକାଳେ ସିରାଗୁଡା ଗ୍ରାମର ୩/୪ଜଣ କୋମଳମତି ଶିଶୁ ପଥର ସଂଗ୍ରହ କରି ଉକ୍ତ ଗ୍ରାମର ଟ୍ରାକ୍ଟର ମାଲିକ ଲକ୍ଷ୍ମଣ ଖିଲଙ୍କ ଗାଡି ନମ୍ବର ଓଡି-୩୦-ସି-୬୨୨୪ ର ଡ଼ାଲାରେ ଦିନରେ ଲୋଡ଼ କରୁଥିବା ଦୃଶ୍ୟ ଦେଖିବାକୁ ମିଳିଛି। ତେବେ ଏଠାରେ ଗାଡି ମାଲିକଙ୍କ ପାଖରେ ମୁଲ ଲାଗୁଥିବା ଛୋଟ ପିଲାଙ୍କୁ ଦେଖିଲେ ଜିଲ୍ଲାର ଶିଶୁ ଶ୍ରମିକଙ୍କ ସାଙ୍ଘାତିକ ସ୍ଥିତି ବିଷୟରେ ସ୍ପଷ୍ଟ ଭାବେ ଜଣା ପଡେ। ତେବେ ବିଡମ୍ବନାର ବିଷୟ ଦିନ ବେଳା ରାଜରାସ୍ତାକୁ ଲାଗି ରହିଥିବା ପାହାଡ଼ରୁ ଖୁଲାମ ଖୁଲା ବେଆଇନ ଭାବେ କିଛି ଗାଡି ମାଲିକ ଉକ୍ତ ଅଞ୍ଚଳ ଦାୟିତ୍ୱରେ ଥିବା ବିଭାଗ କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ ବହୁବାର ପଥର ଓ ମୋରୁମ ସଂଗ୍ରହ କରି ନେଉଥିବା ନଜିର ରହିଛି। ତେବେ ଏହି ଅଞ୍ଚଳ ଦାୟିତ୍ୱରେ ଥିବା ବନ ବିଭାଗ ଓ ରାଜସ୍ୱ ବିଭାଗର ଅଧିକାରୀ ଏବଂ କର୍ମଚାରୀଙ୍କ ନଜରରେ ଏହା କିପରି ପଡୁନି ତାହାକୁ ନେଇ ସ୍ଥାନୀୟ ଲୋକଙ୍କ ମନରେ ବିରାଟ ପ୍ରଶ୍ନବାଚି ସୃଷ୍ଟି କରିଛି। ଏ ସମ୍ପର୍କରେ କୋରୁକୋଣ୍ଡା ବନପାଳଙ୍କ ଅଧୀନରେ ଏହି ଅଞ୍ଚଳ ଦାଇତ୍ୱରେ ଥିବା ବନରକ୍ଷୀ ସୁରେନ୍ଦ୍ର ଦିହୁଡ଼ିଙ୍କୁ ପଚାରିବାରୁ ସେ ଏ ବିଷୟରେ ଜାଣି ନାହାନ୍ତି ବୋଲି କହିଛନ୍ତି। ଏ ସମ୍ପର୍କରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସଙ୍କୁ ପଚାରିବାରୁ ସେ କହିଥିଲେ ଯେ, ଏହି ଘଟଣାର ତଦନ୍ତ ପାଇଁ ଚାଇଲଡ ଲାଇନର ଏକ ସ୍ୱତନ୍ତ୍ର ଟିମକୁ ଉକ୍ତ ଅଞ୍ଚଳକୁ ତୁରନ୍ତ ପଠାଇବି। ଉକ୍ତ ଗାଡି ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମୁଁ ଆଞ୍ଚଳିକ ପାରିବହନ ବିଭାଗକୁ ଜଣାଇବି। ତଦନ୍ତ ପରେ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ ଆଇନ ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ

# ଓଡ଼ିଶା ଭାସ୍କର ରାଜ୍ୟ ଖବର



ଆଠମଲ୍ଲିକ, (ଭାସ୍କର ନ୍ୟୁଜ): ଏଚ୍‌ଡିଏଫ୍‌ସି ଆଠମଲ୍ଲିକ ବ୍ୟାଙ୍କ ଶାଖା ପକ୍ଷରୁ ଶୁକ୍ରବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଆଠମଲ୍ଲିକ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷା ଆଶାକୁମାରୀ ସାହୁ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଆଠମଲ୍ଲିକ ଓକିଲସଂଘ ସଭାପତି ସୁଶାନ୍ତ କୁମାର ମହାପାତ୍ର ଯୋଗ ଦେଇଥିଲେ । ଶାଖା ପରିଚାଳକ ଅନିଲ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା । ଆଠମଲ୍ଲିକ ପୋଷ୍ଟମାଷ୍ଟର ଚନ୍ଦନ କୁମାର ସାହୁ ଓ ସ୍ୱେଚ୍ଛାସେବୀ ବିନୟ କୁମାର ପଟ୍ଟନାୟକଙ୍କ ସମେତ ସମୁଦାୟ ୧୯ ଜଣ ରକ୍ତଦାତା ରକ୍ତ ପ୍ରଦାନ କରିଥିଲେ । ଆଠମଲ୍ଲିକ ରକ୍ତକେନ୍ଦ୍ର ପକ୍ଷରୁ ଡାକ୍ତର କୁମାର ସୌରଭ ସବ୍ୟସାଚୀ ବେଉରା ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିବା ବେଳେ ମୁକେଶ କୁମାର ଦେହୁରୀ ରକ୍ତ ପରୀକ୍ଷା କରିଥିଲେ । ସେବିକା ପ୍ରିୟଦର୍ଶିନୀ ସାହୁ ଓ ପରିଚାରକ ସୁଶାନ୍ତ କୁମାର ସାହୁ ରକ୍ତ ସଂଗ୍ରହ କରିଥିଲେ । ରବୀନ୍ଦ୍ରନାଥ ମହାନ୍ତି ଓ ରାକେଶ କୁମାର ଦତ୍ତ ରକ୍ତଦାତାଙ୍କ ପଞ୍ଜିକରଣ କରିଥିଲେ । ରାଧାମୋହନ ତ୍ରିପାଠୀ ରକ୍ତଦାତାଙ୍କୁ ପ୍ରେରଣା ପ୍ରଦାନ କରିଥିଲେ । ସ୍ୱପ୍ନର ପଞ୍ଝା ମୁଖି ଓ ଶ୍ରୀତମ ବେହେରା ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ । ବ୍ୟାଙ୍କ ପକ୍ଷରୁ ରକ୍ତଦାତାଙ୍କୁ ପୁରସ୍କୃତ କରାଯାଇଥିଲା । ରକ୍ତଦାନ ଶିବିରରେ ବ୍ୟାଙ୍କ ଶାଖାର କର୍ମଚାରୀ ସମ୍ବିତ କୁମାର ନାୟକ, ଚନ୍ଦନ କୁମାର ସ୍ୱାଇଁ, ଅମ୍ରିତା ମେହେର, ସୁକନ୍ୟା ଦନ୍ତା, ରାଜେଶ ମଣ୍ଡଳ, ଏଲିଜା ତ୍ରିପାଠୀ ସହଯୋଗ କରିଥିଲେ ।



## ମୁଣ୍ଡ ନେଉଛି ୫୩ ନଂ ଜାତୀୟ ରାଜପଥ



ଡେରାବିଶ, (ଭାସ୍କର ନ୍ୟୁଜ): ମୁଣ୍ଡ ନେଉଛି ୫୩ ନଂ ଜାତୀୟ ରାଜପଥ । ବେଫିକର ପାଲଟିଛନ୍ତି ବିଭାଗୀୟ ଅଧିକାରୀ ଓ ରାଜପଥ ସମ୍ପ୍ରସାରଣ କରୁଥିବା ଠିକା ସଂସ୍ଥା । ୫୩ ନଂ ଜାତୀୟ ରାଜପଥ ଚଣ୍ଡିଖୋଲ ଠାରୁ ପାରାଦ୍ୱୀପ ପର୍ଯ୍ୟନ୍ତ ପୂର୍ବରୁ ୪ ଲେନ୍ ରହିଥିବା ବେଳେ ଏବେ ଏହାକୁ ୮ ଲେନ ବିଶିଷ୍ଟ କରାଯାଉଛି । ହେଲେ ଏହି ରାଜପଥର ଡେରାବିଶ ବ୍ଲକ ଅନ୍ତର୍ଗତ ପଞ୍ଚୁପାଣ୍ଡବ ଛକଠାରୁ ଅଁଳାବାଙ୍କ ଛକଯାଏ ରାସ୍ତାକୁ ରାଜପଥ ସମ୍ପ୍ରସାରଣ କରୁଥିବା ଠିକାଦାର ମରଣଯନ୍ତାରେ ପରିଣତ କରିଛନ୍ତି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । କାରଣ ପ୍ରତ୍ୟେକ ଦିନ ଏହି ରାସ୍ତାରେ ଦୁର୍ଘଟଣା ଘଟିବା ସହିତ ମୁଣ୍ଡ ମଧ ଗଡୁଛି । ଶୁକ୍ରବାର ସନ୍ଧ୍ୟାରେ ଅଁଳାବାଙ୍କ ଛକରେ ଦୁର୍ଘଟଣା ଘଟି ଚାଟରାଚକଡ଼ା ପଞ୍ଚାୟତ ଓଲଢ଼ି ଗ୍ରାମର ଚିତ୍ତରଞ୍ଜନ ରାଉତଙ୍କ ଝିଅ ରାଜଲକ୍ଷ୍ମୀ (୩୧)ଙ୍କ ମୃତ୍ୟୁ ଘଟିଛି । ରାଜଲକ୍ଷ୍ମୀ ଶୁକ୍ରବାର ସନ୍ଧ୍ୟାରେ ତାଙ୍କ ଗ୍ରାମ ଓଲଢ଼ିରୁ ଅଁଳାବାଙ୍କ ଛକ ଦେଇ କେନ୍ଦ୍ରାପଡ଼ା ଅଭିମୁଖେ ଯାଉଥିବା ବେଳେ ପଛପଟୁ ଏକ ଅଜଣା ଗାଡ଼ି ତାଙ୍କୁ ପଛପଟୁ ଧକ୍କା ଦେଇ ଦ୍ରୁତଗତିରେ ପାରାଦ୍ୱୀପ ଅଭିମୁଖେ ପଳାଇ ଯାଇଥିଲା । ଘଟଣା ସ୍ଥଳରେ ଗୁରୁତର ହୋଇପଡ଼ିଥିବା ରାଜଲକ୍ଷ୍ମୀଙ୍କୁ ପରିବାର ଲୋକ ସଙ୍ଗେ ସଙ୍ଗେ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ଓ ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକର ଏକ ଘରୋଇ ହସ୍ପିଟାଲକୁ ନେଇଯାଇଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାତରେ ତାଙ୍କର ବିଳମ୍ବିତ ରାତିରେ ମୃତ୍ୟୁ ହୋଇଯାଇଥିଲା । ରାଜଲକ୍ଷ୍ମୀ ବରଗଡ଼ ଜିଲ୍ଲା ସୋହେଲା ଅଞ୍ଚଳରେ ବିବାହ କରିଥିବା ବେଳେ ଶନିବାର ତାଙ୍କ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାଯାଇଛି । ତେବେ ଅଁଳାବାଙ୍କରେ ଏହି ଦୁର୍ଘଟଣା ନୂଆ ନୁହେଁ ପୂର୍ବରୁ ଦେଢ଼ମାସ ପୂର୍ବରୁ ଏହି ଛକରେ ଦୁଇ ଶତ୍ରୁଙ୍କୁ ମଧ୍ୟ ଏକ ଦ୍ରୁତଗ୍ରାମୀ ଟ୍ରକ ଚାପିଦେବା ଯୋଗୁ ତାଙ୍କର ମଧ ମୃତ୍ୟୁ ହୋଇଥିଲା । ସେହିପରି ଗତ ଦୁଇ ସପ୍ତାହ ତଳେ ପଞ୍ଚୁପାଣ୍ଡବ ଛକରେ ଏକ ଦ୍ରୁତଗ୍ରାମୀ ଗାଡ଼ି ଜଣେ ପଥଚାରୀଙ୍କୁ ଚାପି ଦେବା ଯୋଗୁ ତାଙ୍କର ମଧ ମୃତ୍ୟୁ ହୋଇଯାଇଥିଲା । ଏଥିସହିତ ପ୍ରତ୍ୟେକ ଦିନ ବହୁ ଛୋଟ ବଡ଼ ଦୁର୍ଘଟଣା ଘଟିଚାଲିଛି । ତେବେ ଏ ସମସ୍ତ ଦୁର୍ଘଟଣା ନିମନ୍ତେ ସ୍ଥାନୀୟ ଅଞ୍ଚଳବାସୀ ରାଜପଥ ସମ୍ପ୍ରସାରଣ କରୁଥିବା ଠିକାଦାରଙ୍କୁ ଦାୟୀ କରିଛନ୍ତି । କାରଣ ଏହି ଜାତୀୟ ରାଜପଥଟି ଚାରିଲେନ୍ ବିଶିଷ୍ଟ ହୋଇଥିବା ବେଳେ ଏବେ ଠିକାଦାର ଜଣକ ପ୍ରତ୍ୟେକ ଛକରେ ରାସ୍ତାର ଗୋଟିଏ ପାର୍ଶ୍ୱ ତାଡ଼ି ଓଭର ବ୍ରିଜ ନିର୍ମାଣ କରୁଛନ୍ତି । ଯାହା ଫଳରେ ପ୍ରତ୍ୟେକ ଛକରେ ଗାଡ଼ିଗୁଡ଼ିକ ମାତ୍ର ଦୁଇ ଲେନ୍ ବିଶିଷ୍ଟ ରାସ୍ତାରେ ଚଳପ୍ରଚଳ କରୁଛି । ଯାହା ଫଳରେ ଦୈନିକ ଦୁର୍ଘଟଣା ବଢ଼ିବଢ଼ି ଚାଲିଛି । ଠିକା ସଂସ୍ଥା ପକ୍ଷରୁ ନୂତନ ଭାବେ ନିର୍ମାଣ କରାଯାଉଥିବା ରାସ୍ତାରେ ଗାଡ଼ିଗୁଡ଼ିକୁ ଚଳପ୍ରଚଳ କରିବାକୁ ଅନୁମତି ନଦେଇ ଗୋଟିଏ ରାସ୍ତାରେ ଚଳପ୍ରଚଳ କରାଇବାର ବ୍ୟବସ୍ଥା କରିଥିବାରୁ ବାରମ୍ବାର ଏପରି ଦୁର୍ଘଟଣା ଘଟୁଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ରାଜପଥ ନିର୍ମାଣ କରୁଥିବା ଠିକାଦାର ଜଣକ ମନମାନୀ କରୁଥିବା ବେଳେ ଏ ଦିଗରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଆଦୌ ଦୃଷ୍ଟି ନଦେବା ଅଞ୍ଚଳବାସୀଙ୍କ ମଧରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି । ଯଦି ଏପରି ଅବସ୍ଥା ଲାଗିରହେ ତେବେ ଅଞ୍ଚଳବାସୀ ରାଜରାସ୍ତା ଅବରୋଧ କରିବେ ବୋଲି ଚେତାବନୀ ମଧ ଦେଇଛନ୍ତି ।

## ପୌର ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ



ଗୁଣପୁର, (ଭାସ୍କର ନ୍ୟୁଜ): ଗୁଣପୁର ପୌର ପ୍ରଶାସନ ପକ୍ଷରୁ ସ୍ଥାନୀୟ କୋର୍ଟ ପରିସରରେ ଥିବା ଏକ ଜବରଦଖଲ କୋଠାକୁ ଜେସିବି ମେସିନ ସହାୟତାରେ ମାଟିରେ ମିଶାଇ ଉଚ୍ଛେଦ କରାଯାଇଛି । ଦୀର୍ଘବର୍ଷ ଧରି ବେଆଇନ ଭାବେ ରବି ଆଚାରୀ ନାମକ ଜଣେ ବ୍ୟକ୍ତି କୋର୍ଟ ପରିସରର ଏକ ସରକାରୀ ଜାଗାରେ ପ୍ରଥମେ ଗ୍ୟାରେଜ ଓ ପରେ ଏକ ପକ୍କାଘର କରି ନିଜର କାୟା ବିସ୍ତାର କରି ଚାଲିଥିଲେ । ଏପରିକି ସେଠାରେ ବିଭିନ୍ନ ଅନୈତିକ କାର୍ଯ୍ୟ ଚାଲୁଥିବା ନେଇ ବିଭିନ୍ନ ସମୟରେ ପ୍ରଶାସନ ନିକଟରେ ଅଭିଯୋଗ ହୋଇଆସୁଥିଲା । ତେବେ ଅଭିଯୋଗ ହେଉଥିଲେ ମଧ୍ୟ ବାବୁ ଜଣଙ୍କ ପୂର୍ବ ପ୍ରଶାସନ ଅଧିକାରୀଙ୍କୁ ପ୍ରଭାବିତ କରି ନିଜର ଦବଦବା ଜାହିର କରିଚାଲିଥିଲେ । କିନ୍ତୁ ବର୍ତ୍ତମାନ ରାଜ୍ୟ ସରକାରଙ୍କ କଡ଼ା ଫଂଟକାରା ପରେ ପ୍ରଶାସନ ଚେଇଁ ଉଠିବା ସହ ଜବରଦଖଲକାରୀଙ୍କୁ ନୋଟିସ ଜାରି କରିଥିଲେ । ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ତହସିଲଦାର ଲିଳାବତୀ ଆଚାର୍ଜି ଓ ନିର୍ବାହୀ ଅଧିକାରୀଙ୍କ ଉପସ୍ଥିତିରେ ପୌର କର୍ମଚାରୀ ଜବରଦଖଲକାରୀଙ୍କ ଦ୍ୱାରା ନିର୍ମିତ କୋଠା ଓ ଗ୍ୟାରେଜକୁ ଜେସିବି ମେସିନ ସାହାର୍ଯ୍ୟରେ ଉଚ୍ଛେଦ କରିଥିଲେ । କୌଣସି ପ୍ରକାର ଅପ୍ରିତିକର ପରିସ୍ଥିତିକୁ ଦୃଷ୍ଟିରେ ରଖି ଏକ ପ୍ଲାଟୁନ ସୁରକ୍ଷାକର୍ମୀ ଘଟଣାସ୍ଥଳରେ ମୁତୟନ ହୋଇଥିଲେ । ତେବେ ଗୁଣପୁର ପୌରାଞ୍ଚଳରେ ଶତାଧିକ ସରକାରୀ ଜାଗା ଜବରଦଖଲରେ ରହିଥିବା ବେଳେ ଧର୍ମକୁ ଆଖିଠାର ଭଳି ଏହି ଗୋଟିଏ ଘର ଉଚ୍ଛେଦ କରି ଚୁପ୍ ରହୁଛନ୍ତି ନା ଆଗକୁ ବେଆଇନ ଭାବେ ଜବରଦଖଲରେ ଥିବା ଜାଗା ଉଚ୍ଛେଦ କରୁଛନ୍ତି ଦେଖିବାକୁ ବାକି ରହିଲା ।

## ଟାମଣାକୁ ନୂତନ ମୌଜା ଘୋଷଣା ଦାବି



ଛତ୍ରପୁର, (ଭାସ୍କର ନ୍ୟୁଜ): ଶିହଳା ପଞ୍ଚାୟତ ଅଧୀନ ଟାମଣାକୁ ନୂତନ ମୌଜା ଘୋଷଣା ପାଇଁ ମହୁରୀ ତାଲୁକା ଟାମଣା ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି । ଶୁକ୍ରବାର ଏମାନେ ଛତ୍ରପୁର ଆସି ଗଞ୍ଜାମ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଭାବେ ଅନୁରୋଧ କରିଛନ୍ତି । ଏମାନଙ୍କ ପକ୍ଷରୁ କୁହାଯାଇଛି ଯେ ଗତ ମାସ ୨୨ ତାରିଖରେ ସ୍ଥାନୀୟ ନନ୍ଦୀକେଶ୍ୱର ପୀଠ ଠାରେ ପ୍ରଶାସନ ପକ୍ଷରୁ ଏକ ବୈଠକ ହୋଇଥିଲା । ଏହି ବୈଠକରେ ବନ ବିଭାଗର ଅଧିକାରୀ, ତହସିଲଦାର, ରାଜସ୍ୱ ନିରୀକ୍ଷକ, ବନପାଳ, ଶିହଳା ପଞ୍ଚାୟତ ସରପଞ୍ଚଙ୍କ ସମେତ ଅନ୍ୟମାନଙ୍କୁ ନେଇ ଆଲୋଚନା ହୋଇଥିଲା । ଟାମଣାକୁ ନୂତନ ମୌଜା ପ୍ରକାଶିତ ତହସିଲଦାରଙ୍କ ପକ୍ଷରୁ ହୋଇଥିଲା । ଏଣୁ ଟାମଣାକୁ ନୂତନ ମୌଜା ରୂପେ ଘୋଷଣା କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି ।

## ହିନ୍ଦୁ ସୁରକ୍ଷା ପାଇଁ ଗର୍ଜିଲା ହିନ୍ଦୁ ସୁରକ୍ଷା ମଞ୍ଚ




କେନ୍ଦୁଝର,(ଭାସ୍କର ନ୍ୟୁଜ): ହିନ୍ଦୁ ସୁରକ୍ଷା ମଞ୍ଚର କେନ୍ଦୁଝର ଜିଲ୍ଲା ସଂଯୋଜକ ଘନଶ୍ୟାମ ମହାନ୍ତଙ୍କ ଆହ୍ୱାନକ୍ରମେ ଶୁକ୍ରବାର କେନ୍ଦୁଝର ସହରର କାଳୀ ପଡିଆ ନିକଟରୁ ଏକ ବିଶାଳ ପ୍ରତିବାଦ ଶୋଭାଯାତ୍ରାରେ ହଜାର ହଜାର ହିନ୍ଦୁ ପ୍ରେମୀ ବଙ୍ଗଳାଦେଶରେ ହିନ୍ଦୁମାନଙ୍କ ଉପରେ ହେଉଥିବା ଅମାନବୀୟ ଅତ୍ୟାଚାର ବିରୋଧରେ ସ୍ଲୋଗାନ ଦେବା ସହିତ ବଙ୍ଗଳାଦେଶ ସରକାରକୁ ଚେତାବନୀ ଦେଇଥିଲେ । ଏହି ଶୋଭାଯାତ୍ରା କେନ୍ଦୁଝର କଳିପଡିଆ ଠାରୁ ବାହାରି ନଗର ପରିକ୍ରମା କରିବା ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ବଙ୍ଗଳାଦେଶରେ ହିନ୍ଦୁଙ୍କ ସୁରକ୍ଷା ପାଇଁ ପଦକ୍ଷେପ ନେବାକୁ ଭାରତ ସରକାରଙ୍କୁ ଚେତେଇ ଥିଲେ । ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ । ସାରା ବିଶ୍ୱରେ ହିନ୍ଦୁ ଏକତାର ଅଭାବ ଓ ଅତ୍ୟଧିକ ସହନଶୀଳତା ପାଇଁ ବିଧର୍ମୀମାନଙ୍କ ଆକ୍ରମଣର ଶିକାର ହେଉଛନ୍ତି ହିନ୍ଦୁମାନେ । ୫୦ ବର୍ଷ ତଳେ ଭାରତୀୟଙ୍କ ଦ୍ୱାରା ସ୍ୱାଧୀନ ହୋଇଥିବା ବାଂଲାଦେଶରେ ଏବେ ହିନ୍ଦୁ ନରସଂହାର ଚାଲିଛି । ସେଠାରେ ସଂଖ୍ୟାଲଘୁ ହିନ୍ଦୁମାନଙ୍କ ଉପରେ ଅତ୍ୟାଚାର ହେଉଛି । ମଠ ମନ୍ଦିର ଭାଙ୍ଗିବା ସହିତ ସାଧୁସନ୍ଥମାନଙ୍କୁ ଦେଶଦ୍ରୋହ ଅପରାଧରେ ବନ୍ଦୀ କରାଯାଉଛି । ପରନ୍ତୁ ଖୁସିର କଥା ବାଂଲାଦେଶ ହିନ୍ଦୁଙ୍କରନିଦ ଭାଙ୍ଗିଛି । ମିଛ ଭାଇଚାରା ନିଶାକୁ ପରିତ୍ୟାଗ କରି ଇସ୍କନର ସାଧୁ ସ୍ୱାମୀ ଚିନ୍ମୟ ପ୍ରଭୁଙ୍କ ନେତୃତ୍ୱରେ ହିନ୍ଦୁ ଏକତ୍ରିତ ହୋଇ ପ୍ରତିବାଦ କରୁଛନ୍ତି । ସେମାନଙ୍କୁ ନୈତିକ ସମର୍ଥନ ଦେବା ପାଇଁ ଓ ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରିବା ପାଇଁ ସମଗ୍ର ଭାରତରେ ହିନ୍ଦୁ ସୁରକ୍ଷା ମଞ୍ଚ ପକ୍ଷରୁ ପ୍ରତିବାଦ ସଭା କରୁଛି ବୋଲି ହିନ୍ଦୁସୁରକ୍ଷା ମଞ୍ଚର କେନ୍ଦୁଝର ଜିଲ୍ଲା ସଂଯୋଜକ ଘନଶ୍ୟାମ ମହାନ୍ତ ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମ ରେ ଜିଲ୍ଲାର ବିଭିନ୍ନ ହିନ୍ଦୁ ସଂଗଠନର ହିନ୍ଦୁପ୍ରେମୀ ତଥା ବିଭିନ୍ନ ମତପନ୍ଥର ନେତୃତ୍ୱମାନେ ଯୋଗ ଦେଇଥିଲେ । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ବିଶ୍ୱହିନ୍ଦୁ ପରିସଦ, ହିନ୍ଦୁଜାଗୃତି ମଞ୍ଚ, ଇସ୍କନ ପରିବାର, ଗାୟତ୍ରୀ ପରିବାର, ମହିମା ସମାଜ, ବିଏମ୍‌ଏସ୍, ବନବାସୀ କଲ୍ୟାଣ ଆଶ୍ରମ, ଏବିଭିପି, ଏକଲ୍ଲ ବିଦ୍ୟାଳୟ ପରି ଅନେକ ସଂଗଠନର ସହଯୋଗରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା ।

## ୨୭ରୁ ସରସ୍ୱତୀ କଳା ପରିଷଦର ବାର୍ଷିକୋତ୍ସବ



ଫୁଲନଖରା, (ଭାସ୍କର ନ୍ୟୁଜ): କଟକ ସଦର କନ୍ଦରପୁର କଳାବିହାର ସ୍ଥିତ ସାଂସ୍କୃତିକ ଓ ସାମାଜିକ ସଂଗଠନ ସରସ୍ୱତୀ କଳା ପରିଷଦ(ଏସକେପି)ର ୨୧ ତମ ବାର୍ଷିକ ଉତ୍ସବ ଚଳିତ ଡିସେମ୍ବର ୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ ତିନିଦିନ ବ୍ୟାପି କନ୍ଦରପୁର ସରସ୍ୱତୀ ଶିଶୁମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହେବାକୁ ଏକ ପ୍ରସ୍ତୁତି ବୈଠକ କଇଜଙ୍ଗା ମହାବୀର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ପରିଷଦର ଉପଦେଷ୍ଟା ପ୍ରଫୁଲ୍ଲ କରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ସଂପାଦକ ଆଶୋକ ପଟ୍ଟନାୟକ, ସଭାପତି ପ୍ରତିଭା ଶତପଥୀ, ପ୍ରଫୁଲ୍ଲ ଦାସ, ସମାଜସେବୀ ପ୍ରଲୋପ ନାରାୟଣ ମହାପାତ୍ର, ଦୈତାରି ପ୍ରଧାନ, ଲୋକଭାଷାର ସମ୍ପାଦକ ଶୁକଦେବ ପରିଡ଼ା, ଅଧାପକ ବସୁଦେବ ସ୍ୱାଇଁ, ପ୍ରବାସୀ ସାହିତ୍ୟିକ ଇଂ.ସୁଶାନ୍ତ ବେହେରା, ରଶ୍ମିକାନ୍ତ ଶତପଥୀ, ଅଭିରାମ ସାହୁ, ଇଂ.ଅମୀୟ ରଞ୍ଜନ, ପ୍ରଶାନ୍ତ ପଣ୍ଡା, ମହେନ୍ଦ୍ର ସେଠୀ, ଗଗନ ରାଉତ, ବାବୁଲି ପାତ୍ର, ବାବା ବାବୁ, ଶିବ ନାରାୟଣ ବେହେରା, ପ୍ରଭାତ ମଲ୍ଲିକ ସରସ୍ୱତୀ ସଙ୍ଗୀତ ବିଦ୍ୟାଳୟର ଛାତ୍ରଛାତ୍ରୀ, ଅଭିଭାବକ, ଅଭିଭାବିକା ଏବଂ ପରିଷଦର ସମସ୍ତ କାର୍ଯ୍ୟକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ । ବାର୍ଷିକ ଉତ୍ସବରେ ଅନୁଷ୍ଠିତ ହେବାକୁ ଥିବା ଛାତ୍ରଛାତ୍ରୀଙ୍କ ବିଭିନ୍ନ ପ୍ରତିଯୋଗିତା, ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ସଭା, ପତ୍ରପତ୍ରିକା ଉନ୍ମୋଚନ, ନାଟକ 'ଦୁଃଖରେ କାନ୍ଦୁଛି ଦେଖିବ ଆସ' ପରିବେଷଣ ଆଦି କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇଥିଲା । ଏହି ରାଜ୍ୟ ସ୍ତରୀୟ ପ୍ରତିଭା ମହୋତ୍ସବରେ ଅନୁଷ୍ଠିତ ହେବାକୁ ଥିବା ଥିବା ବିଭିନ୍ନ ପ୍ରତିଯୋଗିତା ଯଥା ସଙ୍ଗୀତ, ବକ୍ତୃତା, ରଚନା, ଚିତ୍ରାଙ୍କନ, ଅଭିନୟ, ଗ୍ରୁପ୍ ନୃତ୍ୟ, ଭଜନ ନୃତ୍ୟ, ଝୋଟି, ଓଡ଼ିଶୀ ଆଦି ବିଭିନ୍ନ ପ୍ରତିଯୋଗିତାର ପଞ୍ଜିକରଣ ନେଇ ବରେଣ୍ୟ ସଂପାଦକଙ୍କ ଦୂରଭାସ - ୯୦୯୦୦୨୦୪୨୯ ନମ୍ବରରେ ଯୋଗାଯୋଗ କରିବାକୁ ନିବେଦନ କରାଯାଇଛି । ଶେଷରେ କୋଷାଧକ୍ଷ ଇଂ.ସେବକ ଶ୍ରୀକାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

## ଅଗ୍ନିକାଣ୍ଡରେ ୪ ବଖରା ଜଳିଗଲା



ଡେରାବିଶ,(ଭାସ୍କର ନ୍ୟୁଜ): ଡେରାବିଶ ବ୍ଲକ ନହଙ୍ଗ ପଞ୍ଚାୟତ ଅନ୍ତର୍ଗତ ବଡ଼ସାରଦେଇପୁର ଗ୍ରାମରେ ଗୁରୁବାର ରାତିରେ ଅଗ୍ନିକାଣ୍ଡ ଘଟି ତିନି ପରିବାରର ଚାରି ବଖରା ଘର ପୋଡ଼ି ପାଉଁଶ ହୋଇଯାଇଛି । ଗୁରୁବାର ବିଳମ୍ବିତ ରାତିରେ କୌଣସି କାରଣରୁ ବଡ଼ସାରଦେଇପୁର ଗ୍ରାମର କୁଳମଣି ମଲିକ, ନରେନ୍ଦ୍ର କୁମାର ମଲିକ ଓ ଅନିରୁଦ୍ଧ ମଲିକଙ୍କ ଘରେ ନିଆଁ ଲାଗିଯାଇଥିଲା । ନିଆଁର ପ୍ରକୋପ ଏତେ ଥିଲା ଯେ ଚାହୁଁ ଚାହୁଁ ତିନି ପରିବାରର ୪ ବଖରା ଘର ଜଳି ପାଉଁଶ ହୋଇଯାଇଥିଲା । ଖବର ପାଇ ଡେରାବିଶ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ । ତେବେ ଏହି ଅଗ୍ନିକାଣ୍ଡରେ ତିନୋଟି ପରିବାରର ସମସ୍ତ ଆସବାବପତ୍ର ସମେତ ବର୍ଷକର ଆହାର ପୋଡ଼ି ପାଉଁଶ ହୋଇଯାଇଛି । ଏପରିକି ଏହି ତିନି ପରିବାର ନିକଟରେ ପିନ୍ଧାଲୁଗା ବ୍ୟତୀତ ଅନ୍ୟ କିଛି ନଥିବା ଜଣାଯାଇଛି । ଘଟଣାସ୍ଥଳରେ ଡେରାବିଶ ତହସିଲ ପକ୍ଷରୁ କର୍ମଚାରୀ ପହଞ୍ଚି କ୍ଷୟକ୍ଷତିର ଆକଳନ କରିଥିବା ଜଣାଯାଇଛି । ତେବେ ଏହି ଅଗ୍ନିକାଣ୍ଡରେ ତିନୋଟି ପରିବାରର ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି ।

## ୨ ମୃତ ବିଦେଶୀ ପକ୍ଷୀ ଜବତ, ବୃଦ୍ଧ ଗିରଫ

ଟାଙ୍ଗୀ, (ଭାସ୍କର ନ୍ୟୁଜ): ଟାଙ୍ଗୀ ବନ୍ୟପ୍ରାଣୀ ବିଭାଗର ପକ୍ଷୀ ସୁରକ୍ଷା ବାହିନୀ ପାଟ୍ରୋଲିଂ କରିବା ସମୟରେ ବିଶେଷ ସୂତ୍ରରୁ ଖବର ପାଇ ଚିଲିକା କୂଳ ବାଲିନାଶି ଜେଟି ନିକଟରୁ ୨ ଟି ମୃତ ବିଦେଶୀ ପକ୍ଷୀ ଜବତ କରିବା ସହିତ ଜଣେ ବୃଦ୍ଧଙ୍କୁ ଗିରଫ କରିଛି ଟାଙ୍ଗୀ ବନ୍ୟପ୍ରାଣୀ ବିଭାଗ । ଗିରଫ ହୋଇଥିବା ବୃଦ୍ଧ ଜଣକ ହେଉଛନ୍ତି ସ୍ଥାନୀୟ ବାଲିନାଶି ଗ୍ରାମର ଅର୍ଜୁନ ଘଡେଇ । ଚିଲିକାରେ ବିଷ ପ୍ରୟୋଗ କରାଯାଇ ବିଦେଶୀ ପକ୍ଷୀଙ୍କ ଶିକାର କରାଯାଉଛି ତେଣୁ ଚିଲିକାରେ ପକ୍ଷୀଙ୍କ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି ଏବଂ ପକ୍ଷୀ ଶିକାର ଉପରେ ରୋକ୍ ଲଗାଇବା ପାଇଁ ଶିକାରୀମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି ବୋଲି ଟାଙ୍ଗୀ ବନ୍ୟପ୍ରାଣୀ ବିଭାଗର ପକ୍ଷରୁ କୁହାଯାଇଛି ।

## ଇ-ଶ୍ରମ କାର୍ଡଧାରୀଙ୍କୁ ରାସନକାର୍ଡ ପ୍ରଦାନରେ ଅନିୟମିତତା ଅଭିଯୋଗ

ନିଆଳି, (ଭାସ୍କର ନ୍ୟୁଜ):: କଣ୍ଟାପଡା ବ୍ଲକ୍ ୧୪ଟି ପଞ୍ଚାୟତରେ ଇ-ଶ୍ରମ କାର୍ଡଧାରୀଙ୍କୁ ରାସନକର୍ଡରେ ପାତରଅନ୍ତର ହୋଇଥିବା ଅଭିଯୋଗ ହୋଇଛି । କେନ୍ଦ୍ରରେ ଏନ୍‌ଡିଏ ସରକାର ତୃତୀୟ ଥର ଦାୟିତ୍ୱ ନେଲା ପରେ ଇଶ୍ରମ ଯୋଜନାରେ ନାମ ପଞ୍ଜୀକୃତ କରିଥିବା ଯୋଗ୍ୟ ହିତାଧିକାରୀଙ୍କୁ ଜାତୀୟ ଖାଦ୍ୟ ନିରାପତ୍ତା ଆଇନରେ ସାମିଲ ପାଇଁ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ସେହି କ୍ରମରେ କଣ୍ଟାପଡା ବ୍ଲକ୍ ୧୪ଟି ପଞ୍ଚାୟତରେ ଇଶ୍ରମ କାର୍ଡ ହିତାଧିକାରୀଙ୍କ ଏକ ତାଲିକା ବ୍ଲକ୍ ଯୋଗାଣ ବିଭାଗକୁ ପ୍ରଦାନ କରାଯାଇଥିଲା । ହିତାଧିକାରୀଙ୍କୁ ଚିହ୍ନଟ କରି କିଭଳି ଭାବରେ ରାସନ ଯୋଗାଇ ଦିଆଯିବ ସେ ନେଇ ନିର୍ଦ୍ଦେଶନାମା ଜାରି କରାଯାଇଥିଲା । କିନ୍ତୁ ବହୁ ଗରିବ ହିତାଧିକାରୀ ଏଥିରୁ ବାଦ୍ ପଡିଥିବା ଦେଖିବାକୁ ମିଳିଛି । ଯେଉଁମାନଙ୍କ ଇଶ୍ରମ କାର୍ଡ ରାସନକାର୍ଡ ମିଳିଛି ଯେଉଁମାନେ ରାସନକାର୍ଡ ହାତେଇଛନ୍ତି, ସେମାନଙ୍କର ଗାଡି, କୋଠା ଓ ପେନ୍‌ସନ୍ ପାଉଥିବା ହିତାଧିକାରୀ ସାମିଲ ହୋଇଛନ୍ତି । ଏହି ଚୟନ ନିମନ୍ତେ ସରକାରୀ କର୍ମଚାରୀ ଘର ଘର ସର୍ଭେ କରିନଥିଲେ ୱାର୍ଡ ମେମ୍ବରଙ୍କ ପରାମର୍ଶ ନେଇନଥିଲେ । ମୋଟା ଅଙ୍କର ଅର୍ଥ କାରବାର କରି ଡିଲର ଓ ଯୋଗାଣ ବିଭାଗ ଅଧିକାରୀ ମଧୁଚନ୍ଦ୍ରିକାରେ ଏଭଳି ଅନିୟମିତତା କାର୍ଡ ଅଭିଯୋଗ ଆସିଛି । ଜିଲ୍ଲାପାଳ ଏଥିପ୍ରତି ତୁରନ୍ତ ଧାନ ଦେଇ ଯୋଗ୍ୟ ହିତାଧିକାରୀଙ୍କୁ ରାସନକାର୍ଡ ଯୋଗାଇ ଦିଆଯିବା ସହ ଭୁଲ କରିଥିବା ହିତାଧିକାରୀଙ୍କୁ ଅଭିଯୋଗ ହେଉଛି ।

## କୃଷି ଆଲୋଚନା ଚକ୍ର ଓ ବିଶ୍ୱ ମୃତ୍ତିକା ଦିବସ

ପାରାଦୀପ, (ଭାସ୍କର ନ୍ୟୁଜ): ଇଫ୍‌କୋ ପାରାଦୀପ ୟୁନିଟ୍ ଏବଂ ଏହାର ସହଯୋଗୀ ସମବାୟ ଗ୍ରାମୀଣ ବିକାଶ ଟ୍ରଷ୍ଟ (କୋରଡେଟ) ପକ୍ଷରୁ ବିଶ୍ୱ ମୃତ୍ତିକା ଦିବସ ପାଳନ କରାଯିବା ସହିତ ଗୁରୁବାର କେନ୍ଦ୍ରାପଡା ଜିଲ୍ଲାର ଗରଦପୁର ବ୍ଲକର ବଡ଼ବେତରା ଗ୍ରାମରେ ଏକ ସ୍ୱତନ୍ତ୍ର କୃଷି ଜାତ ଫସଲ ଉପରେ ଏକ ଆଲୋଚନା ଚକ୍ର ଆୟୋଜିତ ହୋଇଯାଇଛି । ଏହି ଅବସରରେ କୋରଡେଟର ଅଧକ୍ଷ କୁଳମଣି ମାଝୀ ଇଫକୋ ଓ କୋରଡେଟର ବିଶ୍ୱ ମୃତ୍ତିକା ପରିଚାଳନା, ବିଭିନ୍ନ ରବି ଫସଲରେ ନାନୋ ସାରର ବ୍ୟବହାର ଓ ଏହାର ଉପକାରିତା ବିଷୟରେ ସଚେତନ କରିବା ସହ କୃଷକମାନଙ୍କୁ ନାନୋ ସାର ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ । ସେହିପରି ଇଫ୍‌କୋ ଫିଲ୍ଡ ଅଫିସର ଅରୁଣ କୁମାର ବେହେରା, ଫସଲରେ ନାନୋର କାର୍ଯ୍ୟର ଧାରା, ଫସଲରେ ନାନୋର ବ୍ୟବହାରିକ ପ୍ରୟୋଗ, ଡ୍ରୋନ୍ ସମେତ ବିଭିନ୍ନ ସ୍ପ୍ରେ'ର ପ୍ରୟୋଗ ବିଷୟରେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ଲକ କୃଷି ଅଧିକାରୀ ଡ଼ଃ.ଗୌତମ ଦାସ ଓ କୃଷି ବିଶେଷଜ୍ଞ ଅରବିନ୍ଦ ସାହୁ ବିଶ୍ୱ ମୃତ୍ତିକା ଦିବସର ଗୁରୁତ୍ୱ ଏବଂ ଫସଲରେ କୀଟନାଶକ ଏବଂ ଏହାର ନିୟନ୍ତ୍ରଣ ପ୍ରଣାଳୀ ପ୍ରୟୋଗ କରି କିପରି ମୃତ୍ତିକା ପ୍ରଦୂଷଣକୁ ହ୍ରାସ କରାଯାଇପାରିବ ସେ ବିଷୟରେ ଆଲୋକପାତ କରିଥିଲେ । ସେହିପରି କୋରଡେଟର ମାଇକ୍ରୋବାୟୋଲୋଜି ଅଧିକାରୀ ଅରଭୋ ଦେ ଫସଲରେ ରାଇଜୋବିୟମ୍ବା ଯୋଫର୍ଟିଲାଇଜର ବ୍ୟବହାର ଉପରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଗରଦପୁର ବ୍ଲକ ଅଧକ୍ଷ ଅଭୟ ମହାରାଜ, ବଡବେତରା ଗ୍ରାମ ପଞ୍ଚାୟତ ସରପଞ୍ଚ ଶ୍ରୀମତୀ ସଂଯୁକ୍ତା ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ରବି ଫସଲରେ ନାନୋ ସାରର ବ୍ୟବହାର ବିଷୟରେ ସଚେତନତା ପାଇଁ ଇଫ୍‌କୋ ଏବଂ ଏହାର ସହଯୋଗୀ ସଂସ୍ଥା କୋରଡେଟକୁ ଧନ୍ୟବାଦ ଅର୍ପଣ କରି କୃଷକମାନଙ୍କୁ ନାନୋ ସାର ବ୍ୟବହାର କରିବାକୁ ଅନୁରୋଧ କରିଥିଲେ । ଇଫକୋ ପାରାଦୀପ ୟୁନିଟର ଲୋକସମ୍ପର୍କ ଅଧିକାରୀ ପ୍ରସନ୍ନ ବେଉରା ଅତିଥି ପରିଚୟ ପ୍ରଦାନ କରି ଆଇଆର୍‌ଡିପି କାର୍ଯ୍ୟକଳାପ ବିଷୟରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗ୍ରୁପ ମହିଳାଙ୍କ ସମେତ ୨୦୦ରୁ ଅଧିକ ପ୍ରଗତିଶୀଳ କୃଷକ ଯୋଗ ଦେଇଥିଲେ । ଶେଷରେ ଉପସ୍ଥିତ ସମସ୍ତ ଚାଷୀଙ୍କୁ ନାନୋ ୟୁରିଆ ପ୍ଲସ୍ ପ୍ରଦାନ କରାଯିବା ସହ ଡ୍ରୋନ ମାଧ୍ୟମରେ ଆକାଶ ମାର୍ଗରୁ ସାର ସିଞ୍ଚନ ପ୍ରଣାଳୀ ପ୍ରଦର୍ଶିତ ହୋଇଥିଲା । କୃଷିର ସର୍ବାଙ୍ଗୀନ ଉନ୍ନତି ସହ ପରିବେଶ ସୁରକ୍ଷା ପ୍ରତି ଇଫକୋ କୋରଡେଟର ପ୍ରଚେଷ୍ଟାକୁ ଉପସ୍ଥିତ କୃଷକ ଓ ମୁରବୀମାନେ ଉଚ୍ଚ ପ୍ରଶଂସା କରିଥିଲେ ।

## ଶିକ୍ଷକଙ୍କୁ ବଦଳି ନକରିବା ଦାବିରେ ବିଦ୍ୟାଳୟରେ ତାଲା ପକାଇଲେ ଗ୍ରାମବାସୀ

### ଧାରଣାରେ ବସିଲେ ଛାତ୍ରଛାତ୍ରୀ





ବୋଲଗଡ଼,(ଭାସ୍କର ନ୍ୟୁଜ): ବେଗୁନିଆ ବ୍ଲକ ଦେଉଳି ପଞ୍ଚାୟତ ଅନ୍ତର୍ଗତ ଗୋଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଡେପୁଟେସନ୍‌ରେ ଥିବା ଶିକ୍ଷକଙ୍କୁ ବଦଳି ନ କରିବା ଦାବିରେ ଗ୍ରାମବାସୀ ସମ୍ମୁଖ ଫାଟକକୁ ତାଲା ପକାଇବା ସହ ଛାତ୍ରଛାତ୍ରୀମାନେ ଧାରଣାରେ ବସି ପ୍ରତିବାଦ କରିଥିଲେ । ଏପରିକି ଛାତ୍ରଛାତ୍ରୀଙ୍କୁ ଦିଆଯାଇଥିବା ମଧ୍ୟାହ୍ନଭୋଜନ ବହୁ ବିଳମ୍ବରେ ଦିଆଯାଇଥିଲା । ସୂଚନା ଅନୁଯାୟୀ ଡେପୁଟେସନରେ ଥିବା ଶିକ୍ଷକଙ୍କୁ ବଦଳି ନ କରିବା ପାଇଁ ବିଧାୟକ ପ୍ରଦୀପ କୁମାର ସାହୁ, ସ୍ଥାନୀୟ ସରପଞ୍ଚ ଅକ୍ଷୟ କୁମାର ରାଉତରାୟ ଓ ବେଗୁନିଆ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଲିଖିତ ଭାବେ ଜଣାଇ ଗ୍ରାମବାସୀ, ଅଭିଭାବକ ଓ ବିଦ୍ୟାଳୟ ପରିଚାଳନା କମିଟି ଗତ ନଭେମ୍ବର ୪ରେ ଅଭିଯୋଗ କରିଥିଲେ । ଏଥିରେ ବିଧାୟକ ଶ୍ରୀ ସାହୁ ଜନସାଧାରଣଙ୍କ ଗୁରୁତ୍ୱକୁ ଉପଲବଧି କରି ତୁରନ୍ତ ସମାଧାନ କରିବା ପାଇଁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତେବେ ଏଥିରେ ଗୋଷ୍ଠୀ ଶିକ୍ଷା ଅଧିକାରୀ କାହା କଥା ନ ଶୁଣି ନିଜ ସ୍ୱାର୍ଥ ସାଧନ ପାଇଁ ଗତ ୨ ରିଖରେ ତାଙ୍କ ଚିଠି ନଂ ୨୫୦୫ରେ ସମ୍ପୃକ୍ତ ଶିକ୍ଷକଙ୍କ ଡେପୁଟେସନ ଅର୍ଡରକୁ ବାତିଲ କରି ନିଜ ସ୍କୁଲକୁ ଫେରିଯିବା ପାଇଁ ଚିଠି କରିଛନ୍ତି । ଏହି ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ଦୃଷ୍ଟିରୁ ୬ଷ୍ଠ, ୭ମ ଶ୍ରେଣୀ ଥିବା ଯୋଗୁଁ ସେଠାରେ ୩ଜଣ ଶିକ୍ଷକ ଦିଲ୍ଲୀପ କୁମାର ନାୟକ, ବବିତା ନାୟକ ଓ ବିଶ୍ୱରଞ୍ଜନ ବେହେରା କାର୍ଯ୍ୟ କରୁଥିଲେ । ବିଶ୍ୱରଞ୍ଜନ ବେହେରାଙ୍କୁ ସିଆର୍‌ସିସି କରି ପଠାଇବା ପରେ ଶିକ୍ଷାଦାନ ବ୍ୟାହତ ହୋଇଥିଲା । ଫଳରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରାଉତପଡାର ଶିକ୍ଷକ ଦେବାଶିଷ ପୃଷ୍ଟିଙ୍କୁ ଗୋଡା ଗ୍ରାମ ସ୍ଥିତ ବିଦ୍ୟାଳୟକୁ ଡେପୁଟେସନରେ ପଠାଇଥିଲେ । ସେଠାରେ ତାଙ୍କର ଶିକ୍ଷାଦାନ କରିବା ଯୋଗୁଁ ଛାତ୍ରଛାତ୍ରୀ ତଥା ଅଭିଭାବକଙ୍କ ମଧରେ ବେଶ ଆଦୃତି ଲାଭ କରିଥିବାରୁ ଗ୍ରାମର ଜନସାଧାରଣ ଓ ବିଦ୍ୟାଳୟ ପରିଚାଳନା କମିଟି ତାଙ୍କୁ ସ୍ଥାନାନ୍ତର ନ କରିବା ପାଇଁ ଲିଖିତ ଅଭିଯୋଗ କରିଥିବା ବେଳେ ବିଧାୟକ ମଧ ସୁପାରିଶ କରିଥିଲେ । କିନ୍ତୁ କାହା ସ୍ୱାର୍ଥରେ ଗୋଷ୍ଠୀ ଶିକ୍ଷାଧିକାରୀ ସ୍ଥାନୀୟ ଜନସାଧାରଣଙ୍କ ଠାରୁ ଆରମ୍ଭ କରି ବିଧାୟକଙ୍କ କଥା ଉପରେ ଗୁରୁତ୍ୱ ନ ଦେଇ ସମ୍ପୃକ୍ତ ଶିକ୍ଷକଙ୍କୁ ନେବା ପାଇଁ ନିର୍ଦ୍ଦେଶ ଜାରି କଲେ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଉଲ୍ଲେଖଯୋଗ୍ୟ ଯେ ଗ୍ରାଜୁଏଟ ଶିକ୍ଷକଙ୍କୁ ଧାନଘର ନୂଆଗାଁରୁ ଭି(ଡି)କୁ ପ୍ରମୋସନ ପାଇ ରାଉତପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ବଦଳି ହୋଇ ଆସିଥିଲେ । ଏଠାରୁ ଲେବୁଲ ୪କୁ ପ୍ରମୋସନ ପାଇବା ପରେ ଚକାପଦା ରାମଚଣ୍ଡୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିଯୁକ୍ତି ପାଇଥିଲେ । ସରକାରୀ ନିୟମ ନ ଥିବାବେଳେ ଜଣେ ଲେବୁଲ ୪ ଶିକ୍ଷକଙ୍କୁ ପୁନଶ୍ଚ ୧୦ ଜାନୁଆରୀ ୨୦୨୩ରେ ଚିଠିନଂ ୮୪ରେ ଗ୍ରାଜୁଏଟ ଶିକ୍ଷକଙ୍କୁ ରାଉତପଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଡେପୁଟେସନ ଅର୍ଡର କାହା ସ୍ୱାର୍ଥରେ କରାଯାଇଛି ବୋଲି ସାଧାରଣରେ ଆଲୋଚନା ହେଉଛି । ସେବେଠାରୁ ରାଉତପଡାରେ କାର୍ଯ୍ୟ କରି ଆସୁଥିବାବେଳେ ଗତ ନଭେମ୍ବର ୩୦ରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ତିଳତ୍ତମା ମହାପାତ୍ରଙ୍କର ଅବସର ଗ୍ରହଣ ଦିନ ଗ୍ରାଜୁଏଟ ଶିକ୍ଷକଙ୍କର ମାତ୍ରାଧିକ କାର୍ଯ୍ୟ ଯୋଗୁଁ ସେଠାରେ ଅପ୍ରୀତିକର ପରିସ୍ଥିତିର ସାମନା କରିବାକୁ ପଡିଥିଲା । ଯାହା ଫଳରେ ରାଉତପଡା ନ ଯିବା ପାଇଁ ମନସ୍ଥ କରି ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଉପରେ ନିଜର ପତିଆରା ଜାହିର କରିଥିଲେ । ଗୋଷ୍ଠୀ ଶିକ୍ଷା ଅଧିକାରୀ ଗ୍ରାଜୁଏଟ ଶିକ୍ଷକଙ୍କର ଡେପୁଟେସନ ଅର୍ଡର ବାତିଲ କରି ପୁଣି ଚକାପଦା ରାମଚଣ୍ଡୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଯୋଗ ଦେବା ପାଇଁ ଅର୍ଡର କରିଥିଲେ । ଅନ୍ୟପଟେ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଧାୟକଙ୍କ ଠାରୁ ଆରମ୍ଭ କରି ଗୋଡ଼ା ଗ୍ରାମର ଜନସାଧାରଣ, ଛାତ୍ର ଅଭିଭାବକ ଏବଂ ପରିଚାଳନା କମିଟି କଥାକୁ ଗୁରୁତ୍ୱ ନଦେଇ ଶ୍ରୀ ପୃଷ୍ଟିଙ୍କର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରାଉତପଡାକୁ ଅର୍ଡର କରିଛନ୍ତି । ଯାହାର ପରିଣାମ ସ୍ୱରୂପ ଆଜି ଗୋଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଆରତ ପରିଡାଙ୍କ ନେତୃତ୍ୱରେ ଛାତ୍ର ଅଭିଭାବକ ଓ ପରିଚାଳନା କମିଟି କର୍ମକର୍ତ୍ତାମାନେ ବିଦ୍ୟାଳୟ ଗେଟ୍‌ରେ ତାଲା ପକାଇଥିଲେ । ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ଆଗରେ ରାସ୍ତା ଉପରେ ଧାରଣାରେ ବସି ରହିଥିଲେ । ଗୋଷ୍ଠୀ ଶିକ୍ଷା ଅଧିକାରୀ ଘଟଣା ସମ୍ପର୍କରେ ଜାଣି ମଧ ନ ଯାଇ ସିଆରସିସିଙ୍କ ମାଧମରେ କଥାବାର୍ତ୍ତା କରି ତାଙ୍କ କାର୍ଯ୍ୟାଳୟକୁ ଡାକିଥିଲେ । ଫଳରେ ଅପରାହ୍ନ ୧ଘଣ୍ଟା ସମୟରେ ବିଦ୍ୟାଳୟର ତାଲା ଖୋଲାଯାଇ କମିଟିର ସଭାପତି ଶ୍ରୀ ପରିଡା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆଲୋଚନା ପାଇଁ ଯାଇଥିଲେ । କିନ୍ତୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ନିଜ ଜିଦରେ ଅଟଳ ରହିବା ଯୋଗୁଁ ପରିଚାଳନା କମିଟି ସଭାପତି ଆରତ ପରିଡାଙ୍କ ସମେତ ଗ୍ରାମବାସୀ ମାନେ ଅସନ୍ତୋଷ ପ୍ରକାଶ କରି ଫେରିଥିଲେ ।



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍) : ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ କୁଆଁରପୁର ସ୍ଥିତ ସରସ୍ୱତୀ ଶିଶୁମନ୍ଦିରରେ ୨୮ତମ ବାର୍ଷିକ କ୍ରୀଡା କୁଆଁରପୁର ସ୍ଥିତ ଭଣ୍ଡରପଦା ଖେଳପଡିଆରେ ଚାଲିଥିବା ବେଳେ ଶନିବାର ଏହା ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ସଭାପତି ରମାନାଥ ପରିଡା ଯୋଗଦେଇ କ୍ରୀଡା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସମ୍ମାନୀତ ଅତିଥିଭାବେ ଉପସଭାପତି ବିପିନି ବିହାରୀ ମହାନ୍ତି, ସମ୍ପାଦକ ବିଜୟ କୁମାର ଭଟ୍ଟ, ପ୍ରଧାନଆଚାର୍ଯ୍ୟ ଅଶୋକ ପରିଡା ପ୍ରମୁଖ ଯୋଗଦେଇ କ୍ରୀଡାରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। କ୍ରୀଡା ଯୋଗୁଁ ପିଲାଙ୍କ ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶ ଘଟିଥାଏ ବୋଲି ବିଦ୍ୟାଳୟ ପ୍ରଧାନଆଚାର୍ଯ୍ୟ ଅଶୋକ ପରିଡା ମତବ୍ୟକ୍ତ କରିଥିଲେ। ସରସ୍ୱତୀ ଶିଶୁମନ୍ଦିର ଆଚାର୍ଯ୍ୟ ଦିବାକର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟ ଆଚାର୍ଯ୍ୟା ଗୀତା ଗୁରୁମା ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଏହି କ୍ରୀଡାରେ ୪ଟି ବିଭାଗର ୫୮ଟି ଇଭେଣ୍ଟ ରେ ବିଦ୍ୟାଳୟର ୩୭୬ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଆଚାର୍ଯ୍ୟ ଦିବାକର ପ୍ରଧାନ, ଯୋଗେନ୍ଦ୍ର ସ୍ୱାଇଁ, ସନ୍ତୋଷ ଜେନା, ରମେଶ ମୁଦୁଲି, ରବୀନ୍ଦ୍ର ସେନାପତି, ବିଦେଶୀ ମହାନ୍ତି, ଗୀତା ଗୁରୁମା, ମମତା ଗୁରୁମା ପ୍ରମୁଖ ପରିଚାଳନା କରିଥିଲେ। ପ୍ରତିଯୋଗିତା ରେ କନିଷ୍ଠ ଓ ବରିଷ୍ଠ ରେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଆଚାର୍ଯ୍ୟ ପ୍ରଦୀପ୍ତ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

### ୩ଟି ବିଦ୍ୟୁତ୍ ଟ୍ରାନ୍ସଫର୍ମର ଚୋରି

# ୧୫ଦିନ ହେଲା ଅନ୍ଧାରରେ ଉପଭୋକ୍ତା



କଣାସ, (ଭାସ୍କର ନ୍ୟୁଜ୍) : କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମାଞ୍ଚଳର ଜନସାଧାରଣଙ୍କୁ ବିଦ୍ୟୁତ୍ ସେବା, ପାନୀୟଜଳ, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମ ପାଇଁ ରାସ୍ତା ନିର୍ମାଣ ଉପରେ ଅଧିକ ଗୁରୁତ୍ୱ ଦେଉଥିବା ବେଳେ ପୁରୀ ଜିଲ୍ଲା କଣାସ ବ୍ଲକର ଦୋକନ୍ଦା ଗ୍ରାମପଞ୍ଚାୟତର ୩ଟି ସ୍ଥାନରୁ କ୍ରମାଗତ ଭାବେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ୧୫ଦିନ ହେଲା ଚୋରି ହୋଇଯାଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀମାନଙ୍କ ଖାମଖିଆଲ ନୀତି ଯୋଗୁ ଉକ୍ତ ଗ୍ରାମବାସୀ ୧୫ଦିନ ହେଲା ଆନ୍ଧାରରେ କାଳତିପାତ କରୁଛନ୍ତି। ଖବର ନେବାରେ ଜଣାପଡିଛି ଦୋକନ୍ଦା ପଞ୍ଚାୟତର କଶରପୁର ଛକଠାରୁ ନଭେମ୍ବର ୨୦ତାରିଖ ମଧ୍ୟରାତ୍ରରେ କୌଣସି ଦୁର୍ବୃତ୍ତ ଟ୍ରାନ୍ସଫର୍ମରଟିକୁ ଚୋରି କରିନେଇଯାଇଥିବା ବେଳେ ଗୋଡିପଦର ଗ୍ରାମ ଓ କାଙ୍କପୁର ଗ୍ରାମରେ ପୃଥକ ପୃଥକ ଭାବେ ବସିଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମରଟିକୁ ଦୁର୍ବୃତ୍ତମାନେ ନେଇଯାଇଛନ୍ତି। ଉକ୍ତ ଗ୍ରାମଗୁଡିକ ନିରାକାରପୁର ବିଦ୍ୟୁତ୍ ସବଷ୍ଟେସନ୍‌ରେ ଥିବାରୁ ସେଠାର ବିଦ୍ୟୁତ୍ ସହକାରୀ ଯନ୍ତ୍ରୀକୁ ପଚାରିବାରୁ ସେ କୁହନ୍ତି ଟ୍ରାନ୍ସଫର୍ମର ଚୋରୀ ସଂପର୍କରେ କଣାସ ଥାନା ଓ ଗଡିଶାଗୋଡା ଥାନାରେ ପୃଥକ ପୃଥକ ଭାବେ ଏତଲା ଦିଆଯାଇଛି। ଆଉ ନୂତନ ବିଦ୍ୟୁତ୍ ଟ୍ରାନ୍ସଫର୍ମର ବସିବା ପାଇଁ ଉପରସ୍ଥ ଅଧିକାରୀଙ୍କୁ ଜଣାଇଛୁ। ଟ୍ରାନ୍ସଫର୍ମର ଆସିଲେ ବସିବ। ସେହିପରି ଘନଘନ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଚୋରି ଯୋଗୁଁ ଆଖପାଖ ଗ୍ରାମବାସୀଙ୍କ ମନରେ ଭୟଜାତ ହୋଇଛି ।

# ଚୋରି ବାଇକ୍‌କୁ ଫେରିପାଇଲେ ୯ ମାଲିକ

### ଆସିକା ପୋଲିସକୁ ଅଞ୍ଚଳବାସୀଙ୍କ ସାଧୁବାଦ




ଆସିକା, (ଭାସ୍କର ନ୍ୟୁଜ୍) : ଆସିକା ପୋଲିସ ପକ୍ଷରୁ ଚୋରି ହୋଇଥିବା ନଅଟି ଗାଡ଼ିକୁ ଉଦ୍ଧାର କରି ଗାଡ଼ି ମାଲିକଙ୍କୁ ହସ୍ତାନ୍ତର କଲା ଆସିକା ପୋଲିସ। ପ୍ରକାଶ ଥାଉକି ଆସିକା ପୋଲିସ ଏକ ବିଶ୍ୱସ୍ଥ ସୂତ୍ରରୁ ଚୋରି ମଟର ସାଇକେଲ ଆସିକା ଅଞ୍ଚଳରେ ଥିବାର ଖବର ପାଇ ଆସିକା ଥାନା ଅଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ ସବ ଇନ୍ସପେକ୍ଟର ଅଜିତ କୁମାର ପରିଡାଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରି ଆସିକା ଥାନା ପକ୍ଷରୁ କେସ୍ ନମ୍ବର ୫୧୫/୨୪ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ ହୋଇଥିଲା। ପୋଲିସ ତଦନ୍ତ ବେଳେ ସନ୍ଦେହରେ ତିନି ଅଭିଯୁକ୍ତ ଦାସ ନିରଜ, ଦିଗେଶ୍ୱର ସୋରି, ହରି ଆଲ୍ୟାସ ମେକେଟେସଙ୍କୁ ପଚରା ଉଚରା ବେଳେ ଅଭିଯୁକ୍ତ ମାନେ ଆସିକା ପାକଲାପଲ୍ଲୀ ଏରୋଗଲାବସା ଓ ଆଇବି ବସା ଠାରେ ରଖିଥିବା ୯ଟି ମୋଟର ସାଇକେଲ ଉଦ୍ଧାର କରିଥିଲା। ୯ଟି ମୋଟର ସାଇକେଲ ମଧ୍ୟରେ ୩ ଟି ଗ୍ଲାମର, ୨ଟି ୟୁନିକନ୍, ଗୋଟିଏ ପଲସର, ଗୋଟିଏ ସିଡି ଡିଲକ୍ସ, ଗୋଟିଏ ଆପଚ, ଗୋଟିଏ ହେରୋ ସ୍ପେଣ୍ଡର ପ୍ଲସ ପୋଲିସ ଜବତ କରିଥିଲା। ପୋଲିସ ପକ୍ଷରୁ ଜବତ ଗାଡି ମାଲିକଙ୍କୁ ଖବର ଦିଆଯାଇଥିଲା। ଖବର ପାଇ ଗାଡି ମାଲିକ ମାନେ ଗାଡିର ଅସଲି କାଗଜପତ୍ର ପୋଲିସ ପାଖରେ ପୈଠ କରିଥିଲେ। କାଗଜପତ୍ର ଯାଞ୍ଚ କରାଯିବା ସହ ଆଜି ଗାଡ଼ି ମାଲିକଙ୍କୁ ପୋଲିସ ଗାଡ଼ି ହସ୍ତାନ୍ତର କରିଛି। ଆସିକା ପୋଲିସର ଏହି କାର୍ଯ୍ୟକୁ ଅଞ୍ଚଳବାସୀ ସାଧୁବାଦ ଦେବା ସହ ଚୋରି ହୋଇଥିବା ଗାଡ଼ି ଫେରି ପାଇଲା ପରେ ଗାଡ଼ି ମାଲିକମାନେ ଅତ୍ୟନ୍ତ ଖୁସିବ୍ୟକ୍ତ କରିଛନ୍ତି।

## ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ସମ୍ବର୍ଦ୍ଧନା

ଜଗତସିଂହପୁର, (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁନିଲ କୁମାର ନାୟକଙ୍କୁ ଜଗତସିଂହପୁର ସାରସ୍ୱତ ପରିଷଦ, ଆଶୀର୍ବାଦ ସେବା ସଂଗଠନ ଓ ବ୍ୟାସ ଫାଉଣ୍ଡେସନ ତରଫରୁ ଉତ୍ତରୀୟ ଓ ଫୁଲ ତୋଡା ଦେଇ ସମ୍ବର୍ଦ୍ଧିତ କରାଯାଇଛି। ସୂଚନାଯୋଗ୍ୟ ଯେ ଶ୍ରୀ ନାୟକଙ୍କୁ ଝାରସୁଗୁଡ଼ାକୁ ବଦଳି କରାଯାଇଛି। ଜଣେ ଦକ୍ଷ ଓ ଦରଦୀ ଅଧିକାରୀ ଭାବେ ତାଙ୍କର ଏଠାରେ ବହୁତ ସୁନାମ ଥିଲା। ଏଣୁ ତିନି ସଂଗଠନର ସଭାପତି ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ, ଜଗନ୍ନାଥ ବେହେରା ଓ ସ୍ନେହମୟୀ ଆଚାର୍ଯ୍ୟ ତାଙ୍କ କାର୍ଯ୍ୟଶୈଳୀର ଉଚ୍ଚ ପ୍ରଶଂସା କରିବା ସହ ଆଗାମୀ ଦିନରେ ଆହୁରି ଭଲ କାମ କରିବେ ଆଶା ପୋଷଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସାମାଜିକ ସୁରକ୍ଷା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ଟ୍ରାନ୍ସଫର୍ମର ନିକଟରେ ପୋଡ଼ା ହେଉଛି ଇଟା

ନିଆଳି,(ଭାସ୍କର ନ୍ୟୁଜ୍) : ନିଆଳି ବ୍ଲକ କପାସି ପଞ୍ଚାୟତ କପାସି ନଈକୂଳର ବିଦ୍ୟୁତ୍ ଟ୍ରାନ୍ସଫର୍ମର ନିକଟରେ ବିପଦ ଥିବା ସତ୍ତ୍ୱେ ସରକାରୀ ନିୟମକୁ ଉଲ୍ଲଙ୍ଘନ କରି ଲକ୍ଷାଧିକ ଇଟା ପୋଡାଯାଉଥିବା ଦେଖିବାକୁ ମିଳିଛି। ଉକ୍ତ ଗ୍ରାମର ଜଣେ



ପ୍ରଭାବଶାଳୀ ବ୍ୟକ୍ତି ଜଣକ ପ୍ରଶାସନକୁ ନଡରି ବେଆଇନ ଭାବରେ ଇଟା ପକାଉଛନ୍ତି ଯାହା ବିପଦକୁ ଆମନ୍ତ୍ରଣ କରୁଛି। ଏ ନେଇ ତହସିଲଦାର ଆର୍‌ଆଇ ପ୍ରଶାନ୍ତ କୁମାର ଜେନାକୁ ପଚାରିବାରୁ ମୋ ଅଜାଣତରେ ପଡୁଛି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

## ନବଗ୍ରହ ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଶୋଭାଯାତ୍ରା



ଏରସମା, (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ ସୋମପୁର ପଞ୍ଚାୟତ ଘୋଡାଡ଼ିଆ ସ୍ଥିତ ପଲ୍ଲୀ ଶ୍ରୀକ୍ଷେତ୍ର ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ନୂତନ ନବଗ୍ରହ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ପାଇଁ ଏକ ବିଶାଳ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି କଳସ ଶୋଭାଯାତ୍ରାରେ ଶତାଧିକ ମହିଳାମାନେ ନୂତନ ବସ୍ତ୍ର ପରିଧାନ କରି କଳସ ଶୋଭାଯାତ୍ରାରେ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମରେ କର୍ତ୍ତା ଭାବେ ବିଭୂତି ଭୂଷଣ ମହାନ୍ତି ଓ କର୍ତ୍ତୀ ଭାବେ ପ୍ରିୟମ୍ବଦା ମହାନ୍ତି ଅଂଶଗ୍ରହଣ କରିଥିବା ବେଳେ, ଲୋକନାଥ ସାହୁ, ରବିନାରାୟଣ ମୁଦୁଲି, ବୀର ତରାଇ, ସୁଶୀଲ କୁମାର ସ୍ୱାଇଁ, ରମେଶ ବେହେରା, ସମୀର ମହାନ୍ତି, ନାରାୟଣ ଖଣ୍ଡୁଆଳ, ସୁଶିଲ ବେହେରା, ତ୍ରିଲୋଚନ ବେହେରା, ଆଶିଷ ମୁଦୁଲି, ବାବୁନି ସାହୁ, ଶେଷଦେବ ସ୍ୱାଇଁ, ଶଙ୍କର ସାହୁ ଓ ରଞ୍ଜନ ନାୟକ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଦୁଇଦିନ ଧରି ଏହି ପୂଜାର୍ଚ୍ଚନ କାର୍ଯ୍ୟକ୍ରମ ଜାରି ରହିବ। ସନ୍ଧ୍ୟାରେ ହନୁମାନ ଚାଳିଶା ଆବୃତ୍ତି ସାଙ୍ଗକୁ ଭକ୍ତି ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷଣ କରାଯିବାର ବ୍ୟବସ୍ଥା କରାଯାଇଛି । ଏହି ଆଧ୍ୟାତ୍ମିକ ଓ ବିଗ୍ରହ ପ୍ରତିଷ୍ଠା କାର୍ଯ୍ୟକ୍ରମରେ ଶତାଧିକ ଭକ୍ତ ଓ ଶ୍ରଦ୍ଧାଳୁ ମାନେ ଯୋଗଦେଇ ଆଶିଷ ଭିକ୍ଷା କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ନିବେଦନ କରାଯାଇଛି।

## ଅବକାରୀ ଚଢାଉବେଳେ ପୋଲିସକୁ ଆକ୍ରମଣ, ୩ ଗିରଫ

କୋଦଳା, (ଭାସ୍କର ନ୍ୟୁଜ୍) : ଚୋରା ଦେଶୀ ମଦ ଚଢାଉ କରିବାକୁ ଯାଇଥିବା ପୋଲିସମାନଙ୍କ ଉପରେ ମଦ ମାଫିଆଙ୍କ ଅତର୍କିତ ଆକ୍ରମଣ। ମରଣାନ୍ତକ ଆକ୍ରମଣ ହୋଇଥିବା ବେଳେ ଜଣେ ହୋମଗାର୍ଡ଼ ଗୁରୁତର ଭାବେ ଆହତ ହୋଇଛନ୍ତି। ଗଞ୍ଜାମ ଜିଲ୍ଲା କୋଦଳା ଥାନା ପୋଲିସ ଉପରକୁ ଗତକାଲି ସନ୍ଧ୍ୟାରେ ପୁସ୍ତପୁର ଠାରେ ଆକ୍ରମଣ ହୋଇଥିବା ବେଳେ ରାମାନନ୍ଦ ମିଶ୍ର ନାମକ ଜଣେ ଗୃହରକ୍ଷୀ ଗୁରୁତର ଭାବେ ଆହତ ହୋଇଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡ଼ ମେଡିକାଲ୍ ରେ ଭର୍ତ୍ତି କରାଯାଇଛି। ଘଟଣାରେ ଶନିବାର ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ନେଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି କୋଦଳା ଥାନା ଅଧିକାରୀ। ଅଭିଯୁକ୍ତ ମାନେ ହେଲେ ପୁସ୍ତପୁର ଗ୍ରାମର ଆଦିତ୍ୟ ବେହେରା, ନୂଆ ଫାଶୁଲା ଗ୍ରାମର ସିଲୁ ପାହାନ, ତୋଟାଗାଁର ଓମ୍ ପାହାନ। ଘଟଣାସ୍ଥଳରୁ ଗୋଟିଏ କାଠ ବାଡି ଓ ଗୋଟିଏ ଖଣ୍ଡା ଜବତ କରାଯାଇଛି। ସୂଚନାଯୋଗ୍ୟ ଯେ, ଗତକାଲି ସନ୍ଧ୍ୟାରେ ପୋଲିସ ପକ୍ଷରୁ ଚୋରା ମଦକୁ ନେଇ ଧରପଗଡ଼ କରାଯାଇଥିଲା। ପୋଲିସ ପହଞ୍ଚୁ ପହଞ୍ଚୁ ଉକ୍ତ ଅଭିଯୁକ୍ତମାନେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ଅତର୍କିତ ଆକ୍ରମଣ କରିଥିଲେ ଏବଂ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ତେବେ ଘଟଣାରେ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ କୋଦଳା ଥାନାରେ କେସ୍ ନମ୍ବର ୫୯୯/୨୦୨୪ରେ ଏକ ମାମଲା ରୁଜୁ ହୋଇଛି। ଅନ୍ୟ ଅଭିଯୁକ୍ତଙ୍କୁ ମଧ୍ୟ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି କୋଦଳା ଥାନା ଅଧିକାରୀ ସୁବାଷ ବେହେରା।

### ପୂର୍ବ ଶତ୍ରୁତାରୁ ହତ୍ୟା ମାମଲା

## ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ

ଭଞ୍ଜନଗର,(ଭାସ୍କର ନ୍ୟୁଜ୍) : ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଘଟିଥିବା ଏକ ହତ୍ୟା ମାମଲାର ବିଚାରଣ କରି ଭଞ୍ଜନଗର ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ଦେବଦତ୍ତ ପଟ୍ଟନାୟକ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ ଦଣ୍ଡିତ କରିଛନ୍ତି। ଗତ ୨୦୨୧ ମସିହାରେ ତାରାସିଂ ଥାନା ଖଜୁରୀପଲ୍ଲୀ ଗ୍ରାମର ଗୋପାଳକ କୃଷ୍ଣ ଖିଲାରଙ୍କୁ ହତ୍ୟା କରିବା ମାମଲାରେ ବିଚାରଣ କରି ସୁବାସ ବିଷୋୟୀକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିବା ଶୁଣାଣି କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ କରିଛନ୍ତି। ଜରିମାନା ଅନାଦେୟ ଅଧିକ ଏକବର୍ଷ କାରାଦଣ୍ଡ ଭୋଗିବା ପାଇଁ ରାୟରେ ପ୍ରକାଶ କରିଛନ୍ତି। ଏହି ମାମଲାରେ ୨୦ଜଣ ସାକ୍ଷୀଙ୍କ ବୟାନ ଓ ପ୍ରମାଣ ଆଧାରରେ ଏହି ରାୟ ଶୁଣାଇଥିବା ସରକାରୀ ଆଇନଜୀବୀ ଉଷାକାନ୍ତ ପଟ୍ଟନାୟକ ସୂଚନା ଦେଇଛନ୍ତି। ତାରସିଂ ଥାନା ଖଜୁରୀପଲି ଗ୍ରାମର କୃଷ୍ଣ ଖିଲାରଙ୍କ ଏକ ଜାଗାକୁ ନେଇ ସମ୍ପର୍କୀୟ ଭାଇ ସୁବାସ ବିଷୋୟୀ ସହ ବିବାଦ ପୂର୍ବରୁ ଲାଗି ରହିଥିଲା। ଉକ୍ତ ଜାଗାକୁ କେନ୍ଦ୍ରକରି ସୁବାସ କୃଷ୍ଣ ଓ ତା'ର ପୁଅ ଭଞ୍ଜାକୁ ଗତ ୨୦୨୧ ମସିହା ଅକ୍ଟୋବର ୨୮ ତାରିଖ ଦିନ ସୁବାସ ଆସି କୃଷ୍ଣ ଖିଲାରଙ୍କ ଘରେ ଡାକିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲା। ଏଥିସହିତ ତାଙ୍କ ଘର ସାମ୍ନାରୁ ଏକ କାଠଫାଳିଆ ନେଇଥିଲା। ସେହିଦିନ ବିଳମ୍ବିତ ରାତି ଯାଏଁ କୃଷ୍ଣ ଘରକୁ ଫେରିନଥିବା ବେଳେ ପରିବାର ଲୋକ ଖୋଜାଖୋଜି କରିଥିଲେ। ଖଜୁରୀପଲ୍ଲୀରୁ ବାଟବଂଜର ଦେଇ ଗାୟାଗଣ୍ଡା ଯିବା ରାସ୍ତାର ଡାହାଣ ପଟେ ଦୁଇ ହଳ ଚପଲ ପଡିଥିବା ଦେଖିଥିଲେ। ଏହାର କିଛି ଆଗକୁ ଯିବା ପରେ ଗୋଟେ ବିଲରେ କୃଷ୍ଣର ରକ୍ତାକ୍ତ ମୃତଦେହ ପଡିଥିବା ଦେଖିବାକୁ ପାଇଥିଲେ। ଏଥିସହ ରକ୍ତଲଗା କାଠଫାଳିଆ ମଧ୍ୟ ସେଠାରେ ପଡିଥିବା ଦେଖି ପୁଲିସକୁ ଖବର ଦେଇଥିଲେ। କୃଷ୍ଣର ପୁଅ ଭଞ୍ଜାର ଏତଲା କ୍ରମେ ପୁଲିସ କେସ୍ ନଂ ୨୮୯/୨୧ରେ ମାମଲା ରୁଜୁ କରି ସୁବାସକୁ କୋର୍ଟ ଚାଲାଣ କରିଥିଲା। ଆଜି ଏହି ମାମଲାର ରାୟ ପ୍ରକାଶ ପାଇଛି।

## 'ନାଟକରେ ଅପସଂସ୍କୃତି ଏକ ଧର୍ତ୍ତବ୍ୟ ଅପରାଧ'

ବ୍ରହ୍ମପୁର, (ଭାସ୍କର ନ୍ୟୁଜ୍): ମା' କୁରେଇଶୁଣି ଲୋକ ନାଟ୍ୟ ନିର୍ଦ୍ଦେଶକ ସଂଘ ପକ୍ଷରୁ ସାମ୍ପ୍ରତିକ ନାଟ୍ୟ ପରିବେଷଣ କ୍ଷେତ୍ରରେ ଦେଖା ଦେଇଥିବା ଅପସଂସ୍କୃତି ଘେନି ଘୋର ଉଦ୍‌ବେଗ ପ୍ରକାଶ ପାଇଛି। ନିଖିଳ ଓଡ଼ିଶା ବରିଷ୍ଠ କଳାକାର ମହାସଂଘ ମହାସଚିବ ତଥା ନିର୍ଦ୍ଦେଶକ ସଂଘ ଉପଦେଷ୍ଟା ସୁବାସ ଚନ୍ଦ୍ର ସାହୁ ରୋଶନ୍‌ଙ୍କ ସଭାପତିତ୍ୱରେ ସ୍ଥାନୀୟ ଗିରି ରୋଡ଼ସ୍ଥିତ ସହିଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ୍ ପରିସରରେ ଅନୁଷ୍ଠିତ ବୈଠକରେ ସୀମାନ୍ତ ନାଟରାଜ ଡ଼ା. ତିରୁପତି ସାହୁ ମୁଖ୍ୟ ଅତିଥି, ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ଗୁରୁ ଉଦୟ ନାଥ ମହାରଣା ଓ ପ୍ରାକ୍ତନ ସଂଘ ସଭାପତି ଗୁରୁ ଜି. ରାଜେନ୍ଦ୍ର ରେଡ୍ଡୀ ସମ୍ମାନିତ ଅତିଥି ଏବଂ ସଂଘ ସଭାପତି ଗୁରୁ ଧର୍ମରାଜ ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ସାମ୍ପ୍ରତିକ ନାଟକରେ ଦେଖାଯାଉଥିବା ଅନାବଶ୍ୟକ ଅଶ୍ଳୀଳ ପ୍ରଦର୍ଶନ, ବନ୍ୟପ୍ରାଣୀଙ୍କ ମଞ୍ଚ ପ୍ରଦର୍ଶନ, ରାକ୍ଷସ ଚରିତ୍ରର ଜୀବନ୍ତ କୁକୁଡ଼ା, ବତକ, ଛେଳି, ଘୁଷୁରୀ ଆଦିଙ୍କୁ ମାରି ରକ୍ତ-ମାଂସ ଭକ୍ଷଣର ବିଭତ୍ସ ଦୃଶ୍ୟ ସହ ସର୍ବଗ୍ରାହ୍ୟ ଆଦର୍ଶ ଚରିତ୍ରରେ ଅଶୋଭନୀୟ ଅଭିନୟ ପ୍ରଦର୍ଶନ ପରିପ୍ରେକ୍ଷିରେ ଉଦ୍‌ବେଗ ଓ କ୍ଷୋଭ ପ୍ରକାଶ ସହିତ ଘୋର ନିନ୍ଦା କରାଯାଇଥିଲା। ଉପସ୍ଥିତ ନାଟ୍ୟ ଗୁରୁମାନଙ୍କୁ ନିଜ ନିଜ ନାଟକ ଅପସଂସ୍କୃତି ମୁକ୍ତ ରଖିବା ନିମନ୍ତେ ଅଧ୍ୟକ୍ଷ ଶପଥ କରାଇଥିଲେ। ଅପସଂସ୍କୃତି ରୋକିବା କ୍ଷେତ୍ରରେ ପ୍ରଶାସନର ଅଙ୍କୁଶ ରହିବା ଆବଶ୍ୟକତା ସପକ୍ଷରେ ଉପସ୍ଥିତ ଅତିଥିବୃନ୍ଦ ମତବ୍ୟକ୍ତ କରିଥିଲେ।

## ଡକାୟତି ଘଟଣାରେ ଜଣେ କୋର୍ଟ ଚାଲାଣ

ଭଣ୍ଡାରିପୋଖରୀ,(ଭାସ୍କର ନ୍ୟୁଜ୍) : ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ବଡନପଙ୍ଗ ଗ୍ରାମର ମାଧବ ସେଠୀଙ୍କ ଘରୁ ବୁଧବାର ରାତ୍ର ୧୨ଟାରେ ଅଭିନବ ଧରଣର ହୋଇଥିବା ଡକାୟତି ଘଟଣାରେ ଜଣେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଘଟଣାରେ ଅଟକ ଥିବା ଅନ୍ୟ ୨ ଜଣ ସନ୍ଦିଗ୍ଧଙ୍କୁ ପୋଲିସ ଗ୍ରାମବାସୀଙ୍କ ମୁଚାଲିକାରେ ଛାଡି ଦେଇଛି। ଡକାୟତି ହୋଇଥିବା ଘର ମାଲିକ ମାଧବ ସେଠୀ ମାମଲାର ଅଭିଯୁକ୍ତ ଭାବେ ଦୀପକ ମହାପାତ୍ରଙ୍କ ନାମ ଅଭିଯୋଗରେ ଉଲ୍ଲେଖ କରିଥିଲେ। ଦୀପକକୁ ପୁଲିସ ଗୁରୁବାର ଠାରୁ ଅଟକ ରଖିଥିଲା ଶୁକ୍ରବାର ଆଉ ୨ ଜଣ ସନ୍ଦିଗ୍ଧଙ୍କୁ ପୁଲିସ ଥାନାକୁ ଆଣି ପଚରାଉଚରା କରୁଥିଲା। ଅନ୍ୟ ଡକାୟତମାନେ ଫେରାର ଥିବାରୁ ଘଟଣାରେ ସଂପୃକ୍ତ ଅନ୍ୟ କାହାରିକୁ ଗିରଫ କରାଯାଇ ପାରିନାହିଁ କି ଲୁଟ ଯାଇଥିବା ଅଳଙ୍କାର ଉଦ୍ଧାର ହୋଇପାରି ନାହିଁ। ଶନିବାର ଦୀପକକୁ କୋର୍ଟ ଚାଲାଣ କରିଛି ପୋଲିସ।

### ଖଣି ପ୍ରଭାବିତ ଟ୍ରକ ମାଲିକ ସଂଘ ନିର୍ବାଚନ

## ବିଶ୍ୱଜିତ ସଭାପତି, ମାନସ ସମ୍ପାଦକ





କାଳିଆପାଣି, (ଭାସ୍କର ନ୍ୟୁଜ୍) : କାଳିଆପାଣି କ୍ରୋମାଇଟ ଖଣି ଅଞ୍ଚଳରେ ଖଣି ପ୍ରଭାବିତ ଟ୍ରକ ମାଲିକ ସଂଘର ନୂତନ ସଭାପତି ବିଶ୍ୱଜିତ ମହାନ୍ତି ଓ ସାଧାରଣ ସମ୍ପାଦକ ମାନସ ରଞ୍ଜନ ଭଞ୍ଜ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ଜଣାପଡିଛି। ଟ୍ରକ ମାଲିକ ସଂଘ କାର୍ଯ୍ୟାଳୟ ପକ୍ଷରୁ ଗତ ୪ ତାରିଖରେ ନାମାଙ୍କନ ୬ ତାରିଖରେ ଯାଞ୍ଚ ଓ ନାମାଙ୍କନ ପ୍ରତ୍ୟାହାର ପାଇଁ ବିଜ୍ଞାପନ ଦିଆଯାଇଥିବା ବେଳେ ୪ତାରିଖ ନିର୍ଦ୍ଧାରିତ ସମୟରେ ନାମାଙ୍କନ କରାଯାଇ ୬ ତାରିଖରେ ଯାଞ୍ଚ କରାଯାଇଥିଲା। ସମୁଦାୟ ୫ଗୋଟି ପଦବୀ ପାଇଁ ଜଣେ ଲେଖା ନାମାଙ୍କନପତ୍ର ଦାଖଲ କରିଥିବାରୁ ସେମାନଙ୍କୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ଘୋଷଣା କରାଯାଇଛି। ନୂତନ ସଭାପତି ଭାବେ ବିଶ୍ୱଜିତ ମହାନ୍ତି, ସମ୍ପାଦକ ଭାବେ ମାନସ ରଞ୍ଜନ ଭଞ୍ଜ, ଉପ ସଭାପତି ଭାବେ ବୈକୁଣ୍ଠ ମହାନ୍ତ, ସହ ସମ୍ପାଦକ ଭାବେ ଦାମୋଦର ପାତ୍ର ଓ କୋଷାଧକ୍ଷ ଭାବେ ଅଶାନ୍ତ ପରିଡା ନିର୍ବାଚିତ ହୋଇଥିବା ଟ୍ରକ ମାଲିକ ସଂଘ କାର୍ଯ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି । ଆସନ୍ତା ୩ବର୍ଷ ଅର୍ଥାତ ଅଗାମୀ ନିର୍ବାଚନ ପର୍ଯ୍ୟନ୍ତ ନୂତନ ନିର୍ବାଚିତ ପ୍ରତିନିଧିମାନେ କାର୍ଯ୍ୟ କରିବେ ବୋଲି ସଂଘ ପକ୍ଷରୁ ଜିଲ୍ଲାପାଳ ଯାଜପୁର, ତହସିଲଦାର ସୁକିନ୍ଦା ଓ ଥାନା ଅଧିକାରୀ କାଳିଆପାଣିକୁ ଲିଖିତ ଭାବେ ଜଣାଇଥିବା ଜଣାପଡିଛି । ଟ୍ରକ ମାଲିକ ସଂଘ ପକ୍ଷରୁ ଶୁଭ୍ରାଂଶୁ ରଞ୍ଜନ ସାମଲ, ବୈକୁଣ୍ଠ ମହାନ୍ତ ଓ ତପନ କୁମାର ପାତ୍ର ପ୍ରମୁଖ ନିର୍ବାଚନ ପରିଚାଳନା କମିଟି ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ନୂତନ ନିର୍ବାଚିତ କର୍ମକର୍ତ୍ତାଙ୍କୁ ଟ୍ରକ ମାଲିକ ସଂଘ ପକ୍ଷରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ।

## ବିଶିଷ୍ଟ ଶିକ୍ଷାବିତ୍ ଲକ୍ଷ୍ମୀଧର ଶତପଥିଙ୍କ ସ୍ମୃତିସଭା

କାକଟପୁର, (ଭାସ୍କର ନ୍ୟୁଜ୍) : କାକଟପୁର ବ୍ଲକ ଗମ୍ଭାରୀପଦା ଗ୍ରାମର ଶିକ୍ଷାବିତ୍ ଲକ୍ଷ୍ମୀଧର ଶତପଥୀଙ୍କ ଚତୁର୍ଦ୍ଦଶାହ ଉପଲକ୍ଷେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଗୀତା ଜ୍ଞାନଯଜ୍ଞ, ଚାରାରୋପଣ କାର୍ଯ୍ୟକ୍ରମ ପରେ ପୁତ୍ର ଶଙ୍କର ଶ୍ରୀ ଶିବାନନ୍ଦ ଶତପଥୀଙ୍କ ନେତୃତ୍ୱରେ ଏହି ସ୍ମୃତି ସଭାରେ ଅତିଥି ଭାବେ ପୁରୀ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ ନାୟକ, ପୂର୍ବତନ ଶିକ୍ଷା ଅଧିକାରୀ ତଥା ମଙ୍ଗଳା ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ଦାଶ, ପୂର୍ବତନ ସରପଞ୍ଚ ଜ୍ଞାନ ରଞ୍ଜନ ସାହୁ, ଶିକ୍ଷାବିତ ସାଧୁ ଚରଣ ବିଶ୍ୱାଳ, ସୋମ୍ୟ କାନ୍ତ ଖୁଣ୍ଟିଆ, ଯୁବନେତା ବିଶ୍ୱ ଭୂଷଣ ଦାସ, ନଳିନୀ କାନ୍ତ ଦୀକ୍ଷିତ ପ୍ରମୁଖ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗ ଦେଇ ସ୍ୱର୍ଗତ ଶତପଥିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ତାଙ୍କର ଗୁଣାବଳୀ ଉପରେ ଆଲୋକପାତ କରିଥିଲେ।

# ପୂର୍ବତନ ସାମରିକ କର୍ମଚାରୀ ସଂଘର ୨୮ତମ ଜନ୍ମୋତ୍ସବ

### ସଶସ୍ତ୍ର ସେନା ପତାକା ଦିବସ ପାଳିତ



ଅସ୍ତରଙ୍ଗ,(ଭାସ୍କର ନ୍ୟୁଜ୍) : ଦେଶ ସେହି ପର୍ଯ୍ୟନ୍ତ ସୁରକ୍ଷିତ, ଯେଉଁ ପର୍ଯ୍ୟନ୍ତ ସୀମା ସୁରକ୍ଷିତ। ଆଜି ଆମେ ଘର ମଧ୍ୟରେ ନିଶ୍ଚିତରେ ରହିପାରୁଛନ୍ତି, କାରଣ ଆମ ସେନାର ଯବାନମାନେ ୨୪ଘଣ୍ଟା ସୀମାରେ ପଇଁତରା ମାରୁଛନ୍ତି। ଅନେକ ସମୟରେ ଦେଶର ସୁରକ୍ଷା ପାଇଁ ଏହି ସୈନିକମାନେ ପ୍ରାଣବଳି ଦେଇଥାନ୍ତି। ଜଣେ ସୈନିକ ସହିଦ ହେବା ପରେ ସରକାରଙ୍କ ପକ୍ଷରୁ କରାଯାଉଥିବା ଆର୍ଥିକ ସହଯୋଗ ପର୍ଯ୍ୟାପ୍ତ ନୁହେଁ। ଭାରତ ସ୍ୱାଧୀନ ହେବା ପରେ ସେନା କର୍ମଚାରୀଙ୍କ କଲ୍ୟାଣ ପାଇଁ ୨୮ଅଗଷ୍ଟ ୧୯୪୯ରେ ପ୍ରତିରକ୍ଷା ମନ୍ତ୍ରଣାଳୟ ଅଧୀନରେ ଏକ କମିଟି ଗଠନ କରାଯାଇ ପ୍ରତିବର୍ଷ ୭ଡିସେମ୍ବରରେ ପତାକା ସଶସ୍ତ୍ର ସେନା ପତାକା ଦିବସ ପାଳନ କରିବା ଲାଗି ସ୍ଥିର କରାଯାଇଥିଲା। ଦେଶର ଏକତା ଓ ଅଖଣ୍ଡତା ପାଇଁ ସହିଦ ହୋଇଥିବା ବୀର ଯବାନମାନଙ୍କୁ ଏହିଦିନ ସ୍ମରଣ କରାଯିବା ସହ ସେମାନଙ୍କ ନିମନ୍ତେ ଏହିଦିନ ପାଣ୍ଠି ସଂଗ୍ରହ ମଧ୍ୟ କରାଯାଇଥାଏ। ଏହିଦିନ ଲୋକମାନଙ୍କୁ ପତାକା ବଣ୍ଟାଯାଇ ପ୍ରତିବଦଳରେ ପାଣ୍ଠି ସଂଗ୍ରହ କରାଯିବା ନେଇ ସ୍ଥିର କରାଯାଇଥିଲା। କାର୍ଯ୍ୟରତ ତଥା ଅବସରପ୍ରାପ୍ତ ସେନା କର୍ମଚାରୀ, ଯୁଦ୍ଧରେ ଆହତ ସେନା କର୍ମଚାରୀଙ୍କ ପରିବାର କଲ୍ୟାଣ ନିମନ୍ତେ ଏହିଦିନ ପାଣ୍ଠି ସଂଗ୍ରହ କରାଯାଏ। ଲୋକଙ୍କୁ ଲାଲ ଏବଂ ନୀଳ ରଙ୍ଗର ପତାକାର ଷ୍ଟିକର ଦେଇ ପାଣ୍ଠି ସଂଗ୍ରହ କରାଯାଇଥାଏ। ଏହି କୋଷରେ ସହିଦ ହୋଇଥିବା ସୈନିକ ପରିବାର, ଆଘାତପ୍ରାପ୍ତ ସୈନିକଙ୍କର କଲ୍ୟାଣରେ ସହାୟତା କରାଯାଇଥାଏ। ପ୍ରଥମେ ପ୍ରତିରକ୍ଷା ମନ୍ତ୍ରାଳୟ କମିଟିଦ୍ୱାରା ଫ୍ଲାଗ ଡେ ଫଣ୍ଡ (ପତାକା ଦିବସ ପାଣ୍ଠି)୧୯୪୯ରେ ଗଠନ କରାଯାଇଥିଲା। ଏହି ଦିବସ ଅବସରରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ପୂର୍ବତନ ସାମରିକ କର୍ମଚାରୀ ସଙ୍ଘ ତରଫରୁ ସହିଦ ଯବାନଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହିତ ୨୮ତମ ପୂର୍ବତନ ସାମରିକ କର୍ମଚାରୀ ସଙ୍ଘ ତରଫରୁ ଜନ୍ମୋତ୍ସବ ପାଳିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସଭାପତି ସୁରେଶ କୁମାର ସ୍ୱାଇଁ, ସମ୍ପାଦକ ନରେନ୍ଦ୍ର ସ୍ୱାଇଁ, ସୁରେଶ ପରିଡା, କେଦାର ମୁରୁଣୀ, ପ୍ରଫୁଲ୍ଲ ପରିଡା, କିଶୋର ମୁଦୁଲିଙ୍କ ସହ ଶତାଧିକ ଅବସରପ୍ରାପ୍ତ ପୂର୍ବତନ ସାମରିକ କର୍ମଚାରୀ ଉପସ୍ଥିତ ଥିଲେ।

## ରାଶିଫଳ

ରବିବାର, ୮ ଡିସେମ୍ବର ୨୦୨୪



**ମେଷ:** ମୂଲ୍ୟବାନ ଜିନିଷକୁ ସୁରକ୍ଷିତ ରଖନ୍ତୁ । ଗୃହିଣୀମାନେ ଅତିରିକ୍ତ ଯତ୍ନବାନ ହେବା ଉଚିତ୍ । ରୋଷେଇ ଘରେ ଆଘାତ ହୋଇପାରେ । ବ୍ୟବସାୟ ଭଲ ହେବ । ଆୟ ଜାରି ରହିବ । ଯାନ ଏବଂ ଯନ୍ତ୍ରର ବ୍ୟବହାରରେ ସତର୍କ ରୁହନ୍ତୁ ।



**ବୃଷ:** ବ୍ୟବସାୟ ଲାଭଦାୟକ ହେବ । ଚାକିରିରେ ଶାନ୍ତି ରହିବ । ଟଙ୍କା ପାଇବା ସହଜ ହେବ । ଘରୋଇ କାର୍ଯ୍ୟ ଠିକ୍ ସମୟରେ କରାଯିବ । ଆଜି ଶାନ୍ତି ଏବଂ ସୁଖ ରହିବ । ଥକ୍କା ଏବଂ ଦୁର୍ବଳତା ଦେଖାଯିବ । ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇବ ।



**ମିଥୁନ:** ଜମି କ୍ରୟ ଏବଂ ବିକ୍ରୟ ପାଇଁ ଏକ ଯୋଜନା ପ୍ରସ୍ତୁତ ହେବ । ସେଠାରେ ବହୁତ ଲାଭ ଅଛି । ଆପଣ ପରୀକ୍ଷା ଏବଂ ସାକ୍ଷାତକାରରେ ସଫଳତା ପାଇବେ । ରୋଜଗାର ପାଇବା ପାଇଁ ପ୍ରୟାସ ସଫଳ ହେବ । ବ୍ୟବସାୟ ଲାଭଦାୟକ ହେବ ।



**କର୍କଟ:** ଛାତ୍ର ଶ୍ରେଣୀ ସଫଳତା ହାସଲ କରିବ । ବ୍ୟବସାୟ ଲାଭଦାୟକ ହେବ । ବିନିଯୋଗ ଭଲ ହେବ । ଚାକିରିରେ କାମକୁ ପ୍ରଶଂସା କରାଯିବ । ପାରିବାରିକ ଚିନ୍ତା ରହିବ । ଲାଭ ପାଇଁ ସୁଯୋଗ ଆସିବ । ପାର୍ଟି ଏବଂ ପିକନିକର ଏକ କାର୍ଯ୍ୟକ୍ରମ ହେବ।



**ସିଂହ:** ଶାରୀରିକ ଯନ୍ତ୍ରଣା ହେବାର ସମ୍ଭାବନା ଅଛି । ବେପରୁଆ ହୁଅ ନାହିଁ । ଆୟରେ ନିଶ୍ଚିତତା ରହିବ । ବ୍ୟବସାୟ ଲାଭଦାୟକ ହେବ । ପୁରୁଣା ଶତ୍ରୁମାନେ ସକ୍ରିୟ ରହିବେ। ତୁମର ବକ୍ତବ୍ୟକୁ ନିୟନ୍ତ୍ରଣ କର । କାହା ସହିତ ଅନାବଶ୍ୟକ ବିବାଦ ହୋଇପାରେ ।



**କନ୍ୟା:** ଅଧ୍ୟୟନ ଏବଂ ସାନ ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଚିନ୍ତା ରହିବ। ଦୁଷ୍ଟ ଲୋକ କ୍ଷତି ଘଟାଇ ପାରନ୍ତି । ବେପରୁଆ ହୁଅ ନାହିଁ । ଅଳ୍ପ ପରିଶ୍ରମ ଦ୍ୱାରା ସଫଳତା ପାଇବ । ଚାକିରିରେ କାମକୁ ପ୍ରଶଂସା କରାଯିବ । ବିନିଯୋଗରେ ବିଚକ୍ଷଣତା ବ୍ୟବହାର କରନ୍ତୁ ।



**ତୁଳା:** ତୁମେ କ୍ଲାନ୍ତ ଅନୁଭବ କରିବ । ଶାରୀରିକ ବିଶ୍ରାମ ଆବଶ୍ୟକ ହେବ । ଦୂରରୁ ସୁସମାଚାର ଗ୍ରହଣ କରାଯିବ । ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ରିସ୍କ ନେବାକୁ ସାହସ କର । ବ୍ୟବସାୟ ବୃଦ୍ଧି ପାଇବ । ଚାକିରିରେ ଆପଣ ସହକର୍ମୀଙ୍କ ସମର୍ଥନ ପାଇବେ ।



**ବିଛା:** ବଡ ସମସ୍ୟାରୁ ମୁକ୍ତି ପାଇପାରିବେ । ଅପ୍ରତ୍ୟାଶିତ ଲାଭର ସମ୍ଭାବନା ଅଛି । ବେଟିଂ ଏବଂ ଲଟେରୀ ଠାରୁ ଦୂରରେ ରୁହନ୍ତୁ । ରୋଜଗାର ପାଇବା ପାଇଁ ପ୍ରୟାସ ସଫଳ ହେବ । ପ୍ରଲୋଭିତ ହୁଅ ନାହିଁ । ଶରୀର ସମର୍ଥନ କରିବ ନାହିଁ । ଉତ୍ତେଜନା ବୃଦ୍ଧି ପାଇବ । କାର୍ଯ୍ୟର ବାଧା ଦୂର କରି ପରିସ୍ଥିତି ଉପକାରୀ ହେବ ।



**ଧନୁ:** ମୂଲ୍ୟବାନ ଜିନିଷକୁ ସୁରକ୍ଷିତ ରଖନ୍ତୁ । ଚାକିରିରେ ଅଧିକାରୀଙ୍କ ଆଶା ବୃଦ୍ଧି ପାଇବ । ଟେନସନ ହେବ । ଅସଙ୍ଗତି କ୍ଷତି ଘଟାଇବ । ଅନ୍ୟମାନଙ୍କ କାର୍ଯ୍ୟ ପାଇଁ ଦାୟିତ୍ୱ ନିଅ ନାହିଁ । ବ୍ୟବସାୟ ଭଲ ହେବ । ପ୍ରେମ ସମ୍ପର୍କରେ ବିପଦ ନିଅ ନାହିଁ । ଅପ୍ରତ୍ୟାଶିତ ଖର୍ଚ୍ଚ ଆସିବ ।



**ମକର:** ଏପରି କୌଣସି କାର୍ଯ୍ୟ କର ନାହିଁ ଯାହାକୁ ଦୃଷ୍ଟି ଦେବାକୁ ପଡିବ । ବ୍ୟବସାୟ ଯାତ୍ରା ସଫଳ ହେବ । ବକେୟା ପୁନରୁଦ୍ଧାର ପାଇଁ ପ୍ରୟାସ ଅନୁକୂଳ ହେବ । ତୁମେ ତୁମର ଦେୟ ଠିକ୍ ସମୟରେ ଦେବାକୁ ସକ୍ଷମ ହେବ । ଲାଭ ସୁଯୋଗ ଆସିବ । ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ ।



**କୁମ୍ଭ:** ଯୋଜନାରେ ପରିବର୍ତ୍ତନ ହୋଇପାରେ । ସିଷ୍ଟମ୍ ଉନ୍ନତି କରିବ । ଲାଭ ସୁଯୋଗ ଆସିବ । ଆପଣ ସାଙ୍ଗମାନଙ୍କୁ ସାହାଯ୍ୟ କରିବାକୁ ଏକ ସୁଯୋଗ ପାଇବେ । ସମ୍ମାନ ପାଇବ । ବ୍ୟବସାୟିକ ଚୁକ୍ତି ହେବ । ଭୟ ଯୋଗୁଁ ନିଷ୍ପତ୍ତି ନେବା କ୍ଷମତା ପ୍ରଭାବିତ ହେବ ।



**ମୀନ:** ଅଘଟଣ ଘଟିବାର ସମ୍ଭାବନା ରହିବ । ପୂଜାପାଠରେ ଆଗ୍ରହ ରହିବ । ଏକ ଧାର୍ମିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାର ସୁଯୋଗ ମିଳିବ । ବ୍ୟବସାୟ ଲାଭଦାୟକ ହେବ। ଆଇନଗତ ପ୍ରତିବନ୍ଧକ ହଟାଇବା ପରେ ପରିସ୍ଥିତି ଅନୁକୂଳ ହେବ । ଆୟ ବୃଦ୍ଧି ପାଇବ। ଘର ବାହାରେ ଶତ୍ରୁତା ବୃଦ୍ଧି ପାଇପାରେ ।



ଜ୍ୟୋତିଷୀ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଯାଇଅଛି। ଏହି ଦିବସରେ ଶ୍ରୀ ଏ.ରାମ ପ୍ରସାଦ ପାତ୍ର ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଗଜପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜେନ୍ଦ୍ର ମିଞ୍ଜ,ଅତିରିକ୍ତ ଜିଲ୍ଲାପାଳ ଗଜପତି, ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବରେ ସୁରେଶ କୁମାର ପଟ୍ଟନାୟକ, ପ୍ରକଳ୍ପ ନିର୍ଦ୍ଦେଶକ, ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଗଜପତି, ସୁଶାନ୍ତ ରଞ୍ଜନ ଦାସ,ଉପନିର୍ଦ୍ଦେଶକ ଉଦ୍ୟାନ ଗଜପତି, ରବିନ୍ଦ୍ର କୁମାର ଆଡେକେ, ଅତିରିକ୍ତ ଜିଲ୍ଲା କୃଷି ଅଧିକାରୀ ଗଜପତି, ସଂଗ୍ରାମ ପରମଗୁରୁ,କେଭିକେ, ବରିଷ୍ଠ ବୈଜ୍ଞାନିକ,କୃଷି ବିଜ୍ଞାନ କେନ୍ଦ୍ର ଆର,ଉଦୟଗିରି ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଆୟୋଜିତ ସଭାରେ ମୃତ୍ତିକାର ଯତ୍ନ, ପରିମାପ, ପର୍ଯ୍ୟବେକ୍ଷଣ,ପରିଚାଳନା ବିଷୟ ରଖାଯାଇଥିଲା ଏବଂ ମୃତ୍ତିକା ଦିବସ ପାଳନର ଆଭିମୁଖ୍ୟ ସଂପର୍କରେ ଉପସ୍ଥିତ ଚାଷୀଙ୍କୁ ଦିଗ୍ ଦର୍ଶନ ଦିଆଯାଇଥିଲା। ମୃତ୍ତିକାର ସୁରକ୍ଷା, ମୃତ୍ତିକାର ସ୍ୱାସ୍ଥ୍ୟକାର୍ଡ ଆବଶ୍ୟକତା, ବିନିଯୋଗ ମୃତ୍ତିକା ସଂରକ୍ଷଣ ଏବଂ ମୃତ୍ତିକା ପରୀକ୍ଷା ଉପରେ ବିବରଣୀ ପ୍ରଦାନ କରାଯାଇଥିଲା। ଏହି ସବୁକୁ ସଠିକ୍ ଭାବେ କାର୍ଯ୍ୟକାରୀ କରି ଚାଷୀମାନେ କିଭଳି ଭାବେ ଅଧିକରୁ ଅଧିକ ଶସ୍ୟ ଉତ୍ପାଦନ କରିପାରିବେ ସେ ସଂପର୍କରେ ଆଲୋଚନା କରଯାଇଥିଲା। ମୃତ୍ତିକା ସଂରକ୍ଷଣ ରଖିବାକୁ ହେଲେ ସମସ୍ତ ଜନସାଧରଣ ଏକତା ହଇ ଗଛ ଲଗାଇବା ଓ ପଲିଥିନ୍ ବ୍ୟବହାର ନ କରିବା ପାଇଁ ଆହାନ ଦିଆଯାଇଥିଲା।



# ଜିଲ୍ଲାସ୍ତରୀୟ ସାଂସ୍କୃତିକ ଗଣପର୍ବ ମଣ୍ଡେଇ ମହୋତ୍ସବ ଆରମ୍ଭ

ତେନ୍ତୁଳିଖୁଣ୍ଟି/ନବରଙ୍ଗପୁର (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲାସ୍ତରୀୟ ସାଂସ୍କୃତିକ ଗଣ ପର୍ବ ମଣ୍ଡେଇ ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ ଶୁକ୍ରବାର ଦିନ ବହୁ ଆଡମ୍ବର ସହିତ ଉଦ୍‌ଘାଟିତ ହୋଇଯାଇଛି । ଉଦଘାଟନି କାର୍ଯ୍ୟକ୍ରମରେ ଜିଲ୍ଲା ସଂସ୍କୃତି ପରିଷଦ ଅଧକ୍ଷ ତଥା ଜିଲ୍ଲାପାଳ ଡକ୍ଟର ଶୁଭଙ୍କର ମହାପାତ୍ର ପ୍ରଥମେ ନବରଙ୍ଗପୁରର ଅଧିଷ୍ଠାତ୍ରୀ ଦେବୀ ମା' ଭଣ୍ଡାରଘରଣୀଙ୍କ ନିକଟରେ ପୂଜାର୍ଚ୍ଚନା କଲା ପରେ ମନ୍ଦିର ଠାରୁ ପାରମ୍ପରିକ ରୀତିନୀତି ରେ ମଶାଲ ପ୍ରଜ୍ୱଳିତ କରାଯାଇଥିଲା । ଏହି ଉଦଘାଟନୀ ଉତ୍ସବରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ପାରମ୍ପରିକ ନୃତ୍ୟ ସିଂହ ବଜା, ପାଇକ ଆଖଡା, ବାଲି ଚାଙ୍ଗୁଡା ଓ ଢୋଲ, ଲାଠି କୁର୍ଚି, ଭୀମା, ଘଣ୍ଟ ଶଙ୍ଖ, ଢେମସା ନାଚ, ମାଟି ମନ୍ଦାର, ଖୁଟ ମନ୍ଦାର, ଖଟଲା ବାଜା, ରାମ ଲୀଳା, ମାଦଳ ବଜା, ଗୋଟି ବଜା, ବାନା ବାଡି, ମାଦଳି, ଘୁମୁରା, ଅଲେଖ ଲୀଳା, କଂସବନ୍ଧ, ମାଡିଆ, ସଂକୀର୍ତ୍ତନ, ଧାଙ୍ଗଡି ନାଚ, ପେଟା ପରଶୁ, ହଁସ ନାଟ, ଶବର ଲୀଳା, ଦଣ୍ଡାରୀ, ରେନଯୋଡି, ଗୋରଣ୍ଡୀ



ଇତ୍ୟାଦି ନାଟ ସହିତ ପାରମ୍ପରିକ ବାଦ୍ୟ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଶୋଭାଯାତ୍ରା ଭଣ୍ଡାରଘରଣୀ ମନ୍ଦିର ଠାରୁ ଆରମ୍ଭହୋଇ ନବରଙ୍ଗପୁର ସହର ପରିକ୍ରମା କରି ମଣ୍ଡେଇ ପଡିଆଠାରେ ପହଞ୍ଚିଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କ୍ୟାବିନେଟ ମନ୍ତ୍ରୀ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ସଂଖ୍ୟା ଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ, ଓଡ଼ିଶା ସରକାର, ନିତ୍ୟାନନ୍ଦ ଗଣ୍ଡ, ଅତିଥି ଭାବେ ଯୋଗଦେଇଥିବା ବେଳେ ସାଂସଦ ରାଜ୍ୟସଭା ମୁଜିବୁଲ୍ଲା ଖାନ, ବିଧାୟକ ଡାବୁଗାଁ ମନୋହର ରନ୍ଧାରି,ବିଧାୟକ ନବରଙ୍ଗପୁର ଗୌରୀଶଙ୍କର ମାଝି, ମାନ୍ୟବର ବିଧାୟକ ଝରିଗାଁ ନରସିଂହ ଭତ୍ରା, ପୌରପାଳିକା ଅଧକ୍ଷ କୁନୁ ନାୟକ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ମିହିର ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ନାୟକ (ସାଧାରଣ), ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ (ରାଜସ୍ୱ), ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିରଞ୍ଚି ନାରାୟଣ ଦରବାନ, ଉପଜିଲ୍ଲାପାଳ ପ୍ରକାଶ ଚନ୍ଦ୍ର ମିଶ୍ର, ଜିଲ୍ଲାର ସମସ୍ତ ତହସିଲଦାର ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନବରଙ୍ଗପୁର, ଜିଲ୍ଲା ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ଘାଷିଆ ହରିଜନ, ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ରବୀନ୍ଦ୍ର ପାଲାକା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ଅନୁସୂଚିତ ଜାତି ଓ ଜନଜାତି ପ୍ରକଳ୍ପ ପ୍ରଶାସକ ରାଜୀବ କୁମାର ସାହୁ, ଜିଲ୍ଲା ପ୍ରକଳ୍ପ ଅଧିକାରୀ ଜରୁରୀ କାଳୀନ ବିଭାଗ ହିମାଂଶୁ ଶେଖର ପଟ୍ଟନାୟକ, ଓଡ଼ିଶା ରାଜସ୍ୱ ଅମଲା ସଂଘର ରାଜ୍ୟ ସଭାପତି ତ୍ରିପତି ବାଲାଜି ସାହୁ, ନିର୍ବାହୀ ଅଧିକାରୀ ପୌରପାଳିକା ନବରଙ୍ଗପୁର ସମରେଶ ମହାନ୍ତି, ବଣିକ ସଂଘର ସଭାପତି କାହ୍ନୁ ଦାସଙ୍କ ସହିତ ଜିଲ୍ଲା ସ୍ତରୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ। ମଣ୍ଡେଇ ପଡିଆ ମଧ୍ୟରେ ୩୦୦ ସହରୁ ଉର୍ଦ୍ଧ୍ୱ ଷ୍ଟଲ କରାଯାଇ ଥିଲା । ବିଭିନ୍ନ ବ୍ଲକ ଜିଲ୍ଲା ତଥା ରାଜ୍ୟ ବାହାରୁ ସାମଗ୍ରୀ ବିକ୍ରି ପାଇଁ ଆସିଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପୋଲିସ ର ବ୍ୟବସ୍ଥା କରାଯାଇଥିଲା ।

## ଚଇତି -୨୦୨୪ ଶୁଭାରମ୍ଭ କାର୍ଯ୍ୟକ୍ରମ ପାଇଁ ସମୀକ୍ଷା ବୈଠକ



ରାୟଗଡ(ଭାସ୍କର ନ୍ୟୁଜ୍): ଚଇତି -୨୦୨୪ ଶୁଭାରମ୍ଭ କାର୍ଯ୍ୟକ୍ରମ ପଦ୍ମପୁର ବ୍ଲକର ମରିଚଗୁଡା ଅକ୍ଷରଧାମ ମନ୍ଦିରରୁ କରିବା ନିମନ୍ତେ ବୈଠକରେ ନିଷ୍ପତ୍ତି ହୋଇଛି । ଜିଲ୍ଲାପାଳ ପାରୁଲ ପଟାୱରୀଙ୍କ ନିର୍ଦ୍ଦେଶରେ ଏହି କାର୍ଯ୍ୟକ୍ରମକୁ ତଦାରଖ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ଭାସ୍କର ରଇତ, ବ୍ଲକସ୍ତରୀୟ ଚଇତି ସଂଯୋଜକ ତଥା ପ୍ରକଳ୍ପ ନିର୍ଦ୍ଦେଶକ ଜଳବିଭାଜିକା ମିଶନ ଡ଼ଃ ଦୟାନିଧି ବାଗ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗତ ୫/୧୨/୨୦୨୪ରିଖରେ ଅନୁଧ୍ୟାନ କରିଥିଲେ । ଏଥିରେ ବିଡ଼ିଓ ଶିବ ପଟ୍ଟନାୟକ ଓ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତୀ ରଶ୍ମିତା ଶବର ଓ ଗ୍ରାମବାସୀଙ୍କ ସହିତ ଆଲୋଚନା କରଥିଲେ । ସେହିପରି ଆଜି ତା ୬/୧୨/୨୦୨୪ରିଖରେ ଡ଼ଃ ଦୟାନିଧି ବାଗ, ପିଡି ୱାଟରସେଡ, ରାୟଗଡ ପଦ୍ମପୁର ବ୍ଲକ ସମିଳନୀ କକ୍ଷରେ ସମୀକ୍ଷା କରିଥିଲେ । ଏହି ବୈଠକରେ ବ୍ଲକ ଅଧକ୍ଷା ମଣିମାଳା ଶବର, ସହକାରୀ ନିର୍ବାହୀଯନ୍ତୀ ରଶ୍ମିତା ଶବର, ସିଡିପିଓ, ଶ୍ରୀମତୀ ଜଗଦିଶ୍ୱରୀ ଆଲୁ,ମରିଚଗୁଡା ମନ୍ଦିର କମିଟିର ସଦସ୍ୟ ବୃନ୍ଦ, ପଦ୍ମପୁର ପୋଲିସ ଅଧିକାରୀ, ଜନ ପ୍ରତିନିଧି, ପଦ୍ମପୁର ଜନସାଧାରଣ,ଗଣମାଧମ ପ୍ରତିନିଧି ଯୋଗଦାନ କରି ଆଲୋଚନା କରିଥିଲେ । ବିଶେଷ କରି ଆସନ୍ତା ଶୁଭାରମ୍ଭ କାର୍ଯ୍ୟକ୍ରମ କିପରି କରାଯିବ, ଜନସାଧାରଣ କେମିତି ସାମିଲ ହେବେ, କଳସ ଶୋଭାଯାତ୍ରା, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ,ଟ୍ରାଫିକ ନିୟନ୍ତ୍ରଣ ଆଦି ଉପରେ ଆଲୋଚନା ହୋଇଥିଲା । ବ୍ଲକ ସଂଯୋଜକ ଡ଼ଃ ବାଗ ଏହି କାର୍ଯ୍ୟକ୍ରମରେ ସମସ୍ତ ଜନ ପ୍ରତିନିଧି,ବ୍ଲକ ବାସୀ ଦଳଗତ, ଜାତିଗତ, ଧର୍ମଗତ ନିର୍ବିଶେଷରେ ସାମିଲ ହେବାକୁ ଅନୁରୋଧ କରିଥିଲେ ।

## ଗନ୍ଧମାର୍ଦ୍ଦନ ପାହାଡ଼ର ସ୍ଥାୟୀ ସୁରକ୍ଷା ଦାବିରେ ଗଣଧାରଣା ସାମିଲ ହେଲେ ପୂର୍ବତନ ବିଧାୟକ



ଖପ୍ରାଖୋଲ (ଭାସ୍କର ନ୍ୟୁଜ୍): ଗନ୍ଧମାର୍ଦ୍ଦନ ପାହାଡର ସ୍ଥାୟୀ ସୁରକ୍ଷା ଦାବିରେ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ତରଫରୁ ଖପ୍ରାଖୋଲ ତହସିଲ ସମ୍ମୁଖରେ ଚାଲିଥିବା ଗଣଧାରଣା ୧୨ ଦିନରେ ପହଞ୍ଚିଛି। ଏହି ଅବସରରେ ପାଟଣାଗଡ଼ର ପୂର୍ବତନ ବିଧାୟକ ସରୋଜ କୁମାର ମେହେର ଯୋଗଦେଇ ରାଜ୍ୟ ଓ କେନ୍ଦ୍ର ସରକାର ଉପରେ ବର୍ଷିବା ସହ ଆଗାମୀ ଦିନରେ ଗନ୍ଧମାର୍ଦ୍ଦନ ପାହାଡ଼ର ସୁରକ୍ଷା ପାଇଁ ଆନ୍ଦୋଳନ ଗାଁ ଗାଁ ରେ ହେବ ବୋଲି ଚେତାବନୀ ଦେଇଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଖପ୍ରାଖୋଲ ବ୍ଲକ ଅଧକ୍ଷା ନିରୁପମା ପଟେଲ, ଉପାଧକ୍ଷ ସୁଖିରାମ ସାଣ୍ଡ, ଜିଲ୍ଲାପରିଷଦ ସଦସ୍ୟା ସଂଯୁକ୍ତା ମେହେର , ପ୍ରମିଳା ପାଥର , ରମେଶ ପଧାନ ପ୍ରମୁଖ ସାମିଲ ହୋଇଥିବା ବେଳେ ଆବାହକ ଜୟ ସିଂ ପୂଝାରୀ ଉପସ୍ଥିତ ଥିଲେ।

## ବାର୍ଷିକ ଖଣି ସୁରକ୍ଷା ପକ୍ଷ ପାଳିତ




ବ୍ରଜରାଜନଗର(ଭାସ୍କର ନ୍ୟୁଜ୍): ) ମହାନଦୀ କୋଇଲା ଖଣି ଅଞ୍ଚଳରେ ଖଣି ସୁରକ୍ଷା ପକ୍ଷ ପାଳନ କରାଯାଇଛି । ଏହାସହିତ ଲଖନପୁର କୋଇଲା ଖଣି, ବସୁନ୍ଧରା କୋଇଲା ଖଣି ଠାରେ ଖଣି ସୁରକ୍ଷା ପକ୍ଷ ପାଳନ କରାଯାଇଛି। ଶୁକ୍ରବାର ବ୍ରଜରାଜନଗର ଇବ୍ ଭ୍ୟାଲି କ୍ଷେତ୍ର ସମଲେଶ୍ୱରୀ ଖୋଲା ମୁହଁ କୋଇଲା ଖଣି ଠାରେ ଖଣି ସୁରକ୍ଷା ପକ୍ଷ ପାଳନ କରାଯାଇଛି । ଏହି ସୁରକ୍ଷା ପକ୍ଷ ଚଳିତ ମାସ ୩ ତାରିଖ ଠାରୁ ଆରମ୍ଭ ହୋଇ ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ। କୋଇଲା ଖଣିରେ ଅନେକ ଠିକା ସଂସ୍ଥା ଠିକା ଶ୍ରମିକ ମାନଙ୍କ ଦ୍ୱାରା କାମ କରୁଛନ୍ତି । ଏହି ଖଣି ସୁରକ୍ଷା ପକ୍ଷରେ ମହାନଦୀ କୋଇଲା ଖଣି ଓ ଅନ୍ୟ କୋଇଲା ଖଣିର ସୁରକ୍ଷା ପଦାଧିକାରୀ ମାନେ ଆସି ଠିକା ସଂସ୍ଥା କିପରି ସୁରକ୍ଷା ପାଳନ କରି କାର୍ଯ୍ୟ କରୁଛି ତାହାର ତଦାରଖ କରିଥିଲେ । ନିରୁପମା ଠିକା ସଂସ୍ଥାରେ ପହଞ୍ଚିବା ପରେ ନିରୁପମା କମ୍ପାନୀର ମୁଖ୍ୟ ପରିଚାଳକ ବିଭୁ ବିକାଶ ପ୍ରଧାନ, ନିରୁପମା କମ୍ପାନୀର ପରିଚାଳକ ସମୀର ପଟ୍ଟନାୟକ, ନିରୁପମା କମ୍ପାନୀର ପରିଚାଳକ ମହେଶ୍ୱର ନାୟକ ସ୍ୱାଗତ କରି ଏକ ସଭାର ଆୟୋଜନ କରାଯାଇଥିଲା । ଏହି ସଭାରେ ମୁଖ୍ୟ ଅତିଥି ଭାବେ ତାପସ କୁମାର ମହାନ୍ତି ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଏନ ବି ସାମଲ, ଆର କେ ମଲ୍ଲିକ, ଶ୍ରୀ ବି.ଡି. ଥାଟୋଇ, ପି ଓ କାନହେୟା କୁମାର ମିଶ୍ର, ମ୍ୟାନେଜର ଶତୃଘନ ସାହୁ, ସେଫଟି ଅଫିସର ପ୍ରବୀଣ କୁମାର, ବବନ କୁମାର ଯୋଗ ଦେଇଥିଲେ । ଶ୍ରୀଯୁକ୍ତ ମିଶ୍ର ଟ୍ରାଫିକ ନିୟମ ବିଷୟରେ ଆଲୋଚନା କରିଥିଲେ । ମୁଖ୍ୟ ଅତିଥି ଖଣି ଭିତରେ କିପରି ସୁରକ୍ଷା ନିୟମ ପାଳନ କରାଯିବ ତାହା ଉପରେ ଆଲୋକପାତ କରିଥିଲେ। ଶେଷରେ ମହେଶ୍ୱର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାକୁ ସଫଳ କରିବା ପାଇଁ ନିରୁପମା କମ୍ପାନୀର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ଜିଲ୍ଲାସ୍ତରୀୟ ଗୃହରକ୍ଷୀ ଦିବସ ପାଳିତ

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସହରରେ ଥିବା ବେତ ଗୁଡ଼ା ପୋଲିସ ରିଜର୍ଭ ଅଫିସ ପରିସର ପଡିଆରେ ଜିଲ୍ଲାସ୍ତରୀୟ ଗୃହ ରକ୍ଷୀ ଦିବସ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ ଯତିନ୍ଦ୍ର କୁମାର ପଣ୍ଡା ଯୋଗ ଦେଇ ପତାକା ଉତ୍ତୋଳନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପାରଳା ଉପଆରକ୍ଷୀ ଅଧକ୍ଷ ମାଧବ ନାୟକ, ଜିଲ୍ଲା ପୋଲିସ ରିଜର୍ଭ ଇନିସ୍‌ପେକ୍ଟର ନିରଜ କୁମାର ନାୟକ ଓ ପାରଳା ଖେମୁଣ୍ଡି ଆଦର୍ଶ ଥାନା ଅଧିକାରୀ ପ୍ରଶାନ୍ତ ଭୁପତି ସହ ଜିଲ୍ଲା ବରିଷ୍ଠ



ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ପ୍ୟାରେଡ଼ ରେ ୨ ପ୍ଲାଟୁନ୍ ଗୃହ ରକ୍ଷୀବାହିନି ଯୋଗଦାନ କରିଥିଲେ । ୨୭ ଜଣଙ୍କୁ ବିଭିନ୍ନ କାର୍ଯ୍ୟ ପାଇଁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା ।

## ମାଲ୍ୟବନ୍ତ ମହୋତ୍ସବକୁ ନେଇ ଲୋକନୃତ୍ୟ ଓ ଲୋକସଙ୍ଗୀତ ପ୍ରତିଯୋଗିତା



ମାଲକାନଗିରି(ଭାସ୍କର ନ୍ୟୁଜ୍): ଜିଲ୍ଲାର ଲୋକକଳା ଓ ସଂସ୍କୃତିକୁ ପ୍ରୋତ୍ସାହନ କରି ଲୋକଲୋଚନକୁ ଆଣିବା ଉଦ୍ଦେଶ୍ୟ ନେଇ ଜିଲ୍ଲା ସଂସ୍କୃତି ପରିଷଦ ଦ୍ୱାରା ଅଭିନବ ପଦକ୍ଷେପ ଗ୍ରହଣ କରାଯାଉଛି। ତନ୍ମଧ୍ୟରୁ ଜନଜାତି ଅଧ୍ୟୁଷିତ ମାଲକାନଗିରି ଜିଲ୍ଲାରେ ଲୋକ ନୃତ୍ୟ ଓ ଲୋକ ସଙ୍ଗୀତ ପ୍ରତିଯୋଗିତାର ଆୟୋଜନ କରିବା ହେଉଛି ଜିଲ୍ଲା ସଂସ୍କୃତି ପରିଷଦ ଦ୍ୱାରା ଏକ ନିଆରା ପ୍ରୟାସ। କଳାର ମୌଳିକତା ବଜାୟ ରଖିବାରେ ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ବହୁତ ସହାୟକ ହୋଇ ପାରିଛି ବୋଲି ଜିଲ୍ଲା ପରିଷଦ ଅଧକ୍ଷା ସମାରୀ ଟାଙ୍ଗୁଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଜିଲ୍ଲା ସଂସ୍କୃତି ପରିଷଦ ଓ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ସୋମନାଥ ପ୍ରଧାନ, ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ଆଇଟିଡିଏ, ପ୍ରକଳ୍ପ ପ୍ରଶାସିକା ଜୟଶ୍ରୀ,ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀନିବାସ ଆଚାରୀ, ଜିଲ୍ଲା ସଂସ୍କୃତି ଅଧିକାରୀ ସନ୍ତୋଷ ନାରାୟଣ ପଣ୍ଡା, ଜିଲ୍ଲା କଳା ସଂସ୍କୃତି ସଂଘର ଉପସଭାପତି ଘେନୁ ମୁଦୁଲି, ଗୁପ୍ତେଶ୍ୱର ପାଣିଗ୍ରାହୀ, ଶ୍ରୀତମ ସାମନ୍ତରାୟ ଓ ଗୋବିନ୍ଦ ପାତ୍ର ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଆଇଟିଡିଏ ପ୍ରକଳ୍ପ ପ୍ରଶାସିକା ଜୟଶ୍ରୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମକୁ ଆୟୋଜନ କରାଯାଇଛି । ଜିଲ୍ଲାର ପ୍ରମୁଖ ୧୪ ଟି ଜନଜାତି ଏହି ପ୍ରତିଯୋଗିତାରେ ନିଜର ପାରମ୍ପରିକ ନୃତ୍ୟ ପରିବେଷଣ କରିଥିଲେ। ସେହିପରି ଜିଲ୍ଲାର ନାଟ୍ୟଗୁରୁ ମାନଙ୍କୁ ସମ୍ମାନିତ କରାଯାଇଛି। ପରମ୍ପରାକୁ ବଜାୟ ରଖି ଲୋକ ନୃତ୍ୟ ପରିବେଷଣ କରିବା ଏହି ପ୍ରତିଯୋଗିତାର ମୁଖ୍ୟ ଉଦ୍ଦେଶ୍ୟ। ଏହି ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ନୃତ୍ୟ ଦଳଙ୍କୁ ମାନପତ୍ର ଓ ଅର୍ଥ ରାଶି ପ୍ରଦାନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଅନିମେଷ ମହାପାତ୍ର, ସସ୍ମିତା ସ୍ୱାଇଁ, ପ୍ରସନ୍ନ ପାଢ଼ୀ, ପୂର୍ଣ୍ଣିମା ଡୁରୁକା, ବନ୍ଧୁ ମୁଦୁଲି, ଶଶାଙ୍କ ମିଶ୍ର ଓ ବିନାଶ ମିଶ୍ର ଉପସ୍ଥିତ ରହି କାର୍ଯ୍ୟକ୍ରମ ଆୟୋଜନ କରିବାରେ ସହଯୋଗ କରିଥିଲେ। ଉପଜିଲ୍ଲାପାଳ ତଥା ମାଲ୍ୟବନ୍ତ ମହୋତ୍ସବ ସାଂସ୍କୃତିକ କମିଟି ଅଧକ୍ଷ ଶ୍ରୀ ଭୋଇ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶ୍ୟାମ ସୁନ୍ଦର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଭାଜପାର ବ୍ଲକସ୍ତରୀୟ ସଂଗଠନ ପର୍ବ କର୍ମଶାଳା

ଖପ୍ରାଖୋଲ (ଭାସ୍କର ନ୍ୟୁଜ୍): ଖପ୍ରାଖୋଲ ବ୍ଲକ ହରିଶଙ୍କର ଠାରେ ଭାଜପାର ବ୍ଲକ୍ ସ୍ତରୀୟ ସଂଗଠନ ପର୍ବ କର୍ମଶାଳା ମଣ୍ଡଳ ସଭାପତି ଶଶି ଭୂଷଣ ପୂଜାରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମୁଖ୍ୟ ଅତିଥି ରୂପେ ସାଙ୍ଗଠନିକ ଜିଲ୍ଲା ସହକାରୀ ନିର୍ବାଚନ ଅଧିକାରୀ ଡାକ୍ତର ଓମ୍ ପ୍ରକାଶ ଯୋଶୀ



ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ରୂପେ ବଲାଙ୍ଗିର ସାଂସଦଙ୍କ ବ୍ଲକ୍ ପ୍ରତିନିଧି ସନ୍ତୋଷ ଭଇଁସାଲ, ୩ ନମ୍ବର ମଣ୍ଡଳ ର ସାଙ୍ଗଠନିକ ନିର୍ବାଚନ ଅଧିକାରୀ ପ୍ରଶାନ୍ତ କୁମାର ମେହେର,୪ ନମ୍ବର ମଣ୍ଡଳର ନିର୍ବାଚନ ଅଧିକାରୀ ଦଶରଥ ପାଣିଗ୍ରାହୀ,ସ୍ୱତନ୍ତ୍ର ଅତିଥି ରୂପେ ବେଲପଡ଼ା ବ୍ଲକର ବରିଷ୍ଠ ଭାଜପା ନେତା ପ୍ରଶାନ୍ତ କୁମାର ଦାସ ପ୍ରମୁଖ ଯୋଗଦେଇ ଭାଜପାର ସଙ୍ଗଠନ ପର୍ବ ରେ ସାମିଲ ହୋଇ ଦଳର ସାଙ୍ଗଠନିକ ନିର୍ବାଚନ କୁ ସ୍ୱଚ୍ଛତାର ସହ ସୁରୁଖୁରୁରେ ଶେଷ କରିବା ସହିତ ଦଳକୁ ତୃଣମୂଳ ସ୍ତରରେ ସୁଦୃଢ କରିବାକୁ ଅତିଥିମାନେ କହିଥିଲେ । ଏହି ଅବସରରେ ଖପ୍ରାଖୋଲ ବ୍ଲକର ବରିଷ୍ଠ ଭାଜପା କର୍ମୀ , ଏକୋଇଶ ଗୋଟି ପଂଚାୟତର ପ୍ରମୁଖ, ସକ୍ରିୟ ଭାଜପା କର୍ମୀ ସମେତ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ବିଜେପିର ବୁଥସ୍ତରୀୟ କର୍ମକର୍ତ୍ତା ଚୟନ



ନନ୍ଦାହାଣ୍ଡି (ଭାସ୍କର ନ୍ୟୁଜ୍): ବିଜେପିର ୨୦୨୪ ସଦସ୍ୟତା ସଂଗ୍ରହ ପରେ ତୃଣମୂଳ ସ୍ତରରୁ ନେତା ଓ କର୍ମୀ ଚୟନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ନନ୍ଦାହାଣ୍ଡି ବ୍ଲକ ଡଙ୍ଗରଭେଜା ମଣ୍ଡଳ ଅନ୍ତର୍ଗତ ଧଣ୍ଡରା ପଞ୍ଚାୟତର ମଣ୍ଡେଇ ପଡିଆ ନିକଟରେ ନିର୍ବାଚନୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଧଣ୍ଡରା ପଞ୍ଚାୟତର ପାଞ୍ଚ ଗୋଟି ବୁଥର ସଭାପତି ସମେତ ୧୨ ଜଣିଆ ସଦସ୍ୟ ମଧ ଗୁରୁବାର ଦିନ ଚୟନ କରାଯାଇଛି । ପଞ୍ଚାୟତର ପାଞ୍ଚ ଗୋଟି ବୁଥ ଯଥାକ୍ରମେ ଧଣ୍ଡରା , ନରସିଂହଗୁଡା, ତୁରୁଞ୍ଜି, ପଥରଲସା ଓ ପିତାକୁମୁଲିର ବୁଥ ସଭାପତି ଭାବେ କୃଷ୍ଣ ଚନ୍ଦ୍ର ଗୌଡ଼, ସୁରେଶ ଟାକ୍ରୀ, ଅଶୋକ ଭତରା, ବକୁଳ ଗୌଡ଼ ଓ ଡମ୍ବୁ ଭତରାଙ୍କୁ ଚୟନ କରାଯାଇଥିଲା। ନିର୍ବାଚନ ପ୍ରକ୍ରିୟା କେବଳ ସହମତିରେ ହିଁ ବିଭିନ୍ନ ପଦାଧିକାରୀ ଚୟନ କରାଯିବ ବୋଲି ଦଳୀୟ ସୂତ୍ରରୁ ସୂଚନା ମିଳିଥିଲା । ତେଣୁ ଏହି ସାଙ୍ଗଠନିକ ନିର୍ବାଚନକୁ ବିଜେପି ସଙ୍ଗଠନ ପର୍ବ ରୂପେ କାର୍ଯ୍ୟକାରୀ କରୁଛି । ଏହି ବୈଠକରେ ପୂର୍ବତନ ମନ୍ତ୍ରୀ ତଥା ନବରଙ୍ଗପୁର ଜିଲ୍ଲା ନିର୍ବାଚନ ଅଧିକାରୀ ହିମାଂଶୁ ମେହେର, ଜିଲ୍ଲା ସାଧାରଣ ସମ୍ପାଦକ ଅଚ୍ୟୁତ ନନ୍ଦ ବିଷୋୟୀ, ମଣ୍ଡଳ ସଭାପତି କୃଷ୍ଣ ଚନ୍ଦ୍ର ନାୟକ, ମଣ୍ଡଳ ସାଧାରଣ ସମ୍ପାଦକ ଶ୍ରୀନିବାସ ଶତପଥୀ ସମେତ ପାଞ୍ଚ ଗୋଟି ବୁଥର କର୍ମକର୍ତ୍ତା ଓ ବିଜେପିର ପ୍ରାଥମିକ ସଦସ୍ୟତା ଗ୍ରହଣ କରିଥିବା ଶତାଧିକ ଭୋଟର ଉପସ୍ଥିତ ରହି ଥିଲେ ।

# ଇବ୍ ନଦୀ ଦେଓଗାଁ ଠାରେ ବ୍ୟାରେଜ୍ ପ୍ରସ୍ତାବ

## ■ ବିଧାନସଭାରେ ପ୍ରଶ୍ନ ପରେ ଆଶା ଉଜ୍ଜୀବିତ

ବ୍ରଜରାଜନଗର(ଭାସ୍କର ନ୍ୟୁଜ୍):ମହାନଦୀର ପ୍ରମୁଖ ଶାଖା ନଦୀ ଭାବେ ପରିଚିତ ଇବ ନଦୀ କୂଳରେ ବ୍ରଜରାଜନଗର ଥାଇକି ମଧ ଶୋଷିଲା ରହୁଛି। ବର୍ଷା ଦିନ ସରିଯିବା ପରେ ଇବ୍ ନଦୀର ଜଳ ଧାର କମିବାରୁ ବାଲି ପଠା ଦିଶିବା ସହିତ ମରୁଭୂମିର ଭ୍ରମ ସୃଷ୍ଟି କରୁଛି। ତେବେ ଏହାର ପ୍ରତିକାର ପାଇଁ ଦୀର୍ଘ ୮ ବର୍ଷ ତଳର ପ୍ରସ୍ତାବିତ ଦେଓଗାଁ ବ୍ୟାରେଜ ପ୍ରକଳ୍ପ ଆଜି ପର୍ଯ୍ୟନ୍ତ ସାକାର ରୂପ ନେଇ ପାରିନାହିଁ। ଏଭଳି ସ୍ଥିତିରେ ଗତକାଲି ବିଧାନସଭାରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଇବ ନଦୀରେ ବ୍ୟାରେଜ ନିର୍ମାଣ କରିବା ପ୍ରଶ୍ନ ଉଠାଇବା ପରେ ଏହି ବହୁ ଚର୍ଚ୍ଚିତ ପ୍ରକଳ୍ପକୁ ନେଇ ଆଶା ଉଜ୍ଜୀବିତ ହୋଇଛି। ଇବ୍ ନଦୀର ଉପରେ ବ୍ରଜରାଜନଗର ସହରାଞ୍ଚଳ ସମେତ ଏହାର ନିକଟବର୍ତ୍ତୀ ରାଜପୁର ଓ ଲୋଇସିଂହ ପଞ୍ଚାୟତବାସୀ ନିର୍ଭର କରୁଛନ୍ତି। ହେଲେ ପ୍ରତି ବର୍ଷ ଡିସେମ୍ବର ମାସ ଶେଷ ସୁଦ୍ଧା ଇବ୍ ନଦୀରେ ଜଳ ପ୍ରବାହ ହ୍ରାସ ପାଇଥାଏ। ତା ସହିତ ଇବ୍ ନଦୀ ଉପରମୁଣ୍ଡରେ ଛତିଶଗଡ଼ ବ୍ୟାରେଜ ଓ ଆନିକଟ ନିର୍ମାଣର ସିଧାସଳଖ ପ୍ରଭାବ ଓଡ଼ିଶାବାସୀ ଭୋଗୁଛନ୍ତି। ତେଣୁ ଏହାର ସ୍ଥାୟୀ ସମାଧାନ ପାଇଁ ବ୍ରଜରାଜନଗର ଦେଓଗାଁ ଠାରେ ଇବ ଓ ବସୁନ୍ଧରା ନଦୀ ସଂଗମସ୍ଥଳୀରେ ଏକ ବ୍ୟାରେଜ ନିର୍ମାଣ କରିବାକୁ ଓଡ଼ିଶା ସରକାରଙ୍କ ପ୍ରସ୍ତାବ ଥିଲେ ହେଁ ତାହା ଅନିଶ୍ଚିତତା ମଧ୍ୟରେ ଗତି କରୁଅଛି। ବିଗତ ୨୦୧୬ ମସିହାରେ ନଦୀଜଳ ବିବାଦ ଶୀର୍ଷରେ ଥିବା ସମୟରେ ବ୍ରଜରାଜନଗର ନିକଟ ଇବ ନଦୀ ଓ ବସୁନ୍ଧରା ନଦୀ ସଂଗମସ୍ଥଳୀରେ ଗୋଟିଏ ବ୍ୟାରେଜ ନିର୍ମାଣ କରିବା ପାଇଁ ଓଡ଼ିଶା ସରକାରଙ୍କ ପ୍ରସ୍ତାବ ରହିଥିଲା। ସେ ବର୍ଷ ଜୁଲାଇ ୨୦ ତାରିଖରେ ଜଳସମ୍ପଦ ବିଭାଗର ଏକ ଉଚ୍ଚସ୍ତରୀୟ କମିଟି ପୂର୍ବତନ ଉଠା ଜଳ ସେଚନ ଅଧକ୍ଷ ଅନୁପ ସାଏଙ୍କ ଉପସ୍ଥିତିରେ ପ୍ରସ୍ତାବିତ ଅଂଚଳ ପରିଦର୍ଶନ କରିଥିଲେ। ଉକ୍ତ ଟିମରେ ତତ୍କାଳୀନ ଜଳସମ୍ପଦ ସଚିବ ପ୍ରଦୀପ ଜେନା, ମୁଖ୍ୟଯନ୍ତ୍ରୀ ଜାନକୀ ବଲ୍ଲଭ ମହାପାତ୍ର, ଝାରସୁଗୁଡ଼ା ଜିଲ୍ଲାପାଳ, ପିଡ଼ି ଡ଼ିଆରଡ଼ିଏ, ହୀରାକୁଦ ଡ୍ୟାମ ପ୍ରକଳ୍ପ ଅଧିକାରୀ, ସୁନ୍ଦରଗଡ଼ ଜଳସମ୍ପଦ ବିଭାଗ ଯନ୍ତ୍ରୀ ପ୍ରମୁଖ ସାମିଲ ଥିଲେ। ଅନ୍ୟପଟେ ବ୍ୟାରେଜର ଉଚ୍ଚତା ୪ ମିଟର ଓ ଏଥିପାଇଁ କୌଣସି ବିସ୍ଥାପନ କିମ୍ବା ପରିବେଶ ଜନିତ କ୍ଷୟକ୍ଷତିର ସମସ୍ୟା ନଥିବା ସ୍ପଷ୍ଟ କରାଯାଇଥିଲା। ତା ସହିତ ଚାଷୀଙ୍କ ହିତ ଦୃଷ୍ଟିରୁ ଦେଓଗାଁ ଓ ଚିଚିଣ୍ଡାରେ ୨ଟି ପ୍ରକଳ୍ପ କରି ପ୍ରାୟ ପ୍ରାୟ ୨୫୦୦ହେକ୍ଟର ଜମିକୁ ଜଳସେଚନ ଲକ୍ଷ୍ୟ ରଖାଯାଇଥିଲା। ଏହା ବ୍ୟତୀତ ଝାରସୁଗୁଡ଼ା, ବ୍ରଜରାଜନଗର, ବେଲପାହାଡ଼ ସହରକୁ ପାନୀୟ ଜଳଯୋଗାଣ ହେବ ବୋଲି ଆଶା କରାଯାଉଥିଲା। ଅନ୍ୟପକ୍ଷରେ ଆଶା କରାଯାଉଥିଲା ଯେ କିଛି ଦିନ ପରେ ଏହି ପ୍ରକଳ୍ପକୁ ପ୍ରଶାସନିକ ମଞ୍ଜୁରୀ ମିଳିବା ପରେ ସବିଶେଷ ପ୍ରକଳ୍ପ ପାଇଁ ଟେଣ୍ଡର ଆହ୍ୱାନ କରାଯିବ। ହେଲେ ସେମିତି କିଛି ହେଲା ନାହିଁ ଓ ସମ୍ପୂର୍ଣ୍ଣ ପ୍ରକଳ୍ପର ଭାଗ୍ୟ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଗଲା। ଅପରପକ୍ଷରେ ଏହି ପ୍ରସ୍ତାବିତ ପ୍ରକଳ୍ପକୁ ୮ ବର୍ଷ ବିତିଯାଇଥିବା ବେଳେ ବର୍ତ୍ତମାନ ସରକାର ମଧ ପରିବର୍ତ୍ତନ ହୋଇଯାଇଛି। ଉଭୟ କେନ୍ଦ୍ର ଓ ରାଜ୍ୟରେ ବିଜେପି ସରକାର ଥିବା ବେଳେ ଝାରସୁଗୁଡ଼ା, ବ୍ରଜରାଜନଗର ବିଧାୟକ ଓ ବରଗଡ଼ ସାଂସଦ ଶାସକ ଦଳର ଅଟନ୍ତି। ସେହିପରି ବ୍ରଜରାଜନଗର ସ୍ଥାନୀୟ ବିଧାୟକ ମଧ ଗୁରୁତ୍ୱପୂର୍ଣ୍ଣ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସମ୍ଭାଳୁଥିବା ସହିତ ରାଜ୍ୟ ସରକାରଙ୍କ ଏକ ହେଭିୱେଟ ମନ୍ତ୍ରୀ ଭାବେ ଜଣାଶୁଣା। ତେଣୁ ଏହି ପ୍ରସ୍ତାବିତ ପ୍ରକଳ୍ପର ମଞ୍ଜୁରୀ ସକାଶେ ଆଗକୁ କୌଣସି ଅସୁବିଧାର ସମ୍ଭାବନା ନଥିବା ଜନସାଧାରଣ ଆଶା ପ୍ରକାଶ କରିଛନ୍ତି।

# ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଘାଟନୀ ସମାରୋହ



ରାୟଗଡ଼ା (ଭାସ୍କର ନ୍ୟୁଜ୍) :ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ/ ରାୟଗଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ 'ବାର୍ଷିକ କ୍ରୀଡାଉତ୍ସବ'ର ଉଦ୍‌ଘାଟନୀ ସମାରୋହ ଆରମ୍ଭ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷା, ଅଧ୍ୟାପକ ଅଧ୍ୟାପିକା, କ୍ରୀଡ଼ା ଶିକ୍ଷକ ସହ ଛାତ୍ରଛାତ୍ରୀମାନେ ଏକ ବିଶାଳ ଶୋଭାଯାତ୍ରା କରି ମା' ମାଝୀଗୌରୀ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା ସହ କରି କ୍ରୀଡ଼ା ମଶାଲ ଧରି ଆସିଲେ । କ୍ରୀଡ଼ା ମଶାଲ ଧରି ବିଗ୍ନେସ ପାପାଲା,ବଳରାମ ଦୋରା, ଜଗୁଲୁ ପଲକିଆ ସହ ଅନ୍ୟ ଛାତ୍ରଛାତ୍ରୀମାନେ ମହା ଶୋଭାଯାତ୍ରାରେ ମା' ମଝି ଗୌରୀ ମନ୍ଦିରରୁ ମହାବିଦ୍ୟାଳୟର ମୁଖ୍ୟ ଫାଟକ ନିକଟରେ କ୍ରୀଡ଼ା ଶିକ୍ଷକ ଶ୍ରୀ ଆଶିଷ ପୂଜାରୀ କୁ ଦେଲେ ଏବଂ ସେ କ୍ରୀଡ଼ା ସଂଗଠନର ଉପସଭାପତି ଶ୍ରୀ ଏ . ଶ୍ରୀନିବାସଙ୍କୁ ଦେଇଥିଲେ । ଏ. ଶ୍ରୀନିବାସ ମହାବିଦ୍ୟାଳୟର ଅଧକ୍ଷାଙ୍କୁ ମଶାଲ ଦେଇଥିଲେ ଏବଂ ଅଧକ୍ଷା ମୁଖ୍ୟ ଅତିଥି ଅତିରିକ୍ତ ଏସ.ପି ଶ୍ରୀ ବିଷ୍ଣୁପ୍ରସାଦ ପାତ୍ରଙ୍କୁ ମଶାଲ ଦେଇ ମହାବିଦ୍ୟାଳୟରେ ସ୍ଥାପନ କରିଥିଲେ। ମୁଖ୍ୟ ଅତିଥି ଅତିରିକ୍ତ ଏସ.ପି ଶ୍ରୀ ବିଷ୍ଣୁପ୍ରସାଦ ପାତ୍ର ମୁଖ୍ୟ ଅଭିଭାଷଣ ଦେଇ କ୍ରୀଡ଼ାର ମହତ୍ତ୍ୱ ବିଷୟର ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟ ଅତିଥି ଭାବରେ ରାୟଗଡ଼ା ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଅଧକ୍ଷା ଡଃ. ବବିଲତା ସରାଫ ମୁଖ୍ୟ ଅଭିଭାଷଣ ଦେଇ ଖେଳର ଉପଯୋଗିତା ବିଷୟର କହି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରି ଖେଳରେ ଅଂଶ ଗ୍ରହଣ ପାଇଁ ଉତ୍ସାହିତ କରିଥିଲେ। ସକାଳ ୧୦.୦୦ ଘଣ୍ଟା ସମୟରେ କ୍ରୀଡ଼ା ଆରମ୍ଭ ହୋଇଥିଲା । ପ୍ରଥମେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ/ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କର ୧୦୦ ମିଟର, ୨୦୦ ମିଟର ଦୌଡ ପ୍ରତିଯୋଗିତା, ସର୍ଟ ପୁଟ, ଡିସ୍ କସ୍ ଥ୍ରୋ,ଉଚ୍ଚ ଡିଆଁ,ଲମ୍ବା ଡିଆଁ ଇତ୍ୟାଦି ପ୍ରତିଯୋଗିତା ହୋଇଯାଇଛି।

## ଜୟ କିଷାନ ଆନ୍ଦୋଳନର ପ୍ରତିନିଧି ମଣ୍ଡଳୀଙ୍କ ବିଭିନ୍ନ ମଣ୍ଡି ପରିଭ୍ରମଣ



ବରଗଡ(ଭାସ୍କର ନ୍ୟୁଜ୍) : ଛତିଶଗଡର ଧାନ ବିକ୍ରି ବ୍ୟବସ୍ଥା ଅନୁଧ୍ୟାନ କରିବା ପାଇଁ ଆଜି ଜୟ କିଷାନ ଆନ୍ଦୋଳନର ଏକ ପ୍ରତିନିଧି ମଣ୍ଡଳୀ ଛତିଶଗଡ ଓଡିଶା ସୀମାନ୍ତରେ ଥିବା ବିଭିନ୍ନ ମଣ୍ଡି ବୁଲିବାକୁ ଯାଇଥିଲେ। ବରିଷ୍ଠ ଚାଷୀ ନେତା ଶିବ ପ୍ରସାଦ ପ୍ରଧାନ, ଜୟ କିଷାନ ଆନ୍ଦୋଳନର ଜିଲ୍ଲା ସଭାପତି ସୁଶୀଲ କୁମାର ସାହୁ, ସାଧାରଣ ସଂପାଦକ ହର ବଣିଆଁ, ଭେଡେନ ବ୍ଲକ ସଭାପତି ମହେଶ୍ୱର ପ୍ରଧାନ ଓଡିଶା ଛତିଶଗଡ ସୀମାନ୍ତବର୍ତ୍ତୀ ଚିବରାକୁଟା ଏବଂ ସାଗରପାଲି ମଣ୍ଡି ଯାଇ ସେଠିକାର ଚାଷୀ ଓ ସରକାରୀ ଅଧିକାରୀଙ୍କୁ ଭେଟି ଧାନ ବିକ୍ରି ବ୍ୟବସ୍ଥା ବିଷୟରେ ପଚାରି ବୁଝିଥିଲେ। ବରଗଡ଼ ଜିଲ୍ଲା ସୋହେଲା ଠାରୁ ମାତ୍ର କୋଡିଏ କିଲୋମିଟର ଦୂରରେ ଅବସ୍ଥିତ କ୍ରୟକେନ୍ଦ୍ର ଏବଂ ୟାର୍ଡମାନଙ୍କରେ କୌଣସି ଭିତ୍ତିଭୂମି ନଥାଇ ମଧ ଅତି ସୁରୁଖୁରୁରେ ଧାନ କିଣାବିକା ଚାଲିଛି। ସେଠିକାର ଚାଷୀମାନଙ୍କୁ ସ୍ଥାନୀୟ ପ୍ରାଥମିକ ସେବା ସମବାୟ ସମିତି ଟୋକନ ଜାରି କରିଥାଆନ୍ତି। ଚାଷୀମାନେ ଟୋକନ ପାଇ ୟାର୍ଡକୁ ଯାଇ ଧାନ ଆଣନ୍ତି। ସେହି ଧାନକୁ ୟାଡ ଅଧିକାରୀ ଆର୍ଦ୍ରତା ପରୀକ୍ଷା କରି ୧୭ % ପର୍ଯ୍ୟନ୍ତ ଥିଲେ ବିକ୍ରି ଯୋଗ୍ୟ ଘୋଷଣା କରନ୍ତି। ଅଧିକାରୀଙ୍କ ଘୋଷଣା ପରେ ଚାଷୀକୁ ବସ୍ତା ଦିଆଯାଏ। ସେହି ବସ୍ତାରେ ଧାନ ଭର୍ତ୍ତି କଲାପରେ ସରକାରଙ୍କ ତରଫରୁ ଓଜନ କରି ସଂପୃକ୍ତ ଚାଷୀକୁ ମାତ୍ର କିଛି ଘଣ୍ଟା ମଧ୍ୟରେ ରସିଦ ଦିଆଯାଇଥାଏ। ସେଠାରେ ଚାଷୀ ଗୋଟିଏ ଦିନରେ ଧାନ ବିକ୍ରିକରି ମନ ଖୁସି ରେ ଘରକୁ ଫେରିଥାଏ। ନବୀନ ପଟ୍ଟନାୟକ ନେତୃତ୍ୱାଧିନ ବିଜେଡି ସରକାର ସମୟରେ ସଂଗଠନ ତରଫରୁ ଛତିଶଗଡ ର ଏପରି ଧାନ ବିକ୍ରି ବ୍ୟବସ୍ଥା ପାଇଁ ଅନେକ ପ୍ରସ୍ତାବ ଦିଆଯାଇଥିଲା, କିନ୍ତୁ ଦୀର୍ଘ ୨୪ ବର୍ଷ ଶାସନ କାଳରେ ୟାର୍ଡରେ ମିଲମାଲିକ ଓ ଦଲାଲମାନଙ୍କ ରାଜତ୍ୱ ଚାଲିଥିଲା। କଟ୍‌ନୀ ଛଟ୍‌ନୀର ଶିକାର ହୋଇ ଚାଷୀ ହନ୍ତସନ୍ତ ହେଉଥିଲା। ମୋହନ ମାଝୀଙ୍କ ନେତୃତ୍ୱାଧିନ ବିଜେପି ସରକାର ଧାନ କ୍ୱିଣ୍ଟାଲ ୩୧୦୦ ଟଙ୍କା ଦେବା ସହ କଟଣି ଛଟଣି ବନ୍ଦ କରାଯିବ। ମଣ୍ଡି ମାନଙ୍କରେ ଦଲାଲ ରାଜ ସମାପ୍ତ କରିବା ଏବଂ ଜିଲ୍ଲାପାଳଙ୍କୁ ଧାନ ବିକ୍ରି ର ସଂପୂର୍ଣ୍ଣ କ୍ଷମତା ଦିଆଯିବା ପାଇଁ ଘୋଷଣା କରିଥିଲେ। ଏହି ପରିପ୍ରେକ୍ଷୀରେ ଆସନ୍ତା ୮ ଡିସେମ୍ବରରେ ମୁଖ୍ୟମନ୍ତ୍ରୀଙ୍କ ସୋହେଲା ଗସ୍ତ ସମୟରେ ଧାନର ସହାୟକ ମୂଲ୍ୟ ଠାରୁ ୮୦୦ ଟଙ୍କା ଅତିରିକ୍ତ ସହାୟତା ଘୋଷଣା କରିବା ସହ ଛତିଶଗଡ ଭଳି ଧାନ ବିକ୍ରି ରେ ବିକେନ୍ଦ୍ରୀକରଣ ବ୍ୟବସ୍ଥା ତଥା ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି କୁ କାର୍ଯ୍ୟକ୍ଷମ କରିବା ଏବଂ ଟୋକନ ସମସ୍ୟାର ସମାଧାନ ଜିଲ୍ଲାପ୍ରଶାସନ ଦ୍ୱାରା କରିବା , ଡିଜିଟାଲ ଏନାଲାଇଜର୍ ମେସିନ ବନ୍ଦ କରି ଧାନ କିଣିବା, ବସ୍ତା ଯୋଗାଇ ଦେବା ପାଇଁ ଘୋଷଣା କରନ୍ତୁ ଅନ୍ୟଥା ଏହି ସରକାର ପ୍ରତି ଚାଷୀଙ୍କ ଆଶା ଓ ବିଶ୍ୱାସ ତୁଟିଯିବ ଏବଂ ଚାଷୀ ରାଜରାସ୍ତାକୁ ଓହ୍ଲାଇବା ପାଇଁ ମଧ ହେବ ବୋଲି ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଥିଲା।

## ଅବହେଳିତ ଭାବେ ପଡିରହିଛି ତଳମିଟିଙ୍ଗ ଜଳପ୍ରପାତ



ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକରେ ଥିବା ଅନେକ ପର୍ଯ୍ୟଟନ ସ୍ଥଳୀ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହି ଯାଉଛି। ଉକ୍ତ ସ୍ଥାନଗୁଡିକ ବିକାଶ ଅପେକ୍ଷାରେ ରହିଥିବା ବେଳେ ପର୍ଯ୍ୟଟନ ବିଭାଗ କିନ୍ତୁ ନାମକୁ ମାତ୍ର ରହିଛି। ବାର ବାର ବିଭିନ୍ନ ଖବର କାଗଜରେ ଖବର ପ୍ରକାଶିତ ହେଉଥିଲେ ମଧ୍ୟ ସେଥିପ୍ରତି କାହାରି ନଜର ପଡୁନଥିବା ସବୁଠୁ ଦୁଃଖର ବିଷୟ ପାଲଟିଛି।ବ୍ଲକରେ ଥିବା ଅନେକ ପର୍ଯ୍ୟଟନ ସ୍ଥଳୀ ବିକାଶର ବହୁ ଦୂରରେ ରହିଛି। ସେଥିମଧ୍ୟରୁ ଗୌଡ଼ ଗୁଡା ପଞ୍ଚାୟତ ଅନ୍ତର୍ଗତ ତଳମିଟିଙ୍ଗ ଜଳପ୍ରପାତ ଅନ୍ୟତମ। ସେଠାକାର ପ୍ରାକୃତିକ ପରିବେଶ ବେଶ ସବୁଠୁ ଅଧିକ ଆକର୍ଷଣୀୟ ଓ ମନଲୋଭା। ପଥର ଉପରେ ଝରଣାର କୁଳୁକୁଳୁ ନାଦ ସହ ସେଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟ ପର୍ଯ୍ୟଟକଙ୍କ ମନ ମୋହିଥାଏ। ଦୈନିକ ସେଠାକୁ ପର୍ଯ୍ୟଟକ ଙ୍କ ସୁଅ ଛୁଟୁଛି। ହେଲେ ରାସ୍ତା ନଥିବାରୁ ଅନେକ ପର୍ଯ୍ୟଟକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।ଆଗକୁ ପିକନିକ ଋତୁ ଆସୁଛି ଏହି ପର୍ଯ୍ୟଟନ ସ୍ଥଳୀରେ ପର୍ଯ୍ୟଟକଙ୍କ ଭିଡ଼ ଜମେ। କିନ୍ତୁ ବିଡମ୍ବନାର ବିଷୟ ସେଠାରେ ଅନେକ ସମସ୍ୟା ରହିଥିଲେବି ପର୍ଯ୍ୟଟନ ବିଭାଗର ଆଜିଯାଏଁ ଦୃଷ୍ଟି ପଡିନି।ସେଠାକୁ ପାଦ ଚଲା ରାସ୍ତା ଟିଏ ମଧ ନାହିଁ।ଏହାକୁ ଆଖି ଆଗରେ ରଖି ଲକ୍ଷ୍ମୀପୁର ବ୍ଲକ ପ୍ରଶାସନ ତରଫରୁ ବର୍ତ୍ତମାନ ପଞ୍ଚାୟତ ଜରିଆରେ ଏମଜୀ ଏନଆର୍ଜିଏ ସ୍କିମରେ ରାସ୍ତା କାମ ଚାଲିଛି। ତଥାପି ପର୍ଯ୍ୟଟକଙ୍କ ପାଇଁ ସେତେଟା କୌଣସି ସୁବିଧା ନାହିଁ। ସେଠାରେ ପାନୀୟ ଜଳର ସୁବିଧା ସାଙ୍ଗକୁ ଭୋଜି ଭାତ କରିବା ସହ ସେଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବା ପାଇଁ ସ୍ୱତନ୍ତ୍ର ଗୃହ ନିର୍ମାଣ ହେଲେ ଅଧିକରୁ ଅଧିକ ପର୍ଯ୍ୟଟକଙ୍କ ଭିଡ଼ ଜମିବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ଲକ୍ଷ୍ମୀପୁର ଅଞ୍ଚଳକୁ ପର୍ଯ୍ୟଟନ ସ୍ଥଳୀର ନାମ ଦେବାକୁ ସବୁ ମହଲରେ ଦାବି ହୋଇଛି।

# ଜାତୀୟ ଓ ଅନ୍ତର୍ଜାତୀୟ





ନୂଆଦିଲ୍ଲୀ: ଏକ ମାମଲାରେ ଇଡିର କାର୍ଯ୍ୟପଦ୍ଧତି ଉପରେ ପ୍ରଶ୍ନ ଉଠାଇଛନ୍ତି ସୁପ୍ରିମକୋର୍ଟ। ଜଣେ ଆଇଏଏସ ଅଧିକାରୀ ଅନିଲ ଟୁଟେଜାଙ୍କୁ ରାତି ସାରା ଜେରା କରାଯିବା ଘଟଣାକୁ 'ଭୟଙ୍କର' ବୋଲି କହିଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ। ଗତ ଏପ୍ରିଲ ୨୦ ତାରିଖରେ ତତ୍କାଳୀନ ଆଇଏଏସ ଅଧିକାରୀ ଅନିଲ ଅପରାହ୍ନ ସାଢ଼େ ୪ଟାରେ ରାୟପୁରସ୍ଥିତ ଆଣ୍ଟି କରପ୍ସନ ବ୍ୟୁରୋ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିଲେ। ଛତିଶଗଡ଼ ମଦମୃତ୍ୟୁ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ତାଙ୍କୁ ଦିନ ୧୨ଟାରେ ହାଜର ହେବାକୁ ସମନ ଜାରି କରିଥିଲା। ପରେ ଅପରାହ୍ନ ୫ଟା ୩୦ରେ ହାଜର ହେବାକୁ ସମନ ଜାରି କରାଯାଇଥିଲା। କିନ୍ତୁ ଅନିଲ ହାଜର ନ ହେବାରୁ ଇଡି ଅଧିକାରୀ କାର୍ଯ୍ୟାଳୟରୁ ନେଇଯାଇଥିଲେ। ପରେ ରାତିସାରା ତାଙ୍କୁ ଜେରା କରାଯାଇଥିଲା ଏବଂ ଭୋର ୪ଟାରେ ଗିରଫ କରାଯାଇଥିଲା। ଇଡିର ଏପରି କାର୍ଯ୍ୟକଳାପ ବିରୋଧରେ ଅନିଲ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଗିରଫଦାରିକୁ ରଦ୍ଦ କରିବା ଲାଗି ଆବେଦନ କରିଥିଲେ। ଜଷ୍ଟିସ ଅଭୟ ଏସ.ଓକା ଏବଂ ଅଗଷ୍ଟିନ ଜର୍ଜ ମାସିହ ପିଟିସନର ଶୁଣାଣି କରିଥିଲେ। ଖଣ୍ଡପୀଠ ଇଡି ଅଧିକାରୀଙ୍କ ଏପରି ତ୍ରୁଟିପୂର୍ଣ୍ଣ କାର୍ଯ୍ୟକଳାପକୁ ନାପସନ୍ଦ କରିଥିଲେ। କିନ୍ତୁ ଏହାଦ୍ୱାରା ଗିରଫଦାରିକୁ ରଦ୍ଦ କରାଯାଇପାରିବ ନାହିଁ ବୋଲି ସ୍ପଷ୍ଟ କରିଥିଲେ। ମାତ୍ର ଇଡିର କାର୍ଯ୍ୟକଳାପକୁ ବିବ୍ରତକର ବୋଲି କହିଥିଲେ। ଖଣ୍ଡପୀଠ ଅନିଲଙ୍କୁ ତଳକୋର୍ଟ ଯାଇ ଜାମିନ ଆବେଦନ କରିବାକୁ ପରାମର୍ଶ ଦେଇଥିଲେ।

## ଯକ୍ଷ୍ମା ନିରାକରଣ ପାଇଁ ଯଥାସମ୍ଭବ ଉଦ୍ୟମ କରିବାକୁ ମୋଦୀଙ୍କ ଆହ୍ୱାନ



ନୂଆଦିଲ୍ଲୀ: ଯକ୍ଷ୍ମା ବିରୋଧରେ ଭାରତର ଲଢ଼େଇ ଆହୁରି ଶକ୍ତିଶାଳୀ ହୋଇଛି ବୋଲି ଗୁରୁତ୍ୱାରୋପ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ଅଧିକ ପ୍ରଭାବିତ ଯକ୍ଷ୍ମା ଜିଲ୍ଲାଗୁଡ଼ିକ ଉପରେ ଧ୍ୟାନ ଦେଇ ଏକ ସ୍ୱତନ୍ତ୍ର ୧୦୦ ଦିନିଆ ଅଭିଯାନ ଆରମ୍ଭ କରିବାକୁ ଘୋଷଣା କରିଛନ୍ତି। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡାଙ୍କ ଦ୍ୱାରା ଲିଖିତ ଏକ ଲେଖା ପଢ଼ିବାକୁ ସେ ନାଗରିକମାନଙ୍କୁ ଅନୁରୋଧ କରିଛନ୍ତି। ସାମାଜିକ ଗଣମାଧ୍ୟମ ଏକ୍ସରେ ଏକ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ଯକ୍ଷ୍ମା ବିରୁଦ୍ଧରେ ଆମର ଲଢ଼େଇ ଆହୁରି ଶକ୍ତିଶାଳୀ ହୋଇଛି। ଯକ୍ଷ୍ମାକୁ ପରାସ୍ତ କରିବା ପାଇଁ ସାମୂହିକ ଭାବନାରେ ପରିଚାଳିତ ଏହି ସ୍ୱତନ୍ତ୍ର ୧୦୦ ଦିନିଆ ଅଭିଯାନ ଶନିବାରଠାରୁ ଆରମ୍ଭ ହୋଇଛି, ଯେଉଁଥିରେ ଅଧିକ ପୀଡିତ ଯକ୍ଷ୍ମା ଜିଲ୍ଲାଗୁଡ଼ିକ ଉପରେ ଧ୍ୟାନ ଦିଆଯାଉଛି। ଯକ୍ଷ୍ମା ସହ ବହୁମୁଖୀ ଢଙ୍ଗରେ ଲଢ଼େଇ କରୁଛି ଭାରତ। ଏହି ୧୦୦ ଦିନରେ ରୋଗୀଙ୍କୁ ଦ୍ୱିଗୁଣିତ ସହାୟତା, ଜନ ଭାଗିଦାରୀ, ଉନ୍ନତ ଔଷଧ, ବୈଷୟିକ ଜ୍ଞାନକୌଶଳ ଏବଂ ଉନ୍ନତ ନିଦାନ ଉପକରଣର ବ୍ୟବହାର ଉପରେ ଗୁରୁତ୍ୱ ଦିଆଯିବ ବୋଲି ଶ୍ରୀ ମୋଦୀ କହିଛନ୍ତି। ସମସ୍ତେ ଏକାଠି ହୋଇ ଯକ୍ଷ୍ମା ନିରାକରଣ ପାଇଁ ଯଥାସମ୍ଭବ ଉଦ୍ୟମ କରିବାକୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଆହ୍ୱାନ ଦେଇଛନ୍ତି।

## ବାଂଲାଦେଶରେ ଥମୁନି ହିଂସା, ଜାଳି ଦେଲେ ଇସ୍କନ ମନ୍ଦିର



ବାଂଲାଦେଶ: ବାଂଲାଦେଶରେ ଥମୁନି ହିଂସା। ହିନ୍ଦୁଙ୍କ ଉପରେ ବାରମ୍ବାର ଆକ୍ରମଣ ହେଉଛି। ଅନେକ ହିନ୍ଦୁ ମନ୍ଦିରକୁ ମୌଳବାଦୀମାନେ ଟାର୍ଗେଟ କରୁଛନ୍ତି। ଏହାରି ଭିତରେ ଇସ୍କନ ମନ୍ଦିରରେ ନିଆଁ ଲଗାଇ ଦେଇଛନ୍ତି ବିକ୍ଷୋଭକାରୀ। ଇସ୍କନ ମନ୍ଦିରରେ ଥିବା ଲକ୍ଷ୍ମୀ ନାରାୟଣଙ୍କ ମୂର୍ତ୍ତିକୁ ମଧ୍ୟ ପୋଡି ଦେଇଛନ୍ତି। ମନ୍ଦିରରେ ଥିବା ଅବଶିଷ୍ଟ ଜିନିଷ ମଧ୍ୟ ପୋଡ଼ି ପାଉଁଶ ହୋଇଯାଇଛି। ମନ୍ଦିର ଉପରେ ଆକ୍ରମଣ କରି ଭଙ୍ଗାରୁଜା କରାଯାଇଛି। ନାମହଟ୍ଟା ଇସ୍କନ ମନ୍ଦିରରେ ନିଆଁ ଲାଗିବା ଯୋଗୁ ଏହା ସମ୍ପୂର୍ଣ୍ଣ ପୋଡି ପାଉଁଶ ହୋଇଯାଇଛି। ମହମ୍ମଦ ୟୁନୁସଙ୍କ ନେତୃତ୍ୱରେ ବାଂଲାଦେଶର ମଧ୍ୟବର୍ତ୍ତୀ କାଳୀନ ସରକାରର ଶାସନ କାଳରେ ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁଙ୍କ ଉପରେ କ୍ରମାଗତ ଆକ୍ରମଣ ଚାଲିଛି। ହିନ୍ଦୁଙ୍କ ପ୍ରତି ହେଉଥିବା ହିଂସା ଘଟଣାକୁ ଭାରତର ଲଗାତର ବିରୋଧ ବଢ଼ିବାରେ ଲାଗିଛି। ଇସ୍କନ ସାଧୁ ଚିନ୍ମୟ କୃଷ୍ଣ ଦାସଙ୍କୁ ଗିରଫ କରିବା ପରେ ବାଂଲାଦେଶର ସ୍ଥିତି ଆହୁରି ଖରାପ ହେବାରେ ଲାଗିଛି। ହିନ୍ଦୁ ସମ୍ପ୍ରଦାୟ ଉପରେ ମୌଳବାଦୀଙ୍କ ଆକ୍ରମଣ ବଢ଼ିବାରେ ପାଇଛି। ଏଥିପାଇଁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବାଂଲାଦେଶରେ ମିଳିତ ଜାତିସଂଘ ଶାନ୍ତି ମିଶନ ନିୟୋଜିତ କରିବାକୁ ଅନୁରୋଧ କରିଥିଲେ।

## ହିମାଚଳ ପ୍ରଦେଶରେ ୩ଥର ଭୂକମ୍ପ ଝଟ୍‌କା

ନୂଆଦିଲ୍ଲୀ: ହିମାଚଳ ପ୍ରଦେଶରେ ଶନିବାର ସକାଳେ ଭୂମିକମ୍ପ ଝଟକା ଅନୁଭବ ହୋଇଛି। ମଣ୍ଡି ସହରରେ ଭୂକମ୍ପ ଝଟକା ଥରେ ନୁହେଁ ବରଂ ୩ ଥର ଅନୁଭୂତ ହୋଇଛି। ରିକ୍ଟର ସ୍କେଲରେ ଭୂକମ୍ପ ତୀବ୍ରତା ୩.୩ ରେକର୍ଡ଼ କରାଯାଇଛି। ମାତ୍ର ଝଟ୍‌କା ଅନୁଭବ ହେବା ମାତ୍ରେ ଲୋକେ ଭୟରେ ନିଜ ଘର ବାହାରକୁ ପଳାଇ ଆସିଥିଲେ। ଏନ୍‌ସିଏସ୍ ପକ୍ଷରୁ ମିଳିଥିବା ସୂଚନାନୁଯାୟୀ ଭୂକମ୍ପ ଭୂମି ଠାରୁ ପ୍ରାୟ ୫ କିମି ଗଭୀର ଥିଲା। ଭୂକମ୍ପରେ କୌଣସି ଧନଜୀବନ କ୍ଷୟକ୍ଷତି ହୋଇନଥିବା ଜଣାପଡ଼ିଛି। ତେବେ ଭୂକମ୍ପର ୫ଟି ସମ୍ବେଦନଶୀଳ ସ୍ଥାନ ମଧ୍ୟରୁ ହିମାଚଳପ୍ରଦେଶ ଗୋଟିଏ ବୋଲି କୁହାଯାଏ। ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି।

## ସୈନିକଙ୍କ ବଳୀଦାନ ଆଜି ଆମକୁ ସ୍ୱାଧୀନତା ଦେବା ସହ ସୁରକ୍ଷା ଦେଉଛି: ବିଷ୍ଣୁଦେବ




ରାୟପୁର: ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ସ୍ୱତନ୍ତ୍ର ସେନା ପତାକା ଦିବସ ଅବସରରେ ଦେଶ ପାଇଁ ସହିଦ ହୋଇଥିବା ସୈନିକଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହ ନମନ ଜଣାଇଛନ୍ତି । ସେ କହିଛନ୍ତି ଏହି ସୈନିକମାନେ ଦେଶ ପାଇଁ ନିଜକୁ ବଳୀଦାନ ଦେବା ସହ ଆମ ଦେଶକୁ ସ୍ୱାଧୀନତା ଦେଇ ଆମକୁ ସୁରକ୍ଷିତ ରଖିବାରେ ସହାୟକ ହୋଇଛନ୍ତି । ଶ୍ରୀ ସାଏ ସେହି ବୀର ସୈନିକ ଏବଂ ସେମାନଙ୍କ ପରିବାର ପ୍ରତି କୃତଜ୍ଞତା ଜଣାଇଛନ୍ତି । ରାଷ୍ଟ୍ରର ସୁରକ୍ଷା ଓ ଅଖଣ୍ଡତା ରକ୍ଷା ପାଇଁ ସେମାନେ ଯେଉଁ ସୌର୍ଯ୍ୟ ଓ ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି ତାହା ଆଜିର ଯୁବପିଢ଼ି ପାଇଁ ପ୍ରେରଣା ଯୋଗାଇବ ବୋଲି ସେ କହିଥିଲେ । ଏହି ଅବସରରେ ଭୂତପୂର୍ବ ସୈନିକ ଏବଂ ସହିଦ ହୋଇଥିବା ସୈନିକଙ୍କ ପରିବାରକୁ ସେ ଅଭିନନ୍ଦନ ଜଣାଇଥିଲେ । ଆଜିର ଯୁବପିଢ଼ି ଅଧିକରୁ ଅଧିକ ସେନା ବାହିନୀରେ ଯୋଗଦେବା ପାଇଁ ବିଷ୍ଣୁଦେବ ନିବେଦନ କରିଥିଲେ । ସେ କହିଥିଲେ ପ୍ରତି ଯୁବକ ଦେଶ ପାଇଁ ନିଜର କର୍ତ୍ତବ୍ୟ କରିଚାଲିବା ଉଚିତ୍ । ଏହି ପତାକା ଦିବସ ଆମ ସମସ୍ତଙ୍କ ପାଇଁ ଏକ ପ୍ରେରଣାର ଦିବସ ବୋଲି ସେ କହିଥିଲେ । ସେ କହିଥିଲେ ସବୁ କାର୍ଯ୍ୟ ଭୂଲି ରାଷ୍ଟ୍ରସେବାକୁ ପ୍ରାଥମିକତା ଦିଆଯିବା ଜରୁରି । ଏହି ଅବସରରେ ସୈନିକ କଲ୍ୟାଣ ବୋର୍ଡ ଛତିଶଗଡ଼ର ମୁଖ୍ୟ ବ୍ରିଗେଡିୟର ବିବେକ ଶର୍ମା ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ସଶସ୍ତ୍ର ସେନା ଦିବସର ଶୁଭକାମନା ଜଣାଇଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପ୍ରାକୃତିକ ବିପର୍ଯ୍ୟୟ, ଆତଙ୍କବାଦୀଙ୍କ ମୁକାବିଲା ତଥା ଅନ୍ୟାନ୍ୟ କାର୍ଯ୍ୟରେ ସେନାଙ୍କ ଯୋଗଦାନ ଏ ଦେଶ ଓ ଜାତି ଭୂଲି ପାରିବ ନାହିଁ ।

## ପ୍ରେମ ପାଇଁ ମା'କୁ ମାରିଲା ପୁଅ

ନୂଆଦିଲ୍ଲୀ: ଦୀର୍ଘ ଦିନର ପ୍ରେମିକାଙ୍କୁ ବାହା ହେବାକୁ ଚାହୁଁଥିଲେ। କିନ୍ତୁ ମା' ମନା କରି ଦେଲେ। ତେଣୁ ମା'କୁ ମାରି ଦେଲା ପୁଅ। ଗିରଫ ଯୁବକର ନାଁ ସାଓ୍ୱନ(୨୨) । ସେ ଜଣେ ଡ୍ରାଇଭର। ସାଓ୍ୱନର ଜଣେ ବଡ଼ଭାଇ ଥିବାବେଳେ ତାଙ୍କ ନାଁ କପିଲ। କପିଲଙ୍କ ବାହାଘର ଠିକ ହୋଇଥିଲା । ସେ ଖୁବ୍‌ଶୀଘ୍ର ବାହା ହୋଇଥାନ୍ତେ। ସେଥିପାଇଁ ଘରେ ପ୍ରସ୍ତୁତି ଚାଲିଥିବା ବେଳେ ସାଓ୍ୱନ ମଧ୍ୟ ଦୀର୍ଘ ଦିନର ପ୍ରେମିକାଙ୍କୁ ବାହା ହେବାକୁ ଚାହୁଁଥିଲେ। କିନ୍ତୁ ମା' ସୁଲୋଚନା ମନା କରି ଦେଇଥିଲେ ଓ ଗାଳି କରିଥିଲେ। କଥା ଶୁଣି ରାଗି ଯାଇ ମା'କୁ ମାରିବାକୁ କରିଥିଲା ଯୋଜନା। ଶୁକ୍ରବାର ରାତିରେ ସେ ତାଙ୍କ ମା'କୁ ମାରି ଦେଇଥିଲା। ତାଙ୍କ ମା' ପିନ୍ଧିଥିବା କାନ ଫୁଲଗୁଡ଼ିକୁ ସେ ବାହାର କରି ଲୁଚାଇ ଦେଇଥିଲେ ଓ ପୂରା ଘଟଣାକୁ ଲୁଟ୍ ଏବଂ ହତ୍ୟାର ରୂପ ଦେବାକୁ ଚେଷ୍ଟା କରିଥିଲେ। ତେବେ ପୋଲିସର ସନ୍ଦେହ ପରିସରକୁ ଆସିଥିଲେ ସାଓ୍ୱନ। ପୋଲିସ ସାଓ୍ୱନକୁ ଜେରା କରିଥିଲା। ଜେରା ବେଳେ ସାଓ୍ୱନ ସତ କଥା କହିଥିଲା।

## ଯକ୍ଷ୍ମା ସଂକ୍ରମଣ ପାଇଁ ଆରମ୍ଭ ହେଲା ୧୦୦ ଦିନିଆ ଅଭିଯାନ




ଚଣ୍ଡୀଗଡ଼: ଦେଶରେ ଯକ୍ଷ୍ମା ନିରାକରଣ ପ୍ରୟାସ ସ୍ୱରୂପ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ଶନିବାର ହରିୟାଣାର ପଞ୍ଚକୁଲାଠାରେ ହରିୟାଣା ମୁଖ୍ୟମନ୍ତ୍ରୀ ନୟାବ ସିଂ ସାଇନି ଏବଂ ହରିୟାଣାର ସ୍ୱାସ୍ଥ୍ୟମନ୍ତ୍ରୀ ଆରତି ସିଂ ରାଓଙ୍କ ଉପସ୍ଥିତିରେ ୧୦୦ ଦିନିଆ ଯକ୍ଷ୍ମା ନିରାକରଣ ଅଭିଯାନର ଶୁଭାରମ୍ଭ କରିଛନ୍ତି। ପ୍ରତାପରାଓ ଯାଦବ ଏବଂ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ ମଧ୍ୟ ଭର୍ଚୁଆଲ୍ ମାଧ୍ୟମରେ ଯୋଗ ଦେଇଥିଲେ। ଦେଶର ୩୪୭ଟି ଜିଲ୍ଲାରେ କାର୍ଯ୍ୟକାରୀ ହେବାକୁ ଥିବା ଏହି ଅଭିଯାନର ଲକ୍ଷ୍ୟ ହେଉଛି ନିଖୋଜ ଯକ୍ଷ୍ମା ରୋଗୀଙ୍କୁ ଖୋଜିବା ଓ ଚିକିତ୍ସା କରିବା, ବିଶେଷକରି ଉଚ୍ଚ ବିପଦଗ୍ରସ୍ତ ଗୋଷ୍ଠୀରେ ଏବଂ ଯକ୍ଷ୍ମା ମୃତ୍ୟୁକୁ ଯଥେଷ୍ଟ ହ୍ରାସ କରିବା। ସଭାକୁ ସମ୍ବୋଧିତ କରି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଯକ୍ଷ୍ମା ନିରାକରଣ ପାଇଁ ସରକାରଙ୍କ ଅତୁଟ ପ୍ରତିବଦ୍ଧତା ଉପରେ ଆଲୋକପାତ କରିବା ସହ ଯକ୍ଷ୍ମା ମୁକ୍ତ ଭାରତର ଲକ୍ଷ୍ୟକୁ ଏକ ନୂତନ ଗତି ପ୍ରଦାନ କରିବା ଉଦ୍ଦେଶ୍ୟରେ ଏହି ଅଭିଯାନ ଆରମ୍ଭ କରାଯାଇଥିବା କହିଛନ୍ତି। ଏହି ୧୦୦ ଦିନର ଗୁରୁତ୍ୱପୂର୍ଣ୍ଣ ଅଭିଯାନ ସମୟରେ ସର୍ବାଧିକ ପ୍ରଭାବିତ ୩୪୭ଟି ଜିଲ୍ଲାରେ ଯକ୍ଷ୍ମା ରୋଗୀଙ୍କୁ ଶୀଘ୍ର ଚିହ୍ନଟ କରି ଚିକିତ୍ସା କରିବାକୁ ପ୍ରୟାସ କରାଯିବ ବୋଲି ସେ କହିଛନ୍ତି।

## ରାଜଧାନୀରେ ବ୍ୟବସାୟୀଙ୍କୁ ଗୁଳିକରି ହତ୍ୟା

ନୂଆଦିଲ୍ଲୀ: ରାଜଧାନୀରେ ଫୁଟିଲା ଗୁଳି। ମର୍ଣ୍ଣିଂଓ୍ୱାକ୍‌ରେ ଯାଉଥିବା ବ୍ୟବସାୟୀଙ୍କ ଉପରକୁ ହେଲା ଆଖିବୁଜା ଗୁଳିମାଡ଼। ଘଟଣାସ୍ଥଳରେ ହିଁ ଟଳି ପଡିଲେ ବ୍ୟବସାୟୀ। ଏଭଳି ଘଟଣା ଘଟିଛି ଦିଲ୍ଲୀର ଶାହଦରା ଅଞ୍ଚଳରେ। ମୃତ ବ୍ୟବସାୟୀ ହେଲେ ସୁନିଲ ଜୈନ୍, ବାସନ ବ୍ୟବସାୟୀ। ସବୁଦିନ ଭଳି ଶନିବାର ମଧ୍ୟ ସେ ମର୍ଣ୍ଣିଂଓ୍ୱାକରେ ଯାଇଥିବା ବେଳେ ଦୁଇଜଣ ମୁଖା ପିନ୍ଧା ବ୍ୟକ୍ତି ଆସି ତାଙ୍କ ନାଁ ପଚାରିଥିଲେ। ଏହାପରେ ତାଙ୍କ ଉପରକୁ ଆଖିବୁଜା ଗୁଳିମାଡ଼ କରିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଛି। ସୂଚନା ମୁତାବକ, ତାଙ୍କ ପେଟ ଆଉ ମୁଣ୍ଡରେ ଗୁଳି ବାଜିଛି। ଦୁର୍ବୃତ୍ତମାନେ ତାଙ୍କ ଉପରକୁ ୭ରୁ ୮ ରାଉଣ୍ଡ ଗୁଳିମାଡ଼ କରିଛନ୍ତି। ଶାହଦରା ଡିସିପି ପ୍ରଶାନ୍ତ ଗୌତମ କହିଛନ୍ତି, ଶନିବାର ସକାଳ ୮.୩୬ରେ ପିସିଆରକୁ ଏକ ଫୋନ୍ କଲ୍ ଆସିଥିଲା । ଦୁଇଜଣ ଦୁର୍ବୃତ୍ତ ବାଇକରେ ଆସି ଜଣେ ବ୍ୟକ୍ତିଙ୍କୁ ଫାୟାରିଂ କରି ଫେରାର୍ ହୋଇଯାଇଥିଲେ । ଖବର ପାଇ ପୋଲିସ୍ ତୁରନ୍ତ ସୁନିଲ ଜୈନଙ୍କୁ ହସ୍ପିଟାଲ ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

## ତୁରନ୍ତ ଦେଶ ଛାଡ଼ିବାକୁ ଭାରତୀୟଙ୍କ ପାଇଁ ରାତି ଅଧିଆ ଆଡ୍‌ଭାଇଜରୀ



ନୂଆଦିଲ୍ଲୀ: ତୁରନ୍ତ ସିରିଆ ଛାଡ଼। ସରିଆରେ ବଢୁଥିବା ଗୃହଯୁଦ୍ଧକୁ ଦୃଷ୍ଟିରେ ରଖି ରାତି ଅଧିଆ ଭାରତୀୟଙ୍କ ପାଇଁ ଏଭଳି କିଛି ଆଡଭାଇଜରୀ ଜାରି କରିଛି ବିଦେଶ ମନ୍ତ୍ରଣାଳୟ। ଭାରତୀୟ ନାଗରିକଙ୍କୁ ସିରିଆ ଛାଡିବାକୁ କହିବା ସହ ସିରିଆ ଯାତ୍ରା ନ କରିବାକୁ ପରାମର୍ଶ ଦିଆଯାଇଛି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସଓ୍ୱାଲ ଏନେଇ ସୂଚନା ଦେଇଛନ୍ତି। ସେ ଲେଖିଛନ୍ତି ଯେ, ସିରିଆର ସାମ୍ପ୍ରତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଭାରତୀୟଙ୍କୁ ପରବର୍ତ୍ତୀ ନିର୍ଦ୍ଦେଶ ଯାଏ ସିରିଆ ଯାତ୍ରା ନକରିବାକୁ ପରାମର୍ଶ ଦିଆଯାଇଛି। ଯେଉଁ ଭାରତୀୟ ସିରିଆ ଛାଡି ପାରୁନାହାନ୍ତି ସେମାନେ ଦୂତାବାସ ସହ ଯୋଗାଯୋଗ କରିପାରିବେ । ଦୂତାବାସର ଜରୁରିକାଳୀନ ହେଲ୍ପଲାଇନ ନଂ +୯୬୩ ୯୯୩୩୮୫୯୭୩ ଜାରି କରାଯାଇଥିବା ବେଳେ ଇମେଲ୍ କରିବାକୁ ଅନୁରୋଧ କରାଯାଇଛି। ସିରିଆରେ ସପ୍ତାହେ ହେବ ଲାଗି ରହିଛି ଗୃହଯୁଦ୍ଧ। ହୟାତ ତହରିର ଅଲ ଶାମ ବିଦ୍ରୋହୀ ଯୁଦ୍ଧ ଆରମ୍ଭ କରିଛନ୍ତି। ଏଥିରେ ପାଖାପାଖି ୩ ଶହରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇ ସାରିଲାଣି। ସିରିଆରେ ରାଷ୍ଟ୍ରପତି ବଶର ଅଲ ଅସଦଙ୍କୁ ସତ୍ତାରୁ ହଟାଇ କବଜା କରିବାକୁ ଚାହୁଁଛି ହୟାତ। ବିଦ୍ରୋହୀ ଗୋଷ୍ଠୀ ହୟାତ ତହରିର ଅଲ ଶାମ, ଦେଶର ଦୁଇଟି ପ୍ରମୁଖ ସହର ଅଲପ୍ପୋ ଓ ହମା ଉପରେ କବଜା କରି ନେଇଛନ୍ତି। ଏବେ ହୋମ୍ସ ସହର କବଜା କରିବାକୁ ଲକ୍ଷ୍ୟ ରଖିଛନ୍ତି। ସିରିଆ ସେନା ବିଦ୍ରୋହୀଙ୍କୁ ଅଟକାଇବାକୁ ଚେଷ୍ଟା ଚଳାଇଛି। ଏଥିରେ ଭୟଙ୍କର ହିଂସା ଦେଖିବାକୁ ମିଳିଛି। ବିଦ୍ରୋହୀ ଦଳ ହୟାତ ତହରିର ଅଲ ଶାମ ମୁଖ୍ୟ ଅବୁ ମହମ୍ମଦ ଅଲ୍-ଜୋଲାନି, ରାଷ୍ଟ୍ରପତି ବଶର ଅଲ ଅସଦଙ୍କୁ ଗାଦିଚ୍ୟୁତ କରି ଶାସନ କ୍ଷମତା ହାତେଇବାକୁ ଚାହୁଁଛନ୍ତି।

# ବାଣିଜ୍ୟ



ରାଉରକେଲା(ଭାସ୍କର ନ୍ୟୁଜ୍): ସେଲ ରାଉରକେଲା ଇସ୍ପାତ କାରଖାନା ବୋଲାଣୀ ଲୌହ ଖଣିର ସିଏସଆର ପଦକ୍ଷେପର ସ୍ୱରୂପ, କେଉଁଝର ଜିଲ୍ଲାର ବୋଲାଣୀ ଏବଂ ଏହାର ଆଖପାଖରେ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ ସ୍ୱାସ୍ଥ୍ୟସେବା ସୁବିଧାରେ ଉନ୍ନତି ଲକ୍ଷ୍ୟରେ ଏକ ନିଃଶୁଳ୍କ ଭ୍ରାମ୍ୟମାଣ ଚିକିତ୍ସା ସେବା ଭେନ ଶୁଭାରମ୍ଭ କରାଯାଇଛି। ଉଦଘାଟନୀ ଉତ୍ସବରେ ଆରଏସପିର ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବାବେଳେ ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମପି ସିଂ, ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବରସୁଆଁ ଆଇରନ ମାଇନ୍ସର ସିଜିଏମ ଜୟଦେବ ଚଟୋପାଧ୍ୟାୟ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ସିଏମଓ ଡାକ୍ତର ଆରଆର ମହାନ୍ତି, ବିଓଏମର ଜିଏମ ବିଜୟ କେତନ ଘୋଷ, ଏଚଆର ବିଭାଗର ଜିଏମ ସୋମଜିତ ବଡପଣ୍ଡା, ବୋଲାଣୀ ହସ୍ପିଟାଲର ଇନ ଚାର୍ଜ ଡକ୍ଟରଟି ସୋରେନ, ବିଓଏମର ଜିଏମ ଉମେଶ କୁମାର ଭାସ୍କର, ଏଜିଏମ ସଞ୍ଜୀବ କୁମାର, ଡାକ୍ତର ସୁନୀଲ କୁମାର, ଡାକ୍ତର ମଧୁସ୍ମିତା ଏବଂ ଡାକ୍ତର ମାୟା ମାଝୀଙ୍କ ସମେତ ବୋଲାଣୀ ହସ୍ପିଟାଲର ଅନ୍ୟ ଷ୍ଟାଫ୍ ମାନେ ଉପସ୍ଥିତ ଥିଲେ । ଆରଏସପି ଓ ପିରାମଲ ସ୍ୱାସ୍ଥ୍ୟ ପରିଚାଳନା ଏବଂ ଅନୁସନ୍ଧାନ ପ୍ରତିଷ୍ଠାନ (ପିଏମଏସଆରଆଇ) ମଧ୍ୟରେ ଅକ୍ଟୋବର ୨୬ ତାରିଖରେ ସ୍ୱାକ୍ଷରିତ ଚୁକ୍ତିନାମା ଅନୁଯାୟୀ ମୋବାଇଲ ମେଡିକାଲ ଭ୍ୟାନକୁ ସେବାରେ ନିୟୋଜିତ କରାଯାଇଥିଲା।

## ରାଜ୍ୟରେ ଏମ୍‌ଏସ୍‌ଏମ୍‌ଇ ଅଭିବୃଦ୍ଧିକୁ ନୂଆ ବୁଷ୍ଟର




ପାରାଦୀପ(ଭାସ୍କର ନ୍ୟୁଜ୍): ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ)ର ଓଡିଶା ଚାପ୍ଟର ପକ୍ଷରୁ ପାରାଦୀପ ପୋର୍ଟ ଅଥୋରିଟି କ୍ୟାମ୍ପସର ବିଜୁ କନ୍‌ଭେନ୍‌ଶନ ସେଂଟରଠାରେ ସଫଳତାପୂର୍ବକ ସିଆଇଆଇ ଏମ୍‌ଏସ୍‌ଏମ୍‌ଇ କନେକ୍ଟ ୨୦୨୪ର ଆୟୋଜନ କରାଯାଇଛି। 'ଭେଣ୍ଡର କନେକ୍ଟ ସିରିଜ: ଏକ୍ସପାଣ୍ଡିଙ୍ଗ୍ ବିଜ୍‌ନେସ୍ ହରାଇଜୋନ୍ସ' ବିଷୟବସ୍ତୁ ଉପରେ ଆଧାରିତ ଏହି କାର୍ଯ୍ୟକ୍ରମ ଓଡିଶାର ଆର୍ଥିକ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ବୃହତ୍ ଶିଳ୍ପ ଓ ଏମ୍‌ଏସ୍‌ଏମ୍‌ଇଗୁଡିକ ମଧ୍ୟରେ ମଜବୁତ ସହଭାଗିତା ସ୍ଥାପନ କରିବା ଉପରେ ଗୁରୁତ୍ୱ ଦେଇଛି। ଏହି କାର୍ଯ୍ୟକ୍ରମରେ ନିଜ ସମ୍ବୋଧନରେ ଓଡିଶାର ଶିଳ୍ପ ଓ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓଡିଶାର ଶିଳ୍ପ କ୍ଷେତ୍ରରେ ପାରାଦୀପର ରଣନୈତିକ ମହତ୍ୱ ଉପରେ ଆଲୋକପାତ କରିଥିଲେ। ସେହିପରି ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଓଡିଶାର ରପ୍ତାନୀ ଅର୍ଥନୀତି ପ୍ରତି ଏହି କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ସମ୍ପର୍କରେ କହିଥିଲେ। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ଆଲୋକପାତ କରି ଓଡ଼ିଶା ସରକାରଙ୍କ ଶିଳ୍ପ ବିଭାଗ ପ୍ରମୁଖ ସଚିବ ହେମନ୍ତ ଶର୍ମା କହିଛନ୍ତି, ରାଜ୍ୟରେ ଏମଏସଏମଇ କ୍ଷେତ୍ରର ବିକାଶ ପାଇଁ ଆମ ସରକାର ଗଭୀର ରୂପେ ପ୍ରତିଶ୍ରୁତିବଦ୍ଧ। ଏହି ପ୍ରୟାସର ଏକ ଅଂଶ ଭାବରେ ଆମେ ଝାରସୁଗୁଡ଼ା ଓ ଅନୁଗୁଳ ସମେତ ବିଭିନ୍ନ ଜିଲ୍ଲାରେ ଏମ୍‌ଏସ୍‌ଏମ୍‌ଇ ସଂଯୋଗ କାର୍ଯ୍ୟକ୍ରମ ଆୟୋଜନ କରୁଛୁ ଏବଂ ଏହି କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବା ପାଇଁ ଗଞ୍ଜାମ, ରାୟଗଡ଼ା ଏବଂ କଳାହାଣ୍ଡିରେ ଅନୁରୂପ ପଦକ୍ଷେପ ନେବାକୁ ଯୋଜନା କରୁଛୁ । ଏହି ଅବସରରେ ସିଆଇଆଇ ଓଡିଶା ଷ୍ଟେଟ୍ କାଉନ୍ସିଲର ଅଧ୍ୟକ୍ଷ ଡଃ ପ୍ରଦୀପ୍ତ ମହାନ୍ତି ପ୍ରତିନିଧିମାନଙ୍କୁ ସ୍ୱାଗତ କିଥିଲେ ଏବଂ ବୃହତ ଶିଳ୍ପ ଓ ସେମାନଙ୍କର ଏମ୍‌ଏସ୍‌ଏମ୍‌ଇ ପାର୍ଟନରଙ୍କ ମଧ୍ୟରେ ସଂଯୋଗକୁ ମଜବୁତ କରୁଥିବା ଏକ ପ୍ଲାଟ୍‌ଫର୍ମ ସୃଷ୍ଟି କରିବାର ମହତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମ ଏମ୍‌ଏସ୍‌ଏମ୍‌ଇ ଓ ବୃହତ ଶିଳ୍ପଗୁଡିକ ମଧ୍ୟରେ ଏକ ମଜବୁତ ସହଭାଗିତା ବିକଶିତ କରିବା, ଓଡିଶାରେ ଅଭିବୃଦ୍ଧି, ଉଦ୍ଭାବନ ଓ ସ୍ଥାୟୀ ଆର୍ଥିକ ସମୃଦ୍ଧି ପାଇଁ ନୂତନ ମାର୍ଗ ସୃଷ୍ଟି କରିବା ପ୍ରତି ଏକ ଦୃଢ ପ୍ରତିବଦ୍ଧତା ସହିତ ଶେଷ ହୋଇଥିଲା। ଏହି କାର୍ଯ୍ୟକ୍ରମ ପରେ ମୁଖ୍ୟତଃ ପାରାଦୀପ ପୋର୍ଟ ଅଥରିଟି, ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଲିମିଟେଡ୍, ବେଦାନ୍ତ ଲିମିଟେଡ୍, ଜେଏସଡବ୍ଲୁ, ଜେଏସ୍‌ଏଲ, ଏଏମ୍/ଏନ୍‌ଏସ୍ ଇଣ୍ଡିଆ, ଇଫକୋ, ଟିପିସିଓଡିଏଲ୍ ଏବଂ ପିପିଏଲ୍ ସହ ବଡ଼ ବଡ଼ କମ୍ପାନିଗୁଡ଼ିକ ସହ ବି୨ବି ବୈଠକ ହୋଇଥିଲା।

## ଆର୍‌ଏସ୍‌ପିର ନୂତନ ୟୁନିଟ୍ ଦ୍ୱାରା ସର୍ବକାଳୀନ ଶ୍ରେଷ୍ଠ ପ୍ରଦର୍ଶନ



ରାଉରକେଲା(ଭାସ୍କର ନ୍ୟୁଜ୍): ସେଲ ରାଉରକେଲା ଇସ୍ପାତ କାରଖାନାର ନୂତନ ୟୁନିଟ୍ ଗୁଡିକ ଚଳିତ ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ ୮ ମାସରେ ଅର୍ଥାତ୍ ଅପ୍ରେଲ-ନଭେମ୍ବର ମଧ୍ୟରେ ସେମାନଙ୍କର ସର୍ବକାଳୀନ ଶ୍ରେଷ୍ଠ ପ୍ରଦର୍ଶନ ହାସଲ କରିଛନ୍ତି। ଦେଶର ସର୍ବ ବୃହତ କାର୍ଯ୍ୟକ୍ଷମ ବ୍ଲାଷ୍ଟ ଫର୍ଣ୍ଣେସ ମଧ୍ୟରୁ ଅନ୍ୟତମ ବ୍ଲାଷ୍ଟ ଫର୍ଣ୍ଣେସ୍-୫ (ବିଏଫ୍-୫) 'ଦୁର୍ଗା' ଅପ୍ରେଲ-ନଭେମ୍ବର ମଧ୍ୟରେ ୨୦,୩୩,୦୬୮ ଟନ୍ ଉତ୍ତପ୍ତ ଧାତୁ ଉତ୍ପାଦନ କରି ଏହାର ସର୍ବକାଳୀନ ଶ୍ରେଷ୍ଠ ପ୍ରଦର୍ଶନ ହାସଲ କରିବା ସହିତ ଅନୁରୂପ ପୂର୍ବ ବର୍ଷ ଅବଧିର ପୂର୍ବ ଶ୍ରେଷ୍ଠ ୧୯,୦୧, ୭୧୨ଟନ ଉତ୍ପାଦନ ପରିମାଣକୁ ଅତିକ୍ରମ କରିଛି। ପୁନର୍ନିର୍ମିତ ବ୍ଲାଷ୍ଟ ଫର୍ଣ୍ଣେସ୍-୧ ମଧ୍ୟ ସମାନ ଅବଧିରେ ଏହାର ସର୍ବକାଳୀନ ଶ୍ରେଷ୍ଠ ୬,୫୦,୧୦୦ ଟନ୍ ଉତ୍ତପ୍ତ ଧାତୁ ଉତ୍ପାଦନ ରେକର୍ଡ ହାସଲ କରିଛି। ଅତ୍ୟାଧୁନିକ ହଟ୍ ଷ୍ଟ୍ରିପ୍ ମିଲ୍-୨ ଅପ୍ରେଲ-ନଭେମ୍ବର ମଧ୍ୟରେ ୧୬,୬୮,୫୫୨ ଟନ ଏଚଆର କଏଲ ରୋଲିଙ୍ଗ ପୂର୍ବକ ଏହାର ସର୍ବକାଳୀନ ଶ୍ରେଷ୍ଠ ପ୍ରଦର୍ଶନ ଅହସଲ କରିଥିବା ବେଳେ ନୂତନ ପ୍ଲେଟ୍ ମିଲ୍ ମଧ୍ୟ ଅନୁରୂପ ଅବଧିରେ ୬,୨୩,୨୧୪ ଟନ ପ୍ଲେଟ୍ ପ୍ରସ୍ତୁତ କରି ଏହାର ସର୍ବଶ୍ରେଷ୍ଠ ପ୍ରଦର୍ଶନ ହାସଲ କରିଛି। ଆ୍ାର୍.ଏସ୍.ପି ର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ଭିନ୍ନଭିନ୍ନ ସ୍ଥିତିକୁ ଗ୍ରହଣ କରିବା, ପୂର୍ଣ୍ଣ ସାମର୍ଥ୍ୟ ଓ ଦଳଗତ କାର୍ଯ୍ୟର ମହତ୍ତ୍ୱ ଉପରେ ଗୁରୁତ୍ୱ ଦେଇ ଆର୍ଥିକ ବର୍ଷର ଅବଶିଷ୍ଟ ମାସରେ ଧାର୍ଯ୍ୟ ଲକ୍ଷ୍ୟ ଅତିକ୍ରମ କରିବାକୁ ଦଳକୁ ଉତ୍ସାହିତ କରିଛନ୍ତି। ଶୂନ୍ୟ ବ୍ରେକଡାଉନ୍ ସହିତ ନିରବଚ୍ଛିନ୍ନ ଉତ୍ପାଦନ ପ୍ରକ୍ରିୟା ନିଶ୍ଚିତ କରିବାକୁ ସେ ଦଳକୁ ଉତ୍ସାହିତ ମଧ୍ୟ କରିଛନ୍ତି।

## 'ବରୋଦା ମହିଳା ସ୍ୱାବଲମ୍ବନ' ଏବଂ 'ବରୋଦା ସ୍ମାର୍ଟ ଓଡି' ଋଣ ସ୍କିମ୍‌ର ଆରମ୍ଭ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ଆର୍ଥିକ ସହାୟତା ବୃଦ୍ଧି ଦିଗରେ ଭାରତ ସରକାରଙ୍କ ପଦକ୍ଷେପ ଅନୁଯାୟୀ, ଭାରତର ଅନ୍ୟତମ ଅଗ୍ରଣୀ ସରକାରୀ ବ୍ୟାଙ୍କ, 'ବ୍ୟାଙ୍କ ଅଫ୍ ବରୋଦା' ଦୁଇଟି ନୂଆ ସ୍କିମ୍ ଆରମ୍ଭ କରିଛି। 'ବରୋଦା ମହିଳା ସ୍ୱାବଲମ୍ବନ' ସ୍କିମ ବିଶେଷ ଭାବରେ ମହିଳା ଉଦ୍ୟୋଗୀମାନଙ୍କ ପାଇଁ ଉଦ୍ଦିଷ୍ଟ । 'ବରୋଦା ସ୍ମାର୍ଟ ଓଡି' ଏକ ଅଭିନବ ଡିଜିଟାଲ ଓଭରଡ୍ରାଫ୍ଟ ସୁବିଧା ଯାହା ସ୍ୱଳ୍ପ ମିଆଦି କାର୍ଯ୍ୟ ପାଇଁ ପୁଞ୍ଜି ଉପଲବ୍ଧ କରାଇବ। ଏହା ଏକ ସମ୍ପୂର୍ଣ୍ଣ ଡିଜିଟାଲ ପଦ୍ଧତିରେ ଜିଏସ୍‌ଟି ପିକୃତ ଏମ୍‌ଏସ୍‌ଏମ୍‌ଇ ସଂସ୍ଥା ମାନଙ୍କୁ ସେମାନଙ୍କର ଡିଜିଟାଲ କାରବାରକୁ ଆଧାର କରି ଅଳ୍ପ ସମୟ ମଧ୍ୟରେ ଋଣ ପ୍ରଦାନ କରିପାରିବ। 'ବରୋଦା ସ୍ମାର୍ଟ ଓଡି' ଖୁବ ସରଳ ଓ ସିଧା ପ୍ରୋସେସ୍ ଦ୍ୱାରା ମଞ୍ଜୁରୀ ପର୍ଯ୍ୟାୟ ପର୍ଯ୍ୟନ୍ତ କାମ କରିଥାଏ। ଏହି ଅବସରରେ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଲାଲ ସିଂ କହିଛନ୍ତି ଯେ, 'ବ୍ୟାଙ୍କ ଅଫ୍ ବରୋଦା ଏମ୍‌ଏସ୍‌ଏମ୍‌ଇମାନଙ୍କ ଆର୍ଥିକ ଆବଶ୍ୟକତା, ମହିଳା ନେତୃତ୍ୱାଧୀନ ବ୍ୟବସାୟ ତଥା ଯୁବ ଉଦ୍ୟୋଗୀ ମାନଙ୍କୁ ପ୍ରୋତ୍ସାହିତ କରିବାକ ନିଜ ପ୍ରତିଶ୍ରୁତିବଦ୍ଧତାକୁ ପାଳନ କରୁଛି । 'ବରୋଦା ମହିଳା ସ୍ୱାବଲମ୍ବନ' ଏବଂ 'ବରୋଦା ସ୍ମାର୍ଟ ଓଡି'ର ଆରମ୍ଭ ଦ୍ୱାରା ଏକ ସରଳ ଏବଂ ସକଳ ଆର୍ଥିକ ଇକୋସିଷ୍ଟମ୍‌ର ପ୍ରୟାସକୁ ଆହୁରି ପ୍ରୋତ୍ସାହନ ମିଳିବ । ଏହା ଏକ ସହଜ ଏବଂ ସରଳ ପ୍ରୋସେସ୍ ମାଧ୍ୟମରେ ଋଣ ଉପଲବ୍ଧ କରାଇପାରିବ ଯାହାଦ୍ୱାରା ଆର୍ଥିକ ପ୍ରଗତିର ପଥ ସୁଗମ ହେବ।

## ଇଷ୍ଟମ୍ୟାନ୍ ପକ୍ଷରୁ ସବୁଠାରୁ ବଡ଼ ଇନଭର୍ଟର ବ୍ୟାଟେରୀ ରେଞ୍ଜର ଶୁଭାରମ୍ଭ

ମୁମ୍ବାଇ: ଏକ ଅଗ୍ରଣୀ ପାଓ୍ୱାର ସଲ୍ୟୁସନ ପ୍ରଦାନକାରୀ, ଇଷ୍ଟମ୍ୟାନ୍ ଅଟୋ ଆଣ୍ଡ ପାଓ୍ୱାର ଏହାର ଇନଭର୍ଟର ବ୍ୟାଟେରୀ ପୋର୍ଟଫୋଲିଓର ଏକ ବଡ଼ ସଂପ୍ରସାରଣ ଘୋଷଣା କରିଛି । ଯେଉଁଥିରେ ୧୭୦ ରୁ ଅଧିକ ଏସକେୟୁ ସହିତ ଇଷ୍ଟମ୍ୟାନ୍ ବ୍ରାଣ୍ଡ ଅଧୀନରେ ୧୦୦ରୁ ଅଧିକ ଏବଂ ଏଡିଡିଓ ବ୍ରାଣ୍ଡ ଅଧୀନରେ ୭୦ରୁ ଅଧିକ ନୂଆ ମଡେଲ୍ ଉପଲବ୍ଧ ହୋଇଛି। ଏହା ଇଷ୍ଟମ୍ୟାନକୁ ଇନଭର୍ଟର ବ୍ୟାଟେରୀ ବଜାରରେ ଅଗ୍ରଣୀ ଭାବରେ ଅବସ୍ଥାପିତ କରୁଛି,




ଯାହା ସବୁଠାରୁ ବଡ ପୋର୍ଟଫୋଲିଓ, ସର୍ବୋଚ୍ଚ କ୍ଷମତା ଏବଂ ଶିଳ୍ପରେ ସବୁଠାରୁ ଲମ୍ବା ଓ୍ୱାରେଣ୍ଟି ପ୍ରଦାନ କରି ପ୍ରତ୍ୟେକ ଶକ୍ତି ଆବଶ୍ୟକତା ପାଇଁ ଓ୍ୱାନ-ଷ୍ଟପ୍ ସମାଧାନ ପ୍ରଦାନ କରୁଛି । ସମ୍ପ୍ରସାରିତ ପୋର୍ଟଫୋଲିଓରେ ୧୦୦ଏଏଚ୍ ଠାରୁ ଆରମ୍ଭ କରି ୪୦୦ଏଏଚ୍ ପର୍ଯ୍ୟନ୍ତ ବ୍ୟାପକ କ୍ଷମତା ରହିଛି, ଯାହା କି ଭାରତରେ ପ୍ରଥମ। ଏହା ଆବାସିକ, ବାଣିଜ୍ୟିକ କିମ୍ବା ଶିଳ୍ପ ହେଉ ପ୍ରତ୍ୟେକ ବ୍ୟବହାର ପାଇଁ ଶକ୍ତି ସମାଧାନ ସୁନିଶ୍ଚିତ କରୁଛି । ଇଷ୍ଟମ୍ୟାନ୍ ସମଗ୍ର ରେରେ ଏହାର ଶିଳ୍ପ-ଅଗ୍ରଣୀ ଓ୍ୱାରେଣ୍ଟି ସହିତ ଭାରତୀୟ ଇନଭର୍ଟର ବ୍ୟାଟେରୀ ବଜାରରେ ବିଶ୍ୱସନୀୟତା ପାଇଁ ଏକ ନୂତନ ମାନଦଣ୍ଡ ସ୍ଥାପିତ କରିଛି । ଗ୍ରାହକମାନେ ୩୬ ମାସରୁ ଆରମ୍ଭ କରି ୨୪୦ ମାସ (୨୦ ବର୍ଷ) ପର୍ଯ୍ୟନ୍ତ ଓ୍ୱାରେଣ୍ଟି ସହିତ ମାନସିକ ଶାନ୍ତି ଉପଭୋଗ କରିପାରିବେ, ଯାହା ଏହାର ଉତ୍ପାଦ ଗୁଣବତା ଉପରେ ଇଷ୍ଟମ୍ୟାନର ଅତୁଟ ବିଶ୍ୱାସକୁ ପ୍ରଦର୍ଶିତ କରୁଛି ।

## 'ବଜାଜ ଫିନସର୍ଭ ହେଲ୍‌ଥକେୟାର ଫଣ୍ଡ୍'ର ଶୁଭାରମ୍ଭ

ନୂଆଦିଲ୍ଲୀ: ବଜାଜ ଫିନ୍‌ସର୍ଭ ଏଏମ୍‌ସି ପକ୍ଷରୁ ଏକ ଓପନ-ଏଣ୍ଡେଡ ଇକ୍ୱିଟି ସ୍କିମ ବଜାଜ ଫିନ୍‌ସର୍ଭ ହେଲ୍‌ଥକେୟାର ଫଣ୍ଡର ଶୁଭାରମ୍ଭ ଘୋଷଣା କରାଯାଇଛି, ଯାହା ସ୍ୱାସ୍ଥ୍ୟ ଓ ସୁସ୍ଥତା ସହ ଜଡିତ କ୍ଷେତ୍ରଗୁଡିକରେ ନିବେଶ କରି ଦୀର୍ଘାବଧି ଅଭିବୃଦ୍ଧି ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି। ଏହି ଫଣ୍ଡ ସବ୍‌ସ୍କ୍ରିପଶନ ପାଇଁ ଚଳିତ ଡିସେମ୍ବର ୬ ତାରିଖରେ ଖୋଲିବ ଏବଂ ଏହି ନୂତନ ଫଣ୍ଡ ଅଫର୍‌ର ଅବଧି ଡିସେମ୍ବର ୨୦ ତାରିଖ ୨୦୨୪ରେ ଶେଷ ହେବ। ବଜାଜ ଫିନ୍‌ସର୍ଭ ହେଲ୍‌ଥକେୟାର ଫଣ୍ଡ୍ ଫାର୍ମାସ୍ୟୁଟିକାଲ୍ସ, ହସ୍ପିଟାଲ, ଡାଇଗ୍ନୋଷ୍ଟିକ୍ ଓ ଓ୍ୱେଲ୍‌ନେସ୍ କ୍ଷେତ୍ରରେ ନିୟୋଜିତ କମ୍ପାନୀଗୁଡିକର ଇକ୍ୱିଟି ଓ ଇକ୍ୱିଟି-ସମ୍ବନ୍ଧିତ ଉପକରଣରେ ପ୍ରମୁଖ ଭାବେ ନିବେଶ କରି ଦୀର୍ଘାବଧିରେ ସମ୍ପତି ସୃଷ୍ଟି କରିବାକୁ ଚାହୁଁଥିବା ନିବେଶକଙ୍କ ପାଇଁ ଉପଯୁକ୍ତ ଅଟେ। ଏହି ଫଣ୍ଡର ଇକ୍ୱିଟି ଅଂଶକୁ ଯୁଗ୍ମ ଭାବେ ନିମେଶ ଚନ୍ଦନ ଓ ସୋର୍ଵ ଗୁପ୍ତା ପରିଚାଳନା କରିବେ ଏବଂ ଡେବ୍‌ଟ ଅଂଶକୁ ସିଦ୍ଧାର୍ଥ ଚୌଧୁରୀ ପରିଚାଳନା କରିବେ। ଏହି ସ୍କିମ ବିଏସ୍‌ଇ ହେଲ୍‌ଥକେୟାର ଟୋଟାଲ ରିଟର୍ଣ୍ଣ ଇଣ୍ଡେକ୍ସ (ଟିଆର୍‌ଆଇ)ର ଅଂଶ ଗଠନ କରୁଥିବା କ୍ଷେତ୍ରଗୁଡିକ ସହ ଜଡିତ କମ୍ପାନୀଗୁଡିକରେ ସର୍ବନିମ୍ନ ୮୦% ନିବେଶ କରିବ। ଏହି ଫଣ୍ଡ ସମ୍ପର୍କରେ ବଜାଜ ଫିନ୍‌ସର୍ଭ ଏଏମ୍‌ସିର ସିଇଓ ଗଣେଶ ମୋହନ କହିଛନ୍ତି, 'ବଜାଜ ଫିନ୍‌ସର୍ଭ ହେଲ୍‌ଥକେୟାର ଫଣ୍ଡ ନିବେଶକଙ୍କ ପାଇଁ ସ୍ୱାସ୍ଥ୍ୟସେବା ଓ ଓ୍ୱେଲନେସ୍ କ୍ଷେତ୍ରରେ ମଜବୁତ ଅଭିବୃଦ୍ଧିକୁ ଉପଯୋଗ କରିବା ପାଇଁ ଏକ ରଣନୈତିକ ମାର୍ଗ ଅଟେ। ଏହି ସ୍କିମ ଦୀର୍ଘାବଧି ଟ୍ରେଣ୍ଡ ଓ ସୁଯୋଗଗୁଡିକର ପ୍ରତିଧ୍ୱନିତ୍ୱ କରୁଥିବା ନୂତନ ଯୁଗର ନିବେଶ ସମାଧାନ ପ୍ରଦାନ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳନ କରୁଛି।

ଓଡ଼ିଶା ଭାସ୍କର
ODISHA BHASKAR
ଖେଳ ଖବର





ବାରିପଦା:(ଭାସ୍କର ନ୍ୟୁଜ) :ସ୍ଥାନୀୟ ଅମ୍ବିକା ମନ୍ଦିର ନିକଟସ୍ଥ ଭେଙ୍କଟେସଶ୍ୱର ବିଦ୍ୟାଳୟ ର ଅନ୍ତ ବିଦ୍ୟାଳୟ ଆଥଲେଟିକ ମିଟ ବାରିପଦା ସ୍ଥିତ ଷ୍ଟାଡିଅମ ଠାରେ ଉଦଯାପିତ ହେଇଯାଇଛି । ଆଜି ଉଦଯାପନୀ ଉତ୍ସବରେ ବିଭିନ୍ନ ଶ୍ରେଣୀ ର ଅଂଶଗ୍ରହଣ କରିଥିବା ଛାତ୍ର ଛାତ୍ରୀ ଙ୍କ ଦ୍ୱାରା ଆକର୍ଷଣୀୟ ମାର୍ଚ୍ଚପାଷ୍ଟ ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ସେନାପତିଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ସମସ୍ତ ଖେଳ ଖୁବ ସୁନ୍ଦର ଭାବରେ ସମାପ୍ତ ହୋଇଥିଲା । ବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱରୂପ ରଞ୍ଜନ ଦାସଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବରେ ମୟୁରଭଞ୍ଜ ଆଥଲେଟିକ ଆସସିଏସନ ର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଯୋଗ ଦେଇ ଜୀବନରେ କ୍ରୀଡାର ଭୂମିକା ଏବଂ ଜୀବନରେ ଭଲ ମଣିଷ ହବା ପାଇଁ ପରାମର୍ଶ ଦେଇଥିଲେ । ବିଦ୍ୟାଳୟ ମେନେଜମେଣ୍ଟର ସଦସ୍ୟ ସୌମେନ କାନ୍ତି ମହାନ୍ତି ଖେଳାଳୀଙ୍କ ସହ ଉପସ୍ଥିତ ରହି ତାଙ୍କୁ ପ୍ରୋତ୍ସାହନ କରିବା ସହ ଖେଳର ଭୂମିକା ଗୁରୁତ୍ୱାରୋପ କରିଥିଲେ । ବିଦ୍ୟାଳୟର ମେନେଜମେଣ୍ଟ ଟିମର ମେମ୍ବର ତଥା ବିଦ୍ୟାଳୟ ର କର୍ଡିନେଟର ଶାନ୍ତନୁ ସିଂହ ପ୍ରତିଟି ଖେଳକୁ ନିଜେ ସ୍ୱତନ୍ତ୍ର ରୂପେ ତଦାରଖ କରୁଥିଲେ । ପୁରସ୍କାର ବିତରଣ ଉତ୍ସବରେ ବିଦ୍ୟାଳୟ ର ଅନ୍ୟାନ ମେନେଜମେଣ୍ଟ ସଦସ୍ୟ ଅମିତ କୁମାର ବେହେରା , ଦୀପାୟନ ସେନ ଏବଂ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ମାନେ ଉପସ୍ଥିତ ଥିଲେ । ଶେଷରେ ବିଦ୍ୟାଳୟ ର ପ୍ରତିଷ୍ଠାତା ସ୍ୱରୂପ ରଞ୍ଜନ ଦାସ ଖେଳକୁ ସୁରୁଖୁରୁ ରେ ସମାପ୍ତ କରିଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

## ପିଙ୍କ୍ ବଲ୍ ଟେଷ୍ଟ, ସୁବିଧା ସ୍ଥିତିରେ ଅଷ୍ଟ୍ରେଲିଆ

# ମ୍ୟାଚ୍ ବଞ୍ଚାଇବାକୁ ଭାରତୀୟ ଦଳର ସଂଘର୍ଷ

ଆଡିଲେଡ୍: ଆଡିଲେଡ୍‌ଠାରେ ଚାଲିଥିବା ଭାରତ-ଅଷ୍ଟ୍ରେଲିଆ ଦ୍ୱିତୀୟ ଟେଷ୍ଟରେ ଅଷ୍ଟ୍ରେଲିଆ ଦୃଢ ସ୍ଥିତିରେ ରହିଛି। ପ୍ରଥମ ଇନିଂସରେ ମାତ୍ର ୧୮୦ ରନ କରିଥିବା ଭାରତ ଏବେ ଦ୍ୱିତୀୟ ଇନିଂସରେ ୫ ୱିକେଟ ହରାଇ କେବଳ ୧୨୮ ରନ କରିପାରିଛି। ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ଟ୍ରାଭିସ ହେଡଙ୍କ ୧୪୦ ରନ ବଳରେ ୩୩୭ ରନ କରିଥିଲା। ଫଳରେ ଘରୋଇ ଟିମକୁ ୧୫୭ ରନର ଲିଡ ମିଳିଥିଲା। ୧୫୭ ରନ ପଛରେ ଥିବା ଭାରତ ଦ୍ୱିତୀୟ ଦିନର ଖେଳ ଶେଷ ସୁଦ୍ଧା ୫ ୱିକେଟ ହରାଇ ୧୨୮ ରନ କରିଛି। ଏବେ ଦଳ ଅଷ୍ଟ୍ରେଲିଆର ପ୍ରଥମ ଇନିଂସ ସ୍କୋର ଠାରୁ ୨୯ ରନ ପଛରେ ରହିଛି। ମ୍ୟାଚ୍ ଶେଷ ହେବାକୁ ଆହୁରି ୩ ଦିନ ବାକି ଥିବାରୁ ଭାରତ ଏବେ ପରାଜୟ ଏଡ଼ାଇବାକୁ ସଂଘର୍ଷ ଆରମ୍ଭ କରିଛି। ଦ୍ୱିତୀୟ ଦିନର ଖେଳ ଶେଷ ବେଳକୁ ଋଷଭ ପନ୍ତ ୨୫ ବଲରେ ୨୮ ଓ ନୀତୀଶ କୁମାର ରେଡ୍ଡୀ ୧୪ ବଲରେ ୧୫ ରନ କରି ଅପରାଜିତ ରହିଛନ୍ତି। ଏହି ଦୁଇ ଜଣଙ୍କ ଉପରେ ଏବେ ସବୁ କିଛି ନର୍ଭର କରୁଛି। କାରଣ ଏହାପରେ ଆଉ କୌଣସି ବ୍ୟାଟର ନାହାନ୍ତି। ଭାରତ ଆଜି ୨୪ ଓଭର ବ୍ୟାଟିଂ କରି ତା'ର ସମସ୍ତ ୫ ଟପ ଅର୍ଡର ବ୍ୟାଟରଙ୍କୁ ହରାଇ ଦେଇଛି। ପର୍ଥ ଟେଷ୍ଟରେ ଯଶପ୍ରୀତ ବୁମ୍ରା ଅଧିନାୟକ ରହିଥିବା ବେଳେ ଭାରତ ବିଶାଳ ୨୯୫ ରନରେ ଅଷ୍ଟ୍ରେଲିଆକୁ ହରାଇ ଦେଇଥିଲା। ଏଥିସହ ୫ ଟିକିଆ ବର୍ଡର-ଗାଭାସ୍କର ଟ୍ରଫିରେ ୧-୦ରେ ଆଗୁଆ ହୋଇଯାଇଥିଲା। ଦ୍ୱିତୀୟ ଟେଷ୍ଟକୁ ଦଳର ନିୟମିତ ଅଧିନାୟକ ରୋହିତ ଶର୍ମା ଫେରିଥିଲେ। ତାଙ୍କ ନେତୃତ୍ୱରେ ଏବେ ଭାରତ ପରାଜୟ ଦ୍ୱାରଦେଶରେ ପହଞ୍ଚି ଯାଇଛି। ରୋହିତ ମଧ୍ୟ ଦୁଇଟି ଯାକ ଇନିଂସରେ ନିଜର ପାରମ୍ପରିକ ଓପନିଂ ପୋଜିସନ ଛାଡ଼ି ୬ନଂରେ ବ୍ୟାଟିଂ କରିଥିଲେ। ହେଲେ ପ୍ରଥମ ଇନିଂସରେ ୩ ଓ ଦ୍ୱିତୀୟ ଇନିଂସରେ ସେ କେବଳ ୬ ରନ



କରିପାରିଛନ୍ତି। ଅନ୍ୟତମ ଅଭିଜ୍ଞ ବ୍ୟାଟର ବିରାଟ କୋହଲି ବି ପିଙ୍କ ବଲ ଟେଷ୍ଟର ଉଭୟ ଇନିଂସରେ ଫେଲ ମାରିଛନ୍ତି। ଅଷ୍ଟ୍ରେଲିଆ ଆଜି ୩୩୭ ରନରେ ଅଲଆଉଟ ହେବା ପରେ ଭାରତ ତା'ର ଦ୍ୱିତୀୟ ଇନିଂସ ଆରମ୍ଭ କରିଥିଲା। ହେଲେ ଦଳ ୧୨ ରନରେ ଓପନର କେଏଲ ରାହୁଲ(୭)ଙ୍କୁ ହରାଇଥିଲା। ତାଙ୍କ ୱିକେଟ ଅଷ୍ଟ୍ରେଲିଆର ଅଧିନାୟକ ପାଟ କମିନ୍ସ ନେଇଥିଲେ। ପ୍ରଥମ ଇନିଂସରେ ରୟାଲ ଡକ ଅର୍ଥାତ ମ୍ୟାଚ୍ ?ର ପ୍ରଥମ ବଲରେ ଆଉଟ ହୋଇଥିବା ଯଶସ୍ୱୀ ଜୈସୱାଲ ଆଜି ଲୟରେ ଥିବା ଭଳି ଲାଗୁଥିଲେ। ସେ କମିନ୍ସ ଓ ମିଚେଲ ଷ୍ଟାର୍କଙ୍କ ବୋଲିଂକୁ ସାମ୍ନା କରି କିଛି ବାଉଣ୍ଡରୀ ମଧ୍ୟ ମାରିଥିଲେ। ହେଲେ ସ୍କଟ ବୋଲାଣ୍ଡ ୯ମ ଓଭରର ପ୍ରଥମ ବଲରେ ୨୪ ରନ କରିଥିବା ଯଶସ୍ୱୀଙ୍କୁ ଆଉଟ କରି ଦେଇଥିଲେ। ବିରାଟ କୋହଲି ୧୧ ପୁଣିଥରେ ସମସ୍ତଙ୍କୁ ନିରାଶ କରିଛନ୍ତି। ତାଙ୍କ ୱିକେଟ ବି ବୋଲାଣ୍ଡଙ୍କ ଖାତାକୁ ଯାଇଛି। ପ୍ରଥମ ଇନିଂସରେ ସେ କେବଳ ୭ ରନ କରିଥିଲେ। ବିରାଟ ଆଉଟ ହେବା ବେଳେ ଦଳୀୟ ସ୍କୋର ୬୬ ରହିଥିଲା। ଏତିକି ବେଳେ ବ୍ୟାଟିଂ କରିବାକୁ ଆସିଥିବା ଋଷଭ ପନ୍ତ ପ୍ରଥମ ବଲରେ ହିଁ ଚୌକା ମାରିଥିଲେ। ସେ କେବଳ ବାଉଣ୍ଡରୀ ମାରୁଥିବା ବେଳେ ଅନ୍ୟପଟେ ୨୮ ରନ କରିଥିବା ଶୁବମନ ଗିଲଙ୍କୁ ଷ୍ଟାର୍କ କ୍ଲିନବୋଲ୍ଡ କରି ଭାରତକୁ ୪ର୍ଥ ଝଟକା ଦେଇଥିଲେ। ଦଳୀୟ ସ୍କୋର ୮୬ ଥିବା ବେଳେ କ୍ରିଜକୁ ଆସିଥିଲେ ଅଧିନାୟକ ରୋହିତ ଶର୍ମା। ତାଙ୍କ ଠାରୁ ସମସ୍ତେ ବଡ଼ ଇନିଂସର ଆଶା ରଖିଥିଲେ। ଅନ୍ୟପଟେ ପନ୍ତ ମଧ୍ୟ କିଛି ବାଉଣ୍ଡରୀ ମାରିଥିଲେ। ହେଲେ ରୋହିତ କେବଳ ୬ ରନ କରି ପାଟ କମିନ୍ସଙ୍କ ବଲରେ ବୋଲ୍ଡ ହୋଇ ଯାଇଥିଲେ। ୧୦୫ ରନରେ ଭାରତର ଅଧା ଖେଳାଳି ପ୍ୟାଭିଲିୟନ ଫେରିଥିଲେ। ତେବେ ରୋହିତଙ୍କ ପରେ ଆସିଥିବା ନୀତୀଶ କୁମାର ରେଡ୍ଡୀ ଓ ପନ୍ତ ଦ୍ୱିତୀୟ ଦିନର ଖେଳ ଶେଷ ସୁଦ୍ଧା ଆଉ କୌଣସି ବିପର୍ଯ୍ୟୟ ଘଟାଇବାକୁ ଦେଇ ନଥିଲେ। ଉଭୟ ଏକାଠି ୩ ଓଭର ବ୍ୟାଟିଂ କରିବା ସହ ଦଳୀୟ ସ୍କୋରକୁ ୧୨୮ ରନରେ ପହଞ୍ଚାଇ ଦେଇଛନ୍ତି। ଭାରତ ଏବେ ବି ଅଷ୍ଟ୍ରେଲିଆର ପ୍ରଥମ ଇନିଂସ ସ୍କୋର ଠାରୁ ୨୯ ରନ ପଛରେ ରହିଛି। ତେଣୁ ଏହି ଦୁଇ ବ୍ୟାଟର ତୃତୀୟ ଦିନରେ କେମିତି ବ୍ୟାଟିଂ କରୁଛନ୍ତି, ତା' ଉପରେ ସମସ୍ତଙ୍କ ନଜର।

# ବିଦ୍ୟାଳୟସମୂହ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ

## ବାଳକ ବିଭାଗରେ ମୟୁରଭଞ୍ଜ, ବାଳିକା ବିଭାଗରେ କଟକ ଚାମ୍ପିଅନ୍



ବାରିପଦା:(ଭାସ୍କର ନ୍ୟୁଜ): ଓଡିଶା ରାଜ୍ୟ ବିଦ୍ୟାଳୟ କ୍ରୀଡା ସଂଗଠନ, ଭୁବନେଶ୍ୱର ଏବଂ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ଆୟୋଜିତ ବାରିପଦାସ୍ଥିତ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଷ୍ଟାଡିୟମ, ତକତପୁର ପରିସରରେ ଡିସେମ୍ବର ୨ ରୁ ୭ ତାରିଖ ପର୍ଯ୍ୟନ୍ତ ଚାଲିଥିବା ୧୭ ବର୍ଷରୁ କମ ଉଭୟ ବାଳକବାଳିକା ବର୍ଗର ଓଡିଶା ରାଜ୍ୟ ବିଦ୍ୟାଳୟ ସମୂହ କ୍ରିକେଟ ପ୍ରତିଯୋଗିତା, ୨୦୨୪ - ୨୫ ଉଦଯାପିତ ହୋଇଯାଇଛି । ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ, ଓଡିଶା, ଭୁବେନେଶ୍ୱରର ସହ ନିର୍ଦ୍ଦେଶକ ଶାରୀରିକ ଶିକ୍ଷା ଜ୍ୟୋତିପ୍ରସାଦ ପରିଡାଙ୍କ ମାର୍ଗଦର୍ଶନରେ ଓ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ସାଙ୍ଗଠନିକ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ, ମୟୁରଭଞ୍ଜ, ନେତ୍ରାନନ୍ଦ ମଲ୍ଲିକ ଯୋଗ ଦେଇ କ୍ରୀଡାବିତମାନେ ନିଜକୁ ପାଠ ସହ ଖେଳୁଆଡ଼ ମନୋଭାବ ନେଇ ଜାତୀୟସ୍ତରରେ ସୁନାମ ଅର୍ଜନ କରିବା ପାଇଁ ଉପଦେଶ ଦେଇଥିଲେ । ସମ୍ମାନିତ ଅତିଥିଭାବେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ, ନବୋଦୟ ବିଦ୍ୟାଳୟ, ଶାଳବଣି ର କ୍ରୀଡା ପ୍ରଶିକ୍ଷକ ପ୍ରଦୀପ କୁମାର ଦୋରା ପ୍ରମୁଖ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ପୁରସ୍କୃତ କରିଥିଲେ । ପ୍ରତିଯୋଗିତାରେ ଚମ୍ପିୟାନ ଭାବେ ବାଳକ ବିଭାଗର ମୟୂରଭଞ୍ଜ ଜିଲ୍ଲା ଓ ବାଳିକା ବିଭାଗରେ କଟକ ଜିଲ୍ଲା ଏବଂ ରନର୍ସଅପ ଭାବେ ବାଳକ ବିଭାଗର ଗଜପତି ଜିଲ୍ଲା ଓ ବାଳିକା ବିଭାଗରେ ଭୁବନେଶ୍ୱର ଦଳକୁ ଟ୍ରଫି ପ୍ରଦାନ କରି ପୁରସ୍କୃତ କରାଯାଇଥିଲା । ଅତିଥି ପରିଚୟ ଓ ମଞ୍ଚପରିଚାଳନା ପ୍ରଧାନଶିକ୍ଷକ ସୋମନାଥ ସିଂହ କରିଥିବାବେଳେ ମୟୂରଭଞ୍ଜ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ । ପିଇଟି ସୁଧାରଞ୍ଜନ ମହାକୁଡ଼ଙ୍କ ସଂଯୋଜନାରେ ଏମକେସି ଉଚ୍ଚ ବିଦ୍ୟାଳୟ, ବାରିପଦା ର ଛାତ୍ରମାନଙ୍କର ଦ୍ୱାରା ବ୍ୟାଣ୍ଡ କାର୍ଯ୍ୟକ୍ରମ ହୋଇଥିଲା । ସ୍ୱାଗତ ସଂଗୀତ ମହାରାଣୀ ପ୍ରେମ କୁମାରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବାରିପଦାର ଛାତ୍ରୀ ଓ ନୃତ୍ୟ ମହାରାଣୀ ତଖତକୁମାରୀ ଛାତ୍ରୀ ମାନେ ଓଡିଶୀନୃତ୍ୟ ଓ ସମ୍ବେତ ନୃତ୍ୟ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନା ରେ ମୟୂରଭଞ୍ଜ ଜିଲ୍ଲା ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ, ପ୍ରଧାନଶିକ୍ଷକ, ହାଇସ୍କୁଲ ଓ ପ୍ରାଥମିକ ବିଦ୍ୟାଳୟ ର ଶିକ୍ଷକ ଶିକ୍ଷୟତ୍ରୀ, ପିଇଟି ମାନେ, ପୋଲିସ ଅଧିକାରୀ, ଚିକିତ୍ସା ଅଧିକାରୀ, ଦମକଳବାହିନୀ ସହଯୋଗ କରିଥିଲେ । ଗୌତମ ଦାସ ଓ୍ ଦୀପକ ରାମ ଧାରବିବରଣୀ ପ୍ରଦାନ କରିଥିଲେ ।

# ଜାତୀୟ ସାଇକେଲ ଚାମ୍ପିଅନସିପ୍ ଉଦ୍‌ଘାଟିତ




ପୁରୀ (ଭାସ୍କର ନ୍ୟୁଜ) : ପୁରୀ ଷ୍ଟର୍ଲିଂ ରୋଡ ନିକଟରେ ୨୯ ତମ ଜାତୀୟ ରୋଡ ସାଇକେଲ ଚାଳନା ପ୍ରତିଯୋଗିତା ଆଜି ପୂର୍ବାହ୍ନରେ ଉଦଘାଟିତ ହୋଇଯାଇଛି। ଏଥିରେ ବିଭିନ୍ନ ରାଜ୍ୟ ଓ ଅନୁଷ୍ଠାନର ୧୦୦୦ ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଜାତୀୟ ସାଇକ୍ଲିଂ ଆସୋସିଏସନ ଓ ଓଡିଶା ସାଇକ୍ଲିଂ ଆସୋସିଏସନ ର ମିଳିତ ସହଯୋଗ ରେ ଆୟୋଜିତ ଏହି ଚମ୍ପିଆନସିପ କୁ ପୁରୀ ଲୋକସଭା ସାଂସଦ ଡା ସମ୍ବିତ ପାତ୍ର ଉଦଘାଟନ କରି ସାଇକେଲ ଚାଳନା ଦ୍ୱାରା ବ୍ୟାୟାମ ସଂଘଟିତ ହେବା ସହ ଶରୀର ସୁସ୍ଥ ରହିଥାଏ।ଏହା ଏକ ସୁନ୍ଦର ଓ ଉପଯୋଗୀ ଅଭ୍ୟାସ।ଓଡିଶାରେ ସାଇକେଲ ଚାଳନାରେ ରଚି ରହିଛି।ତେବେ ଏହାକୁ ପ୍ରତିଯୋଗୀ ମନ ନେଇ ପ୍ରତ୍ୟେକ ସାଇକେଲ ଚାଳନା ମନସ୍କ ହେବାକୁ ପରାମର୍ଶ ଦେବା ସହ ପୁରୀ ରେ ଏହାର ଆୟୋଜନ ହେଉଥିବାରୁ ଆୟୋଜକ ଙ୍କୁ ଧନ୍ୟବାଦ ଜଣାଇଥିଲେ।ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ ଏହି ଚମ୍ପିୟାନସିପ ପାଇଁ ପ୍ରଶାସନ ବିବିଧ ସହଯୋଗ ଯୋଗାଇ ଦେବା ସହ ପ୍ରତିଯୋଗିତାର ସଫଳ ଆୟୋଜନ ଓ ପ୍ରତିଯୋଗୀ ମାନଙ୍କ ସୁବିଧା ପାଇଁ ବ୍ୟବସ୍ଥା କରିଛି ବୋଲି କହିଥିଲେ।ଓଡିଶା ସାଇକେଲ ସଂଘର ସଭାପତି ଅର୍ଜୁନ ପୁରସ୍କାର ବିଜୟିନୀ ମିନତୀ ମହାପାତ୍ର ଏଥିରେ ଅଧକ୍ଷତା କରିଥିଲେ।ପ୍ରାରମ୍ଭରେ ଜାତୀୟ ସାଇକ୍ଲିଂ ଆସୋସିଏସନର ସମ୍ପାଦକ ଚମ୍ପିୟାନସିପର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ପ୍ରତିଯୋଗିତାର ନିୟମ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ,ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ ସାହୁ,ଓଡିଶା ସାଇକ୍ଲିଂ ଆସୋସିଏସନ ର ସମ୍ପାଦକ ପ୍ରସନ୍ନ କୁମାର ରାଉତ,ଜିଲ୍ଲା କ୍ରୀଡା ସଂସଦର ପ୍ରାକ୍ତନ ସମ୍ପାଦକ ରବି ନାରାୟଣ ପ୍ରତିହାରୀ, ବରିଷ୍ଠ ସାଇକେଲ ଚାଳକ ତଥା ଆୟୋଜକ ସୁଶୀଲ କୁମାର ଦାସ, ପ୍ରମୁଖ ଯୋଗ ଦେଇ ସାଇକେଲ ଚାଳନାର ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ।ଏହି ପ୍ରତିଯୋଗିତା ଚଳିତ ମାସ ୧୦ ତାରିଖ ପର୍ଯ୍ୟନ୍ତ ଜାରି ରହିବ ବୋଲି ଆୟୋଜକ ଜଣାଇଛନ୍ତି।

# ପଦକ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ବ୍ରହ୍ମପୁର,(ଭାସ୍କର ନ୍ୟୁଜ) : ଚଳିତ ମାସ ୨ ତାରିଖ ଠାରୁ ୪ ତାରିଖ ତିନି ଦିନ ଧରି ନୂଆଦିଲ୍ଲୀ ଏନସିଆର ଠାରେ ଡିଏଭି ନ୍ୟାସନାଲ ସ୍ପୋର୍ଟସ୍ -୨୦୨୪ ଅନୁଷ୍ଠିତ ହୋଇଥିଲା । ଏଥିରେ ଓଡ଼ିଶା ଜୋନର ତିନୋଟି ବର୍ଗରେ ବିଭିନ୍ନ କ୍ରୀଡ଼ାରେ ଅଂଶ ଗ୍ରହଣ କରିଥିଲେ । ଏହି କ୍ରମରେ ବ୍ରହ୍ମପୁର ଡିଏଭି ପବ୍ଲିକ୍ ସ୍କୁଲ ରୁ ୩୮ ଜଣ ଛାତ୍ର ଛାତ୍ରୀ ଓଡିଶା ଟିମରେ ସାମିଲ ହୋଇ ଜାତୀୟ ସ୍ତରୀୟ ପ୍ରତିଯୋଗୀତାରେ ଭାଗ ନେଇଥିଲେ । ଏଥିରେ ରୋଲର ସ୍କେଟିଂ ଓ ଟାଉକୋଣ୍ଡୋରେ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ଉତ୍ତମ ପ୍ରଦର୍ଶନ କରି ପଦକ ହାସଲ କରିଛନ୍ତି । ରୋଲର ସ୍କେଟିଂରେ ଅନ୍ୱେଷା ବିଷୋୟୀ, ଟାଇକୋଣ୍ଡୋରେ ସଞ୍ଜିବନ ସାମନ୍ତରା, କ୍ରିତିକା ଦଳେଇ, ନିଧିଶ୍ରୀ ଓ ଆଦିତି ନାୟକ ପଦକ ହାସଲ କରିଛନ୍ତି । ନ୍ୟାସନାଲ ସ୍ପୋର୍ଟସରେ ଅଂଶ ଗ୍ରଗଣ କରିବା ପରେ ଆଜି ଅପରାହ୍ନରେ ନୂଆଦିଲ୍ଲୀରୁ ବ୍ରହ୍ମପୁର ଫେରିଛନ୍ତି ଛାତ୍ରଛାତ୍ରୀମାନେ । ଆଜି ରେଳ ଷ୍ଟେସନରେ ପହଞ୍ଚିବା ପରେ ପଦକ ହାସଲ କରିଥିବା ଛାତ୍ର ଛାତ୍ରୀଙ୍କୁ ଡିଏଭି ପବ୍ଲିକ୍ ସ୍କୁଲର ଅଧକ୍ଷା ଧରାଶ୍ରୀ ପାଢୀ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ସ୍କୁଲର ଶିକ୍ଷକ ମାନସ କୁମାର ପଣ୍ଡା, ଭିନସେଣ୍ଟ ଦାସ, କେଦାରନାଥ ମହାପାତ୍ର, ପ୍ରିତୀ ଭୁର୍ଜୀ, ଅଳ୍ପନା ପଟ୍ଟନାୟକ, ଶୁଭଶ୍ରୀ ପାଣିଗ୍ରାହୀ ଓ ଜାନକୀ କୁମାରୀ ସାହୁଙ୍କ ତତ୍ୱବଧାନରେ ଛାତ୍ରଛାତ୍ରୀମାନେ ନୂଆଦିଲ୍ଲୀ ଗସ୍ତ କରିଥିଲେ । ସେପଟେ ଆଜି ବ୍ରହ୍ମପୁର ରେଳ ଷ୍ଟେସରେ ଛାତ୍ର ଛାତ୍ରୀଙ୍କୁ ସ୍ୱାଗତ କରିବା ସମୟରେ ଡିଏଭି ପବ୍ଲିକ୍ ସ୍କୁଲର ଶିକ୍ଷକ ସମୀର ପାଣିଗ୍ରାହୀ ଆର ଗୋବିନ୍ଦ ରାଓ , ଦିଲ୍ଲିପ କୁମାର ବେହେରା, ପିଭି ରାମ ଦାସଙ୍କ ସମେତ ବହୁ ଶିକ୍ଷକ, କର୍ମଚାରୀ ଓ ଅଭିଭାବକ ମାନେ ଉପସ୍ଥିତ ରହି ଛାତ୍ର ଛାତୀଙ୍କୁ ଶୁଭେଚ୍ଛା ଜଣାଇଥିଲେ ।



**NOTIFIED AREA COUNCIL, KESINGA** C-1203

"e" Procurement Notice No. 3304 /NAC(K) Dt.06.12.2024

Tender ID No :- 2024_ORULB_107992_1

The Notified Area Council, Kesinga invites online bid in single cover system through e-procurement.

| | | |
|---|---|---|
| Total No. of work | : | 01(one) |
| Approx. value of work | : | Rs.635593.00 |
| Period of availability of tender for online Bidding | : | From 07.12.2024 to 16.12.2024 up to 05.00P.M. |
| Date & Time of opening | : | 17.12.2024 at 11.00 A.M. |
| Class of Contractor | : | Class " C " |

Further details can be seen from the website: www.tendersodisha.gov.in

Sd/-Executive officer
N.A.C., Kesinga.

OIPR 13109/11/0017/2425

**OFFICE OF THE REGULATED MARKET COMMITTEE, JAJPUR**
At-Collectorate, Jajpur, PO/Dist- Jajpur, e-mail ID- rmc_jajpur@rediffmail.com

**SHORT TENDER/QUOTATION CALL NOTICE** H-61
No. 123 / 2024 Dt. 03.12.2024

The ADM(Rev), Jajpur-cum-Chairman, RMC, Jajpur invites sealed Tenders/ Quotations from the reputed registered firm/manufacturer or their authorized dealers for supply, installation and commissioning of Grading equipments for ensuing paddy procurement operation KMS 2024-25 under RMC, Jajpur. For more details, bidders can visit to www.jajpur.odisha.gov.in. Amendments/corrigendum/cancellation/retenders etc. if any, shall be published only in above website.

Sd/-
ADM(Rev),Jajpur-cum-Chairman, RMC, Jajpur

OIPR 01555/11/0001/2425

**GOVERNMENT OF CHHATTISGARH, WATER RESOURCES DEPARTMENT**
**OFFICE OF THE EXECUTIVE ENGINEER**
**HASDEO CANAL W/M DIVISION, JANJGIR**
**DISTT. JANJGIR-CHAMPA (C.G.)**
**e-PROCUREMENT TENDER NOTICE**
**eProcurement Portal: https://eproc.cgstate.gov.in**

Online Tenders are invited for the following works up to 20-12-2024 at 17:30 Hour

| System Tender No. | Nit No. & date | Name of Work | Probable Amount of Contract (In Lakhs) | Tender Call |
|---|---|---|---|---|
| 162023 | NIT No.: 25/SAC/2024-25, Dated: 03-12-2024 | MAINTENANCE OF LINING, STRUCTURES, EARTH WORK MAINTENANCE OF BHATHALI SUB DISTRIBUTARY CANAL SYSTEM OF NAWAGARH BRANCH CANAL IN JANJGIR-CHAMPA DISTRICT. | 295.50 | Second Call |

Online Tenders are invited for the following works up to 24-12-2024 at 17:30 Hour

| System Tender No. | Nit No. & date | Name of Work | Probable Amount of Contract (In Lakhs) | Tender Call |
|---|---|---|---|---|
| 162024 | NIT No.: 26/SAC/2024-25, Dated: 03-12-2024 | PROTECTION WORK, WEARING COAT & BEAUTIFICATION WORK AT U/S & D/S OF CHAMPA ANICUT UNDER HASDEO BANGO PROJECT. | 277.39 | First Call |

The details can be viewed and downloaded online directly from the Government of Chhattisgarh Integrated e-Procurement Portal (https://eproc.cgstate.gov.in) from Date 10-12-2024 at 17:31 Hours.(IST) onwards.

NOTE :- All eligible/intrested contractors/bidders are mandated to get enrolled on the Integrated e-procurement portal (https://eproc.cgstate.gov.in) and get approval on specific vendor class from PWD under Centralized Contractor/Supplier Registration in order to download the tender documents and participate in the subsequent bidding process.

Other terms and condition of this tender visit WRD website https://eproc.cgstate.gov.in) under Live Tender available.

G-242504390/ 6

Sd/- Executive Engineer
Hasdeo Canal W.M. Division
Janjgir, Chhattisgarh

**GOVERNMENT OF ODISHA**
**DEPARTMENT OF WATER RESOURCES,**
**OFFICE OF THE SUPERINTENDING ENGINEER,**
**LOWER INDRA CANAL DIVISION, KHARIAR** A-689
**e-Procurement Notice No. SELICD-02/2024-25, Dt.05.12.2024**
**e-mail address: - celicd.khr@gmail.com**
*****

No 4416 Date 05.12.2024

1. Type/Nature of work: Civil Work / Canal Works
2. Total No. of works: 16 (Sixteen) Nos.
3. Approx. value of works: Rs. 5,76 Lakh to Rs. 80.13 Lakh (Excluding GST).
4. Period of completion: 01 (One) to 06 (Six) Calendar months.
5. Classification of bidders: "D",'C' & 'B' Class Contractor only.

Other details as follows:

| Procurement Officer. | e-Procurement Notice No. | Availability & Submission of bids in online. | | Date & time of opening of tender. |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Lower Indra Canal Division Khariar, Dist:-Nuapada, Odisha. | SELICD-02/2024-25 | 10.12.2024 from 10.00 AM | 24.12.2024 up to 5.00 PM | 26.12.2024 at 11.00AM |

N.B: Further details can be seen from the e-procurement portal https://www.tendersodisha.gov.in. Any addendum/ Corrigendum/ Cancellation to the above notice will be published in the Govt. website www.tendersodisha.gov.in

Sd/- (Er. Soumya Kishore Jaipuria)
Superintending Engineer,
Lower Indra Canal Division, Khariar

OIPR 32206/11/0002/2425

**GOVT OF ODISHA** A-681
**OFFICE OF THE SUPERINTENDING ENGINEER,**
**MINOR IRRIGATION DIVISION, GAJAPATI.**
**AT/PO: PARALAKHEMUNDI, DIST: GAJAPATI.**
**PHONE NO: 06815-222365, e-mail- eemi_gajapati@yahoo.co.in**
**e-Procurement Notice No. 3131 Date. 04/12/2024**
**BID IDENTIFICATION NO. MIDGJP-07/2024-25**

The **Superintending Engineer, Minor Irrigation Division, Paralakhemundi** on behalf of Governor of Odisha invites **Percentage Rate** bid in **Double** Cover System **in ONLINE MODE** for the construction of **following works** as detailed in the **Detailed Tender Call Notice (D.T.C.N)** from the eligible class of contractors.

1. Name of the work: **Construction of Check Dams under MATY Scheme- 2024-25.**
2. No of works: **3 Nos. (Three)**
3. Estimated cost **Rs. 50.00 to 62.00 Lakhs.**
4. Period of completion: **6 (Six)** calendar months (Including Rain Season)
5. Date and time of availability of bid documents in the portal: from **10.30 Hours of 10.12.2024 to 17.00 Hours of 20.12.2024.**
6. Last date/ time for receipt of bids in the portal: **17.30 Hours of 20.12.2024**
7. Date of opening of Bid: **11.00 Hours** on **21.12.2024.**
8. Name and address of the Officer inviting Bid: Superintending Engineer, Minor Irrigation Division, Gajapati, At/Po- Paralakhemundi, Dist.- Gajapati. PIN-761200

Further details can be seen from the e-procurement portal https://tendersodisha.gov.in

Sd/- 04.12.2024
Er.Kiran Kumar Subudhy
Superintending Engineer
MI Division, Gajapati
Paralakhemundi

OIPR 32013/11/0013/2425

**OFFICE OF THE DIVISIONAL FOREST OFFICER** MM-309
**KEONJHAR WILDLIFE DIVISION, ANANDAPUR**
**Bid Identification No. DFO-KJR WL-02 of 2024-25**
**E-mail address : dfo.keonjharwl@odisha.gov.in**
**No. 5838 // Dt. 04.12.2024 //**

1. Name of the work : State CAMPA Annual Plan of Operation 2024-25.
2. Total No. of works : 03 (Three) No.(Percentage rate Tender)
3. Estimated cost : Approx. Estimate Cost 6.10 Lakhs to 18.66 Lakhs.
4. Class of Contractor : 'C' Class & 'D' Class
5. Other Details.

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender : Divisional Forest Officer, Keonjhar Wildlife Division, Anandapur | Date & Place of receipt of bid cost & bid security |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | 7 |
| Divisional Forest Officer, Keonjhar Wildlife Division, Anandapur | On line DFO-KJR WL-02 of 2024-25 | 09.12.2024 at 10.00 A.M. | 18.12.2024 upto 5.30P.M. | 17.12.2024 up to 5.30 P.M. | 19.12.2024 11.30 A.M. | 1% of Estimated Cost |

Further details can be seen from the website www.tendersorissa.gov.in & www.tenders.ori.nic.in

Sd/-Divisional Forest Officer,
Keonjhar Wildlife Division,
Anandapur.

OIPR 08147/11/0002/2425

i-300 **OFFICE OF THE PANCHAYAT SAMITI, ASKA, GANJAM**
Email Id:ori- aska@gramsat.nic.in PhNo:06822-273619

The Block Development Officer, Aska on behalf of Govt. Of Odisha, Invites sealed tender in confirming with sealed tender call notice ( D.T.C.N) from the Registered contractor of state PWD or equivalent class of CPWD /Railway/MES/Central Govt./State Govt. Undertaking for the following works to be eventually drawn up in the percent rate contractor from ( P-1).

| Sl NO | Name of the Work | Approximate Estimate Cost in Rs | EMD in Rs | Eligibility of Contractor | Time of Completion | Cost of Tender Paper ( Non Refundable) |
|---|---|---|---|---|---|---|
| 1 | Construction of Additional Class Room at UPS Maharajpur | 1547000/- | 15470/- | "C" & "D" Class | 6 Months | 6000/ |
| 2 | Construction of Additional Class Room at Sahaspur PS | 1182000/- | 11820/- | "C" & "D" Class | 6 Months | 6000/ |

1. Date of sale of tender papers :09.12.2024 to 24.12.2024
2. Last Date of receipt of tender papers :24.12.2024 up to 5.30 PM
3. Date of opening of tender papers :26.12.2024 at 11.00 A.M
4. For more details and terms & condition ,please visit WWW.Ganjam.Nic.In

Yours faithfully,
Sd/-Block Development Officer
Aska.

OIPR 19169/11/0002/2425

**GOVERNMENT OF ODISHA** O-795
**OFFICE OF THE SUPERINTENDING ENGINEER**
**RURAL WORKS DIVISION, JAJPUR**
**e-PROCUREMENT NOTICE NO. Tender Online 07 JJPT of 2024-25**

1. Name of work : Building Works.
2. Total No of Work : 21 No. Buildings Work.
3. Estimated Cost (Approx.) : Rs. 41.26 to 41.27 Lakhs
4. Period of Completion : 9 Months
5. Class of contractors : B Class

Other details as follows:

a) Procurement officer Rural Works Division, Jajpur : Executive Engineer,
b) Availability of tender online & submission of bid :16.12.2024 at 10.00 AM to 30.12.2024 upto 5.00 PM
c) Last date & time of seeking of tender clarification : 30.12.2024 up to 1.00 PM
d) Opening of Technical Bid : 31.12.2024 at 11.30 A.M.

Further details can be seen from the Govt. website www.tendersodisha.gov.in

Sd/- Superintending Engineer
R.W. Division, Jajpur

OIPR 25047/11/0013/2425



## ପାନ୍ଥଶାଳା

ସୁଚରିତା ମହାନ୍ତି

କେହି କେବେ ପଚାରିନି ତା' ଦୁଃଖ
ତା' ଯନ୍ତ୍ରଣା
ତା' ଅତୀତ କି ବର୍ତ୍ତମାନ ।

ପରସ୍ତ ପରସ୍ତ କରି ଯେତେ ଲେଉଟିଲେ
ସବୁ ପୃଷ୍ଠାରେ ସାଇତି ରଖିଚି
କେତେ କେତେ ଅପସୋରା ସ୍ମୃତି,
ଯାହା କେବଳ ଲହୁ ଓ ଲୁହରେ ଭିଜିଚି ।

କେବେ ହେଲେ କାହାକୁ
ମନା କରିବାର ସାମର୍ଥ୍ୟ ପାଇନାହିଁ ବୋଲି ତ
ନୀରବରେ ପାପ ସାଉଁଟି ବସେ
ସେଇଟା ତା' ପାଇଁ ପାଲଟି ଯାଏ
ମହାର୍ଘ୍ୟ ମୁହୂର୍ତ୍ତ ।

ଥରେ ତା'ର ଛାତିର ବ୍ୟଥା କୁ
ନଖରେ ଉଖୁଡେଇ ଦେଖ ତ
ତମେ ବି ଭିଜି ଯିବ
ପୌଷର ବର୍ଷା ଭିଜା ସନ୍ଧ୍ୟା ପରି ।।
ସବୁ ଅବଶୋଷକୁ
ଗୋଟିଏ ଢୁକରେ ପି' ବାର କଳା
ତାକୁ ବେଶ୍ ଜଣା ବୋଲି
ସେ ପାଲଟି ଯାଇଚି 'ପାନ୍ଥଶାଳା'।।

*ବାରିପଦା, ମୟୂରଭଞ୍ଜ*
*ମୋ- ୮୯୧୭୫୭୧୨୦୨*

ଗଳ୍ପ

# ବନ୍ୟା ବିପନ୍ନ



ରତ୍ନକାନ୍ତି ମିଶ୍ର

ନିକ୍‌ର ଗୋଟିଏ କୋଣକୁ ସୁଜିତ ଚୁପଚାପ୍ ବସିଥିଲା ବାପାଙ୍କ ସହିତ । କାହାରି ମୁହଁରେ ଉଁ କି ଚୁଁ ଶବ୍ଦ ନଥିଲା । ବାପାଙ୍କ ପାଳି ପଡ଼ିବା ପର୍ଯ୍ୟନ୍ତ ଉଦବିଗ୍ନତାର ସହ ବସିଥିଲା ସେ । କେତେ କ'ଣ ଆଜେବାଜେ ଚିନ୍ତା ମନକୁ ଆସୁଥିଲା ତା'ର । ଗୋଟିଏ ମୁହୂର୍ତ୍ତ ଗୋଟିଏ ଯୁଗ ବୋଲି ପ୍ରତୀତ ହେଉଥିଲା ।

କ'ଣ ରିପୋର୍ଟ ଆସିବ ? ବିଶେଷ କିଛି ଅସୁବିଧା ହୋଇନି ତ ବାପାଙ୍କର ? ସମସ୍ତ ଧୈର୍ଯ୍ୟ ଏବଂ ସହନଶୀଳତାକୁ ପାରୁ ପର୍ଯ୍ୟନ୍ତ ଏକାଠି କରି ରଖିଥିଲା ସୁଜିତ । ଯଦିଓ ବିନ୍ଦୁ ବିନ୍ଦୁ ଝାଳ ତା କପାଳରୁ ଜକେଇ ଆସୁଥିଲା । ତଣ୍ଟି ଅଠା ଅଠା ହୋଇଯାଉଥିଲା ।

କେଜାଣି କେତେଟା ଯୁଗ ଅତିକ୍ରାନ୍ତ ହେଲା ପରେ ବାପାଙ୍କ ନାଁ ଡକା ହେବାର ଶୁଣିଲା ସୁଜିତ୍ । ସେ ପ୍ରକୃତିସ୍ଥ ହେଲା । ସିଟ୍ ଛାଡି ଠିଆ ହେଲା ।ଥର ଥର ପାଦ ଦୁଇଟାକୁ ଠିକ୍ ଭାବରେ ଥଇଥାନ କରି ରୁମାଲରେ ମୁହଁ ପୋଛିଲା ଏବଂ ଡାକ୍ତରଙ୍କ ଚେମ୍ବର ଭିତରକୁ ଯଥା ସମ୍ଭବ ଧୀର ଗତିରେ ପ୍ରବେଶ କଲା ।

-' ପେସେଣ୍ଟ ତୁମର କ'ଣ ହୁଅନ୍ତି ?' ଏଣ୍ଡୋସ୍କୋପି ରିପୋର୍ଟ ଦେଖିବା ଭିତରେ ସୁଜିତ୍‌କୁ ପଚାରିଲେ ଡାକ୍ତର ।

- ବାପା । ଆକ୍ତାମାକ୍ତା କଣ୍ଠରେ କହିଲା ସୁଜିତ ।'

ଡାକ୍ତର ତା'ର ମୁହଁ କୁ ସିଧା ଚାହିଁ କହିଲେ -' ହାଇ ଗ୍ରେଡ ଡିସପ୍ଲେସିଆ । ଏତେ ଦିନ ଧରି କରୁଥିଲ କ'ଣ ? ବହୁତ ଡେରି କରିଦେଲଣି । ଆଜି ଅପରେସନ ପାଇଁ ତୁମେ ପ୍ରସ୍ତୁତ ହୋଇ ପାରିବ ? ବାୟୋପ୍ସି ରିପୋର୍ଟ ଆସିଲେ ପ୍ରକୃତ ଅବସ୍ଥା ଜଣା ପଡ଼ିବ । ଯେତେ ଡେରି କରିବ ସେତେ ବିପଦ । କ୍ୟାନସରର ସମ୍ଭାବନା ବଢ଼ି ଯାଇପାରେ ।

ଜଣେ ମଣିଷ ପାଟିରୁ ବାହାରିଥିବା କେତୋଟି ନିଷ୍ଠୁର ଶବ୍ଦ ପ୍ରଳୟଙ୍କରୀ ବନ୍ୟା ପ୍ରତୀତ ହେଉଥିଲା ସୁଜିତ୍‌କୁ । ସତେ ଯେପରି ବିପଦ ସବୁ ନିରାପତ୍ତା ବଳୟ ଭେଦ କରି ତୀବ୍ର ଗତିରେ ମାଡି ଆସୁଛି ! ତା ମୁଣ୍ଡ କ'ଣ ହୋଇଯାଉଥିଲା । ପୃଥିବୀ ଯେ ଏତେ ବେଗମାନ ହୋଇ ଘୁରିପାରେ, ତାକୁ ସେଇକ୍ଷଣି ଅନୁଭବ ହେଉଥିଲା ।

ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ସହିତ କଥାବାର୍ତ୍ତା କରି ସୁଜିତ ଦୁଇ ଲକ୍ଷ ଟଙ୍କା ଯୋଗାଡ଼ରେ ସେଇଦିନ ହିଁ ଲାଗି ପଡିଲା । ପରଦିନ ଅପରେସନର ଦିନ ଧାର୍ଯ୍ୟ ହେଲା । ନିଜର ସଞ୍ଚୟ, କିଛି ହାତ ଉଧାରି ଯୋଗାଡ କରି ଆଡଭାନସ୍ ଡିପୋଜିଟ କରିଦେଲା । ଟଙ୍କା ଡିପୋଜିଟ ପରେ ହଠାତ୍ ତାକୁ ଖବର ଦିଆଗଲା ଯେ ପରଦିନ ନୁହେଁ ସେଇ ରାତି ଦୁଇଟାରେ ହିଁ ଅପରେସନ ହେବ । ସୁଜିତ ଡାକ୍ତର ମିଶ୍ର ଏବଂ ହସ୍ପିଟାଲର ମହନୀୟତାକୁ ଏବଂ ତତ୍ପରତାକୁ ବଧେଇ ଜଣେଇଲା ମନେ ମନେ ।

ବାପାଙ୍କ ପାକସ୍ଥଳୀରେ ଘା ହୋଇଥିବା ଜାଗାକୁ ସଂପୂର୍ଣ୍ଣ କାଟି ଦିଆଯାଇଛି ଏବଂ ତାହା ପ୍ରାୟ ପଞ୍ଚସ୍ତରୀ ପ୍ରତିଶତ ହେବ ଏବଂ କଟାହୋଇ ଯାଇଥିବା ଅଂଶର ବାୟୋପ୍ସି ରିପୋର୍ଟ ଆସିବା ପରେ ଯାହା କିଛି ପଦକ୍ଷେପ ନିଆଯିବ ବୋଲି ଡାକ୍ତର ଅପରେସନ ପରେ ବୁଝାଇଲେ । ସେଇ ପର୍ଯ୍ୟନ୍ତ ଆବଶ୍ୟକ ହେଉଥିବା ମେଡ଼ିସିନ, ସାଲାଇନ ଏବଂ ରକ୍ତ ଯୋଗାଡ଼ରେ ଲାଗି ପଡିଲା ସୁଜିତ ।

ହସ୍ପିଟାଲ ବେଡ୍‌ରେ ବାପା ପଡିଛନ୍ତି । ଚାରିଦିନ ପରେ ଆଇ.ସି.ୟୁରୁ ଆଜି ଆସିଛନ୍ତି ଜେନେରାଲ ବେଡକୁ । ସୁଜିତ ଆଖିରେ ନିଦ ନାହିଁ । ବାୟୋପ୍ସି ରିପୋର୍ଟ କ'ଣ ଆସିବ ଆଶଙ୍କାରେ ସେ ଉଦବିଗ୍ନ । ଅସ୍ୱାଭାବିକ ନିରବତାରେ ଫେଣ୍ଟି ହୋଇଯାଉଥିଲା ସେ । ଧସକି ପଡୁଥିବା ମୁହଁକୁ କୌଣସି ପ୍ରକାରରେ ସହଜ କରିବାକୁ ଆପ୍ରାଣ ଚେଷ୍ଟା କରୁଥିଲା ଯାହା ।

ଝିଅ ବାହାଘର ପାଇଁ ବାପା ଖୁବ୍ ଦୌଡାଦୌଡି କରୁଥିଲେ । ଏପଟରେ ଆଣ୍ଠୁ ଯନ୍ତ୍ରଣା ତାଙ୍କୁ ଯେମିତି କାବୁ କରି ଦେଉଥିଲା । ଡାକ୍ତର ପରାମର୍ଶ କରି ଔଷଧ ଖାଇଲେ ବି ବିଶେଷ ଉପଶମ ମିଳୁ ନଥିଲା । ଏତିକି ବେଳକୁ କେହି ଜଣେ ବନ୍ଧୁଙ୍କଠାରୁ ବାପା ଯୋଗାଡ କରିଥିଲେ କେଉଁ ଆଶ୍ରମ ପ୍ରସ୍ତୁତ ଆୟୁର୍ବେଦିକ ଔଷଧ । ସତକୁ ସତ ସେଇ ଔଷଧ ଖାଇଲେ ଯନ୍ତ୍ରଣା କମ୍ ଜଣା ପଡୁଥିଲା । ଦିନକୁ ଦୁଇ ତିନିଟା କରି ଔଷଧ ଖାଇ ବାହାଘର କାମରେ ନିଜକୁ ନିୟୋଜିତ କରି ରଖୁଥିଲେ ବାପା । ତା ସାଙ୍ଗକୁ ଖାଇବାରେ ଖୁବ୍ ଅନିୟମିତତା ହୋଇଥିଲା ସେଇ ସମୟରେ ।

ଝିଅ ବାହାଘର ପରେ ମଧ୍ୟ ଆଣ୍ଠୁ ଯନ୍ତ୍ରଣା ପାଇଁ ସେଇ କମ୍ପୋଜିସନ ଜଣା ନଥିବା ଧଳା ବଟିକାକୁ ଖାଇବାକୁ ଜିଦ୍ କରୁଥିଲେ ବାପା । ଯାହାର ପରିଣାମ ଏବେ ଭୋଗିବାକୁ ପଡୁଛି ବୋଲି ଡ଼ାକ୍ତରଙ୍କ ମତ ।

ଏଇ କେଇଦିନ ତଳେ ହଠାତ୍ ବୋଉ ହାଉଳି ଖାଇ ସୁଜିତ୍‌କୁ ଫୋନ୍ କଲା ବାପା ଙ୍କ ବିଷୟରେ ଜଣାଇବାକୁ । ଝାଡାରେ ବେଳେ ବେଳେ ପଡୁଥିବା ରକ୍ତ ସେଦିନ ପିଚକାରି ଭଳି ଛିଟିକି ପଡ଼ିଥିଲା ଏବଂ ତା ସାଙ୍ଗକୁ ରକ୍ତ ବାନ୍ତି । ସୁଜିତ ପହଞ୍ଚିଲା ଘରେ ଏବଂ ବାପାଙ୍କୁ ନେଇଗଲା ନିକଟସ୍ଥ ସବଡିଭଜନାଲ ହସ୍ପିଟାଲ୍ । ସେଇଠି ଭର୍ତ୍ତି ହୋଇ ପ୍ରାୟ ଛଅ ସାତ ଦିନ ରହିଲା ପରେ ଅବସ୍ଥା ଟିକିଏ ସୁଧୁରିଲା ।

ଘରକୁ ଗଲେ ବାପା ।ହେଲେ ପନ୍ଦର ଦିନ ଯାଇଛି କି ନାହିଁ ବାପାଙ୍କର ପେଟ ଯନ୍ତ୍ରଣା ଅସହ୍ୟ ହେଲା । ବୋଉ ପ୍ରମାଦ ଗଣିଲା । ସୁଜିତ ବାପାଙ୍କ ଦେହ ଅବସ୍ଥା ବିଷୟରେ ଖବର ପାଇ ସିଧା କଟକ ନେଇ ଆସିଲା ।ଏଇ ପନ୍ଦର ଦିନ ତଳେ ଏତେ ପଇସା ଖର୍ଚ୍ଚ ହୋଇଥିବାରୁ, ପୁଅ ପାଖରେ ପଇସା ନଥିବ ଭାବି ବାପା ସୁଜିତ ହାତରେ ଧରେଇ ଦେଲେ ଗାଆଁ ରୁ ଯୋଗାଡ କରି ଆଣିଥିବା ପାଞ୍ଚ ହଜାର ଟଙ୍କା ।

କଟକରେ ପହଞ୍ଚୁ ପହଞ୍ଚୁ ପେଟକୁ ଚାପିଧରି ବାପା ଖଟ ଉପରେ ଗଡୁଥିଲେ ଯନ୍ତ୍ରଣାର ଆତିଶଯ୍ୟରେ । ବୋଉ ବିକଳ ହୋଇ ଆଉଁଶି ପକଉଥିଲା ବାପାଙ୍କ ଦେହ ମୁଣ୍ଡ । ଡାକ୍ତର ବାପାଙ୍କ ଅବସ୍ଥା ଦେଖି କିଛି ସମୟ ବ୍ୟବଧାନରେ ତିନୋଟି ଇଞ୍ଜେକସନ ଫୋଡିଲା ପରେ ଯନ୍ତ୍ରଣା ଟିକିଏ କମିଲା ।

ହେଲେ ଚାରି ପାଞ୍ଚ ଘଣ୍ଟା ଉତ୍ତାରୁ ପେଟର ଯନ୍ତ୍ରଣା ପୁଣି ବଢ଼ିଲା । ପରଦିନ ପୁଣି ଥରେ ଏଣ୍ଡୋସ୍କୋପି ଏବଂ ବାୟୋପ୍ସି କରାଗଲା ।ବାୟୋପ୍ସି ରିପୋର୍ଟରେ ଯାହା ଆସିଲା ସୁଜିତର ପୃଥିବୀ ଯେମିତି ଅକସ୍ମାତ ବିସ୍ଫୋରଣରେ ଧୂଳିସାତ ହୋଇଗଲା । ଯେଉଁ କ୍ୟାନସର କୁ ଭୟ ଥିଲା ସେଇ ହିଁ ତା'ର ପନଝା ମେଲେଇ କବଳିତ କରି ସାରିଛି ବାପାଙ୍କ ଦେହକୁ ।

ଡାକ୍ତର ସେଦିନ ରିପୋର୍ଟ ଦେଖି ଘୋଷଣା କରିଦେଲେ ' ଏ ରୋଗରୁ ମୁକ୍ତି ନାହିଁ । ଆଉ କିଛି ଉପାୟ ନାହିଁ । ସବୁଠୁ ଭଲ ହେବ, ଯାଙ୍କୁ ଘରକୁ ନେଇ ସେବା ଯତ୍ନ କର ।'

ସାରା ରାତି ନିଦ ନାହିଁ ସୁଜିତ ଆଖିରେ । କେତେଦିନ ବୋଉକୁ ମିଛ ସାନ୍ତ୍ୱନା ଦେଇ ଚାଲିଥିବ ? ବାପା ଙ୍କ ରୁମକୁ ଆସିଲା ।ନିରିଖେଇ ଦେଖିଲା ହାଡ଼ କେଇଖଣ୍ଡ ଉପରେ ଧୁଡୁଧୁଡୁ ଚମଡା ଚାଦର ଟିଏ ଢଙ୍କା ଯାଇଥିବା ମଣିଷଟିକୁ ।ରାଶି ରାଶି ଯନ୍ତ୍ରଣାକୁ ନିଜ ଭିତରେ ରଖି ଆଖି ବୁଜି ପଡିଛନ୍ତି । ଆଉ କେଇଟା ଦିନ ପରେ ବାପା ନାମକ ଏଇ ଅନ୍ତରଙ୍ଗ ଐଶ୍ୱର୍ଯ୍ୟଟି ହାତଛଡ଼ା ହୋଇଯିବ । 'ବାପା' ବୋଲି ଅମୃତମୟ ଡାକଟି ଶୂନ୍ୟରେ ମିଳେଇଯିବ ! ବୋଉ ଖଟ କଡ଼କୁ ପ୍ରଶ୍ନବାଚୀ ଚିହ୍ନ ଭଳି ମୋଡ଼ି ହୋଇ ଶୋଇଥିଲା ।

ପ୍ରଚଣ୍ଡ କୋହ ଆସୁଥିଲା ଭିତରୁ । କାନ୍ଦ ଓ ଲୁହ ଲୁଚେଇବା ପାଇଁ ସୁଜିତ୍ ବାଥରୁମ ଯାଇ ଟ୍ୟାପ ଖୋଲିଦେଲା ।

ବାପାଙ୍କ ପେଟ ଯନ୍ତ୍ରଣା ଅସହ୍ୟ ହେଉଥିଲା । ବୋଉ ଅହରହ ଚିପୁଡି ହୋଇ କାନ୍ଦୁଥିଲା । ଜଣେ ଦୁଇ ଜଣ ବନ୍ଧୁଙ୍କ ପରାମର୍ଶ କ୍ରମେ ବାପାଙ୍କୁ ଗୋଟିଏ ଘରୋଇ କ୍ୟାନସର ହସ୍ପିଟାଲରେ ଭର୍ତ୍ତି କଲା ସୁଜିତ୍ । ଏତିକି ବେଳକୁ ଦରକାର ହେଉଥିବା ଟଙ୍କା ତା ପାଖରେ ନଥିଲା । ଭଉଣୀ ଖବର ପାଇ ଶାଶୁଘରୁ ଆସି ତା'ର ସାଧ ମୁତାବକ ଟଙ୍କା ବୋଉ ହାତରେ ଦେଇଗଲା । ସେଇଟା ସମୁଦ୍ରକୁ ଶଙ୍ଖେ ଭଳି ।

ପତ୍ନୀଙ୍କ ଶରଣ ପଶିବାକୁ ବାଧ ହେଲା ସୁଜିତ । ନିଜର ଅଶାନ୍ତିକୁ ସମବେତ ଭାବରେ ଜାହିର କଲେ ବି ଅନାହୂତ ବିପଦ ବିପକ୍ଷରେ ଲଢେଇ ପାଇଁ ବାଧ ହୋଇ ନିଜର ଗହଣାତକ ସ୍ୱାମୀଙ୍କ ହାତରେ ସମର୍ପି ଦେଲେ ପତ୍ନୀ । ସୁଜିତ ସେଇ ଗହଣା ବଦଳରେ ବ୍ୟାଙ୍କରୁ ଋଣ ଉଠାଇଲା ।

ପାଞ୍ଚଦିନ ଅନ୍ତରରେ ତିନୋଟି କେମୋଥେରାପି ନେଇ ବାପାଙ୍କ ଅବସ୍ଥାରେ ସାମାନ୍ୟ ଉନ୍ନତି ପରିଲକ୍ଷିତ ହେଲା । ଡାକ୍ତର ପରବର୍ତ୍ତୀ କେମୋଥେରାପି ତାରିଖ ଜଣାଇ ଡିସଚାର୍ଜ କରିଦେଲେ । ଦୀର୍ଘଦିନର ଯନ୍ତ୍ରଣାରୁ ସାମୟିକ ଉପଶମ ପାଇ ବାପାଙ୍କ ମୁହଁ ଟିକିଏ ଉଜ୍ଜ୍ୱଳ ଦିଶୁଥିଲା ।

ବୋଉ ବାହାରିଲା ଗାଆଁକୁ । ଗାଆଁର ସବୁ ଦେବାଦେବୀଙ୍କୁ ମାନସିକ କରିଥିଲା । ସବୁତକ ମାନସିକ ପୂରଣ କରିବାକୁ ତତ୍ପର ହୋଇ ପଡିଲା ସେ ।

ଗ୍ରାମ ଦେବତୀ, ହନୁମାନ ମନ୍ଦିର, ତାରିଣୀ ମନ୍ଦିର, ଆଖଣ୍ଡଳମଣି ମେଳା, ଶିବମନ୍ଦିରରେ ରୁଦ୍ରାଭିଷେକ... ଇତ୍ୟାଦି ଇତ୍ୟାଦି ପୂଜାର୍ଚ୍ଚନାରେ ବ୍ୟସ୍ତ ରହୁଥିଲା ବୋଉ ଏବଂ ପ୍ରତିଦିନ ଗାଁରୁ ବାପାଙ୍କ ଦେହ କଥା ପଚାରୁଥିଲା । ତା ବିଶ୍ୱାସକୁ ଭାଙ୍ଗି ହୋଇ ଥାଆନ୍ତା କି ସେଇ ସମୟରେ ? କହି ହେଇଥାନ୍ତା କି ସେଇ ରୋଗର ବିଭୀଷିକାମୟ ଆଁ ଭିତରୁ ବାପାଙ୍କୁ ମୁକୁଳେଇବାର ଆଉ କିଛି ଉପାୟ ନାହିଁ ବୋଲି ।

ଏହା ମଧ୍ୟରେ ଆଉ ଗୋଟିଏ କେମୋଥେରାପି ନେଇସାରିଥିଲେ ବାପା ।ହଠାତ୍ ଦିନେ ପାହାନ୍ତିଆରୁ ଗୋଟେ ଯନ୍ତ୍ରଣା ଜର୍ଜରିତ ଚିତ୍କାର ଭାଙ୍ଗିଦେଲା ସୁଜିତର ନିଦ । ବିଛଣାରେ ହିଁ ରହି ହେଲାନି । ପହଞ୍ଚିଗଲା କ୍ଷଣିକରେ ବାପାଙ୍କ ରୁମରେ ।

-' ଓଃ, କି କଷ୍ଟ ! ସହି ହେଉନି ! କାଟି ପକା ମୋ ପେଟକୁ । ସେ ନିଆଁ ହୁଳାକୁ ଲିଭାଇ ଦେ । ନହେଲେ ମୋତେ ଆଣି ବିଷ ଦେଇ ଦେ ।' ସୁଜିତ ଉଦ୍ଦେଶ୍ୟରେ ନିଜର ଦୟନୀୟ ଅବସ୍ଥାକୁ କରୁଣ ଭାବରେ ପ୍ରକାଶ କରୁଥିଲେ ବାପା ।

ଦିନକୁ ଦିନ ବାପା କବଳିତ ହୋଇଯାଉଥିଲେ ସେଇ ଭୟଙ୍କର ରୋଗ ପଞ୍ଝାରେ । ଘର ଭିତରୁ ଅହରହ ଶୁଭୁଥିଲା ମରମ ଥରା ଚିତ୍କାର । ସତେକି ସଂସାରର ସମସ୍ତ ଯନ୍ତ୍ରଣା ସଙ୍କୁଚିତ ହୋଇ ରହିଛି ସେଇ ବାର ବାଇ ଦଶ ରୁମ ଭିତରେ ।

ଏମିତି ଭାବନା ଭିତରେ ସୁଜିତ୍ ବାରମ୍ବାର ପହଞ୍ଚିଯାଏ ଡାକ୍ତରଙ୍କ ପାଖରେ । ବାପାଙ୍କ ଯନ୍ତ୍ରଣା କଥା କହୁ କହୁ ସତକୁ ସତ କାନ୍ଦି ପକାଏ । ଡାକ୍ତର ନିଜକୁ ଗୁରୁତ୍ୱହୀନ, କ୍ଷୁଦ୍ର ମନେ କରନ୍ତି ତା' ଆବେଶ ନିକଟରେ । ମନ ବୁଝିବାକୁ ଲେଖି ପକାନ୍ତି ଏଣୁ ତେଣୁ କିଛି ଇଞ୍ଜେକସନ, ଔଷଧ । ସେସବୁକୁ ଧରି ସେ ଧାଏଁ ଘରକୁ । ସତେ ବିଶଲ୍ୟକରଣୀ ରୂପକ ମହୌଷଧି ଗନ୍ଧମାର୍ଦ୍ଦନ ପର୍ବତରୁ ଆଣି ଆସିଛି ! ଡାକ୍ତରଙ୍କ କହିବାନୁଯାୟୀ ବାପାଙ୍କୁ ଔଷଧ ଦିଏ । ଭାବେ ଏଥର ବାପା ଟିକିଏ ଆରାମରେ ଶୋଇ ପଡନ୍ତେ ହେଲେ ! ବୋଉର ମନସ୍କାମନା ପୂରଣ ହୋଇ ଯାଆନ୍ତା ହେଲେ ।

ଦିନକୁ ଦିନ ଖରାପ ଆଡକୁ ଯାଉଥିଲା ବାପାଙ୍କ ଅବସ୍ଥା । ଜମି ବିକ୍ରି କରି ଟଙ୍କା ଯୋଗାଡ଼ କରିବାକୁ ବୋଉର ଆଶା ସେ ପର୍ଯ୍ୟନ୍ତ ପୂରଣ ହୋଇନଥିଲା । ବାପା ଖୋଜୁଛନ୍ତି କହି ବୋଉକୁ ଗାଁ ରୁ ଡକାଇ ନେଇ ଆସିଲା ସୁଜିତ । ବୋଉ ଅବଶ୍ୟ ଆଶା ବାନ୍ଧି ବସିଥିଲା ବାପା ଭଲ ହୋଇଯିବେ ବୋଲି । ତା ଉପବାସ, ବ୍ରତ, ମାନସିକ, ପ୍ରାର୍ଥନା ଉପରେ ତା'ର ଭରସା ଥିଲା ।ତା ଆରାଧ୍ୟ ଦେବତା ମାନଙ୍କ ଉପରେ ଥିଲା ବି ଅଖଣ୍ଡ ବିଶ୍ୱାସ । ସେ ଯେ ସଧବା ବେଶରେ ସଂସାରରୁ ବିଦାୟ ନେବ , ଅହର୍ନିଶି ଏତିକି ମାଗୁଣି ଥିଲା ତା'ର ଠାକୁରଙ୍କ ପାଖରେ କେଉଁ ଦିନରୁ ।

ବୋଉ ବିନା ପଇସା ଯୋଗାଡରେ ଗାଁ ରୁ ଆସିଲା ପରେ ବାପା ଆହୁରି ଭାଙ୍ଗି ପଡିଲେ । ସୁଜିତ ଯେ ପଇସା ପାଇଁ ବାର ଦୁଆର ହେଉଛି ବୁଝି ପାରୁଥିଲେ ବାପା । ଆଶା କ୍ରମଶଃ ହ୍ରାସ ପାଉଥିଲା ନିଜର ସଙ୍ଗୀନ ଅବସ୍ଥା ଦେଖି । ହେଲେ ବୋଉ କାଳ କଥା ନକହିବାକୁ ବାପାଙ୍କୁ ବାରମ୍ବାର ଅନୁରୋଧ କରୁଥିଲା ।

ସେଦିନ ରାତିରେ ବାପାଙ୍କ ଯନ୍ତ୍ରଣା ନୁହେଁ ବୋଉର କାନ୍ଦରେ ନିଦ ଭାଙ୍ଗିଲା ସୁଜିତର । ପ୍ରମାଦ ଗଣିଲା ସୁଜିତ ।ଯାଇ ଦେଖିଲା ବୋଉ ମଥାରେ ହାତ ଥୋଇଛନ୍ତି ବାପା । ବୋଧହୁଏ ସବୁ ସତକଥା ? କହି ଦେଇଛନ୍ତି ତା ଆଗରେ । ଭାଙ୍ଗି ଦେଇଛନ୍ତି ବୋଧହୁଏ ତା'ର ଧୈର୍ଯ୍ୟବନ୍ଧ ! ସୁଜିତ ଆଉ ଗଲାନି ସେମାନଙ୍କ ପାଖକୁ । ଫେରି ଆସିଲା ।ନିଜ ଭିତରେ ଉଦ୍ଗିରଣ ହେଉଥିବା କୋହକୁ ସମ୍ଭାଳି ପାରୁନଥିଲା ସେ । ମଥାରେ ପତ୍ନୀଙ୍କ ହାତ ସ୍ପର୍ଶ ତାକୁ ପ୍ରକୃତିସ୍ଥ କରିବାକୁ ଚେଷ୍ଟା କରୁଥିଲା ।

ସକାଳୁ ସୁଜିତ ଗଲା ସେ ରୁମକୁ । ବାପା ଶୋଇଛନ୍ତି ।

ବୋଉ ତାଙ୍କ ପାଦତଳେ ଲୋଟି ପଡିଥିଲା । ବାପାଙ୍କ ହାତରେ ବୋଉର ଦୁଇପଟ ଚୁଡ଼ି ଦେଖିଲା ସୁଜିତ । କାଳେ ବାପାଙ୍କ ନିଦ ଭାଙ୍ଗିବ ବୋଲି ବୋଉକୁ ଧିରେ ଡାକିଲା ସୁଜିତ । ବୋଉ ଶୁଣୁନି । ଆଉଥରେ ଡାକିଲା । ବୋଉ ଶୁଣୁନି । ଟିକେ ବଡ଼ ପାଟିରେ ଡାକିଲା । ବାପାଙ୍କ ନିଦ ଭାଙ୍ଗିଲା ସିନା ବୋଉ ନିଦ ଆଉ ଭାଙ୍ଗି ନଥିଲା । ବୋଉ ଆଉ ଇହ ଜଗତରେ ନଥିଲା ।

-' ଏଇ ଦୁଇ ପଟ ଚୁଡ଼ି ତୋ ବୋଉ କାଲି ରାତିରେ ମୋତେ ଦେଇଥିଲା ତୋ ପାଇଁ । ଟଙ୍କା ପାଇଁ ତୁ ଭାରି ହନ୍ତସନ୍ତ ହେଉଛୁ ବୋଲି ସେ ଭାରି ଦୁଃଖ କରୁଥିଲା ।' ବହୁତ କଷ୍ଟରେ ଏତିକି କହି ପାରିଲେ ବାପା । ଜୀବନ ନଈରେ ବିପଦ ବନ୍ୟାର ପ୍ରକୋପ ଆହୁରି ଦୁଃଖ ଦେବାକୁ ଯେମିତି ବଦ୍ଧପରିକର ହୋଇ ପ୍ରବାହିତ ହେଉଥିଲା । ନିୟତି ବିପକ୍ଷରେ ନିରୁପାୟ ସୁଜିତ ନିଜକୁ ପ୍ରବୋଧନା ଦେବାକୁ ଲୁହର ବନ୍ୟାରେ ଅବଗାହନ କରୁଥିଲା...।।

*ଆଳି, କେନ୍ଦ୍ରାପଡା*



## କବିତା ଗୁଚ୍ଛ

### ଶୀତ ଆମ ମିତ

ନଳିନୀ ଦାଶ

ହେମାଳ ପବନ ମାଡ଼ି ଆସିଲାଣି
ଧରାରେ ବଢ଼ିଛି ଶୀତ
ଶୀତର ପ୍ରକୋପେ ପାଣିତ କାକର
ଥରିଯାଏ ଦେହ ହାତ ।

ପକ୍ଷୀମାନେ ଉଠି ଗଛ ଡାଳେବସି
ଗାଇଲେଣି ମିଠା ଗୀତ
ହେମନ୍ତ କାକର କୁହୁଡ଼ିକୁ ଧରି
ଧରଣୀରେ ବିରାଜିତ ।

ସବୁ ଘରେ ଏବେ ଖୋଜା ପଡ଼ିଲାଣି
ଟୋପି ସାଲ୍ ସୁଏଟର
ସକାଳୁ ଚାଲିବା ପାଇଁ ଆମ ଅଜା
ହୋଇଲେଣି ତରତର ।

ସକାଳୁ ସକାଳୁ ଦେବ ମନ୍ଦିରରୁ
ଶୁଭିଲାଣି ଭାଗବତ
ସୂରୁଜ ସୁନେଲି କିରଣ ବୁଣିଲେ
ଧରା ହୁଏ ଆଲୋକିତ ।

ଶୀତର ପରଶେ ଗେଣ୍ଡୁ ମକଦଲ୍ଲୀ
ଗଛରେ ଗଲେଣି ଫୁଟି
ଗୋଲାପ ସେବତୀ ବାସନା ଛୁଟାଇ
ଚଉଦିଗ ଯାଏ ଛୁଟି ।

ଫଳ ପରିବାରେ ଭରା ହେଲା ଧରା
ଧାନରେ ଭରିଛି କ୍ଷେତ
ଜଗତର ହିତ ସାଧନ ପାଇଁକି
ଆସିଛି ପରାଏ ଶୀତ
ଘାସ ପତରରେ କାକର ଟୋପାଟି
ଟପ୍ ଟପ୍ ପଡେ ଖସି
ଥରିଥରି ଆଇ ନିଆଁ ଜାଳି ଦେଇ
ହାତ ସେକିଲାଣିବସି ।

ହିମ ପାହାଡ଼ରୁ ବରଫ ଅତଡା
ଖସି ହୁଏ ହିମପାତ
ହେମାଳ ବହୁଛି ଓଡ଼ିଶା ଥରୁଛି
ଦେହକୁ ଲାଗୁଛି ଶୀତ ।
ଉଠୁନାହିଁ କୁନା ପାଠ ପଢ଼ି ଯିବ
ଶୀତକୁ ଯାଇଛି ଡ଼ରି
ଶୀତ ଆମ ମିତ କରିବ ସେ ହିତ
କାମକର ଖୁସି ଭରି ।

*ଭିକାରିପଡା, ଶରଣକୁଳ, ନୟାଗଡ଼*
*ମୋ: ୯୨୩୮୯୯୬୭୪୯*

### ଅଳି

କୃଷ୍ଣପ୍ରିୟା ପଟ୍ଟନାୟକ

ଭାବରେ ବନ୍ଧା
ତୋ ଘର କାଳିଆରେ !
ଭାବରେ ବନ୍ଧା ତୋ ଘର,
ତୁ ନୁହେଁ କାହାର
କେହି ନୁହେଁ ତୋର
ତୋ ହାତେ ସବୁରି ଡୋର,
କାଳିଆରେ !

ଭାବରେ ବନ୍ଧା ତୋ ଘର ।
ରଷିଗଲେ ତୁ ପବନେ ପ୍ରଳୟ,
ତୋ ଲୁହ ଝରିଲେ ଜଳରେ ପ୍ରଳୟ,
ପାଦ କଚାଡିଲେ ପୃଥିବୀ ଅଥୟ,
ଖେଳୁ ତୁ ଅଖେଳ ଖେଳ,
କାଳିଆରେ !

ଭାବରେ ବନ୍ଧା ତୋ ଘର ।
ନିର୍ଲିପ୍ତ ଓଠରୁ ଝରୁଥାଏ ମହୁ,
ନିର୍ବିକାର ଭାବେ ସବୁ ଦେଖୁ ଥାଉ,
କାହାକୁ ହସାଉ କାହାକୁ କନ୍ଦାଉ
କରୁ ତୁ ସଂସାର ମୂଳ,
କାଳିଆରେ !

ଭାବରେ ବନ୍ଧା ତୋ ଘର
ତୋ ଇଚ୍ଛାରେ ମୁଁ ମାଟିର କଣ୍ଢେଇ,
କାହୁଁ ଆସି କାହିଁ ଯିବି ଜଣାନାହିଁ,
ଅରମା ଆଶାରେ ଜଂଜାଳ ଯୁଇରେ
ଜଳିବା କେବଳ ସାର,
କାଳିଆରେ !

ଭାବରେ ବନ୍ଧା ତୋ ଘର
ଦୁଃଖେ ବୁଡ଼ିଥିଲେ ତୁ ଥାଉ ପାଖରେ
ହଜାଏ ମୁଁ ତତେ ଟିକିଏ ସୁଖରେ
ହାତ ଧରି ମୋର ପାରିକରି ଦେ'
ଏ ମାୟା ଭବ ସାଗର,
କାଳିଆରେ !
ଭାବରେ ବନ୍ଧା ତୋ ଘର.... ।

*ବରମୁଣ୍ଡା ହାଉସିଙ୍ଗ ବୋର୍ଡ କଲୋନୀ, ଭୁବନେଶ୍ୱର -୩*
*ମୋ-୯୩୩୮୨୩୧୦୧୦*

### କିଛି କଥା ରହିଗଲା ବାକି

କହିବାର ଥିଲା ଅନେକ କଥା ଯେ
ଆଧାରେ ରହିଲା ତାହା
ନିରୋଳାରେ ଯଦି କେବେ
ଦେଖାହେବ
କହିବି ରହିଲା ଯାହା ।

ସବୁ କାନ ଖୋଲି ଶୁଣିବାକୁ ତୁମେ
ପ୍ରସ୍ତୁତ ହୋଇକି ଥାଅ
ହୃଦୟକୁ ନିଶ୍ଚେ ବାଧିବ ଜାଣିଛି
ଚାହେଁନା ମୁଁ ନିନ୍ଦା ପାଅ
ଚାହେଁନାହିଁ ପୁଣି ତୁମରି ମୁହଁରୁ
ଶୁଣିବାକୁ ପଦେ ଆହା ।

ଜାଣିଅଛି ମୁହିଁ ଶୁଣିବନି ତୁମେ
ମନଦେଇ ମୋର କଥା
ତଥାପି କହିବି ହୃଦୟକୁ ଖୋଲି
ଘୁରୁ ପଛେ ତୁମ ମଥା
ମଥା ଘୁରାଇଲେ ସାଥି ହୋଇ ଆମେ
ପିଇବା ଟିକିଏ ଚାହା ।
ଏହାପରେ ଆଉ ଯେତେ ଭେଟ
ହେବା
କଥା ଆମେ ହେବାନାହିଁ
କଦାପି ଥରଟେ ଭେଟ ହେବାପାଇଁ
କେବେ ରହିବାନି ଚାହିଁ
ନିଜ ସୁବିଧାରେ ନିଜର ବାଟରେ
ବାହିବା ସଂସାର ନାହା ।

*ନିରଞ୍ଜନ ସାହୁ*
*ନିହଲ ପ୍ରସାଦ , ଗଁଦିଆ ପାଟଣା*
*ଢେଙ୍କାନାଳ*
*ମୋ :୯୯୩୮୭୪୧୫୮୩*


A LEGEND
WHO LIVES ON



SURESH CHANDRA AGARWAL
1948 : 2020

*"In Memory of a life so beautifully lived...*
*a heart so deeply loved"*

*Throughout your life you have touched everyone with your warmth and benevolence. Your vision and expertise will inspire us forever. With deep reverence and unwavering love in our hearts, today on your*

*4th Death Anniversary*

*"We honor your memory with gratitude and carry your vision forward with respect."*

FONDLY REMEMBERED AND DEEPLY MISSED BY
FAMILY, FRIENDS, AND EMPLOYEES

Ajanta ADVERTISERS Leading Out-Of-Home Media Owner
TANISHA'S e-WORLD


Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ
Chief Editor: Pradosh Pattanaik



# ଆମ କଳାହାଣ୍ଡି




# ଶଗଡ଼ା ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ

ଭବାନୀପାଟଣା, (ଭାସ୍କର ନ୍ୟୁଜ): କଳାହାଣ୍ଡି ସଦର ବ୍ଲକ୍ ଅନ୍ତର୍ଗତ ଶଗଡା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ -୨୦୨୪ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି । କ୍ରୀଡ଼ା ଉତ୍ସବର ପ୍ରଥମ ଦିନରେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପସିଂ ରାଉତ ମୁଖ୍ୟ ଅତିଥି, ଶଗଡ଼ା ପଞ୍ଚାୟତର ସରପଞ୍ଚ ଗୋବିନ୍ଦ ନାଏକ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଆସନ୍ତ ନାଏକ, ସର୍ଗୀଗୁଡା କ୍ଲଷ୍ଟର ସିଆର୍‌ସିସି ମହମ୍ମଦ ଜାକିର ସମ୍ମାନୀତ ଅତିଥି ଓ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁକାନ୍ତ କୁମାର ସାହୁ ସଭାପତି ଭାବରେ ଯୋଗଦେଇ ବାର୍ଷିକ କ୍ରୀଡ଼ା ଉତ୍ସବର ଶୁଭ ଉଦ୍‌ଘାଟନ କରିଥିଲେ । ସ୍ଥାନୀୟ ଗ୍ରାମ ଦେବତୀଙ୍କ ପୀଠରୁ ଏକ ମଶାଲ ଶୋଭାଯାତ୍ରା ବାହାରି ବିଦ୍ୟାଳୟ ପରିସରରେ ପହଞ୍ଚିବା ପରେ ପରେ ପୂଜାର୍ଚ୍ଚନା କରାଯାଇ କ୍ରୀଡା ଉତ୍ସବ ଆରମ୍ଭ ହୋଇଥିଲା । ସିନିୟର, ଜୁନିଅର ଓ ସବ ଜୁନିୟର ଗ୍ରୁପରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଦ୍ୱିତୀୟ ଦିବସ ତଥା ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶୃଙ୍ଖଳା ଓ ଶିଶୁର ସର୍ବାଙ୍ଗୀନ ବିକାଶରେ କ୍ରୀଡାର ବିଶେଷତ୍ୱ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ । ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ଶ୍ରୀ ଚୋପଦାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନ୍ୟତମ ସମ୍ମାନିତ ଅତିଥି ଭାବରେ ଭବାନୀପାଟଣା ଗୋଷ୍ଠୀ ଶିକ୍ଷା ଅଧିକାରୀ ଆଚାରୀ ଶବର, ପୂର୍ବତନ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ମହେନ୍ଦ୍ର ପଣ୍ଡା, ଜନତା ଉଚ୍ଚ ବିଦ୍ୟାଳୟ ବୋର୍ଡାର ପ୍ରଧାନଶିକ୍ଷକ ପ୍ରକାଶ ନିଶଙ୍କ, ସମାଜସେବୀ ଗୋବର୍ଦ୍ଧନ ଦୋରା, ସିଆର୍‌ସିସି ମହମ୍ମଦ ଜାକିର ଯୋଗଦେଇ ଜଣେ ଜଣେ ଉତ୍ତମ କ୍ରୀଡ଼ାବିତ୍ ଭାବରେ ନିଜକୁ ଗଢି ତୋଳିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ପରେ ପରେ ବିଦ୍ୟାଳୟର ଶ୍ରେଷ୍ଠ କ୍ରୀଡ଼ାବିତ୍ ଭାବରେ ବାଳକ ବିଭାଗରୁ ନୀତିନ୍ ନାଏକ ଓ ବାଳିକା ବିଭାଗରୁ ଅନନ୍ତୀ ମାଝୀ ଏବଂ ବିଭିନ୍ନ ବିଭାଗରେ କୃତି ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥି ତଥା ଅନ୍ୟାନ୍ୟ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ସୁକାନ୍ତ କୁମାର ସାହୁ ସଭାପତିତ୍ୱ କରିଥିଲେ ଏବଂ ବରିଷ୍ଠ ଶିକ୍ଷକ ଯୁଧିଷ୍ଠିର ମୁଦୁଲି ମଞ୍ଚ ପରିଚାଳନା କରିଥିବା ବେଳେ କ୍ରୀଡ଼ା ଶିକ୍ଷକ ସୁନୀଲ କୁମାର ନାୟକ ଓ କିଆପଦର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଶୁଭମଜ୍ୟୋତି ରାଉତ ପ୍ରତିଯୋଗିତା ପରିଚାଳନା କରିଥିଲେ । ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ତଥା ଜୟାପ୍ରଦା ସେଠୀ, ମାନିନୀ ପୁଝାରୀ, ଶୈଳେନ୍ଦ୍ର କୁମାର ବାବୁ, ସରୋଜ କୁମାର ରାଉତ, କୌତୁକ ରଣା, ସୁଜାତା ପଟ୍ଟନାୟକ, ଜ୍ୟୋତ୍ସ୍ନାରାଣୀ ସାହୁ, ମଧୁସ୍ମିତା ପଣ୍ଡା, ବିଭୀଷଣ ନାଗ,ଗଜେନ୍ଦ୍ର ମାଝୀ, ସ୍ନିଗ୍ଧା ବୁଦ୍ଧିଆ, ରାଧା ସ୍ୱାଇଁ, ମନୀଷା ମାଝୀ ସହଯୋଗ କରିଥିଲେ ।



## ନର୍ଲାରେ ଖୋଲିଲା ଧାନମଣ୍ଡି

ନର୍ଲା, (ଭାସ୍କର ନ୍ୟୁଜ): କିଛି ଦିନ ହେଲା ରାଜ୍ୟ ଓଡ଼ିଶାର ବିଭିନ୍ନ ସ୍ଥାନରେ ମଣ୍ଡି ଖୋଲି ଧାନ କିଣା ଆରମ୍ଭ ହୋଇଥିବା ବେଳେ କଳାହାଣ୍ଡି ଜିଲ୍ଲାର ନର୍ଲା ସହରରେ ମଧ ଧାନ ମଣ୍ଡି ଖୋଲି ଧାନ କିଣା ଆରମ୍ଭ ହୋଇଥିବା ଦେଖିବାକୁ ମିଳିଛି । ମୁଣ୍ଡ ଝାଳ ତୁଣ୍ଡରେ ମାରି, ଅକ୍ଳାନ୍ତ ପରିଶ୍ରମ ପରେ ଧାନ ଅମଳ କରିଛି ଚାଷୀ । ସେହି ଧାନକୁ ମଣ୍ଡିରେ ବିକିବା ପାଇଁ ଅପେକ୍ଷା କରିଥିଲା, ତାର ଅପେକ୍ଷାର ଅନ୍ତ ଘଟିଛି । ନର୍ଲାରେ ମଧ ମଣ୍ଡି ଖୋଲି ଧାନ କିଣା ଆରମ୍ଭ ହୋଇଥିବା ବେଳେ ନୂତନ ସରକାରଙ୍କ ଘୋଷଣା ଅନୁସାରେ ପୂର୍ବରୁ ପାଉଥିବା ୨୩୦୦ ଟଙ୍କା ସହିତ ବୋନସ୍ ୮୦୦ ଟଙ୍କା ମିଶାଇ ୩୧୦୦ ଟଙ୍କା ପାଇବା ଆଶା ନେଇ ମଣ୍ଡିକୁ ଧାନ ଆଣିଛି ଚାଷୀ । ପ୍ରଥମ ଦିନରେ ଜଣେ ମାତ୍ର ଚାଷୀଙ୍କଠାରୁ ୧୫ କ୍ୱିଣ୍ଟାଲ ୭୫ କେଜି ଧାନ କିଣା ଯାଇଥିବା ସୂଚନା ମିଳିଛି । ଏହି ଧାନକୁ ରୁପ୍ରାରୋଡ୍‌ର ରାମାନୁଜ ଏଗ୍ରୋ କିଣି ଥିବା ଜଣାପଡି ଥିବାବେଳେ କଟନି ଛଟନିକୁ ନେଇ ଚାଷୀ ଦ୍ୱନ୍ଦରେ ପଡ଼ିଥିବା ପ୍ରକାଶ କରିଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନର୍ଲା ବ୍ଲକ୍ ପ୍ରଶାସନ ତରଫରୁ ନର୍ଲା ବିଡ଼ିଓ ବିପିନ୍ ବିହାରୀ ଦିପ ଯୋଗ ଦେଇଥିବା ବେଳେ ପେକ୍ସ ସଭାପତି ମଞ୍ଜୁଲତା ଗଉଡ ତହସିଲଦାର ବେଲଦେବ ବେହେରା, କୃଷି ଅଧିକାରିଣୀ ହେମଲତା ଦିପ୍, ପ୍ୟାକ୍ସର ଭାରପ୍ରାପ୍ତ ସମ୍ପାଦକ ଲବ ସା, ଯୋଗାଣ ଅଧିକାରୀ ପ୍ରଶାନ୍ତ ହରିଚନ୍ଦନଙ୍କ ସହିତ ଶତାଧିକ ଚାଷୀ ଉପସ୍ଥିତ ଥିଲେ ।

## ଜନଜାତି ଯୁବ ଆଦାନ ପ୍ରଦାନ କାର୍ଯ୍ୟକ୍ରମ

# ୪୦ ଯୁବକ-ଯୁବତୀଙ୍କ ବିଶାଖାପାଟଣା ଯାତ୍ରା



ଭବାନୀପାଟଣା, (ଭାସ୍କର ନ୍ୟୁଜ): ସ୍ଥାନୀୟ ଅଟାଙ୍ଗଗୁଡ଼ାଠାରେ ଥିବା କଳାହାଣ୍ଡି ଜିଲ୍ଲା ୬୪ ବାଟାଲିୟନ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ କ୍ୟାମ୍ପ ପରିସରରେ ୧୭ତମ ଜନଜାତି ଯୁବ ଆଦାନପ୍ରଦାନ କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟ ଯାତ୍ରାର ଶୁଭାରମ୍ଭ ହୋଇଛି । କେନ୍ଦ୍ର ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟର ନେହେରୁ ଯୁବ କେନ୍ଦ୍ର ମାଇଁ ଭାରତ କଳାହାଣ୍ଡି ଶାଖା ଏବଂ ୬୪ ବାଟାଲିୟନ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ ପକ୍ଷରୁ ଆୟୋଜିତ ଏହି ଯୁବ ବିନିମୟ କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲ୍ଲାର ମଦନପୁର ରାମପୁର ବ୍ଲକର ମାଓପ୍ରବଣ ବିଭିନ୍ନ ଅଞ୍ଚଳରୁ ୪୦ ଜଣ ଯୁବକ ଯୁବତୀ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାକୁ ଯାତ୍ରା କରିଛନ୍ତି । ସେଠାରେ ଚଳିତ ମାସ ୧୨ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଏକ ଯୁବ ଶିବିରରେ ସେମାନେ ଯୋଗଦେବେ । ଶିବିରରେ ଅନ୍ୟାନ୍ୟ ରାଜ୍ୟର ଜନଜାତି ଯୁବକ ଯୁବତୀମାନେ ଅଂଶଗ୍ରହଣ କରିବେ ବୋଲି ଜଣାପଡ଼ିଛି । କଳାହାଣ୍ଡି ଜିଲ୍ଲାରୁ ଯାଉଥିବା ଏହି ଜନଜାତିର ଯୁବଗୋଷ୍ଠୀଙ୍କ ଯାତ୍ରାର ଶୁଭାରମ୍ଭ କରିବା ନିମନ୍ତ ସ୍ଥାନୀୟ ସିଆର୍‌ପିଏଫ୍ କ୍ୟାମ୍ପ୍ ଅଟାଙ୍ଗଗୁଡ଼ା ଠାରେ ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏଥିରେ କଳାହାଣ୍ଡି ୬୪ବାଟାଲିୟନ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ ସେକେଣ୍ଡ କମାଣ୍ଡେଣ୍ଟ ପି.କେ.ମିଶ୍ର, ଉପ କମାଣ୍ଡେଣ୍ଟ ସଚ୍ଚିଦାନନ୍ଦ ପାତ୍ର ତଥା ନେହେରୁ ଯୁବ କେନ୍ଦ୍ରର ଜିଲ୍ଲା ଯୁବଅଧିକାରୀ ପ୍ରସନ୍ନ କୁମାର ମେହେର ପ୍ରମୁଖ ଯୋଗଦେଇ ଶିବିରର ବିଭିନ୍ନ କାର୍ଯ୍ୟକ୍ରମରେ କିଭଳି ଭାବେ ଶାନ୍ତିଶୃଙ୍ଖଳା ରକ୍ଷା କରି ଜିଲ୍ଲାର କଳା ସଂସ୍କୃତିକୁ ପରିବେଷଣ କରି କଳାହାଣ୍ଡି ମାଟିକୁ ସୁନାମ ଆଣିପାରିବେ ସେ ନେଇ ବିଭିନ୍ନ ସୂଚନା ଦେଇଥିଲେ । ପରେ ପରେ ୬୪ ସିଆର୍‌ପିଏଫ୍ ସେକେଣ୍ଡ କମାଡେଣ୍ଟ ଶ୍ରୀ ମିଶ୍ର ସବୁଜ ପତାକା ଦେଖାଇ ଏହି ଯାତ୍ରାର ଶୁଭାରମ୍ଭ କରିଥିଲେ । ଏହି ଜନଜାତି ଯୁବକଯୁବତୀଙ୍କ ସହିତ ଏସକର୍ଟ ଭାବେ ହେଡ କନେଷ୍ଟବଳ ପି. ପେରୁମଲ, କନେଷ୍ଟବଳ ଭି.ବସୁ, ମହିଳା ହେଡ୍ କନେଷ୍ଟବଳ ରିନାକ୍ଷୀ ମହାନ୍ତି ଓ ମହିଳା କନେଷ୍ଟବଳ ସେକ୍ ହାସିନା ବି. ମଧ ବିଶାଖାପାଟଣା ଯାତ୍ରା କରିଛନ୍ତି ।

## ଦଣ୍ଡପାଟ ଧନୁଯାତ୍ରାର ଶୁଭସ୍ତମ୍ଭ ସ୍ଥାପନ

ଧର୍ମଗଡ଼, (ଭାସ୍କର ନ୍ୟୁଜ): ଆଉ ମାତ୍ର କେଇଟା ଦିନ ପରେ ଦଣ୍ଡପାଟ ଧନୁଯାତ୍ରା ଉତ୍ସବ ଅନୁଷ୍ଠିତ ହେବ । ଏବେ ଠୁ ଲୋକଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି । ଏହି ପରିପ୍ରେକ୍ଷୀରେ ବେହେରା ହାଇସ୍କୁଲ ପଡ଼ିଆରେ ତାର ଶୁଭସ୍ତମ୍ଭ ଶୁକ୍ରବାର ଦିନ ସ୍ଥାପନ ହୋଇଯାଇଛି । କର୍ତ୍ତା ଭାବେ ଈଶ୍ୱର ବାଣୁଆ ଓ ନନ୍ଦିନୀ ବାଣୁଆ ତୁଲାଇଥିବା ବେଳେ ପୂଜକ ମୋହନ ତିୱାରୀ ବିଧିବଦ୍ଧ ରୀତିନୀତି



ଅନୁଯାୟୀ ପୂଜାର୍ଚ୍ଚନା ସହ ଖମ୍ବ ସ୍ଥାପନ କରିଥିଲେ । ଆସନ୍ତା ୨୫ତାରିଖରୁ ୭ଦିନ ପର୍ଯ୍ୟନ୍ତ ଏହି ଯାତ୍ରା ଚାଲୁ ରହିବ । ଧନୁଯାତ୍ରା ପାଇଁ ହାଇସ୍କୁଲ ପଡ଼ିଆରେ ମଥୁରା ନଗରୀ ଓ ମଝିରପଡାକୁ ଗୋପପୁର ଭାବେ ସୁସଜିତ ବ୍ୟବସ୍ଥା କରାଯାଇଛି । ଚଳିତ ବର୍ଷ ଗୋପାଳ ପଣ୍ଡା କଂସ ଭୂମିକାରେ ରହିଥିବା ବେଳେ ମୁଖ୍ୟ ଆକର୍ଷଣ ଭାବେ ସିନେମା କଳାକାର ଓ ନେତା, ମନ୍ତ୍ରୀଙ୍କୁ ଆମନ୍ତ୍ରଣ କରିବା ବ୍ୟବସ୍ଥା କମିଟି ହାତକୁ ନେଇଛି । ଦଣ୍ଡପାଟ ଅଞ୍ଚଳରେ ୭ଦିନ ଧରି କଂସ ରାଜୁତି ଚାଲିବ । ଅଞ୍ଚଳର ବହୁ ସମସ୍ୟା ମଞ୍ଚରେ ଉପସ୍ଥାପନ ହେବ । ଏଥିସହ କଳାକାରଙ୍କ ଜୀବନ୍ତ କଳା ପରିବେଷଣ ବେଶ ଦର୍ଶକଙ୍କୁ ଆକୃଷ୍ଟ କରି ରଖିପାରିବ ବୋଲି କମିଟି ଆଶା ରଖିଛି । ଶୁଭସ୍ତମ୍ଭ ସ୍ଥାପନ ଅବସରରେ ଧନୁଯାତ୍ରାର ସଭାପତି ବିନ୍ଦୁସାର ବିଶି , ଭବେଶ ଗଏନ୍ତା, ଉପେନ୍ଦ୍ର ନାଏକ, ବାଳକୃଷ୍ଣ ବିଶି, ଗୁଣନିଧି ନାଗ, ହୁକିମ ବିଶି, ପିକ ବିଶି, ଭବାନୀ, ଅଭୟ, ସୋମନାଥ ବିଶି, ସୁକଲୁ ପଟେଲ, ତପୁ ନାଏକ, ବଳରାମ ପୁଝାରୀ ସମେତ କମିଟିର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ଉପସ୍ଥିତ ରହିଥିଲେ ।

# ପଶୁ-ପକ୍ଷୀଙ୍କ ପ୍ରେମରେ ବନ୍ଧା ସଞ୍ଜୀବ

ଧର୍ମଗଡ଼, (ଭାସ୍କର ନ୍ୟୁଜ): ମଣିଷ ପାଖରେ ପ୍ରେମ ସଂଜ୍ଞା ବେକାବୁ ହୋଇପଡିଛି । ଭଲ ପାଇବା ବିଶେଷତ୍ୱ ହରାଇ ବସିଥିବା ବେଳେ ପଶୁ ପକ୍ଷୀଙ୍କ ଠାରୁ କିଛି ଶିଖିବା ଆବଶ୍ୟକ ବୋଲି ବିଶିଷ୍ଟ ପଶୁପକ୍ଷୀ ପ୍ରେମୀ ମତ ପ୍ରକାଶ କରିଛନ୍ତି । ବର୍ତ୍ତମାନ ଯୁଗରେ ମଣିଷ ବିଶ୍ୱସ୍ତ ହରାଇ ବସିଥିବା ବେଳେ ପଶୁପକ୍ଷୀ କିନ୍ତୁ ଅତି ବିଶ୍ୱାସୀ ହେବାରେ ସମର୍ଥ ହୋଇଛି । ଏଭଳି ବିରଳ ଦୃଶ୍ୟ ଧର୍ମଗଡ଼ ବ୍ଲକ ପର୍ଲା ଗ୍ରାମର ସଞ୍ଜୀବ ପୁରୋହିତ ପ୍ରମାଣିତ କରିଛନ୍ତି । ବୁଲା କୁକୁର ତାଙ୍କ ଭଲ ପାଇବା ଆଗରେ ଡୋରି ବାନ୍ଧିଛନ୍ତି । ଗାଁରେ ଥିବା ଏକ ଚା’ ଦୋକାନକୁ ରାତି ପାହିଲେ ଘରୁ ବାହାରି ପଡନ୍ତି । ଠିକ୍ ଏତିକି ବେଳକୁ ସତେ ଯେମିତି ବୁଲା କୁକୁରପଲ ତାଙ୍କ ବାଟକୁ ଅନାଇ ବସିଥାନ୍ତି । ଛୁଟି ଆସନ୍ତି ତାଙ୍କ ନିକଟକୁ । ସେ ବି ଶ୍ରଦ୍ଧାରେ କାହାକୁ ଲକ୍ଷ୍ମୀ, ଜଗନ୍ନାଥ, ଠାକୁରାଣୀ, ସୁଭଦ୍ରା ଡାକନ୍ତି ତ କାହାକୁ ସାଗର, ଭକ୍ତ ବିମଳା ଡାକି ସ୍ନେହ କରନ୍ତି । ଦୋକାନରୁ କିଛି ବିସ୍କୁଟ୍ କିଣି ଖାଇବାକୁ ଦିଅନ୍ତି । ଖୁସି ଆନନ୍ଦରେ ତାଙ୍କ ହାତରୁ କୁକୁରପଲ ଖାଆନ୍ତି । ଖାଇସାରିବା ପରେ କୁକୁରମାନଙ୍କୁ ଯାଅ ନିଜ ନିଜ ବାଟରେ ଯିବାକୁ ଇସାରା କରି ମୁଁ ଗାଧେଇବାକୁ ଯାଉଛି । କହିବା ମାତ୍ରେ ସମସ୍ତେ ଯିଏ ଯାହା ଆଡେ ଯାଆନ୍ତି । ସେ କହିବା ଅନୁଯାୟୀ ତାଙ୍କର ଖଣ୍ଡେ



ମେକାନିକ ଦୋକାନ ଅଛି । ତମାମ ରାତି ସାରା ସେ ଦୋକାନରେ କୁକୁରମାନେ ପହଁରା ଦେଇଥାନ୍ତି । ଥରେ ଜଣେ ଲୋକ ଦୋକାନ ବାହାରି ପଡିଥିବା ଏକ ଛୋଟ ଜିନିଷ ନେବାକୁ ଉଦ୍ୟମ କରିଥିବା ବେଳେ କୁକୁରମାନେ ନେବାକୁ ଦେଇନଥିଲେ । ସେଭଳି ଜଣେ ଲୋକର ମଟର ସାଇକେଲ ବିଳମ୍ବିତ ରାତିରେ ପଞ୍ଚର ହେବାରୁ ଦୋକାନ ପାଖରେ ଗାଡ଼ି ରଖିଥିଲେ । ଏହା ଦେଖି କୁକୁରପଲ ତାଙ୍କ ଘର ଦାଣ୍ଡରେ ଭୋକିବାକୁ ଲାଗିଥିଲେ । ସେ ଉଠି ପଡ଼ିବା କ୍ଷଣି କୁକୁରମାନେ ତାଙ୍କ ପିନ୍ଧିଥିବା ଗାମୁଛାକୁ ତୁଣ୍ଡରେ ପକେଇ ଦୋକାନ ପାଖକୁ ଟାଣି ଟାଣି ଆଣିଥିଲେ । ସେ ଦିନରୁ ସେହି କୁକୁରମାନଙ୍କ ପ୍ରତି ତାଙ୍କର ସ୍ନେହ ଶ୍ରଦ୍ଧା ବଢ଼ିଯାଇଥିଲା । ମଣିଷ ଅପେକ୍ଷା କୁକୁର ପ୍ରତି ତାଙ୍କ ବିଶ୍ୱାସ ଖୁବ୍ ବେଶୀ ବୋଲି କହିଛନ୍ତି ।

# ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ

ଧର୍ମଗଡ଼, (ଭାସ୍କର ନ୍ୟୁଜ): ସ୍ଥାନୀୟ ଧର୍ମଗଡ଼ ସ୍ନାତକ ମହିଳା ମହାବିଦ୍ୟାଳୟ ଠାରେ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ପ୍ରାୟୋଜିତ ଛାତ୍ରୀମାନଙ୍କ ପାଇଁ ଉଦ୍ଦିଷ୍ଟ ୨୦ ଦିନଧରି ଆୟୋଜିତ ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି । କାର୍ଯ୍ୟକ୍ରମର ଅଧକ୍ଷା ମୂର୍ତ୍ତି ମଞ୍ଜରୀ ପଣ୍ଡା ସଭାପତିତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ କଲେଜ ପରିଚାଳନା କମିଟି ସଦସ୍ୟ ତଥା ଅବସରପ୍ରାପ୍ତ ବ୍ୟାଙ୍କ୍ ମୁଖ୍ୟପ୍ରବନ୍ଧକ ରଫିଉଦ୍ଦିନ୍ ଖାନ୍ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ଉଦ୍‌ଯାପିତ ସଭାରେ ଉପସ୍ଥିତ ଛାତ୍ରୀମାନଙ୍କୁ ଆଜିର ସମୟରେ ଆତ୍ମ ସୁରକ୍ଷା କୌଶଳ ଉପଯୋଗ କରି କିପରି ନିଜର ଆତ୍ମ ସୁରକ୍ଷା ସହ ନିଜ ପରିବାରର ତଥା




ଦେଶର ବିକାଶରେ ସହଭାଗୀ ହେବେ ସେଥିପାଇଁ ଅଧକ୍ଷା ମହୋଦୟା ଓ ମୁଖ୍ୟ ଅତିଥି ଦୁହେଁ ମାର୍ଗଦର୍ଶନ କରିଥିଲେ । କାର୍ଯ୍ୟକ୍ରମର ସଂଯୋଜକ ଅଧ୍ୟାପକ ସରୋଜ କୁମାର ମେହେର, ସହ ସଂଯୋଜିକା ଅଧ୍ୟାପିକା ଜୟନ୍ତୀ କୁମାରୀ ମୁଦୁଲି, ଅର୍ଚ୍ଚନା ଗୁଛି, ଲକ୍ଷପତି ନାଏକ, ହିମାଂଶୁ ସା, ଫୁଲ ହରିଜନ ପ୍ରମୁଖ ସହଯୋଗ ପ୍ରଦାନ କରିଥଲେ । ମାଷ୍ଟର ଟ୍ରେନର ମାଳତୀ ପଟେଲ, ଜଳି ପରାଭୋଏ, ଶିବାନୀ ଭାଟି ଓ ଧନିକା ନାଏକ ଏବଂ ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ତାଲିମ ସମ୍ପର୍କିତ ମାନପତ୍ର ପ୍ରଦାନ କରାଯାଇଥିଲା ।

## ଏବିଭିପି ପକ୍ଷରୁ ସମରସତା ଦିବସ

ଭବାନୀପାଟଣା, (ଭାସ୍କର ନ୍ୟୁଜ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ନଗର ପକ୍ଷରୁ ସ୍ଥାନୀୟ ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ୟୁଜି ଏବଂ ପିଜି କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ବାବା ସାହେବ ଆମ୍ବେଦକରଙ୍କର ପୁଣ୍ୟତିଥି ତଥା ସାମାଜିକ ସମରସତା ଦିବସ ପାଳିତ ହୋଇଥିଲା । ଆମ୍ବେଦକରଙ୍କ ଆଦର୍ଶ ଓ ବ୍ୟକ୍ତିତ୍ୱକୁ ସମ୍ମାନ ଜଣାଇ ସମସ୍ତ ଶିକ୍ଷାର୍ଥୀଙ୍କୁ ସଚେତନତା ବାର୍ତ୍ତା ଦିଆଯାଇଥିଲା । ଏହି ଅବସରରେ ଏକ ସୁସ୍ଥ, ସମୃଦ୍ଧ ତଥା ଦୁର୍ନୀତିମୁକ୍ତ ସମାଜ ଗଠନ କରିବା ପାଇଁ ଛାତ୍ରଛାତ୍ରୀମାନେ ସଂକଳ୍ପ ନେଇଥିଲେ । ଏହି କାର୍ଯ୍ୟକ୍ରମରେ ମହେଶ ସାଗର, ହିତେଶ କୁମାର ସାହୁ, ପ୍ରେମ କୁମାର, ପଲକ ଫାଡ୍‌ନି, ସୌମ୍ୟରଞ୍ଜନ ପଣ୍ଡା, ଆୟୁଷ ମହାନ୍ତି, ଆୟୁଷ ବେହେରା, ଅସିତ୍ ମହାନ୍ତି, ନିଖିଲ ଗୌଡ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

## ପିକନିକ୍ ଋତୁ ଆରମ୍ଭ

# ଡୋକରୀ ଚଞ୍ଚରାରେ ଜମୁଛି ପର୍ଯ୍ୟଟକଙ୍କ ଭିଡ଼

କୋକସରା, (ଭାସ୍କର ନ୍ୟୁଜ): ଟିକେ ବିଳମ୍ବରେ ଶୀତ ଫେରିଛି, ହେଲେ ବି କିଛି ଦିନ ହେଲା ଶୀତର ପ୍ରକୋପ ବୃଦ୍ଧି ପାଇବା ସହ ଘନ କୁହୁଡ଼ି ଲାଗି ରହିଛି । ନିଜ ପ୍ରୀୟଜନଙ୍କୁ ସାଙ୍ଗରେ ଧରି ବିଭିନ୍ନ ସ୍ଥାନ ବୁଲିବା ସହିତ ମନଖୁସି କରିବା ପାଇଁ ପରିଭ୍ରମଣକୁ ଆପଣେଇଛନ୍ତି ଲୋକେ । ଏମିତିରେ ଏବେ ପିକନିକ୍ ଋତୁ ମଧ ଆରମ୍ଭ ହୋଇଛି । ତେବେ କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଖଲିଗଡ଼ ସାହାଜଖୋଲ ସଂରକ୍ଷିତ ଜଙ୍ଗଲ ପାଦଦେଶରେ ରହିଥିବା ପ୍ରାକ୍ ଐତିହାସିକ ଯୁଗର ସ୍ୱାକ୍ଷର ବହନ କରୁଥିବା ପ୍ରାକୃତିକ ଶୋଭାରାଜିରେ ଭରପୁର ପର୍ଯ୍ୟଟନସ୍ଥଳୀ ଗୁଡ଼ହାଣ୍ଡି ଡୋକରୀ ଚଞ୍ଚରାରେ ଏବେ ପିକନିକ୍ ପାର୍ଟିର ଭିଡ଼ ଜମିବାରେ ଲାଗିଛି । ଏହି ପର୍ଯ୍ୟଟନ ସ୍ଥଳୀରେ ଗୁଡ଼ହାଣ୍ଡିର ହଜାର ହଜାର ବର୍ଷ ତଳର ଶିଳାଲିପି, ପ୍ରାକୃତିକ ବିଭବ, ଗୁମ୍ଫା, ଶ୍ରୀରାମ ମନ୍ଦିର ସହ ଦୁଇ ଜଳପ୍ରପାତ ଡୋକରୀଦର ଓ ଭୈଁରାଘୁମର, ହଲଦିଗୁଣ୍ଡି, ପୂନ୍ୟକୁଣ୍ଡ ସହ ଜଳପ୍ରପାତର ଦୃଶ୍ୟ ସାଙ୍ଗକୁ ଚାରିଆଡ଼େ ବେଷ୍ଟିତ ପାହାଡ଼ର ମନୋରମା ଦୃଶ୍ୟ ବର୍ଷ ବର୍ଷ ଧରି ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ର ରହିଆସିଛି । ଚଳିତ ବର୍ଷ ଡିସେମ୍ବର ମାସ ଆରମ୍ଭରୁ ବଣଭୋଜି ପାଇଁ ଏହି ସ୍ଥାନ ପର୍ଯ୍ୟଟକଙ୍କ ଆସର ଜମିବାରେ ଲାଗିଛି । ପର୍ଯ୍ୟଟନ ସ୍ଥଳୀର ଦକ୍ଷିଣ-ପଶ୍ଚିମ ଦିଗରେ ପ୍ରାୟ ୨ କିମି. ଦୂରରେ ଭୈଁରାଘୁମର ଝରଣା ରହିଥିବାବେଳେ ଏହି ଝରଣାର ଭୟଙ୍କର ଦୃଶ୍ୟ ପ୍ରାୟ ୨ଶହ ଫୁଟ୍‌ରୁ ଊର୍ଦ୍ଧ୍ୱ ହେବ ବୋଲି ଆକଳନ




କରାଯାଇଛି । ଏଠାରେ ଶହସ୍ର ମଧୁମକ୍ଷିଙ୍କ ଫେଣ, ଜଙ୍ଗଲି ପକ୍ଷୀମାନଙ୍କ ମନମତାଣିଆ ସ୍ୱର, ଚାରିଆଡ଼େ ବେଷ୍ଟିତ ପାହାଡ଼ର ମନୋରମ ଦୃଶ୍ୟ ସାଙ୍ଗକୁ ଦେଖିବାକୁ ମିଳେ ଅନେକ ଛୋଟ ଛୋଟ ଝରଣାରେ କୁଳୁକୁଳୁ ହୋଇ ବୋହି ଯାଉଥିବା ଜଳରାଶି । ସେହିପରି ମନ୍ଦିର ପରିସରରେ ରହିଛି ଡୋକରୀ ଚଞ୍ଚରା ଏକ ପଥର ଶଯ୍ୟା । ପଥର ଶଯ୍ୟାରେ ଲାଗିକି ରହିଛି ଆଉ ଏକ ଜଳପ୍ରପାତ ଡୋକରୀଦର । ତା’ ସହିତ ବହୁ ଆକର୍ଷଣୀୟ ସ୍ଥାନ ରହିଥିବାବେଳେ ଏହାର ଚତୁଃପାର୍ଶ୍ୱରେ ବଣ ପାହାଡ଼ ଘେରା ପ୍ରାକୃତିକ ସୌନ୍ଦର୍ଯ୍ୟ ପରିପୂର୍ଣ୍ଣ ହୋଇରହିଛି । ବର୍ଷସାରା ଏହି ପର୍ଯ୍ୟଟନସ୍ଥଳୀ ଦେଖିବା ପାଇଁ ହଜାର ହଜାର ପର୍ଯ୍ୟଟକ ଛୁଟିଆସିଥାନ୍ତି । ପ୍ରତି ବର୍ଷ ଏଠାରେ ଚୈତ୍ରା ମାସରେ ୯ ଦିନ ଧରି ଶ୍ରୀରାମ ନବମୀ ଓ ଗୁଡ଼ହାଣ୍ଡି ମହୋତ୍ସବ ଲାଗିଥାଏ । ସେହି ସମୟରେ ଜିଲ୍ଲା ତଥା ରାଜ୍ୟ ବାହାରରୁ ହଜାର ହଜାର ଲୋକଙ୍କ ସମାଗମ ହୋଇଥାଏ । ଶୀତ ଋତୁରେ ଏଠାରେ ବଣଭୋଜି କରିବା ପାଇଁ ହଜାର ହଜାର ପର୍ଯ୍ୟଟକଙ୍କ ଭିଡ ଲାଗି ଥିବାବେଳେ ଏଠାକାର ମନରୋମ ଦୃଶ୍ୟକୁ ଉପଭୋଗ କରିବା ପାଇଁ ସକାଳୁ ସନ୍ଧ୍ୟା ଯାଏ ପ୍ରକୃତି ପ୍ରେମୀଙ୍କ ଭିଡ଼ ଜମିଥାଏ । ଏଠିକାର ଜଙ୍ଗଲ ପରିବେଷ୍ଟିତ ଶାନ୍ତ ଓ ସବୁଜ ପରିବେଶରେ ପିକ୍‌ନିକ୍ କରିବାରେ ନିଆର ଅନୁଭୂତି ମିଳିଥାଏ ବୋଲି ପର୍ଯ୍ୟଟକମାନେ କୁହନ୍ତି । ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟ ସାଙ୍ଗକୁ କୃତ୍ରିମ କାରୁକାର୍ଯ୍ୟ ଏବେ ପର୍ଯ୍ୟଟନଙ୍କ ମନକୁ ବେଶ୍ ଛୁଇଁ ପାରିଛି । ପାହାଡ଼ର ଛାତିଚିରି ପ୍ରଭାହିତ ହେଉଥିବା ଭୈଁରାଘୁମର ଓ ଡୋକରୀଦର ଜଳପ୍ରପାତର ସୁନ୍ଦର ଦୃଶ୍ୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ସହ ରାଜ୍ୟ ସରକାର ଓ ପର୍ଯ୍ୟଟନ ବିଭାଗର ଅନୁଦାନରୁ ହୋଇଥିବା ମନଲୋଭା କାରୁକାର୍ଯ୍ୟ ଏଠାକାର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିପାରିଛି । ଚଳିତବର୍ଷ ପର୍ଯ୍ୟଟନ ଋତୁ ଆରମ୍ଭ ହୋଇଥିବାବେଳେ ପ୍ରାରମ୍ଭରୁ ହିଁ ଭିଡ଼ ଜମିବାରେ ଲାଗିଛି । ଏଣେ ଏହି ଐତିହାସିକ ପର୍ଯ୍ୟଟନସ୍ଥଳୀ ପର୍ଯ୍ୟଟକଙ୍କ ସ୍ୱାଗତ ନିମନ୍ତେ ସଜେଇ ହୋଇ ନଜରକୁ ଆସିଛି । ତେବେ ଆଗକୁ ହଜାର ହଜାର ଲୋକଙ୍କ ସମାଗମ ହେବ ବୋଲି ଆକଳନ କରାଯାଇଥିବା ବେଳେ ପର୍ଯ୍ୟଟନ ସ୍ଥଳୀର ସ୍ୱଚ୍ଛତା ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପର୍ଯ୍ୟଟକମାନେ ଦାବି କରିଛନ୍ତି ।

## ରାଶିଫଳ

ରବିବାର, ୮ ଡିସେମ୍ବର ୨୦୨୪



**ମେଷ:** ମୂଲ୍ୟବାନ ଜିନିଷକୁ ସୁରକ୍ଷିତ ରଖନ୍ତୁ । ଗୃହିଣୀମାନେ ଅତିରିକ୍ତ ଯତ୍ନବାନ ହେବା ଉଚିତ୍ । ରୋଷେଇ ଘରେ ଆଘାତ ହୋଇପାରେ । ବ୍ୟବସାୟ ଭଲ ହେବ । ଆୟ ଜାରି ରହିବ । ଯାନ ଏବଂ ଯନ୍ତ୍ରର ବ୍ୟବହାରରେ ସତର୍କ ରୁହନ୍ତୁ ।



**ବୃଷ:** ବ୍ୟବସାୟ ଲାଭଦାୟକ ହେବ । ଚାକିରିରେ ଶାନ୍ତି ରହିବ । ଟଙ୍କା ପାଇବା ସହଜ ହେବ । ଘରୋଇ କାର୍ଯ୍ୟ ଠିକ୍ ସମୟରେ କରାଯିବ । ଆଜି ଶାନ୍ତି ଏବଂ ସୁଖ ରହିବ । ଥକ୍କା ଏବଂ ଦୁର୍ବଳତା ଦେଖାଯିବ । ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇବ ।



**ମିଥୁନ:** ଜମି କ୍ରୟ ଏବଂ ବିକ୍ରୟ ପାଇଁ ଏକ ଯୋଜନା ପ୍ରସ୍ତୁତ ହେବ । ସେଠାରେ ବହୁତ ଲାଭ ଅଛି । ଆପଣ ପରୀକ୍ଷା ଏବଂ ସାକ୍ଷାତକାରରେ ସଫଳତା ପାଇବେ । ରୋଜଗାର ପାଇବା ପାଇଁ ପ୍ରୟାସ ସଫଳ ହେବ । ବ୍ୟବସାୟ ଲାଭଦାୟକ ହେବ ।



**କର୍କଟ:** ଛାତ୍ର ଶ୍ରେଣୀ ସଫଳତା ହାସଲ କରିବ । ବ୍ୟବସାୟ ଲାଭଦାୟକ ହେବ । ବିନିଯୋଗ ଭଲ ହେବ । ଚାକିରିରେ କାମକୁ ପ୍ରଶଂସା କରାଯିବ । ପାରିବାରିକ ଚିନ୍ତା ରହିବ । ଲାଭ ପାଇଁ ସୁଯୋଗ ଆସିବ । ପାର୍ଟି ଏବଂ ପିକନିକର ଏକ କାର୍ଯ୍ୟକ୍ରମ ହେବ।



**ସିଂହ:** ଶାରୀରିକ ଯନ୍ତ୍ରଣା ହେବାର ସମ୍ଭାବନା ଅଛି । ବେପରୁଆ ହୁଅ ନାହିଁ । ଆୟରେ ନିଶ୍ଚିତତା ରହିବ । ବ୍ୟବସାୟ ଲାଭଦାୟକ ହେବ । ପୁରୁଣା ଶତ୍ରୁମାନେ ସକ୍ରିୟ ରହିବେ। ତୁମର ବକ୍ତବ୍ୟକୁ ନିୟନ୍ତ୍ରଣ କର । କାହା ସହିତ ଅନାବଶ୍ୟକ ବିବାଦ ହୋଇପାରେ ।



**କନ୍ୟା:** ଅଧ୍ୟୟନ ଏବଂ ସାନ ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଚିନ୍ତା ରହିବ । ଦୁଷ୍ଟ ଲୋକ କ୍ଷତି ଘଟାଇ ପାରନ୍ତି । ବେପରୁଆ ହୁଅ ନାହିଁ । ଅଳ୍ପ ପରିଶ୍ରମ ଦ୍ୱାରା ସଫଳତା ପାଇବ । ଚାକିରିରେ କାମକୁ ପ୍ରଶଂସା କରାଯିବ । ବିନିଯୋଗରେ ବିଚକ୍ଷଣତା ବ୍ୟବହାର କରନ୍ତୁ ।



**ତୁଳା:** ତୁମେ କ୍ଳାନ୍ତ ଅନୁଭବ କରିବ । ଶାରୀରିକ ବିଶ୍ରାମ ଆବଶ୍ୟକ ହେବ । ଦୂରରୁ ସୁସମାଚାର ଗ୍ରହଣ କରାଯିବ । ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ରିସ୍କ ନେବାକୁ ସାହସ କର । ବ୍ୟବସାୟ ବୃଦ୍ଧି ପାଇବ । ଚାକିରିରେ ଆପଣ ସହକର୍ମୀଙ୍କ ସମର୍ଥନ ପାଇବେ ।



**ବିଛା:** ବଡ ସମସ୍ୟାରୁ ମୁକ୍ତି ପାଇପାରିବେ । ଅପ୍ରତ୍ୟାଶିତ ଲାଭର ସମ୍ଭାବନା ଅଛି । ବେଟିଂ ଏବଂ ଲଟେରୀ ଠାରୁ ଦୂରରେ ରୁହନ୍ତୁ । ରୋଜଗାର ପାଇବା ପାଇଁ ପ୍ରୟାସ ସଫଳ ହେବ । ପ୍ରଲୋଭିତ ହୁଅ ନାହିଁ । ଶରୀର ସମର୍ଥନ କରିବ ନାହିଁ । ଉତ୍ତେଜନା ବୃଦ୍ଧି ପାଇବ । କାର୍ଯ୍ୟର ବାଧା ଦୂର କରି ପରିସ୍ଥିତି ଉପକାରୀ ହେବ ।



**ଧନୁ:** ମୂଲ୍ୟବାନ ଜିନିଷକୁ ସୁରକ୍ଷିତ ରଖନ୍ତୁ । ଚାକିରିରେ ଅଧିକାରୀଙ୍କ ଆଶା ବୃଦ୍ଧି ପାଇବ । ଟେନସନ ହେବ । ଅସଙ୍ଗତି କ୍ଷତି ଘଟାଇବ । ଅନ୍ୟମାନଙ୍କ କାର୍ଯ୍ୟ ପାଇଁ ଦାୟିତ୍ୱ ନିଅ ନାହିଁ । ବ୍ୟବସାୟ ଭଲ ହେବ । ପ୍ରେମ ସମ୍ପର୍କରେ ବିପଦ ନିଅ ନାହିଁ । ଅପ୍ରତ୍ୟାଶିତ ଖର୍ଚ୍ଚ ଆସିବ ।



**ମକର:** ଏପରି କୌଣସି କାର୍ଯ୍ୟ କର ନାହିଁ ଯାହାକୁ ଦୃଷ୍ଟି ଦେବାକୁ ପଡିବ । ବ୍ୟବସାୟ ଯାତ୍ରା ସଫଳ ହେବ । ବକେୟା ପୁନରୁଦ୍ଧାର ପାଇଁ ପ୍ରୟାସ ଅନୁକୂଳ ହେବ । ତୁମେ ତୁମର ଦେୟ ଠିକ୍ ସମୟରେ ଦେବାକୁ ସକ୍ଷମ ହେବ । ଲାଭ ସୁଯୋଗ ଆସିବ । ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ ।



**କୁମ୍ଭ:** ଯୋଜନାରେ ପରିବର୍ତ୍ତନ ହୋଇପାରେ । ସିଷ୍ଟମ୍ ଉନ୍ନତି କରିବ । ଲାଭ ସୁଯୋଗ ଆସିବ । ଆପଣ ସାଙ୍ଗମାନଙ୍କୁ ସାହାଯ୍ୟ କରିବାକୁ ଏକ ସୁଯୋଗ ପାଇବେ । ସମ୍ମାନ ପାଇବ । ବ୍ୟବସାୟିକ ଚୁକ୍ତି ହେବ । ଭୟ ଯୋଗୁଁ ନିଷ୍ପତ୍ତି ନେବା କ୍ଷମତା ପ୍ରଭାବିତ ହେବ ।



**ମୀନ:** ଅଘଟଣ ଘଟିବାର ସମ୍ଭାବନା ରହିବ । ପୂଜାପାଠରେ ଆଗ୍ରହ ରହିବ । ଏକ ଧାର୍ମିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାର ସୁଯୋଗ ମିଳିବ । ବ୍ୟବସାୟ ଲାଭଦାୟକ ହେବ। ଆଇନଗତ ପ୍ରତିବନ୍ଧକ ହଟାଇବା ପରେ ପରିସ୍ଥିତି ଅନୁକୂଳ ହେବ । ଆୟ ବୃଦ୍ଧି ପାଇବ। ଘର ବାହାରେ ଶତ୍ରୁତା ବୃଦ୍ଧି ପାଇପାରେ ।



ଗ୍ରହରାଜ
ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯